# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଫେବୃୟାରୀ ୧୦/୨୦୧୯ (୧୬ ପୃଷ୍ଠା+ଛୁଟିଦିନ ) Sambalpur, Sunday, February 10 / 2019 ★★

୧୫୧ ଭାଗ ୫୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



ଓଡ଼ିଶା ସରକାର

ଆମ ଗାଁ ଆମ ବିକାଶ

PEETHA

( PEOPLES EMPOWERMENT ENABLING TRANSPARENCY AND ENHANCING ACCOUNTABILITY ON ODISHA INITIATIVES )

ପିଠା

ସଶକ୍ତିକରଣ ଏବଂ ସଚେତନତା

ODISHA 1 ONE

DSPL-395

ଏଥର ୫ ଦିନ ପରିବର୍ତ୍ତେ ୧୦ ଦିନ ହେବାକୁ ଯାଉଛି ପିଠା କ୍ୟାମ୍ପ୍ ।
ଏଇ ଫେବୃୟାରୀ ମାସ ୧୦ ରୁ ୨୦ ତାରିଖ ମଧ୍ୟରେ ଆପଣଙ୍କ ଗ୍ରାମ ପଞ୍ଚାୟତରେ ଆୟୋଜିତ ହେବ ପିଠା କ୍ୟାମ୍ପ୍ ।

- ୪୮ ଲକ୍ଷ ହିତାଧିକାରୀ ପାଇବେ ବର୍ଦ୍ଧିତ ଭତ୍ତା
- ୩୩ ଲକ୍ଷ ପରିବାରକୁ ମିଳିବ ୪ଟି ଲେଖାଏଁ ଏଲ୍. ଇ. ଡି ବଲ୍ବ୍
- ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ଏସ୍.ଏଚ୍.ଜି ଗ୍ରୁପ୍‌କୁ ସ୍ମାର୍ଟଫୋନ୍ କିଣିବା ପାଇଁ ମିଳିବ ୩ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା
- କାଳିଆ ଯୋଜନା ବିଷୟରେ ଲୋକମାନଙ୍କୁ ଦିଆଯିବ ସମ୍ପୂର୍ଣ୍ଣ ସୂଚନା
- ଖାଦ୍ୟ ସୁରକ୍ଷା, ଖୁସି ଓ ଜନଜାତି ସଶକ୍ତିକରଣ ବିଷୟରେ କରାଯିବ ସଚେତନ

ଯୋଜନାରେ ସ୍ବଚ୍ଛତା ଆଣିଲା ପିଠା
ଆହୁରି ସଶକ୍ତ ହେଲା ନବୀନ ଓଡ଼ିଶା





19001/13/0041/1819

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର



"ପଡୋଶୀ ଦେଶର ବିରୋଧ ଯୋଗୁ ସମ୍ବେଦନଶୀଳ ସୀମାନ୍ତ ରାଜ୍ୟରେ ବିଦେଶୀ ପୁଞ୍ଜିନିବେଶ ହୋଇପାରୁନାହିଁ।

–ପେମା ଖଣ୍ଡୁ, ଅରୁଣାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ଇଡିରେ ତୃତୀୟଥର ହାଜର ହେଲେ ଭଦ୍ରା



**ନୂଆଦିଲ୍ଲୀ,୯।୨(ପି.ଟି.):** ମନି ଲଣ୍ଡରିଂ ମାମଲାରେ ତଦନ୍ତରେ ସହଯୋଗ କରିବାକୁ ଯାଇ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଭିଣୋଇ ରବର୍ଟ ଭଦ୍ରା ଶନିବାର ସ୍ଥାନୀୟ ଜାମନଗର ହାଉସଠାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର କାର୍ଯ୍ୟାଳୟରେ ହାଜର ହୋଇଛନ୍ତି। ବିଦେଶରେ ବେଆଇନ ସମ୍ପତ୍ତି କାରବାରରେ ତାଙ୍କର ସମ୍ପୃକ୍ତି ନେଇ ଇଡି ଫେବୃୟାରୀ ୬ରେ ସାଢ଼େ ୫ ଘଣ୍ଟା ଓ ୭ରେ ପାଖାପାଖି ୯ ଘଣ୍ଟା ଧରି ତାଙ୍କୁ ଜେରା କରିଥିବା ବେଳେ ଭଦ୍ରା ତୃତୀୟ ଥର ଇଡି ତଦନ୍ତର ସମ୍ମୁଖୀନ ହୋଇଛନ୍ତି। ଲଣ୍ଡନରେ ଏକାଧିକ କୋଠା ସହ ତାଙ୍କ ମାଲିକାନାରେ ଥିବା ଲଣ୍ଡନର ୧୨, ବ୍ରିୟାନ୍ଷ୍ଟନ ସ୍କୋୟାରସ୍ଥିତ ୧.୯ ବିଲିୟନ ଜମି କ୍ରୟରେ ଅର୍ଥ ଠକେଇ ଅଭିଯୋଗ ସଂକ୍ରାନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଦଲିଲ ସେ ତଦନ୍ତକାରୀ ଅଧିକାରୀଙ୍କୁ ହସ୍ତାନ୍ତର କରିଛନ୍ତି। ଅର୍ଥ ଠକେଇ ନିରୋଧୀ ଆଇନ ଧାରା ୫୦ ଅନ୍ତର୍ଗତ ଭଦ୍ରାଙ୍କ ବୟାନ ରେକର୍ଡ କରାଯାଉଥିବା ତଦନ୍ତକାରୀ ଅଫିସର କହିଛନ୍ତି।

### ମଦ ମୃତ୍ୟୁସଂଖ୍ୟା ୮୨

**ହରିଦ୍ୱାର/ଶାହାରନପୁର,୯।୨(ପି.ଟି.):** ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡରେ ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁସଂଖ୍ୟା ୮୨ରେ ପହଞ୍ଚିଛି। ଅପମିଶ୍ରିତ ମଦ ପିଇ ଗୁରୁତର ଅସୁସ୍ଥ ଏକାଧିକ ସ୍ଥାନୀୟ ବିଭିନ୍ନ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିବାବେଳେ ମିରଟରୁ ୧୮, ଶାହାରନପୁରରୁ ୩୬, ରୁଡ୍‌କି ଏବଂ କାଶୀନଗର ଅଞ୍ଚଳରୁ ଯଥାକ୍ରମେ ୨୦ ଓ ୮ଜଣଙ୍କ ମୃତ୍ୟୁ ଘଟିଛି। ସାହାରନପୁରରୁ ୩୦ ବିଷାକ୍ତ ଦେଶୀ ମଦ ପାଉଚ୍ କିଣାଯାଇଥିବା ପୋଲିସ କହିଛି।

# ମୋଦିଙ୍କ ଗସ୍ତକୁ ବିରୋଧ

## ଅରୁଣାଚଳକୁ ନେଇ ଆପତ୍ତି ଉଠାଇଲା ଚାଇନା

ବେଜିଂ/ନୂଆଦିଲ୍ଲୀ,୯।୨(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅରୁଣଚଳପ୍ରଦେଶ ଗସ୍ତକୁ ଚାଇନା ଜୋରଦାର ବିରୋଧ କରିଛି। ସମ୍ବେଦନଶୀଳ ସୀମାନ୍ତ ରାଜ୍ୟକୁ ଏହା କଦାପି ସ୍ୱୀକୃତି ଦେଇନାହିଁ। ସୀମାନ୍ତ ପ୍ରସଙ୍ଗକୁ ଜଟିଳ କଲା ଭଳି ଯେକୌଣସି କାର୍ଯ୍ୟରୁ ଭାରତୀୟ ନେତୃତ୍ୱ ଦୂରେଇ ରହିବା ଉଚିତ ବୋଲି ଚାଇନା କହିଛି। ଅନ୍ୟ ପକ୍ଷରେ ଭାରତ ଏହାର କଡ଼ା ଜବାବ ରଖିଛି। ଚାଇନାର ମନ୍ତବ୍ୟ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି



ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଅରୁଣାଚଳ ପ୍ରଦେଶ ଭାରତର ଅବିଭାଜ୍ୟ ଓ ଅବିଚ୍ଛେଦ୍ୟ ଅଙ୍ଗ। ଏ ସମ୍ପର୍କରେ ଚାଇନାକୁ ଏକାଧିକ ବାର ଜଣାଇ ଦିଆଯାଇଛି। ଭାରତର ଅନ୍ୟ ଭାଗ ଭଳି ଅରୁଣାଚଳପ୍ରଦେଶକୁ ନେତାମାନେ ବାରମ୍ବାର ଗସ୍ତ କରୁଛନ୍ତି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି।

ପ୍ରଧାନମନ୍ତ୍ରୀ ଶନିବାର ଅରୁଣାଚଳପ୍ରଦେଶ ଗସ୍ତରେ ଯାଇ ୪୦୦୦ କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଇଟାନଗରସ୍ଥିତ ଆଇଜି ପାର୍କଠାରେ ଅନୁଷ୍ଠିତ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ, ସୀମାନ୍ତ ରାଜ୍ୟକୁ ଦେଶର ଅନ୍ୟ ଭାଗ ସହ ସଂଯୋଗ ଲାଗି ଜାତୀୟ ରାଜପଥ, ରେଳପଥ ଏବଂ ବିମାନ ସଂଯୋଗ ତଥା ବିଦ୍ୟୁତ ସ୍ଥିତିର ବିକାଶ ଉପରେ ତାଙ୍କ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛି। ପୂର୍ବ ସରକାରରେ ଏହି ସୀମାନ୍ତ ରାଜ୍ୟକୁ ଅବହେଳା କରାଯାଇଥିବା ସେ କହିଥିଲେ। ଅରୁଣାଚଳ ଏବଂ ସମଗ୍ର ଉତ୍ତରପୂର୍ବାଞ୍ଚଳର ବିକାଶ ହୋଇପାରିଲେ ଭାରତ ବିକଶିତ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ମୋଦିଙ୍କ ଗସ୍ତ ଉପରେ ପ୍ରଶ୍ନ ଉଠାଇ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ହୁଆ ଚୁନିଙ୍ଗ୍ କହିଥିଲେ, ଭାରତ-ଚାଇନା ସୀମା ପ୍ରଶ୍ନକୁ ନେଇ ବେଜିଂର ଆଭିମୁଖ୍ୟ ସ୍ଥିର ଏବଂ ସ୍ପଷ୍ଟ। ତଥାକଥିତ ଅରୁଣାଚଳପ୍ରଦେଶକୁ ଚାଇନା ସରକାର କଦାପି ସ୍ୱୀକୃତି ଦେଇନାହାନ୍ତି। ଚାଇନା-ଭାରତ ସୀମାର ଏହି ପୂର୍ବ ଭାଗକୁ କୌଣସି ଭାରତୀୟ ନେତାଙ୍କ ଗସ୍ତର ବେଜିଂ ଦୃଢ଼ ବିରୋଧ କରିଆସୁଛି। ଉଭୟ ଦେଶର ସାଧାରଣ ସ୍ୱାର୍ଥକୁ ଦୃଷ୍ଟିରେ ରଖି, ଚାଇନାର ସ୍ୱାର୍ଥ ତଥା ଉଦ୍‌ବେଗକୁ ସମ୍ମାନ ଦେଇ ଏବଂ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିକୁ ଆଗେଇ ନେବାକୁ ହେଲେ ସୀମାନ୍ତକୁ ନେଇ ବିବାଦ ସୃଷ୍ଟି ହେବା ଭଳି କୌଣସି କାର୍ଯ୍ୟରୁ ନୂଆଦିଲ୍ଲୀ ଦୂରେଇ ରହୁ ବୋଲି ଚୁନିଙ୍ଗ୍ କହିଛନ୍ତି। ସୂଚନାଯୋଗ୍ୟ, ଅରୁଣାଚଳ ପ୍ରଦେଶକୁ ଚାଇନା ଦକ୍ଷିଣ ତିବ୍ବତର ଅଂଶବିଶେଷ ଦାବି କରିଆସୁଛି। ଦୁଇ ଦେଶ ମଧ୍ୟରେ ସୀମା ବିବାଦର ସମାଧାନ ଲାଗି ୨୧ଥର ଆଲୋଚନା ହୋଇସାରିଲାଣି। ଦୁଇ ଦେଶ ମଧ୍ୟରେ ୩୪୮୮ କିଲୋମିଟର ଦୀର୍ଘ ପ୍ରକୃତ ନିୟନ୍ତ୍ରଣ ରେଖା ରହିଛି। ଅରୁଣାଚଳପ୍ରଦେଶକୁ ଭାରତୀୟ ନେତାଙ୍କ ଗସ୍ତକୁ ଚାଇନା କ୍ରମାଗତ ଭାବେ ବିରୋଧ କରିଆସୁଛି।



ବିକ୍ଷୋଭକାରୀମାନେ ପ୍ରଧାନମନ୍ତ୍ରୀଙ୍କୁ ବିରୋଧ କରି କଳା ବେଲୁନ ଉଡାଉଛନ୍ତି ।

### ଆସାମରେ ଉଲଗ୍ନ ପ୍ରତିବାଦ

**ଗୁଆହାଟୀ,୯।୨(ପି.ଟି.):** ପ୍ରଧାନମନ୍ତ୍ରୀଙ୍କ ଆସାମ ଗସ୍ତର ଦ୍ୱିତୀୟ ଦିନରେ ଶନିବାର ବିବାଦୀୟ ନାଗରିକତ୍ୱ (ସଂଶୋଧନ) ବିଲ୍‌କୁ ବିରୋଧ କରି ଉଲଗ୍ନ ପ୍ରତିବାଦ କରାଯିବା ସହ କଳାପତାକା ପ୍ରଦର୍ଶନ, କୁଶ ପୁତ୍ତଳିକା ଦାହ ଏବଂ ବନ୍ଦ ପାଳନ କରାଯାଇଥିଲା। ଜନତା ଭବନ ସମ୍ମୁଖରେ ଉଲଗ୍ନ ହୋଇ ପ୍ରତିବାଦ କରୁଥିବା କୃଷି ମୁକ୍ତି ସଂଗ୍ରାମ ସମିତି (କେଏମ୍ଏସ୍ଏସ୍)ର ୬ ଜଣ କର୍ମୀଙ୍କୁ ପୋଲିସ ଗିରଫ କରିଛି। ସେହିପରି ତାଇ ଅହୋମ ଯୁବ ପରିଷଦ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରାଯାଇ ରାଜ୍ୟରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ତିନ୍‌ସୁକିଆ, ଡିବ୍ରୁଗଡ଼, ଶିବସାଗର, ଲକ୍ଷ୍ମୀପୁର ଏବଂ ଜୋରହାଟ ଜିଲାରେ ବନ୍ଦର ପ୍ରଭାବ ଅନୁଭୂତ ହୋଇଥିଲା। ଏହି ଜିଲାଗୁଡ଼ିକରେ ଦୋକାନବଜାର ଓ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ବିଲ୍‌କୁ ବିରୋଧ କରୁଥିବା କେଏମ୍ଏସ୍ଏସ୍ ସମେତ ୭୦ଟି ସଂଗଠନ ଏହି ବନ୍ଦକୁ ସମର୍ଥନ ଜଣାଇଥିଲେ। ଆମିନ୍‌ଗାଓଁ-ହଜୋ ରାସ୍ତାରେ ଅଲ୍ ଆସାମ ଛାତ୍ର ପରିଷଦ (ଏଏଏସ୍ୟୁ) ସଦସ୍ୟମାନେ ଏକାଠି ହୋଇଥିବାବେଳେ ସେମାନଙ୍କୁ ଘଉଡ଼ାଇବା ଲାଗି ପୋଲିସ ମୃଦୁ ଲାଠିଚାଳନା କରିଥିବା ଅଭିଯୋଗ ହୋଇଛି। ବିକ୍ଷୋଭକାରୀମାନେ ପ୍ରଧାନମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିବା ସହ ବିଭିନ୍ନ ସ୍ଥାନରେ କଳା ବେଲୁନ ଉଡାଇଥିଲେ। ରାଜଭବନରୁ ପ୍ରଧାନମନ୍ତ୍ରୀ ବିମାନ ବନ୍ଦର ଯିବା ରାସ୍ତାରେ ଦୁଇଥର କଳାପତାକା ପ୍ରଦର୍ଶନ କରାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ମଧ୍ୟ ରାଜଭବନ ଯିବା ରାସ୍ତାରେ ମୋଦିଙ୍କୁ କଳାପତାକା ଦେଖାଯାଇଥିଲା। ଚାଙ୍ଗସାରୀଠାରେ ଏକ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ନାଗରିକତ୍ୱ (ସଂଶୋଧନ) ବିଲ୍‌କୁ ନେଇ ଭୁଲ୍ ତଥ୍ୟ ପ୍ରଚାର କରାଯାଉଛି। ଏହି ବିଲ୍ ଯୋଗୁ ଆସାମ ଏବଂ ଉତ୍ତରପୂର୍ବାଞ୍ଚଳର କେହି କ୍ଷତିଗ୍ରସ୍ତ ହେବେ ନାହିଁ ବୋଲି ସେ ଆଶ୍ୱସ୍ତି ପ୍ରଦାନ କରିଥିଲେ। ଏହି ରାଜ୍ୟଗୁଡ଼ିକର ଭାଷା, ସଂସ୍କୃତି, ସମ୍ବଳ ଏବଂ ଲୋକମାନଙ୍କ ଆଶା ଆକାଂକ୍ଷାର ସୁରକ୍ଷା ଲାଗି ଏନ୍‌ଡିଏ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୋଦି କହିଥିଲେ।

■ ରାଜ୍ୟ କଂଗ୍ରେସ ନେତାଙ୍କୁ ରାହୁଲଙ୍କ ପରାମର୍ଶ

# କେନ୍ଦ୍ରର ଜନବିରୋଧୀ ନୀତିକୁ ପଦାରେ ପକାଅ

ନୂଆଦିଲ୍ଲୀ,୯।୨(ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ଜନବିରୋଧୀ ନୀତିକୁ ପଦାରେ ପକାଇବା ପାଇଁ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଶନିବାର ଦଳର ରାଜ୍ୟ ସଭାପତିମାନଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରତି ରାଜ୍ୟରେ ଦଳର ନିର୍ବାଚନୀ ପ୍ରସ୍ତୁତି ଏବଂ ରଣକୌଶଳର ସୀମକ୍ଷା ପାଇଁ ରାହୁଲ ଶନିବାର ପ୍ରଦେଶ କଂଗ୍ରେସ ସଭାପତି ଏବଂ ବରିଷ୍ଠ ନେତାମାନଙ୍କ ବୈଠକ ଡାକିଥିଲେ। ଆଗାମୀ ନିର୍ବାଚନ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା ବୋଲି ରାହୁଲ ଟୁଇଟ୍ କରିଛନ୍ତି। ମୋଦି ସରକାରଙ୍କ କୃଷକବିରୋଧୀ, ଯୁବବିରୋଧୀ, ମହିଳା ବିରୋଧୀ ନୀତିକୁ ଲୋକଙ୍କ ସମ୍ମୁଖକୁ ଆଣିବା ଲାଗି କଂଗ୍ରେସ ଅଧକ୍ଷ ପରାମର୍ଶ ଦେଇଥିବା ଦଳ ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଛି। ବିଶେଷ କରି ବେରୋଜଗାରି, କୃଷକଙ୍କ ସମସ୍ୟା, ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ଦୁର୍ବଳ କରିବା ଏବଂ ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ କରିବା ଆଦି ପ୍ରସଙ୍ଗକୁ ସୋସିଆଲ ମିଡ଼ିଆ ଏବଂ ଗଣଆନ୍ଦୋଳନ ମାଧ୍ୟମରେ ପଦାକୁ ଆଣିବା ଉପରେ ରାହୁଲ ଜୋର ଦେଇଥିଲେ। ନିର୍ବାଚନ ପ୍ରସ୍ତୁତି ନେଇ ଦଳର ସାଧାରଣ ସମ୍ପାଦକମାନଙ୍କୁ ଭେଟିବାର ଦୁଇ ଦିନ ପରେ ରାହୁଲ ରାଜ୍ୟ ନେତାମାନଙ୍କୁ ଭେଟିଛନ୍ତି। ଗରିବଙ୍କ ପାଇଁ ସର୍ବନିମ୍ନ ଆୟ ଗ୍ୟାରେଣ୍ଟି ଯୋଜନା ଭଳି ଲୋକାଭିମୁଖୀ ନୀତି ଉପରେ ଗୁରୁତ୍ୱ ଦେବାକୁ ରାହୁଲ ପରାମର୍ଶ ଦେଇଛନ୍ତି। ରାଜ୍ୟକୈନ୍ଦ୍ରିକ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ଦଳର ଇସ୍ତାହାର କମିଟିକୁ ସୁପାରିସ କରିବା ଲାଗି ସେ କହିଥିଲେ। ଖୁବ୍‌ଶୀଘ୍ର କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକ ବସି ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ଅଭିନେତା ମହେଶ ଆନନ୍ଦଙ୍କ ପରଲୋକ

ମୁମ୍ବାଇ,୯।୨



ବଲିଉଡ୍‌ର ଚର୍ଚ୍ଚିତ ଚେହେରା ମହେଶ ଆନନ୍ଦ(୫୭) ଆଉ ନାହାନ୍ତି। ଶନିବାର ଭର୍ସୋଭାସ୍ଥିତ ବାସଭବନରୁ ତାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଛି। ସ୍ଥାନୀୟ କୋପର ହସ୍ପିଟାଲ୍‌ରେ ଶବ ବ୍ୟବଚ୍ଛେଦ ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଆନନ୍ଦ ୮୦ ଓ ୯୦ ଦଶକର ଜଣେ ଖ୍ୟାତନାମା ଖଳନାୟକ ଭାବେ ବେଶ୍ ଚହଳ ସୃଷ୍ଟି କରିଥିଲେ। କୁଲି ନଂ ୱାନ, ବିଜେତା, ଶେହନ୍‌ସା, କୁରୁକ୍ଷେତ୍ର ଆଦି ସୁପରହିଟ୍ ଚଳଚ୍ଚିତ୍ର ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଗୋବିନ୍ଦାଙ୍କ 'ରଙ୍ଗିଲା ରାଜା' ଶୁଟିଂ ସେଟ୍‌ରେ ଆନନ୍ଦଙ୍କୁ ଶେଷଥର ଦେଖିବାକୁ ମିଳିଥିଲା।

# ସଂରକ୍ଷଣ ଦାବିରେ ଗୁଜ୍ଜରଙ୍କ ଆନ୍ଦୋଳନ

ଜୟପୁର,୯।୨(ପି.ଟି.)



### ରେଳ ଧାରଣାରେ ବିକ୍ଷୋଭ ୩ ଟ୍ରେନ ବାତିଲ୍

ସରକାରୀ ଚାକିରି ଏବଂ ଶିକ୍ଷା କ୍ଷେତ୍ରରେ ଗୁଜ୍ଜର ସମୁଦାୟଙ୍କୁ ୫ ପ୍ରତିଶତ ସଂରକ୍ଷଣ ଦାବିରେ ଆନ୍ଦୋଳନ ଜାରି ରହିଛି। ଶନିବାର ଦ୍ୱିତୀୟ ଦିନରେ ଗୁଜ୍ଜର ସମୁଦାୟ ନେତା କିରୋଡ଼ି ସିଂ ବୈଁଷଲା ଏବଂ ତାଙ୍କର ଶତାଧିକ ସମର୍ଥକ ରାଜସ୍ଥାନର ସୱାଇ ମାଧୋପୁର ଜିଲା ରେଳ ଧାରଣାରେ ବିକ୍ଷୋଭ କରିଛନ୍ତି। ଫଳରେ ୩ଟି ଟ୍ରେନ ବାତିଲ୍ କରାଯାଇଛି। ବିକ୍ଷୋଭକାରୀମାନେ ଆର୍ଥିକ ଦୃଷ୍ଟିରୁ ଅସ୍ୱଚ୍ଛଳ ଗୁଜ୍ଜର, ରାଇକା-ରେବାରି, ଗାଡିଆ ଲୁହାର ଏବଂ ଗାଦରିଆ ସମୁଦାୟଙ୍କୁ ସଂରକ୍ଷଣଭୁକ୍ତ କରିବାକୁ ଦାବି ଜଣାଇଛନ୍ତି। ରେଳ ରୋକୋ ଆନ୍ଦୋଳନ ଯୋଗୁ କୋଟା ଡିଭିଜନ ଅଧୀନ ସୱାଇ ମାଧୋପୁର-ବାୟାନା ଦେଇ ରେଳ ଚଳାଚଳ ବ୍ୟାହତ ହୋଇଥିଲା। ଫଳରେ ହଜରତ୍ ନିଜାମୁଦ୍ଦିନ-ଅହମ୍ମଦାବାଦ୍, ହଜରତ୍ ନିଜାମୁଦ୍ଦିନ-ଉଦୟପୁର ଏବଂ ଉଦୟପୁର-ହଜରତ୍ ନିଜାମୁଦ୍ଦିନ ଟ୍ରେନ ଯାତ୍ରାକୁ ବାତିଲ୍ କରାଯାଇଥିଲା ବେଳେ ଫିରୋଜପୁର-ମୁମ୍ବାଇ ଟ୍ରେନର ଦିଗ ପରିବର୍ତ୍ତନ କରିବାକୁ ବାଧ ହୋଇଥିଲୁ ବୋଲି ନର୍ଥ ୱେଷ୍ଟର୍ନ ରେଲୱେ (ଏନ୍‌ଡବ୍ଲ୍ୟୁଆର୍) ମୁଖ୍ୟ ଲୋକ ସମ୍ପର୍କ ଅଧିକାରୀ ଅଭୟ ଶର୍ମା କହିଛନ୍ତି। ଏହି ରେଳ ରୋକୋ ବିକ୍ଷୋଭ ନେଇ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ସଂସଦରେ ସଂରକ୍ଷଣ ବିଲ୍ ଅନୁମୋଦନ ହେବା ଜରୁରୀ। ତେଣୁ ଆନ୍ଦୋଳନ ନ କରି ବିକ୍ଷୋଭକାରୀମାନେ ସେମାନଙ୍କ ଦାବି ପ୍ରଧାନମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିବାକୁ ଗେହଲଟ୍ ଜଣାଇଛନ୍ତି।

## ଫୁର୍‌ସତ

# ରାହୁଲଙ୍କ ବାୟୋପିକ୍ 'ମାଇଁ ନେମ୍ ଇଜ୍ ରାଗା'

ମୁମ୍ବାଇ




କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଜୀବନୀକୁ ଆଧାର କରି ଏକ ଫିଲ୍ମ ନିର୍ମାଣ ହେବାକୁ ଯାଉଛି। ଏହାର ଟାଇଟଲ୍ ରଖାଯାଇଛି 'ମାଇଁ ନେମ୍ ଇଜ୍ ରାଗା'। ରାହୁଲ ଗାନ୍ଧୀଙ୍କୁ ଉଚ୍ଚପ୍ରଶଂସା କିମ୍ବା ତାଙ୍କର ଗୁଣ ଗାନ କରିବା ଉକ୍ତ ଫିଲ୍ମର ଉଦ୍ଦେଶ୍ୟ ନୁହେଁ। ବରଂ ତାଙ୍କୁ ଉପହାସ କରି ଯେଭଳି ଆକ୍ରମଣ କରାଯାଉଛି ଏବଂ ସେ ସେଥିରୁ ମୁକୁଳି ମାନବୋଚିତ ଜୀବନଯାପନ କରୁଛନ୍ତି, ତାହାକୁ ଆଧାର କରି ଉକ୍ତ ଫିଲ୍ମର କାହାଣୀ ସୃଷ୍ଟି କରାଯାଇଛି ବୋଲି ନିର୍ଦ୍ଦେଶକ ରୂପେଶ ପଲ୍ ଏକ ବିବୃତିରେ କହିଛନ୍ତି।

ପରାଜୟ ଓ ବିଫଳତାକୁ ନିର୍ଭୀକ ଭାବେ ସମ୍ମୁଖୀନ ହେଉଥିବା କୌଣସି ବି ବ୍ୟକ୍ତି ନିଜ କାହାଣୀକୁ ବର୍ଣ୍ଣନା କରିପାରିବ। ଏହାକୁ ବାୟୋପିକ୍ କୁହାଯାଇ ପାରିବ ନାହିଁ। ବରଂ ଏହା ଜଣେ ବ୍ୟକ୍ତିଙ୍କ ଜୀବନୀ କାହାଣୀ ଯିଏ ବିପଦପୂର୍ଣ୍ଣ ଜୀବନରେ ବିଜୟୀ ହୋଇ କର୍ମପଥରେ ଆଗୁସାର ହେବାର ପ୍ରୟାସ ରଖିଛି ବୋଲି ନିର୍ଦ୍ଦେଶକ କହିଥିଲେ। ଉକ୍ତ ଫିଲ୍ମ ଏପ୍ରିଲରେ ନିର୍ବାଚନ ସମୟରେ ରିଲିଜ ହେବା ଆଶା ରହିଛି।

## ଇତିହାସର ଆଇନାରେ

### ଫେବୃୟାରୀ ୧୦ର ପ୍ରମୁଖ ଘଟଣା

୧୯୪୭ ଫେବୃୟାରୀ ୧୦ରେ ପ୍ୟାରିସ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏଥିପାଇଁ ଏକ ରାଜିନାମାରେ ସ୍ୱାକ୍ଷର କରିଥିଲେ ଇଟାଲି, ରୋମାନିଆ, ହଙ୍ଗେରି, ବୁଲ୍‌ଗେରିଆ, ଫିନ୍‌ଲ୍ୟାଣ୍ଡ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧର ମିତ୍ରଶକ୍ତି। ୧୯୪୫ରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ପରେ ବିଜୟୀ ରାଷ୍ଟ୍ର ବିଶେଷକରି ବ୍ରିଟେନ୍, ସୋଭିଏଟ୍ ୟୁନିୟନ୍, ଆମେରିକା ଏବଂ ଫ୍ରାନ୍ସ ଶାନ୍ତିଚୁକ୍ତି ସ୍ୱାକ୍ଷର ପାଇଁ ଇଟାଲି, ରୋମାନିଆ, ହଙ୍ଗେରି, ବୁଲ୍‌ଗେରିଆ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

୨୦୧୩ ଫେବୃୟାରୀ ୧୦ରେ ଆଲ୍ଲାହାବାଦ୍‌ରେ କୁମ୍ଭମେଳା ଉତ୍ସବ ଚାଲିଥିବା ବେଳେ ଦଳାଚକଟା ଯୋଗୁ ୩୬ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିବା ସହ ୩୯ଜଣ ଆହତ ହୋଇଥିଲେ। ଆଲ୍ଲାହାବାଦ୍ ବର୍ତ୍ତମାନ ସରକାରୀ ଭାବେ ପ୍ରୟାଗରାଜ ଭାବେ ପରିଚିତ। ଆଲ୍ଲାହାବାଦ୍ ଜିଲାର ଏହା ଏକ ପ୍ରଶାସନିକ କାର୍ଯ୍ୟାଳୟ। ଏହା ଉତ୍ତରପ୍ରଦେଶର ଏକ ଜନବହୁଳ ଜିଲା।




# ୬ବର୍ଷର ବାଳିକା ହେଲେ ଅବୈତନିକ ପୋଲିସ ଅଫିସର



**ଫ୍ରିପୋର୍ଟ(ଆମେରିକା):** ହ୍ୟୁଷ୍ଟନ୍ ଅଞ୍ଚଳର ୬ବର୍ଷର ଜଣେ ବାଳିକାଙ୍କ ସ୍ୱପ୍ନ ସତ୍ୟରେ ପରିଣତ ହୋଇଛି। ଦିନକ ପାଇଁ ହେଲେ ବି ସେ ଅବୈତନିକ ପୋଲିସ ଅଫିସର ଭାବେ ଶପଥଗ୍ରହଣ କରିଥିଲେ। ଟେକ୍ସାସ୍‌ସ୍ଥିତ ଫ୍ରିପୋର୍ଟ ପୋଲିସ ମୁଖ୍ୟ ଏ ସମ୍ପର୍କିତ କାର୍ଯ୍ୟକ୍ରମର ପୁଙ୍ଖାନୁପୁଙ୍ଖ ବିବରଣୀ ଟୁଇଟ୍ କରିଛନ୍ତି। ଫ୍ରିପୋର୍ଟ ସହର ହ୍ୟୁଷ୍ଟନ୍‌ର ଦକ୍ଷିଣକୁ ୫୦ ମାଇଲ ଦୂରରେ ଅବସ୍ଥିତ। ଆବିଗେଲ୍ ନାମ୍ନୀ ୬ବର୍ଷର ଏହି ବାଳିକା ପୋଲିସ ବିଭାଗରେ ଚାକିରି କରିବା ପାଇଁ ପ୍ରବଳ ଆଗ୍ରହୀ ଥିଲେ। ଏ ସମ୍ପର୍କରେ ପୋଲିସ ମୁଖ୍ୟ ରେ ଗରାଇଭ୍ ଜାଣିବାକୁ ପାଇଥିଲେ। ଆବିଗେଲ୍ ୱିଲ୍ମସ ଟ୍ୟୁମରରେ ପୀଡିତ। ଏହା ଶୈଶବାବସ୍ଥାର ଏକ କ୍ୟାନ୍ସର ଯାହା କିଡ୍‌ନୀରେ ଆରମ୍ଭ ହୋଇଥାଏ।

ଆବିଗେଲ୍ ପୋଲିସ ୟୁନିଫର୍ମ ପରିଧାନ କରିବା ସହିତ ଏକ ଷ୍ଟେପ୍-ଲ୍ୟାଡରରେ ଛିଡାହୋଇ ଡାହାଣ ହାତ ଉତ୍ତୋଳନ କରିବା ବେଳେ ପୋଲିସ ମୁଖ୍ୟଙ୍କ ଠାରୁ ଶପଥଗ୍ରହଣ କରୁଛନ୍ତି। ଉକ୍ତ ଉତ୍ସବ ସ୍ଥଳରେ ୟୁନିଫର୍ମ ଧାରଣ କରିଥିବା ପୋଲିସ ଅଫିସରମାନେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ଫେବୃୟାରୀ ୧୦/୨୦୧୯ Sambalpur, Sunday, February 10/ 2019 



କଳିଙ୍ଗ ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଥିବା ହିରୋ ଗୋଲ୍ଡ କପ୍ ମହିଳା ଫୁଟବଲ ଟୁର୍ନାମେଣ୍ଟର ଭାରତ-ଇରାନ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। ଭାରତ ୧-୦ ଗୋଲରେ ବିଜୟୀ ହୋଇଛି। (ରିପୋର୍ଟ: ଖେଳ ପୃଷ୍ଠା)

## ଇସ୍ତଫା ଦେଲେ ଭିମ୍‌ସାର୍ ନିର୍ଦ୍ଦେଶକ

ସମ୍ବଲପୁର/ଚିପିଲିମା,୯।୨ (ବ୍ୟୁରୋ/ଡି.ଏନ୍.ଏ.) ବାଧ୍ୟତାମୂଳକ ଛୁଟିରେ ଥିବା ବୁର୍ଲା ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ରିସର୍ଚ୍ଚ(ଭିମ୍‌ସାର୍)ର ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଶନିବାର ଏ ନେଇ ସେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବଙ୍କ ନିକଟକୁ ଶୁକ୍ରବାର ରାତିରେ ☞ପୃଷ୍ଠା-୨



ଅଶ୍ୱିନୀ ପୂଜାହାରୀ।

ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ସୁଧ ଓ ଗୋବଧ

**ଆଜିର ମନ୍ତବ୍ୟ**

“ମହାଅପମିଶ୍ରଣର ନେତାମାନେ ମୋତେ ଗାଳିଦେବାକୁ ଅଲିମ୍ପିକ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ






# ପଞ୍ଚାୟତ, ପୌର ସଂସ୍ଥାରେ ବ୍ୟାପକ ଅର୍ଥ ହେରଫେର

ଭୁବନେଶ୍ୱର,୯।୨(ବ୍ୟୁରୋ)

ପଞ୍ଚାୟତ ଓ ପୌର ସଂସ୍ଥାକୁ ଦୁର୍ନୀତି ଜାବୁଡ଼ି ଧରିଛି। ମୁଖ୍ୟମନ୍ତ୍ରୀଙ୍କ କଡ଼ା ତାଗିଦ ସତ୍ତ୍ୱେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଅନିୟମିତତାରେ ବୁଡ଼ିରହିଛନ୍ତି । ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଜନପ୍ରତିନିଧି ଓ ସରକାରୀ ଅଧିକାରୀମାନେ ବିଭିନ୍ନ ଉପାୟରେ ସରକାରୀ ଅର୍ଥକୁ ହଡ଼ପ କରିବାରେ ଲାଗିଛନ୍ତି। ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଅନୁଦାନର ରେକର୍ଡ ପତ୍ର ରହୁ ନାହିଁ କିମ୍ବା ବିନିଯୋଗ ପ୍ରମାଣ ପତ୍ର(ୟୁସି)ର ହିସାବ ମିଳୁ ନାହିଁ । ଏପରି କି ବୃଦ୍ଧାବୃଦ୍ଧମାନଙ୍କୁ ଯୋଗାଇ ଦିଆଯାଉଥିବା ଭତ୍ତା, ହୋଲ୍‌ଡିଂ ଟିକସକୁ ମଧ୍ୟ ଚଞ୍ଚକତା କରି ହଡ଼ପ କରାଯାଉଛି। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ଠାରୁ ଆରମ୍ଭ କରି ସମ୍ପାଦକ, ସରପଞ୍ଚ, ପଞ୍ଚାୟତ ସମିତି ପ୍ରତିନିଧିମାନେ ମିଳିମିଶି ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥକୁ ଆତ୍ମସାତ୍ କରୁଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ଲୋକାଲ ଫଣ୍ଡ ଅଡିଟ୍ (୨୦୧୭-୧୮) ଯାଞ୍ଚ ରିପୋର୍ଟରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ୨୦୧୬-୧୭ରେ ୩୧୩ଟି ପଞ୍ଚାୟତ ସମିତି ବିନିଯୋଗ ହୋଇଥିବା ୧୩୨୯୫.୪୧ କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦେଇ ନ ଥିବା ବେଳେ ୮୯ଟି ପଞ୍ଚାୟତ ସମିତିରେ ଆଦାୟ ହୋଇଥିବା ୮୧.୦୬ ଲକ୍ଷ ଟଙ୍କା ହେରଫେର ହୋଇଥିବା ଅଡିଟ୍ ବେଳେ ଜଣାପଡ଼ିଛି। ଏହାଛଡ଼ା ୭୧ଟି ପଞ୍ଚାୟତ ସମିତିରେ ୨୯.୦୯ ଲକ୍ଷ ଟଙ୍କାର ବାର୍ଦ୍ଧକ୍ୟ ଭତ୍ତା ହେରଫେର ହୋଇଛି। ଏଥିସହ ୨୦ଟି ପଞ୍ଚାୟତ ସମିତିରେ ବାର୍ଦ୍ଧକ୍ୟ ଓତ୍ତା , ଭିନ୍ନକ୍ଷମ ଭତ୍ତା, ମଧୁବାବୁ ପେନସନ ଯୋଜନାର ୪୨.୬୦ ଲକ୍ଷ ଟଙ୍କାକୁ ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀମାନେ ହଡ଼ପ କରିଛନ୍ତି। ସେହିପରି ୭୧ଟି ପଞ୍ଚାୟତ ସମିତିର ୫୦୬ଟି ବ୍ୟାଙ୍କ ଆକାଉଣ୍ଟରେ ☞ପୃଷ୍ଠା-୨

**ଲୋକାଲ ଫଣ୍ଡ ଅଡିଟ୍ ରିପୋର୍ଟ**

- ଲୁଟି ଖାଇଲେ ବାର୍ଦ୍ଧକ୍ୟ ଭତ୍ତା, ହୋଲ୍‌ଡିଂ ଟିକସ
- ୧୩୨୯୫ କୋଟିର ୟୁସି ଦେଇନାହାନ୍ତି ପଞ୍ଚାୟତ ସମିତି
- ବଜେଟ ହେଉନି କି ରେକର୍ଡ ପରିଚାଳନା କରାଯାଉନି
- ୧.୯ କୋଟି ଟଙ୍କାର ବେଆଇନ ଭତ୍ତା ନେଇଗଲେ ଉନ୍ନୟନ କର୍ତ୍ତୃପକ୍ଷ କର୍ମଚାରୀ

SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NECC NATIONAL EGG CO-ORDINATION COMMITTEE 09.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 78 | 129 | 139 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 80 | 132 | 142 |
| BLS | 81 | 133 | 143 |
| ANG | 79 | 131 | 141 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ହର୍ଷିତା
ପରିବାରବର୍ଗ



ଜ୍ୟୋତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ମହାନଦୀ ଜଳ ବିବାଦ ନେଇ ଟ୍ରିବ୍ୟୁନାଲଙ୍କ ତାଗିଦ

# ଆପୋସ ସମାଧାନ କର, ନଚେତ ନିଷ୍ପତ୍ତି ଶୁଣାଯିବ

ଭୁବନେଶ୍ୱର,୯।୨(ବ୍ୟୁରୋ)

ମହାନଦୀ ଜଳ ବିବାଦକୁ ନେଇ ଆପୋସ ସମାଧାନ କର, ନଚେତ ରାୟ ଶୁଣାଇ ଦିଆଯିବ। ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଶନିବାର ନଦୀ ତଟବର୍ତ୍ତୀ ରାଜ୍ୟ ଓଡିଶା ଏବଂ ଛତିଶଗଡ଼ ସରକାରଙ୍କୁ ଏଭଳି ତାଗିଦ କରିଛନ୍ତି। ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଏ.ଏମ୍. ଖାନୱିଲକର, ଜଷ୍ଟିସ ରବି ରଞ୍ଜନ ଏବଂ ଜଷ୍ଟିସ ଇନ୍ଦରମିତ କୌରଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଓଡିଶା ସରକାରଙ୍କ ଦ୍ୱାରା କରାଯାଇଥିବା ଅନ୍ତରୀଣ ଆବେଦନର ଶୁଣାଣି ଶେଷ କରିଛନ୍ତି। ନିଷ୍ପତ୍ତି ଶୁଣାଇବା ପୂର୍ବରୁ ଟ୍ରିବ୍ୟୁନାଲ ଉଭୟ ରାଜ୍ୟକୁ ବିବାଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ କରିବାକୁ ପରାମର୍ଶ ଦେଇଛନ୍ତି। ଯଦି ଏହା ନ ହୁଏ ତେବେ ଆସନ୍ତା ମାର୍ଚ୍ଚ ୯ରେ ନିଷ୍ପତ୍ତି ଶୁଣାଇ ଦିଆଯିବ ବୋଲି ଟ୍ରିବ୍ୟୁନାଲ କହିଛନ୍ତି। ମହାନଦୀ ଉପରେ ଛତିଶଗଡ ବ୍ୟାରେଜ ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖିବା ସହ ଅଣ ମୌସୁମୀ ସମୟରେ ଅର୍ଥାତ ନଭେମ୍ବରରୁ ମେ' ମଧ୍ୟରେ ଦୈନିକ ୧.୭୪ ନିୟୁତ ଏକର ଫିଟ୍ (ଏମଏଏଫ) ପାଣି ଛାଡିବାକୁ ନିର୍ଦ୍ଦେଶ ଦେବାକୁ ଓଡ଼ିଶା ସରକାର ଆବେଦନରେ ଅନୁରୋଧ କରିଥିଲେ। ଶୁଣାଣି ପରେ ଟ୍ରିବ୍ୟୁନାଲ ପରାମର୍ଶ ଦେଇଛନ୍ତି ଯେ ଉଭୟ ରାଜ୍ୟର ଅଧିକାରୀ ଓ ବୈଷୟିକ ବିଶେଷଜ୍ଞମାନଙ୍କୁ ନେଇ ସମସ୍ୟାର ସମାଧାନ କରାଯାଉ। ଯଦି ଉଭୟ ରାଜ୍ୟ ଏଥିରେ ସହମତି ନ ହେବେ ତେବେ ଟ୍ରିବ୍ୟୁନାଲ ରାୟ ଶୁଣାଇବେ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହିତ ଉଭୟ ରାଜ୍ୟ ଏ ନେଇ କି ପଦକ୍ଷେପ ନେଉଛନ୍ତି ସେ ନେଇ ଏକ ଲିଖିତ ସତ୍ୟପାଠ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଜଣାଇବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି।

ଶୁଣାଣିବେଳେ ରାଜ୍ୟ ସରକାରଙ୍କ କାଉନ୍‌ସେଲ ମହାନଦୀରେ ଗତ ୩ ମାସର ଜଳ ପ୍ରବାହ ତଥ୍ୟ ଟ୍ରିବ୍ୟୁନାଲଙ୍କ ନିକଟରେ ଉପସ୍ଥାପନ କରିଥିଲେ। ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ ମହାନଦୀରେ ନଭେମ୍ବରରେ ୦.୧୩୭ ଏମଏଏଫ ଜଳ ସ୍ରୋତ ଥିବା ବେଳେ ଡିସେମ୍ବରରେ ୦.୧୪୨ ଏବଂ ଜାନୁୟାରୀରେ ୦.୪୧୪ ଏମଏଏଫ ଥିଲା। ଅର୍ଥାତ ଗତ ୩ ମାସରେ ଜଳ ପ୍ରବାହ ୦.୧୪୧ ଏମଏଏଫ ଥିଲା। କାଉନସେଲ ମୋହନ କାତାର୍କି ଯୁକ୍ତି ଦର୍ଶାଇଥିଲେ ଯେ ୨୦୦୫ରୁ ୨୦୧୫-୧୬ ମଧ୍ୟରେ ମହାନଦୀରେ ଜଳ ପ୍ରବାହ ସ୍ରୋତ ଥିଲା ୧୨ ଏମଏଏଫ୍। ମାତ୍ର ୨୦୧୭-୧୮ରେ ବ୍ୟାରେଜ ନିର୍ମାଣ ହେବା ପରେ ଜଳର ସ୍ରୋତ ୦.୭ ଏମଏଏଫ ହ୍ରାସ ପାଇଛି। ଓଡିଶାର ପକ୍ଷ ରଖିବା ପୂର୍ବରୁ ମୁକୁଲ ରୋହତ୍‌ଗୀ ଜଳ ପ୍ରବାହର ପ୍ରମାଣ ଉପସ୍ଥାପନ କରିଥିଲେ। ସୂଚନା ଯୋଗ୍ୟ ଯେ ଛତିଶଗଡ ପକ୍ଷରୁ ମହାନଦୀ ଉପରେ କମଲା, ସାମୋଡା, ବସନ୍ତପୁର ଏବଂ ମିରୋନୀ ଠାରେ ୨୦୧୬ରୁ ବ୍ୟାରେଜ କାର୍ଯ୍ୟକ୍ଷମ ଥିବା ବେଳେ ୨୦୧୭ରେ ଅନ୍ୟ ଦୁଇଟି ବ୍ୟାରେଜ ନିର୍ମାଣ ଶେଷ ହୋଇଛି। ଅନ୍ୟ ପକ୍ଷରେ ଛତିଶଗଡ କାଉନସେଲ ଦର୍ଶାଇଛନ୍ତି, ଓଡିଶା ପକ୍ଷରୁ ଦାଖଲ କରାଯାଇଥିବା ତଥ୍ୟ ଅସତ୍ୟ । ଓଡିଶା ମହାନଦୀରୁ ଶିଳ୍ପଗୁଡିକୁ ପାଣି ଯୋଗାଇ ଦେଉଛି। ଉଭୟ ପକ୍ଷର ଶୁଣାଣି କରି ଟ୍ରିବ୍ୟୁନାଲ କେବଳ ବ୍ୟାରେଜ ନିର୍ମାଣ ଉପରେ ଫୋକସ କରିବେ। ବାସ୍ତବରେ ବ୍ୟାରେଜ ଓଡିଶାର କି କ୍ଷତି କରୁଛି ତାହା ଉପରେ ହିଁ ଫୋକସ କରାଯିବ ବୋଲି ଟ୍ରିବ୍ୟୁନାଲ ମୌଖିକ ଭାବେ ଘୋଷଣା କରିଛନ୍ତି।

## କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଡିସେମ୍ବର ସମୟ ମଧ୍ୟରେ ଦେଶ ମଧ୍ୟରୁ ଚାଇନାକୁ ୧୨.୭ ବିଲିୟନ ଡଲାରର ସାମଗ୍ରୀ ରପ୍ତାନୀ ହୋଇଛି।

– ବାଣିଜ୍ୟ ମନ୍ତ୍ରଣାଳୟ

## ଭାଜପା ପ୍ରତିଶ୍ରୁତି ପାଣିର ଗାର: ସମୀର

ଭୁବନେଶ୍ୱର,୯।୨(ବ୍ୟୁରୋ)

ଭାଜପା ପକ୍ଷରୁ ଶନିବାର ଜାରି କରାଯାଇଥିବା ପ୍ରତିଶ୍ରୁତି ପତ୍ରକୁ ନେଇ ବିଜେଡି ସମାଲୋଚନା କରିଛି। ବିଜେଡି ମୁଖପାତ୍ର ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ଭାଜପା ଦେଇଥିବା ପ୍ରତିଶ୍ରୁତି କେଉଁ ରାଜ୍ୟରେ ପାଳନ ହୋଇଛି, ତାହା ପ୍ରଥମେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ପଷ୍ଟ କରନ୍ତୁ। କଳାଧନ ଫେରାଇ ଆଣିବା, ପ୍ରତି ଭାରତୀୟଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଜମା କରିବା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଦେଢ଼ଗୁଣା କରିବା ଏବଂ ପ୍ରତିବର୍ଷ ୨ କୋଟି ଯୁବତୀଯୁବକଙ୍କୁ ରୋଜଗାର ଦେବା ପ୍ରତିଶ୍ରୁତିର ଫଳ କ'ଣ ହୋଇଛି। ତେଣୁ ରାଜ୍ୟବାସୀଙ୍କୁ ସେମାନେ ଭୁଆଁ ବୁଲାନ୍ତୁ ନାହିଁ। ୧୯ ବର୍ଷ ଧରି ବିଜେଡି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଓଡ଼ିଶାବାସୀଙ୍କ ସ୍ନେହ ଜାରି ରହିବ। କର୍ମୀଙ୍କ ମନ ବୁଝାଇବା ପାଇଁ ଭାଜପା ନେତୃବୃନ୍ଦ ଏପରି ପ୍ରତିଶ୍ରୁତି ଦେଇଥାଇ ପାରନ୍ତି ବୋଲି କହି ସମୀର କଟାକ୍ଷ କରିଛନ୍ତି।

# ପ୍ରତିଶ୍ରୁତିରେ ପୋତିଲା ଭାଜପା

ଭୁବନେଶ୍ୱର,୯।୨(ବ୍ୟୁରୋ)

- କ୍ଷମତାକୁ ଆସିଲେ ସ୍ଥାୟୀ ପଟ୍ଟା, ପକ୍କାଘର, ନିଯୁକ୍ତି : ଧର୍ମେନ୍ଦ୍ର
- ପ୍ରତିଶ୍ରୁତି ପତ୍ର ଲୋକାର୍ପଣ
- ୩ ମାସରେ ସବୁ ଗାଁରେ ପହଞ୍ଚିବ ଅଭିଯାନ
- ରାଜ୍ୟ ସରକାରଙ୍କୁ କଡା ସମାଲୋଚନା

ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ଭୂମିହୀନଙ୍କୁ ଜମି ପଟ୍ଟା, ପକ୍କାଘର ଏବଂ ବେକାରଙ୍କୁ ନିଯୁକ୍ତି ମିଳିବ। ବର୍ତ୍ତମାନ ରାଜ୍ୟର ୨୦ ଲକ୍ଷ ଲୋକଙ୍କର ଜମି ପଟ୍ଟା ନାହିଁ । ୩୦ ଲକ୍ଷ ଲୋକଙ୍କ ମୁଣ୍ଡ ଉପରେ ଛାତ ନାହିଁ । ରାଜ୍ୟର ସବୁ ଅଞ୍ଚଳରେ ବେକାରି ସମସ୍ୟା ବଢ଼ିବାରେ ଲାଗିଛି। ତେଣୁ ଏହି ମୌଳିକ ଦାବିକୁ ଭାଜପା କ୍ଷମତାକୁ ଆସିଲେ ପୂରଣ କରିବ ବୋଲି ପ୍ରତିଶ୍ରୁତି ଦେଇଛି। ରାଜଧାନୀ ଭୁବନେଶ୍ୱର ସ୍ୱାଧୀନତା ସଂଗ୍ରାମୀ ପଡିଆରେ ଆୟୋଜିତ ଭାଜପାର ପ୍ରତିଶ୍ରୁତି ସମାବେଶରେ ଏହି କଥା କୁହାଯାଇଛି। ଦଳ ପକ୍ଷରୁ ଏନେଇ ପ୍ରତିଶ୍ରୁତି ପତ୍ରର ଲୋକାର୍ପଣ ମଧ୍ୟ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସମାବେଶର ଶୁଭାରମ୍ଭ କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ, ୨୦୨୨ ସୁଦ୍ଧା ସମସ୍ତେ ସ୍ଥାୟୀ ପଟ୍ଟା ସହ ପକ୍କା ଘର ପାଇ ସାରିଥିବେ । ପ୍ରତିଟି ଓଡିଆ ଯୁବତୀଯୁବକଙ୍କୁ ରୋଜଗାର ମିଳିବ। ଜାରି କରାଯାଇଥିବା ପ୍ରତିଶ୍ରୁତି ଆବେଦନ ଫର୍ମକୁ ଦଳ ପ୍ରତି ବୁଥରେ ପହଞ୍ଚାଇବ। ବେରୋଜଗାର ଯୁବବର୍ଗ, ପଟ୍ଟା ଆଉ ପକ୍କା ଘର ପାଇବାରୁ ବଞ୍ଚିତ ହୋଇଥିବା ଯୋଗ୍ୟ ହିତାଧିକାରୀ ଏହାକୁ ପୂରଣ କରି ଦଳ ନିକଟକୁ ପଠାଇ ପାରିବେ । ଭାଜପା ଶାସନକୁ ଆସିଲେ ପ୍ରତି ଘରକୁ ପାଣି, ବିଜୁଳି, ପାଇଖାନା ଓ ଗ୍ୟାସ୍ ପ୍ରଦାନ କରାଯିବ। ଲୋକାର୍ପଣ କରାଯାଇଥିବା ଫର୍ମ ୩ ମାସରେ ଗାଁ ଗଣ୍ଡାରେ ପହଞ୍ଚିବ। ବିଜେଡିର ଦୀର୍ଘଦିନର କୁଶାସନ ବିରୋଧରେ ଜନସାଧାରଣ ମତଦାନ କରିବେ ବୋଲି ଧର୍ମେନ୍ଦ୍ର ଆଶାବ୍ୟକ୍ତ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ପାନୀୟ ଜଳ ବିଭାଗର ତଥ୍ୟ ଅନୁଯାୟୀ ରାଜ୍ୟରେ ୧ କୋଟି ୧୦ ଲକ୍ଷ ପରିବାର। ହେଲେ ପ୍ରତି ଘରକୁ ପିଇବା ପାଣି ମିଳିପାରି ନାହିଁ। ୨୮ ଡିସେମ୍ବର ୨୦୧୮ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ ୨୭ ଲକ୍ଷ ୪୮ ହଜାର ପରିବାର ମୁଣ୍ଡ ଉପରେ ଛାତ ନାହିଁ। ଓଡ଼ିଆ ଲୋକଙ୍କୁ ଠକୁଥିବା ମିଛୁଆ ରାଧୁଆ ସରକାର ହେଲା ବିଜେଡି। ରାଜ୍ୟର ବହୁ ବ୍ୟକ୍ତି ବାହାର ରାଜ୍ୟକୁ କାମ ପାଇଁ ଯାଉଛନ୍ତି। ୧୯ ବର୍ଷର ସରକାର ରୋଜଗାର ଦେଇପାରିନାହାନ୍ତି। ତେଣୁ ହିସାବ ମାଗିବାରୁ ତରବରିଆ ଭାବେ ରାଜ୍ୟ ସରକାର ବିଧାନସଭା ବନ୍ଦ କରିଥିବା କହି ଧର୍ମେନ୍ଦ୍ର ସମାଲୋଚନା କରିଛନ୍ତି। ସଭାରେ ଉପସ୍ଥିତ ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି ଯେ, ନବୀନ ପଟ୍ଟନାୟକଙ୍କ ସରକାର ଘୋଷଣା ସର୍ବସ୍ୱ ସରକାର । ଓଡିଆ ଜାତିକୁ ନବୀନବାବୁ ଆଉ ବୋକା ବନାଇ ଶାସନ କରିପାରିବେ ନାହିଁ । ନେତ୍ରୀ ଅପରାଜିତା ଷଡଙ୍ଗୀ କହିଛନ୍ତି ଯେ, ଭାଜପା ହିଁ ଦେଉଥିବା ପ୍ରତିଶ୍ରୁତିକୁ ପାଳନ କରିଥାଏ। ଓଡ଼ିଶାରେ ଭାଜପା ଶାସନକୁ ଆସିଲେ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ହେବ। ଭାଜପା ଯୁବ ସଭାପତି ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ, ବିଗତ ୧୦ ବର୍ଷ ଭିତରେ ରାଜ୍ୟର ନିୟୋଜନ କାର୍ଯ୍ୟାଳୟଗୁଡିକରେ ପ୍ରାୟ ୨୨,୫୭,୦୦୦ ଯୁବତୀଯୁବକ ନିଯୁକ୍ତି ପାଇଁ ଆବେଦନ କରିଥିଲେ। ହେଲେ ତନ୍ମଧ୍ୟରୁ ମାତ୍ର ୨୬,୪୫୦ ଜଣଙ୍କୁ ରୋଜଗାର ମିଳିଛି। ରାଜ୍ୟର ନିଯୁକ୍ତି ହାର ମାତ୍ର ୧% । ତେଣୁ ରାଜ୍ୟ ସରକାରଙ୍କୁ ପ୍ରତ୍ୟାଖ୍ୟାନ କରିବାର ସମୟ ଆସିଛି।

ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ରାଜ୍ୟ ଉପସଭାପତି ସମୀର ମହାନ୍ତି, ମୁଖପାତ୍ର ଗୋଲକ ମହାପାତ୍ର ଓ ଦିଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମିୟ ଦାଶ, ଜଗନ୍ନାଥ ପ୍ରଧାନ, ସ୍ଥାନୀୟ ସଙ୍ଗଠନ ଜିଲା ସଭାପତି ହରେକୃଷ୍ଣ ଖୁଣ୍ଟିଆ, ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ବଡଜେନା ପ୍ରମୁଖ ଉପସ୍ଥିତ ଥିଲେ।




କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜଣେ ଯୁବତୀଙ୍କୁ ପ୍ରତିଶ୍ରୁତି ପତ୍ର ପ୍ରଦାନ କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଇସ୍ତଫା ଦେଲ...

- ସରକାରଙ୍କ ଅବହେଳାକୁ କଲେ ଦାୟୀ
- ତେଜିଲା ଜନ ଅସନ୍ତୋଷ
- ରାଜନୀତି କରିବା ନେଇ ଚର୍ଚ୍ଚା
- କହିଲେ ନିଷ୍ପତ୍ତି ନେଇନି

ଇ-ମେଲ୍ ଯୋଗେ ଓ ଶନିବାର ସ୍ପିଡ୍‌ପୋଷ୍ଟ ଯୋଗେ ସେ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଥିବା କହିଛନ୍ତି। ହେଲେ ତାଙ୍କ ଇସ୍ତଫାକୁ ଗ୍ରହଣ କରାଯାଇ ନ ଥିବା ସେ ଦର୍ଶାଇଛନ୍ତି। ପୂଜାହାରୀଙ୍କ କହିବା ଅନୁଯାୟୀ, ଭିମ୍‌ସାର୍‌ରେ ସେ ନିର୍ଦ୍ଦେଶକ ଭାବେ ଯୋଗଦେବା ପୂର୍ବରୁ ଡାକ୍ତରମାନେ ଠିକ୍ ସମୟରେ ଡାକ୍ତରଖାନାକୁ ଆସୁ ନ ଥିଲେ। କ୍ଲିନିକ୍‌ରେ ରୋଗୀ ସେବା କରୁଥିଲେ। ଏଥିରେ ରୋକ୍ ଲଗାଇବା ପାଇଁ ସେ କଡ଼ା ପଦକ୍ଷେପ ଗ୍ରହଣ କରିଥିଲେ। ଏହାସହ ମେଡିକାଲ ପରିସରରେ ଦଲାଲରାଜକୁ ବନ୍ଦ କରି ଦିଆଯାଇଥିଲା। ତେଣୁ କେତେଜଣ ବ୍ୟକ୍ତିଙ୍କ ସ୍ୱାର୍ଥରେ ଆଞ୍ଚ ଆସିଥିଲା। ତେଣୁ ଜୁନିୟର ଡାକ୍ତର ସଂଘ ତାଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ବିଭିନ୍ନ ଅଭିଯୋଗ ଆଣିଥିଲା। ଏହି ଅଭିଯୋଗଗୁଡ଼ିକର ତଦନ୍ତ ଜାରି ରହିଛି। ଏପରି କି ଅଭିଯୋଗ ଉପରେ ପକ୍ଷ ରଖିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତାଙ୍କୁ ନୋଟିସ ଜାରି କରିଥିଲା। ସମସ୍ତ ଅଭିଯୋଗ ଉପରେ ସେ ମତ ରଖିଥିଲେ। ହେଲେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ବରଂ ତାଙ୍କୁ ପ୍ରାୟ ଦେଢ଼ମାସ ହେଲା ବାଧ୍ୟତାମୂଳକ ଛୁଟିରେ ପଠାଇ ଦିଆଗଲା। ଏହା ତାଙ୍କ ଆତ୍ମସମ୍ମାନରେ ଆଞ୍ଚ ଆଣିଥିଲା। ତେଣୁ ବାଧ୍ୟହୋଇ ସେ ଇସ୍ତଫା ଦେଇଥିବା କହିଛନ୍ତି। ଇସ୍ତଫା ଦେବା ରେ ପୂଜାହାରୀ ରାଜନୀତିରେ ଯୋଗଦେବା ନେଇ ଚର୍ଚ୍ଚା ଜୋର ଧରିଛି। ଖବରଦାତାମାନଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ପୂଜାହାରୀ କହିଥିଲେ, ଏ ନେଇ କୌଣସି ନିଷ୍ପତ୍ତି ନେଇନାହିଁ। ସମୟ ଆସିଲେ ଚିନ୍ତା କରିବି । ଅନ୍ୟପକ୍ଷେ ପୂଜାହାରୀଙ୍କ ଇସ୍ତଫା ଖବର ପ୍ରଚାରିତ ହେବା ପରେ ଜନଅସନ୍ତୋଷ ତେଜିବାରେ ଲାଗିଛି। ରାଜନୈତିକ ପଶାପାଲିରେ ପୂଜାହାରୀଙ୍କୁ ବଳି ପକାଯାଇଥିବା ଆଲୋଚନା ହେଉଛି। ଲୋକେ ଠିକଣା ସମୟରେ ଏହାର ଜବାବ ଦେବେ ବୋଲି ମତପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଭିମ୍‌ସାର୍ ନିର୍ଦ୍ଦେଶକ ଭାବେ ଯୋଗଦେବା ପରେ ନିଜର କଡ଼ା ଅନୁଶାସନ ପାଇଁ ପୂଜାହାରୀ ସର୍ବଦା ଚର୍ଚ୍ଚାରେ ରହି ଆସିଥିଲେ। ଷ୍ଟିଙ୍ଗ୍ ଅପରେଶନ କରି ପ୍ରାଇଭେଟ୍ ପ୍ରାକ୍ଟିସ୍ କରୁଥିବା କେତେଜଣ ଡାକ୍ତରଙ୍କୁ ଧରିବା ପରେ ତାଙ୍କ ପ୍ରତି ଜନସମର୍ଥନ ଯଥେଷ୍ଟ ବଢ଼ିଥିଲେ ମଧ୍ୟ କର୍ମଚାରୀ ମହଲରେ ବିରୋଧର ସମ୍ମୁଖୀନ ହୋଇଥିଲେ। ଡାକ୍ତର ଓ କର୍ମଚାରୀଙ୍କୁ ସେ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ଅଭିଯୋଗ ଉଠିଥିଲା। ଲୁଣ ଚିକିତ୍ସାକୁ ନେଇ ସେ ଅଧିକ ବିବାଦୀୟ ହୋଇପଡିଥିଲେ । ତାଙ୍କୁ ପଦବୀରୁ ବହିଷ୍କାର ଦାବିରେ ଜୁନିୟର ଡାକ୍ତର ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ ବାଧ୍ୟତମୂଳକ ଛୁଟିରେ ଯିବାକୁ କୁହାଯାଇଥିଲା। ଇତିମଧ୍ୟରେ ପ୍ରାୟ ଦେଢ଼ମାସ ବିତିଯାଇଥିଲେ ମଧ୍ୟ ବିବାଦର ସମାଧାନ ହୋଇପାରି ନାହିଁ।

### ପଞ୍ଚାୟତ, ପୌର ...

ଜମା ହୋଇଥିବା ୪୯.୦୭ କୋଟି ଟଙ୍କାର ମଧ୍ୟ କୌଣସି ହିସାବ ନାହିଁ। ସରକାରୀ ଆଦେଶ ଉଲ୍ଲଂଘନ କରି ୧୦୬ଟି ପଞ୍ଚାୟତ ସମିତି ୧୪୫.୫୦ କୋଟି ଟଙ୍କାର କୌଣସି ରେକର୍ଡ ରଖିନାହାନ୍ତି । କେବଳ ପଞ୍ଚାୟତ ସମିତି ନୁହେଁ ପଞ୍ଚାୟତଗୁଡିକରେ ମଧ୍ୟ ଅନିୟମିତତା ସୀମା ସରହଦ ଡେଇଁଯାଇଛି। ଅଡିଟ ରିପୋର୍ଟରୁ ଜଣାପଡିଛି ଯେ ୪୮୧୫ଟି ପଞ୍ଚାୟତରେ କର୍ତ୍ତୃପକ୍ଷଙ୍କ ଉପଯୁକ୍ତ ତଦାରଖ ଅଭାବରୁ ୧୭୪୪.୭୪ କୋଟି ଟଙ୍କାର ଅନୁଦାନ ଅର୍ଥ ଖର୍ଚ୍ଚ ନ ହୋଇ ପଡିରହିଛି। ଉକ୍ତ ପଞ୍ଚାୟତଗୁଡିକ ଅର୍ଥ ଖର୍ଚ୍ଚ କରିଥିଲେ ସୁଦ୍ଧା ୧୮୩୫.୬୦ କୋଟି ଟଙ୍କାର ବିନିଯୋଗ ପ୍ରମାଣ ପତ୍ର ଦେଇନାହାନ୍ତି। ଏପରି କି ୪୫୦୭ ପଞ୍ଚାୟତ ସେମାନଙ୍କର ବାର୍ଷିକ ବଜେଟ ମଧ୍ୟ ପ୍ରସ୍ତୁତ କରିନାହାନ୍ତି। ୭୦ଟି ପଞ୍ଚାୟତରେ ୧୬.୫୫ ଲକ୍ଷ ଟଙ୍କା ଜମାଖାତାରେ ଦର୍ଶା ନ ଯାଇ ସିଧାସଳଖ ହଡପ କରାଯାଇଥିବା ଅଡିଟ୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନରେ ଚଞ୍ଚକତାକରି ଭତ୍ତା ବଣ୍ଟନ କରା ନ ଯାଇ ୮୫୪ଟି ପଞ୍ଚାୟତରେ ୧.୦୫ କୋଟି ଟଙ୍କା ଲୁଟ୍ କରାଯାଇଥିବା ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି । ୭୦ଟି ପଞ୍ଚାୟତରେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆସିଥିବା ବଳକା ୫୮.୩୩ ଲକ୍ଷ ଟଙ୍କାକୁ ପଞ୍ଚାୟତ କର୍ମଚାରୀମାନେ ବଣ୍ଟନ ନ କରି ମିଳିମିଶି ଆତ୍ମସାତ କରିଛନ୍ତି । କେବଳ ସେତିକି ନୁହେଁ ୨୦୯ ପଞ୍ଚାୟତରେ ପୂର୍ବତନ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ସମ୍ପାଦକ, ସରପଞ୍ଚମାନେ ସେମାନଙ୍କର ଅବସର ଓ କାର୍ଯ୍ୟକାଳ ଶେଷ ପରେ ମଧ୍ୟ ୧.୪୯ କୋଟି ଟଙ୍କା ଜମା ନ ଦେଇ ହଡପ କରିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଭିନ୍ନ ସୂତ୍ରରୁ ଆଦାୟ ହୋଇଥିବା ୪୨୩ଟି ପଞ୍ଚାୟତର ୭୧.୬୬ ଲକ୍ଷ ଟଙ୍କାକୁ ମଧ୍ୟ ଲୁଟ କରାଯାଇଛି । କେବଳ ପଞ୍ଚାୟତ ନୁହେଁ ପୌର ସଂସ୍ଥାଗୁଡିକ ମଧ୍ୟ ଦୁର୍ନୀତିରେ ଉବୁଟୁବୁ ହେଉଛନ୍ତି। ୧୦୬ଟି ପୌର ସଂସ୍ଥା ୨୦୧୭ ମାର୍ଚ୍ଚ ୩୧ ସୁଦ୍ଧା ୩୩୫୭. ୩୮ କୋଟି ଟଙ୍କାର ବିନିଯୋଗ ପ୍ରମାଣ ପତ୍ର ଦାଖଲ କରିନାହାନ୍ତି। ୫୧ ପୌର ସଂସ୍ଥା ଟିକସ ଆଦାୟ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ନ ନେବାରୁ ୧୪.୦୭ କୋଟି ଟଙ୍କାର ରାଜସ୍ୱ ହାନି ହୋଇଛି। ୧୨ଟି ପୌର ସଂସ୍ଥାର ବାସଗୃହରେ ବେଆଇନ ଭାବେ ରହୁଥିବା ବ୍ୟକ୍ତିଙ୍କ ଠାରୁ ଭଡା ଆଦାୟ ନ ହେବାରୁ ୨୬.୮୩ ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡୁଛି। କେବଳ ଅନିୟମିତତା ନୁହେଁ ସହରାଞ୍ଚଳରେ କୋଟି କୋଟି ଟଙ୍କାର ଯାନବାହନ ବ୍ୟବହୃତ ନ ହୋଇ ଖତ ଖାଉଛି। ୭ଟି ପୌର ସଂସ୍ଥାରେ ୧୫.୩୬ କୋଟି ଟଙ୍କାର ୧୫୯ଟି ଯାନ ଖତଖାଉଛି। ରାଜ୍ୟରେ ଥିବା ୧୩ଟି ଉନ୍ନୟନ କର୍ତ୍ତୃପକ୍ଷରେ ପ୍ରଶାସନିକ ଉଦାସୀନତା ଯୋଗୁ ୪୨.୭୭ କୋଟି ଟଙ୍କା ଆଦାୟ ନ ହୋଇ ଦୀର୍ଘବର୍ଷ ହେବ ପଡିରହିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ କଟକ ଉନ୍ନୟନ କର୍ତ୍ତୃପକ୍ଷ ସରକାରୀ ଆଇନ କାନୁନକୁ ଦଳି ମକଚି ସେମାନଙ୍କ କର୍ମଚାରୀମାନଙ୍କୁ ବିଭିନ୍ନ ଭତ୍ତା ବାବଦରେ ୧.୯ କୋଟି ଟଙ୍କା ଗଣି ଦେଇଛନ୍ତି। କେବଳ ପଞ୍ଚାୟତିରାଜ ଅନୁଷ୍ଠାନ ନୁହେଁ, ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷ, ବିଶ୍ୱବିଦ୍ୟାଳୟ ଏବଂ ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜରେ ମଧ୍ୟ ଆର୍ଥିକ ହେରଫେର ହୋଇଥିବା ଲୋକାଲ ଫଣ୍ଡ ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି। ରାଜ୍ୟର ୧୦ଟି ବିଶ୍ୱବିଦ୍ୟାଳୟର ୧୧ ବର୍ଷର ହିସାବ ସମୀକ୍ଷା ହୋଇଥିଲା। ଅଡିଟ୍‌ରୁ ଜଣାପଡିଛି ଯେ ଦୀର୍ଘବର୍ଷ ଧରି ବିଭିନ୍ନ ବିଶ୍ୱବିଦ୍ୟାଳୟରେ ୧୩୪.୦୫ କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡିରହିଥିବା ଅଡିଟ୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଚଳିତ ମାସ ଶେଷସୁଦ୍ଧା କଂଗ୍ରେସ ପ୍ରାର୍ଥୀ ତାଲିକା

### ରାହୁଲଙ୍କ ସହ ନରସିଂହ, ନିରଞ୍ଜନଙ୍କ ଆଲୋଚନା

ଭୁବନେଶ୍ୱର,୯।୨(ବ୍ୟୁରୋ)

ଚଳିତ ମାସ ଶେଷ ସୁଦ୍ଧା କଂଗ୍ରେସ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରିବ। ଏନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ଦଳର ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ରାଜ୍ୟର ବୁଥସ୍ତରୀୟ କମିଟି ଗଠନ ସହ ପ୍ରଚାରକୁ ଗୁରୁତ୍ୱ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସାଙ୍ଗଠନିକ କାର୍ଯ୍ୟ ସହ ଜାତୀୟସ୍ତରୀୟ ନେତାଙ୍କ ନିୟମିତ ବ୍ୟବଧାନରେ ଓଡ଼ିଶା ଗସ୍ତ ମଧ୍ୟ ଜାରି ରହିବ। ରାହୁଲଙ୍କ ଶନିବାର ଆଲୋଚନା ପରେ ପିସିସି ସଭାପତି ନିରଞ୍ଜନ ଏହି ସୂଚନା ଦେଇଛନ୍ତି।

ରାଜ୍ୟରେ ଏକ ସଙ୍ଗରେ ବିଧାନସଭା ଏବଂ ଲୋକ ସଭା ନିର୍ବାଚନ ହେବାକୁ ଯାଉଛି। ତେଣୁ କଂଗ୍ରେସ ବିଧାନସଭା ଅପେକ୍ଷା ଲୋକସଭାକୁ ଟିକେ ଅଧିକ ଗୁରୁତ୍ୱ ଦେବାକୁ ଏଆଇସିସି ପକ୍ଷରୁ ଚାପ ରହିଛି। ତେଣୁ ପିସିସି ସଭାପତି ଏବଂ ପ୍ରଭାରୀଙ୍କ ନେତୃତ୍ୱରେ କଂଗ୍ରେସ ୨୧ ଲୋକ ସଭାରୁ କେତେ ସଂଖ୍ୟକ ଆସନ ବିଜୟୀ ହୋଇ ପାରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିବ। ନୂଆଦିଲ୍ଲୀଠାରେ ହୋଇଥିବା ଏହି ବୈଠକରେ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଥିଲା। ପ୍ରଦେଶ କଂଗ୍ରେସ ନିର୍ବାଚନ ପୂର୍ବରୁ ଅନେକ ପ୍ରତିଶ୍ରୁତି ଦେଇଛି। ଏମିତି ସଭାପତି ନିରଞ୍ଜନ ଟୁଇଟ୍ କରି ଏକାଧିକ ପ୍ରସଙ୍ଗରେ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସର ଗ୍ୟାରେଣ୍ଟି, ହସିବ ଓଡ଼ିଶା ମାଟି। ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୨୬୦୦ ଟଙ୍କା ଏବଂ ବୋନସ, ପ୍ରତି ଘରକୁ ପିଇବା ପାଣି ସୁବିଧା ଏବଂ ପ୍ରତି ପରିବାରରୁ ଜଣଙ୍କୁ ଚାକିରି ଦିଆଯିବ। କଂଗ୍ରେସ ପକ୍ଷରୁ ରାଜ୍ୟ ବିଭିନ୍ନ ବ୍ୟକ୍ତିବିଶେଷଙ୍କଠାରୁ ଇସ୍ତାହାର ନେଇ ମତ ସଂଗ୍ରହ କରାଯାଉଛି। ନିର୍ବାଚନ ଘୋଷଣାର ଅଳ୍ପଦିନ ପରେ ଇସ୍ତାହାର ପୂର୍ଣ୍ଣାଙ୍ଗ ରୂପ ପ୍ରକାଶ ପାଇବ ବୋଲି ଦଳୀୟ ସୂତ୍ରରୁ ପ୍ରକାଶ। ୨୦୧୪ ସାଧାରଣ ନିର୍ବାଚନରେ ଖଣି ଲୁଟେରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ଅନ୍ୟାନ ପଛୁଆ ବର୍ଗ(ଓବିସି) ବର୍ଗଙ୍କୁ ମଣ୍ଡଳ କମିଶନ ସୁପାରିସ ଅନୁଯାୟୀ ସୁବିଧା ପ୍ରଦାନ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। ଏଥର ଇସ୍ତାହାରରେ ତାହା ପ୍ରକାଶ ପାଇବ ନା ନାହିଁ, ସେ ଉପରେ ରାଜନୈତିକ ମହଲର ନଜର ରହିଛି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୩ | ୧୬.୨ |
| ଚାନ୍ଦବାଲି | ୩୦.୨ | ୧୯.୦ |
| କଟକ | ୨୯.୮ | ୧୭.୦ |
| ପାରାଦ୍ୱୀପ | ୨୮.୯ | ୧୯.୩ |
| ଭୁବନେଶ୍ୱର | ୩୨.୬ | ୧୯.୪ |
| ଗୋପାଳପୁର | ୩୧.୩ | ୧୯.୧ |
| ପୁରୀ | ୨୭.୬ | ୧୮.୮ |
| ଅନୁଗୋଳ | ୩୦.୭ | ୧୫.୦ |
| ବାରିପଦା | ୨୯.୪ | ୧୮.୪ |
| ଝାରସୁଗୁଡ଼ା | ୨୬.୪ | ୧୫.୮ |
| କେନ୍ଦୁଝର | ୨୮.୭ | ୧୬.୭ |
| ସମ୍ବଲପୁର | ୨୬.୯ | ୧୬.୦ |
| ସୁନ୍ଦରଗଡ଼ | --- | ୧୨.୦ |
| ହୀରାକୁଦ | ୨୬.୬ | ୧୬.୯ |
| ତାଳଚେର | --- | ୧୨.୭ |
| ଭବାନୀପାଟଣା | ୩୦.୦ | ୧୬.୦ |
| ବଲାଙ୍ଗୀର | ୨୯.୦ | ୧୬.୫ |
| କୋରାପୁଟ | ୩୦.୦ | ୧୪.୦ |
| ଫୁଲବାଣୀ | --- | ୧୦.୩ |
| ଟିଟିଲାଗଡ଼ | --- | ୧୫.୦ |
| ମାଲକାନଗିରି | --- | --- |
| ସୋନପୁର | ୩୦.୨ | ୧୫.୨ |
| ଦାରିଙ୍ଗିବାଡ଼ି | ୨୭.୫ | ୧୫.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଦ୍ୱାଦଶସ୍ଥ ଚନ୍ଦ୍ର ରେବତୀ ନକ୍ଷତ୍ରସ୍ଥ ଯୋଗୁ ବନ୍ଧୁମାନଙ୍କ ସହ ଯାତ୍ରା କରି ଖୁସି ମନେଇବେ। ପାରସ୍ପରିକ ଆଲୋଚନା କ୍ରମରେ ଘରର କେତେକ ରହିଯାଇଥିବା କାମକୁ କରିବା ସକାଶେ ଚିନ୍ତା କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତାଦି ପ୍ରତିଯୋଗିତାରେ ସଫଳତା ଯୋଗୁ ନିନ୍ଦିତ ହେବେ।

**ବୃଷ** ଉଚ୍ଚପଦସ୍ଥ ବ୍ୟକ୍ତିମାନଙ୍କ ସାହାଯ୍ୟ ସରକାରୀ ସ୍ତରରୁ,ଜମାଟଙ୍କାରୁ କିମ୍ବା ବନ୍ଧୁଙ୍କ ନିକଟରୁ ଅର୍ଥ ପାଇ ଖୁସି ହେବେ। ପାରିବାରିକ ସ୍ତରରେ ଗୁରୁବର୍ଗଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ପ୍ରଶାସନିକ ସ୍ତରରେ ଅଥବା କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ** ନୂତନ କର୍ମାରମ୍ଭରେ କିମ୍ବା ଆନୁଷ୍ଠାନିକ କାମରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବ୍ୟାହତ କରିବ। ବ୍ୟବସାୟୀମାନେ ସମସ୍ୟା ଓ ପ୍ରତିବନ୍ଧକକୁ ଯଥାସାଧ୍ୟ ପ୍ରତିହତ କରିପାରିବେ। ଯାତ୍ରା, ବନ୍ଧୁଙ୍କ ସହ ଆଲୋଚନା କିମ୍ବା ଯାତ୍ରା ତରବରିଆ ଭାବେ କରନ୍ତୁ ନାହିଁ।

**କର୍କଟ** ରାହୁ ଅଧିଷ୍ଠିତ ରାଶ୍ୟାଧିପତି ଚନ୍ଦ୍ର ଭାଗ୍ୟଭାବରେ ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଦ୍ୱାରା କାମ ହାସଲ କରାଇବ। କର୍ମକ୍ଷେତ୍ରରେ ଅସ୍ଥିରତା ଲାଗି ରହିବା ସଙ୍ଗକୁ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଉଚ୍ଚବର୍ଗଙ୍କ ପୃଷ୍ଠପୋଷକତାରୁ କାର୍ଯ୍ୟସିଦ୍ଧି କିମ୍ବା ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ।

**ସିଂହ** ବୃହସ୍ପତି ଧନାଧିପତି ନକ୍ଷତ୍ରସ୍ଥ ହେତୁ ପାରିବାରିକ କ୍ଷେତ୍ରରେ ରହିଥିବା ଆବଶ୍ୟକତାକୁ ପୂରଣ କରିବାରେ ସମର୍ଥ ହେବେ। ନିକଟ ସମ୍ପର୍କୀୟମାନଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟ ହୋଇପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରିବାକୁ ପଡ଼ିବ। ଅଫିସରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା** ଆଜିର ସଭାସମିତିରେ ଚତୁର୍ଥସ୍ଥ ଶନି ଓ ଶୁକ୍ରଜନିତ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ପାରିବାରିକ କ୍ଷେତ୍ରରେ ସମସ୍ୟା ଲାଗି ରହିଥିବା ଯୋଗୁ ମାନସିକ ସ୍ତରରେ ଆଶା ମନକୁ ବିଚଳିତ କରିବ। ପରୋକ୍ଷ ଶତ୍ରୁତା ହେତୁ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇପାରେ। ଆଗାମୀ ମାଙ୍ଗଳିକ କାମ ସକାଶେ ଗୃହ ସଜ୍ଜାରେ ମନୋନିବେଶ କରିବେ।

**ତୁଳା** ତୃତୀୟସ୍ଥ ଶନି ଯୋଗୁ ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟରେ ଅଭୁତପୂର୍ବ ସଫଳତା ହାସଲ କରି ଋଣମୁକ୍ତ ହୋଇପାରନ୍ତି। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ନଚେତ୍ କୌଣସି ସମସ୍ୟା ଆସିପାରେ। ଆପୋସ ଆଲୋଚନା ଦ୍ୱାରା ବନ୍ଧୁଙ୍କ ସମସ୍ୟାର ସରଳ ସମାଧାନ ହୋଇଯିବ ।

**ବିଛା** ଆଜିର ଯାତ୍ରାରେ ସଫଳତା ଅବଶ୍ୟ ମିଳିବ, କିନ୍ତୁ ଅତ୍ୟଧିକ ଖର୍ଚ୍ଚାନ୍ତ ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନରେ ଲାଭବାନ ହେବେ। ଈର୍ଷା ପରାୟଣ ନିଜର ପାଖ ଲୋକମାନେ ଅପପ୍ରଚାର କରି ପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ଆଜିର କର୍ମକ୍ଷେତ୍ର ଏବଂ ପାରିବାରିକ ସ୍ଥିତି ଚନ୍ଦ୍ରଙ୍କ ସ୍ଥିତିଜନିତ ବିଗିଡ଼ି ଯାଇପାରେ। ଠିକ୍ କେତେକ କ୍ଷେତ୍ରରେ ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିବାର ସୂଚନା ରହିଛି। ଆଜିର ଦିନଚର୍ଯ୍ୟାରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ କିନ୍ତୁ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର** ରାଶିରେ ରବି ଓ କେତୁ ପ୍ରଭାବରୁ ଆପଣ ମାନସିକ ସନ୍ତୁଳନ ହରାଇପାରନ୍ତି। ଆକସ୍ମିକ ଭାବେ ନିଜ ଲୋକମାନେ ଶତ୍ରୁତା କରି ବସିବେ। ପରିସ୍ଥିତିବଶତଃ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ମତାନ୍ତରଜନିତ କେତେକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଆର୍ଥିକ ସ୍ଥିତି ପୂର୍ବପରି ରହିବା କାରଣରୁ ଚିନ୍ତିତ ରହିବେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ। ବ୍ୟବସାୟ, ବନ୍ଧୁସମ୍ପର୍କ, ଆଲୋଚନା, କ୍ରୟବିକ୍ରୟ କ୍ଷେତ୍ରରେ ସନ୍ତୋଷଜନକ ଫଳପାଇବେ।

**ମୀନ** ଅନ୍ୟମାନଙ୍କୁ ଆପଣାର କରିବା ସକାଶେ ବିଭିନ୍ନ ଉପାୟ ଅବଲମ୍ବନ କରି କୃତକାର୍ଯ୍ୟ ହୋଇପାରନ୍ତି। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ।

ଆଜି ମାଘ ଶୁକ୍ଳପକ୍ଷର ଶ୍ରୀପଞ୍ଚମୀ ରବିବାର, ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ଜନ୍ମଦିବସ ଓ ପୂଜା, ଶ୍ରୀମନ୍ଦିରରେ ଜନ୍ମୋତ୍ସବ,ରଥ କାଠ ଅନୁକୂଳ ଓ ପୂଜା, ଫେବୃୟାରୀ ୧୦ ତାରିଖ, ବିଶ୍ୱ ବିବାହ ଦିବସ, ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ, ରବିବାର, ରାଶି ନକ୍ଷତ୍ର, ରେବତୀ/ମୀନ, ମେଷ ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ ଓ ବିବାହ ପାଣିଗ୍ରହଣ ପାଇଁ ଶୁଭଦିନ, ସକାଳ ଘ୬।୫୦ମି. ଗତେ ଘ୯।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୯।୧୩ମି. ଗତେ ଘ୧୦।୩୬ମି. ମଧ୍ୟେ ଘ୧।୨୨ମି. ଗତେ, ଘ୨।୪୫ମି. ମଧ୍ୟେ ମାହେନ୍ଦ୍ରବେଳା।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ କନ୍ଧମାଳ ଗସ୍ତ ଆଜି

**ଫୁଲବାଣୀ ଅଫିସ, ୯।୨:** ଦିନିକିଆ କନ୍ଧମାଳ ଗସ୍ତରେ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସୁଛନ୍ତି । ସେ ଭୁବନେଶ୍ୱରରୁ ଅପରାହ୍ନ ୨ଟା ୨୫ ମିନିଟ୍‌ରେ ବାହାରି ୩ଟାରେ ଫୁଲବାଣୀ ଗୁଦାରୀ ଏୟାରଷ୍ଟ୍ରିପରେ ଅବତରଣ କରିବେ । ସେଠାରୁ ଗାଡିରେ କନ୍ଧମାଳ ଷ୍ଟାଡିୟମ ଯାଇ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବେ । ଏହାପରେ ବିଜୁ ଯୁବ ବାହିନୀର ଆଞ୍ଚଳିକ ସମାବେଶରେ ଉଦ୍‌ବୋଧନ ଦେବେ । ଏଥିରେ ଗଞ୍ଜାମ, ବୌଦ୍ଧ, ନୟାଗଡ ଓ ଗଜପତି ଆଦି ଜିଲାର ଯୁବ ବାହିନୀ ସଦସ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶନିବାରରୁ ସହରରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ସ୍ଥାନୀୟ କରୋନେସନ ପଡିଆରେ ଚାଲିଥିବା ପୁସ୍ତକ ମେଳାକୁ ପ୍ରଶାସନ ବଳପୂର୍ବକ ଶନିବାର ବନ୍ଦ କରିଦେବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ପାର୍କିଂ ହେବା ଆଳ ଦେଖାଇ ପ୍ରଶାସନ ଏପରି କରିଛି। ପୁସ୍ତକ ମେଳା ରବିବାର ଶେଷ ହୋଇଥାନ୍ତା । ପଡିଆରେ ଲାଗି ଥିବା ଷ୍ଟଲଗୁଡିକୁ ଉଠାଇ ଦିଆଯିବାରୁ ବ୍ୟବସାୟୀ ଏବଂ ଆୟୋଜକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଯଦି ଥିଲା, ତାହାଲେ ପ୍ରଶାସନ ୧୦ ତାରିଖ ପର୍ଯ୍ୟନ୍ତ କାହିଁକି ଅନୁମତି ଦେଇଥିଲା ବୋଲି ବ୍ୟବସାୟୀମାନେ କହିବା ସହ ବ୍ୟବସାୟରେ କ୍ଷତି ହୋଇଥିବା ମଧ୍ୟ ପ୍ରକାଶ କରିଛନ୍ତି। ଅପରପକ୍ଷେ ବିଜୁ ଯୁବ ବାହିନୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ବଲିଉଡ ଗାୟକ ସୋନୁ ନିଗମ ଏବଂ ସାଥୀଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ହେବାର ସୂଚନା ଦିଆଯାଇଛି ।




■ ପ୍ରଶାସନିକ ସ୍ତରରେ ଅଦଳବଦଳ

# ଅନିଲ ସାମଲ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର

ଭୁବନେଶ୍ୱର,୯।୨(ବ୍ୟୁରୋ)

■ ଯାମିନୀ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମସଚିବ
■ ଗୁହା ପୁନମ ଜଗତ୍‌ସିଂହପୁର ଜିଲାପାଳ
■ ସମର୍ଥ ବିଏମ୍‌ସି କମିଶନର

ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ପ୍ରଶାସନିକ ସ୍ତରରେ ମଧ୍ୟମଧରଣର ଅଦଳବଦଳ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ର ଅନୁମୋଦନ କ୍ରମେ ଶନିବାର ସାଧାରଣ ପ୍ରଶାସନ ବିଭାଗ(ଜିଏ)ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୦୩ ବ୍ୟାଚ୍‌ର ତଥା ଅନୁଗୋଳ ଜିଲାପାଳ ଥିବା ଅନିଲ କୁମାର ସାମଲଙ୍କୁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଭାବେ ଅବସ୍ଥାପିତ କରାଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ସଚିବ ଥିବା ମନୋଜ କୁମାର ମହାନ୍ତି(ଦ୍ୱିତୀୟ)ଙ୍କୁ ଅନୁଗୋଳର ନୂତନ ଜିଲାପାଳ ଭାବେ ନିଯୁକ୍ତି ମିଳିଛି। ଜଗତ୍‌ସିଂହପୁର ଜିଲାପାଳ ଯାମିନୀ ଷଡ଼ଙ୍ଗୀ(୨୦୦୮)ଙ୍କୁ ସଚିବାଳୟକୁ ବଦଳି କରାଯାଇଛି । ସେ ଏଣିକି ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ଯୁଗ୍ମସଚିବ ଭାବେ କାର୍ଯ୍ୟ କରିବେ। ତାଙ୍କ ସ୍ଥାନରେ ଜଗତ୍‌ସିଂହପୁର ଜିଲାପାଳ ଭାବେ ଗୁହା ପୁନମ୍ ତାପସ କୁମାର(୨୦୦୮)ଙ୍କୁ ଅବସ୍ଥାପିତ କରାଯାଇଛି । ଗୁହା ପୁନମ୍ ବର୍ତ୍ତମାନ ଯାଏ ରାୟଗଡାର ଜିଲାପାଳ ଦାୟିତ୍ୱ ତୁଲାଇ ଆସୁଥିଲେ। ପୂର୍ତ୍ତ, ଇସ୍ପାତ ଏବଂ ଖଣିମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରମୋଦ କୁମାର ବେହେରାଙ୍କୁ ରାୟଗଡା ଜିଲାପାଳ କରାଯାଇଛି। ଝାରସୁଗୁଡା ଜିଲାପାଳ ବିଭୂତିଭୂଷଣ ପଟ୍ଟନାୟକ(୨୦୦୬)ଙ୍କୁ ପର୍ଯ୍ୟଟନ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି।

ବରିଷ୍ଠ ଓଏଏସ୍ ଅଧିକାରୀ ତଥା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ଥିବା ବିଭୂତିଭୂଷଣ ଦାସଙ୍କୁ ଝାରସୁଗୁଡା ଜିଲାପାଳ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ସମ୍ବଲପୁର ଜିଲାପାଳ ଭାବେ କାର୍ଯ୍ୟରତ ସମର୍ଥ ବର୍ମା(୨୦୧୧)ଙ୍କୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନ ବିଏମ୍‌ସି କମିଶନର ଥିବା ଶୁଭମ୍ ସାକ୍ସେନା(୨୦୧୩)ଙ୍କୁ ସମ୍ବଲପୁର ଜିଲାପାଳ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

■ ମୟୂରଭଞ୍ଜରେ ପୁଣି ଲଜ୍ଜା

# ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

ଉଦଳା, ୯।୨ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲାରେ ଥିବା ସେବାଶ୍ରମଗୁଡ଼ିକରେ ଜଣକ ପରେ ଜଣେ ଛାତ୍ରୀ ଗର୍ଭବତୀ ହେବା ଘଟଣା ଜନମାନସକୁ ବିଚଳିତ କରିଛି। ଛାତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ଏପରି ପରିସ୍ଥିତି ଉପୁଜୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଉଦଳା ବ୍ଲକ ଖଲାଡି ପଞ୍ଚାୟତରେ ଥିବା ଏକ ଆଶ୍ରମ ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଥିବା ଶନିବାର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଏହି ଖବର ଜିଲା ପ୍ରଶାସନ ପାଖରେ ପହଞ୍ଚିବା ପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ମହାପାତ୍ରଙ୍କୁ ବଦଳି କରାଯାଇଛି। ଏହାସହ ଆଶ୍ରମ ହଷ୍ଟେଲ ଦାୟିତ୍ୱରେ ଥିବା ମାଟ୍ରନ ସୁବର୍ଣ୍ଣ ମଢ଼େଇଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ଜିଲା ମଙ୍ଗଳ ଅଧିକାରୀ ସ୍ମୃତିରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି।

**ପ୍ରଧାନଶିକ୍ଷକଙ୍କୁ ବଦଳି, ମାଟ୍ରନ ବହିଷ୍କୃତ**

ଉକ୍ତ ଛାତ୍ରୀଙ୍କ ଘର କପ୍ତିପଦା ଥାନା ଅଞ୍ଚଳରେ। ସେ ଗର୍ଭବତୀ ହୋଇଥିବା ଜାଣିବା ପରେ ଆଶ୍ରମ ସ୍କୁଲ କର୍ତ୍ତୃପକ୍ଷ ଉଦଳା ଥାନାରେ ଲିଖିତ ଅଭିଯୋଗ କରିବା ସହ ଉକ୍ତ ଛାତ୍ରୀଙ୍କୁ ବାରିପଦା ପିଆରଏମ୍ ହସ୍‌ପିଟାଲରେ ଭର୍ତ୍ତି କରିଛନ୍ତି। ଉଦଳା ଥାନା ପୋଲିସ ଘଟଣାର ଖୋଳତାଡ଼ ଆରମ୍ଭ କରିଛି। ହେଲେ କାହାରିକୁ ଗିରଫ କରାଯାଇନାହିଁ। ଉଦଳା ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱପ୍ନରଞ୍ଜନ ମହାପାତ୍ର ଏବଂ ଆଇଆଇସି ସନାତନ ସାହୁ ତଦନ୍ତ ଆରମ୍ଭ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ଛାତ୍ରୀ ଜଣକ ଦୁର୍ଗାପୂଜା ସମୟରେ ନିଜ ଗ୍ରାମକୁ ଯାଇଥିବାବେଳେ ଅସଦାଚରଣର ଶିକାର ହୋଇଥିଲେ । ମାତ୍ର ୪ ମାସ ପରେ ନାବାଳିକା ଜଣକ ଅନ୍ତଃସତ୍ତ୍ୱା ହୋଇଥିବା ଜାଣି ପାରି ବିଦ୍ୟାଳୟର ପ୍ରଧାନଶିକ୍ଷକ ଏନେଇ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ. ୧୨/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। କିଛିଦିନ ତଳେ ମୋରଡ଼ା ଥାନା ଅଧୀନ ଏକ ଆଶ୍ରମ ସ୍କୁଲର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଏବେ ଉଦଳା ଥାନା ଅଞ୍ଚଳରେ ଅନୁରୂପ ଘଟଣା ଅଭିଭାବକମାନଙ୍କୁ ଚିନ୍ତାରେ ପକାଇଛି।

### ୭ ବର୍ଷର ନାବାଳିକାଙ୍କୁ ବଳାତ୍କାର

ବାରିପଦା ଅଫିସ, ୯।୨

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୧୪ ବର୍ଷର ଜଣେ ନାବାଳକ ବଳାତ୍କାର କରିଥିବା ଜଣାପଡିଛି। ଶନିବାର ସନ୍ଧ୍ୟା ସୁଦ୍ଧା ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିଲେ ସୁଦ୍ଧା ପୋଲିସ ନିଜ ଆଡୁ ତଦନ୍ତ କରୁଛି। ଅପରପକ୍ଷେ ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ପ୍ରଥମେ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏବେ ତାଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଥାନା ଅଧିକାରୀ ଚନ୍ଦନ କୁମାର ଘଡେଇ ସୂଚନା ଦେଇଛନ୍ତି।

ଉକ୍ତ ନାବାଳିକା ନିକଟସ୍ଥ ନାଳକୁ ଗାଧୋଇବାକୁ ଯାଇଥିବାବେଳେ ନାବାଳକ ଜଣକ ତାଙ୍କୁ ନିଛାଟିଆ ସ୍ଥାନକୁ ଡାକିନେଇ ବଳାତ୍କାର କରିଥିଲେ। ତେବେ ଦୀର୍ଘ ସମୟ ଧରି ନାବାଳିକା ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପରେ ପରିବାର ଲୋକେ ଉକ୍ତ ନାବାଳିକାଙ୍କୁ ମୁମୂର୍ଷ ଅବସ୍ଥାରେ ସେଠାରେ ପଡ଼ିଥିବା ଦେଖି ତାଙ୍କୁ ଉଦ୍ଧାର କରିଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବାଙ୍ଗିରିପୋଷି ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରୁ ତାଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଅବସ୍ଥା ଏବେ ଗୁରୁତର ରହିଛି।

### କୋଇଲା ଜବତ: ଜଣେ ଗିରଫ

ତିହିଡ଼ି, ୯।୨ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ଦୌଲତପୁର ଗ୍ରାମର ଏକ ଇଟାଭାଟି ପାଖରୁ ଶନିବାର ସ୍ଥାନୀୟ ପୋଲିସ ୫୨ ବସ୍ତା କୋଇଲା ଜବତ କରିଛି। ଏହି ଘଟଣାରେ ପୋଲିସ ଏକ ମାମଲା(ନଂ.୬୭/୧୯) ରୁଜୁ କରି ଗ୍ରାମର ଅକ୍ଷୟ ବଳଙ୍କୁ ଗିରଫ କରିଛି।




# କର୍ଣ୍ଣାଟକ ସରକାର ଭାଙ୍ଗିବାକୁ ଭାଜପା ଶୀର୍ଷ ନେତାଙ୍କ ଉଦ୍ୟମ

ନୂଆଦିଲ୍ଲୀ,୯।୨(ପି.ଟି.)

କର୍ଣ୍ଣାଟକରେ କଂଗ୍ରେସ-ଜେଡିଏସ୍ ସରକାରକୁ ଭାଙ୍ଗିବା ଲାଗି ହେଉଥିବା ଉଦ୍ୟମରେ ଭାଜପାର ଶୀର୍ଷ କେନ୍ଦ୍ରୀୟ ନେତୃତ୍ୱ ସାମିଲ ଥିବା କଂଗ୍ରେସ ଅଭିଯୋଗ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ କର୍ଣ୍ଣାଟକ ସରକାରକୁ ଭାଙ୍ଗିବା ଲାଗି ଉଦ୍ୟମ କରୁଥିବା ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା କେ.ସି. ବେଣୁଗୋପାଳ ଏବଂ ରଣଦୀପ ସୁର୍ଜେୱାଲା କହିବା ସହ ପାର୍ଲାମେଣ୍ଟରେ ଏହି ପ୍ରସଙ୍ଗ ଉଠାଇବେ ବୋଲି କହିଛନ୍ତି। ଜେଡିଏସ୍ ବିଧାୟକଙ୍କୁ ପ୍ରଲୋଭିତ କରିବା ଲାଗି

**କଂଗ୍ରେସର ଅଭିଯୋଗ**

ରାଜ୍ୟ ଭାଜପା ନେତା ବି.ଏସ୍. ୟେଦ୍ୟୁରପ୍ପା ୧୦ କୋଟି ଟଙ୍କା ଯାଚିଥିବାର ଅଡିଓ ଟେପ୍ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଦେଖାଇଥିଲେ। ଅମିତ ଶାହ ବିଚାରପତିମାନଙ୍କୁ ସମ୍ଭାଳିବେ ବୋଲି ୟେଦ୍ୟୁରପ୍ପା କହିଥିବାରୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ନିଜଆଡୁ ମାମଲା ଦାଏର କରିବାକୁ କଂଗ୍ରେସ ନିବେଦନ କରିଛି। ରାଜ୍ୟ ସରକାରରେ ଅସ୍ଥିରତା ସୃଷ୍ଟି ଲାଗି କେନ୍ଦ୍ର ଉଦ୍ୟମ କରୁଥିବା ବେଣୁଗୋପାଳ କହିଛନ୍ତି।




ଜାଲ କାଗଜପତ୍ର ଦେଇ ବ୍ୟାଙ୍କ୍‌ରୁ ୧କୋଟି ଋଣ ମାମଲା

# ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୯।୨ (ବ୍ୟୁରୋ)

ଷ୍ଟେଶନ ସ୍କୋୟାର ଆଲ୍ଲାହାବାଦ ବ୍ୟାଙ୍କ୍ ଶାଖାରେ ଜାଲ କାଗଜପତ୍ର ଦେଇ ଋଣ ନେବା ମାମଲାରେ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ମାଷ୍ଟରମାଇଣ୍ଡଙ୍କୁ ଶନିବାର ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ବାଣପୁର ବଜାର ନିକଟରେ ରହୁଥିବା ଦେବରାଜ ସୁବୁଦ୍ଧି। ତାଙ୍କୁ ଇଓଡବ୍ଲ୍ୟୁ କେସ୍ ନଂ.୨୭/୧୯ ଦଫା ୪୨୦, ୪୦୬, ୪୬୭, ୪୬୮, ୪୭୧, ୧୨୦(ବି)ରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଦେବରାଜ ଓ ନାରାୟଣ ସେନାପତି ଦୁହେଁ ବିଶାଲ ପଲିମର୍ସ ନାମକ ଏକ କମ୍ପାନୀ କରିଥିଲେ। କମ୍ପାନୀରେ ପଲିଥିନ ବ୍ୟାଗ୍ ପ୍ରସ୍ତୁତ କରିବା ପାଇଁ ଦୁହେଁ ୨୦୧୦ ମସିହାରେ ଭୁବନେଶ୍ୱର ଷ୍ଟେଶନ ସ୍କୋୟାର ସ୍ଥିତ ଆଲ୍ଲାହାବାଦ ବ୍ୟାଙ୍କ୍ ଶାଖାରୁ ଦୁଇଟି ଋଣ ନେଇଥିଲେ। ପ୍ରଥମେ ସେମାନେ ୬୦ ଲକ୍ଷ ନେଇଥିବା ବେଳେ ପରେ ୪୦ଲକ୍ଷ ଟଙ୍କା ନେଇଥିଲେ। ନିୟମ ଅନୁଯାୟୀ ସେମାନେ ବାଣପୁର ମୌଜା ଓ ରଘୁନାଥପୁର ଅଞ୍ଚଳରେ ଥିବା ଦୁଇଟି ଜମିର ପଟ୍ଟା ବ୍ୟାଙ୍କକୁ ଦେଇଥିଲେ। ସେମାନେ ନେଇଥିବା ଋଣ ୨୦୧୪ ମସିହା ସୁଦ୍ଧା ୧ କୋଟି ୪୫ ଲକ୍ଷ ୭୯ ହଜାର ଟଙ୍କାରେ ପହଞ୍ଚିଥିଲେ ହେଁ ଟଙ୍କା ଦେଇ ନ ଥିଲେ। ଏନେଇ ବ୍ୟାଙ୍କ ଦୁହିଁଙ୍କୁ ନୋଟିସ୍ କରିଥିଲା। ମାତ୍ର ସେମାନେ ଏହାର ଜବାବ ଦେଇ ନ ଥିଲେ। ଏହାପରେ ବ୍ୟାଙ୍କ କର୍ତ୍ତୃପକ୍ଷ ସେମାନେ ଦେଇଥିବା ପଟ୍ଟା ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଏହା ନକଲି ବୋଲି ଜାଣି ବ୍ୟାଙ୍କ ମ୍ୟାନେଜର ବବିତା ସର ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ଏକ ମାମଲା ରୁଜୁ କରି ଘଟଣା ତଦନ୍ତ କରିବା ପରେ ଦୁହେଁ ଜମିର ପଟ୍ଟା ଜାଲ କରି ବ୍ୟାଙ୍କରୁ ଋଣ ନେଇଥିବା ଜାଣିବାକୁ ପାଇଥିଲା। ୨୦୧୮ ଡିସେମ୍ବର ୧୮ରେ ଇଓଡବ୍ଲ୍ୟୁ ଦେବରାଜଙ୍କ ସହଯୋଗୀ ନାରାୟଣଙ୍କୁ ଗିରଫ କରିଥିଲା। ମାତ୍ର ମୁଖ୍ୟ ଅଭିଯୁକ୍ତ ଦେବରାଜ ଫେରାର ହୋଇଯାଇଥିଲେ। ସେ ଘରେ ଥିବା ଜାଣି ଇଓଡବ୍ଲ୍ୟୁର ଅଧିକାରୀମାନେ ଚଢ଼ାଉ କରି ତାଙ୍କୁ ଗିରଫ କରିଛନ୍ତି।






ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। –ଶ୍ରୀମା

# ସୁଧ ଓ ଗୋବଧ



ଆକାର ପଟେଲ

ଏଯାବତ୍ ପାକିସ୍ତାନ ତିନୋଟି ସମ୍ବିଧାନ ପାଇଛି। ଏ ତିନୋଟି ଭିତରେ ଗୋଟିଏ ଜିନିଷ ହେଉଛି ସାଧାରଣ ଏବଂ ତାହା ହେଉଛି ସୁଧ ଓ ଆଧୁନିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ନାପସନ୍ଦ କରିବା। ତେବେ ଏହାର ଇତିହାସ ନିର୍ଦ୍ଦିଷ୍ଟଭାବେ ଇସ୍‌ଲାମୀୟ ନୁହେଁ। ବାଇବେଲର ପୁରାତନ ନିୟମରେ ମଧ୍ୟ ଅଛି ଯେ ଋଣ ଉପରେ ସୁଧ ନେବା ଉଚିତ ନୁହେଁ। ମୁଦ୍ରା ବିନିମୟକାରୀ ଓ ଋଣଦାତାମାନଙ୍କ ଉପରେ ରାଗି ଯିଶୁ ଏକଦା ସେମାନଙ୍କୁ ଜେରୁଜେଲମ୍ ମନ୍ଦିରରୁ ବାହାର କରିଦେଇଥିଲେ।

ପାକିସ୍ତାନର ୧୯୫୬ ସମ୍ବିଧାନର ଧାରା ୨୮ କହେ, ଯେତେ ଶୀଘ୍ର ସମ୍ଭବ ରିବା (ସୁଧ) ବ୍ୟବସ୍ଥାର ମୂଳପୋଛ କରିଦିଆଯିବା ଉଚିତ। ପରେ ସେ ଦେଶରେ ସମ୍ବିଧାନର ଯେତେଗୋଟି ସଂସ୍କରଣ ହୋଇଛି, ସବୁଥିରେ ଏଇ କଥାଟିକୁ ରଖାଯାଇଛି। ରାଷ୍ଟ୍ରପତି ଆୟୁବ ଖାନ୍‌ଙ୍କ ସମୟରେ ୧୯୬୦ ଦଶକରେ, ପ୍ରଧାନମନ୍ତ୍ରୀ ଜୁଲଫିକର ଅଲି ଭୁଟ୍ଟୋଙ୍କ ଅମଳରେ ୧୯୭୦ ଦଶକରେ ଏବଂ ତା'ପରେ ୧୯୮୦ ଦଶକରେ ରାଷ୍ଟ୍ରପତି ଜିଆ ଉଲ୍ ହକ୍ ଓ ୨୦୦୦ ଦଶକରେ ରାଷ୍ଟ୍ରପତି ମୁଶରଫଙ୍କ ଅମଳରେ କରାଯାଇଥିବା ସଂଶୋଧନରେ ଏହି ପ୍ରସଙ୍ଗକୁ ବାଦ୍ ଦିଆଯାଇ ନାହିଁ। ୧୯୯୧ରେ ସୁପ୍ରିମ୍‌କୋର୍ଟର ଶାରିଆ ଆପେଲେଟ୍ ବେଞ୍ଚ୍ ଘୋଷଣା କଲେ ଯେ, ପାକିସ୍ତାନରେ ବ୍ୟାଙ୍କଗୁଡ଼ିକ ଋଣ ଉପରେ ଯେଉଁ ସୁଧ ଆଦାୟ କରୁଛନ୍ତି, ତାହା ବେଆଇନ। ୧୯୯୯ ମସିହାରେ କୋର୍ଟ ନିଷ୍ପତ୍ତି ନେଲେ ଯେ ଏହି ଆଇନକୁ କାର୍ଯ୍ୟକାରୀ କରାଯିବ। ଅବଶ୍ୟ ଆଧୁନିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ମୂଳ ହେଉଛି ସୁଧ ଏବଂ ଯଦି ଆଇନ କାର୍ଯ୍ୟକାରୀ ହୋଇଥାନ୍ତା, ତେବେ ପାକିସ୍ତାନର ଅର୍ଥନୀତି ଭୁଶୁଡ଼ିପଡ଼ିଥାନ୍ତା। କିନ୍ତୁ ସୁଧ ନେବା ଯେ ଭୁଲ୍ ଏବଂ ଆଲ୍ଲା ତାହା ପସନ୍ଦ କରନ୍ତି ନାହିଁ, ଏହି ଚିନ୍ତାଧାରା ପାକିସ୍ତାନର ମୁସଲମାନ ସମାଜରେ ବଳବତ୍ତର ରହିଛି। ପାକିସ୍ତାନର ଏକଚ୍ଛତ୍ରବାଦୀ ଶାସକ ମୁଶରଫ କୋର୍ଟକୁ ସୁଧ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣରୁ ନିବର୍ତ୍ତାଇ ପାରିଥିଲେ। ତଥାପି ସୁଧବିରୋଧୀ ଚିନ୍ତାଧାରା ସେମିତି ବଳବତ୍ତର ରହିଛି। ୨୦୧୫ ମସିହାରେ ସୁଧ ବିରୋଧରେ ଆଉ ଏକ ବିଲ୍ ଗୃହୀତ ହୋଇଥିଲା। ଯେହେତୁ ସମ୍ବିଧାନରେ ଏହା ରହିଛି, ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ସମୟରେ କାହାରି ନା କାହାରି ଦ୍ୱାରା ଉଦ୍ୟମ ହେଉଥିବ।

ଭାରତର ସମ୍ବିଧାନ ହେଉଛି ଦକ୍ଷିଣ ଏସିଆରେ ଏକମାତ୍ର ଅଣ-ଗରିଷ୍ଠତାମୂଳକ ସମ୍ବିଧାନ, ଯାହା କୌଣସି ନିର୍ଦ୍ଦିଷ୍ଟ ଧର୍ମମତ ଓ ତା'ର ଅନୁଗାମୀମାନଙ୍କ ଅଧିକାରକୁ ଗୁରୁତ୍ୱ ଦିଏ ନାହିଁ। ଆମ ସମ୍ବିଧାନର ଧାରା ୪୮ରେ ଅଛି ଯେ, ଆମ ସରକାର ଆଧୁନିକ ଓ ବୈଜ୍ଞାନିକ ପଦ୍ଧତିରେ କୃଷି ଓ ପଶୁପାଳନକୁ ସଂଗଠିତ କରିବେ ଏବଂ ବିଭିନ୍ନ ପ୍ରଜାତିର ସୁରକ୍ଷା ଓ ଉନ୍ନତି କରିବା ସହ ଗାଈ ଓ ବାଛୁରିଙ୍କ ହତ୍ୟା ତଥା ଅନ୍ୟ ଦୁଧିଆଳୀ ଓ କ୍ଷୀର ଦେଉ ନ ଥିବା ଗୋମହିଷାଦି ପଶୁଙ୍କ ହତ୍ୟାକୁ ବନ୍ଦ କରିବେ। ଏଠାରେ ଦୁଇଟି ଜିନିଷ ଉଲ୍ଲେଖନୀୟ: ତାହା ହେଉଛି ଏକ ବୈଜ୍ଞାନିକ ଓ ଅର୍ଥନୈତିକ ପ୍ରଚେଷ୍ଟା ଯାହା ସହ ଧର୍ମର କୌଣସି ସମ୍ପର୍କ ନାହିଁ। ଦ୍ୱିତୀୟରେ ଦୁଧିଆଳୀ ପ୍ରାଣୀଙ୍କ ଭିତରେ ଉଭୟ ଗାଈ ଓ ମଇଁଷି ଅଛନ୍ତି ଏବଂ କ୍ଷୀର ଦେଉ ନ ଥିବା ପ୍ରାଣୀ କହିଲେ ହଳ କରୁଥିବା ଓ ଶଗଡ଼ ଟାଣୁଥିବା ଗୋରୁ ଓ ମଇଁଷିଙ୍କୁ ବୁଝାଏ। ସମ୍ବିଧାନରେ ଯାହା ଲେଖାଯାଇଛି, ତାହାର ଭାଷା ବୈଜ୍ଞାନିକ ଓ ଅର୍ଥନୈତିକ ହେଲେ ମଧ୍ୟ ସେଥିରେ କିଛି ଧାର୍ମିକ ବିଷୟ ରହିଛି। ପାକିସ୍ତାନ ଯେପରି ଧାରା ୨୮କୁ କାର୍ଯ୍ୟକାରୀ କରିପାରୁନାହିଁ, ଭାରତ ସେହିପରି ଧାରା ୪୮ର ଫାନ୍ଦରେ ପଡ଼ିଛି।

ଫେବୃୟାରୀ ୫ରେ ଏକ ଖବର ପ୍ରକାଶ ପାଇଲା ଯେ, ଗୋହତ୍ୟା ଅଭିଯୋଗରେ ମଧ୍ୟପ୍ରଦେଶରେ ତିନିଜଣ ମୁସଲମାନଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ଗିରଫ କରାଯାଇଛି। ଅପରାଧ ନ କରି ମଧ୍ୟ ଏନ୍‌ଏସ୍‌ଏରେ କୌଣସି ବ୍ୟକ୍ତିଙ୍କୁ ପ୍ରତିକାରାତ୍ମକ ଭାବେ ଜେଲରେ ଅଟକ ରଖାଯାଇପାରେ, ଯାହାଦ୍ୱାରା ସେ ଭବିଷ୍ୟତରେ କିଛି ଅପରାଧ କରିପାରିବ ନାହିଁ। ବିନା ବିଚାରରେ ଏପରି ବ୍ୟକ୍ତିଙ୍କୁ ଏକବର୍ଷ ଯାଏ ଜେଲରେ ରଖାଯାଇପାରେ। ଏହି ଘଟଣାରେ କେତେକ କଂଗ୍ରେସ ନେତା ଉଦ୍‌ବେଗ ପ୍ରକାଶ କରିଛନ୍ତି ଏବଂ ପ୍ରଶ୍ନ କରିଛନ୍ତି ଯେ ତା'ହେଲେ ଭାଜପା ଓ ତାଙ୍କ ଦଳ ଭିତରେ କ'ଣ ଫରକ ରହିଲା। ଏ ବିଷୟରେ ରାହୁଲ ଗାନ୍ଧୀଙ୍କୁ ପଚାରିବାରୁ ସେ ଚତୁରତାର ସହ କଥାକୁ ଏଡ଼େଇଦେଇ କହିଲେ ଯେ କଂଗ୍ରେସ ଶୀଘ୍ର ଆର୍‌ଏସ୍‌ଏସ୍ ଲୋକଙ୍କୁ ପଦପଦବୀରୁ ବାହାର କରିଦେବ।

ଫେବୃୟାରୀ ୮ ତାରିଖରେ ପୁଣି ଏକ ଖବର ପ୍ରକାଶ ପାଇଲା ଯେ, ମଧ୍ୟପ୍ରଦେଶରେ ଦୁଇଜଣ ଲୋକ- ଜଣେ ହିନ୍ଦୁ ଓ ଜଣେ ମୁସଲମାନଙ୍କୁ ବେଆଇନ ଗୋଚାଲାଣ ଅଭିଯୋଗରେ ଏନ୍‌ଏସ୍‌ଏରେ ଗିରଫ କରି ଜେଲରେ ରଖାଯାଇଛି। ଏଥିରୁ ଜଣାପଡୁଛି ଯେ, କଂଗ୍ରେସର ରାଜ୍ୟ ପ୍ରଶାସନ ଉପରେ ପୂରା ନିୟନ୍ତ୍ରଣ ନାହିଁ ଏବଂ ରାହୁଲ ଗାନ୍ଧୀ ଯାହା କହିଲେ ତାହା କାର୍ଯ୍ୟକାରୀ କରିବା କଷ୍ଟକର। ସରକାର ବଦଳିଲେ ପୂରା ରାଜ୍ୟଟା ବଦଳିଯିବ ନାହିଁ। ଆଇନ ଅଛି ଏବଂ ଲୋକଙ୍କ ମାନସିକତା ବି ବଦଳିନାହିଁ, ତେଣୁ ଅଫିସରମାନେ ସେହି ଅନୁଯାୟୀ କାର୍ଯ୍ୟ କରିବେ। ଅସଲ କଥା ହେଲା ମାମୁଲି ଅପରାଧ ପାଇଁ ସେମାନେ ଚରମ ଆଇନଗୁଡ଼ିକୁ ଲାଗୁ କରୁଛନ୍ତି। ୨୦୧୪ ଓ ୨୦୧୫ରେ ଏପରି ଘଟଣା ପାଇଁ ଅନେକ ହିଂସାକାଣ୍ଡ ଘଟିଥିଲା ଏବଂ ସେଥିପାଇଁ ଆମ ଦେଶ ବିଶ୍ୱ ଦରବାରରେ ବଦ୍‌ନାମ ହୋଇଥିଲା। ଏଭଳି ପରିସ୍ଥିତିରୁ ମୁକୁଳିବା ସହଜ ନୁହେଁ। ବିଚାରପତିମାନଙ୍କ ସମେତ ଅଧିକାଂଶ ଭାରତୀୟ ଧାରା ୪୮ର ବୈଜ୍ଞାନିକ ଓ ଅର୍ଥନୈତିକ ଦିଗକୁ ଦେଖନ୍ତି ନାହିଁ, ସମସ୍ତେ ଧାର୍ମିକ ଦିଗଟିକୁ ଦେଖନ୍ତି। ତେଣୁ ଧାର୍ମିକ ଚିନ୍ତାଧାରାବଶତଃ ଦଙ୍ଗା ହେବାର ଆଶଙ୍କା ଉପୁଜେ ଏବଂ ଏନ୍‌ଏସ୍‌ଏ ଲାଗୁ କରିବାର ଆବଶ୍ୟକତା ପଡ଼େ। ଏପରି କି ବୁଢ଼ୀ ଗାଈ ମଧ୍ୟ ଅର୍ଥନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାରପତି ମନେକରନ୍ତି କାରଣ ସେ ଗୋବର ଦେଉଛି। ବୋଧହୁଏ ପାକିସ୍ତାନ ପରି ଆମେ ମଧ୍ୟ ଚରମପନ୍ଥାକୁ ଏହିପରି ଆପଣେଇ ଚାଲିଥିବା।

Email: aakar.patel@gmail.com

# ଶାଗୁଣା ଓ ଭୋକିଲା ମଣିଷ



ପ୍ରକାଶ ତ୍ରିପାଠୀ

ଗତ ଜାନୁୟାରୀ ୧୦ ତାରିଖରେ ଗଣମାଧ୍ୟମଗୁଡ଼ିକରେ ଏକ ଚିନ୍ତା ଉଦ୍ରେକକାରୀ ଖବରଟିଏ ପ୍ରକାଶ ପାଇଥିଲା। ଖବରଟି ଥିଲା- ୮ହଜାର ଲୋକଙ୍କ ଖାଦ୍ୟକୁ ଫୋପାଡି ଦିଆଗଲା। ବନ୍ଦ ପାଳନ ଯୋଗୁ ଆହାର କେନ୍ଦ୍ରକୁ ଲୋକେ ଆସି ନ ପାରିବାରୁ ରନ୍ଧା ଖାଦ୍ୟ ବଳି ପଡିଥିଲା ଓ ଏହାକୁ ଏକ ଟ୍ରାକ୍ଟରରେ ନିଆଯାଇ ନିକଟସ୍ଥ ଏକ ଡମ୍ପିଂୟାର୍ଡରେ ଫୋପାଡି ଦିଆଯାଇଥିଲା। ଘଟଣାଟି ଘଟିଥିଲା ସମ୍ବଲପୁର ସହରର ଏକ ଆହାର କେନ୍ଦ୍ରରେ। ଚିନ୍ତା ଉଦ୍ରେକକାରୀ କଥାଟି ହେଲା ଗୋଟିଏ ପଟେ ଲୋକେ ଦୁଇଓଳି ପେଟପୂରା ଖାଇବାକୁ ପାଉ ନ ଥିଲା ବେଳେ ଅନ୍ୟ ପଟେ ହଜାର ହଜାର ଲୋକ ଖାଇଲା ଭଳି ଖାଦ୍ୟକୁ ଫିଙ୍ଗିଦିଆଯାଉଛି। କେବଳ ଏଭଳି ଘଟଣା ଓଡିଶାରେ ଘଟୁନାହିଁ, ବିଶ୍ୱସାରା ଏଭଳି ଅପରିଣାମଦର୍ଶୀ କାର୍ଯ୍ୟ ପ୍ରାୟତଃ ଘଟିଥାଏ। ବିଶେଷକରି ସମୃଦ୍ଧିଶାଳୀ ଦେଶଗୁଡିକରେ ଖାଦ୍ୟ ନଷ୍ଟର ମାତ୍ରା ଅଧିକ। ସେଥିପାଇଁ ଧନୀ ରାଷ୍ଟ୍ରଗୁଡିକ ଏ ଦିଗରେ ଯତ୍ନବାନ ହେବାକୁ ଅନ୍ତର୍ଜାତୀୟ ସମୁଦାୟରେ ଅଧିକ ଗୁରୁତ୍ୱାରୋପ କରାଯାଇଥାଏ।

ଏକ ସର୍ବେକ୍ଷଣରୁ ଜଣାପଡେ ଯେ ଧନୀ ରାଷ୍ଟ୍ରଗୁଡିକରେ ମୁଣ୍ଡ ପିଛା ବାର୍ଷିକ ହାରାହାରି ୯୫ରୁ ୧୧୫ କେଜି ଖାଦ୍ୟ ନଷ୍ଟ ହେଉଥିଲା ବେଳେ ଅପେକ୍ଷାକୃତ ଗରିବ ରାଷ୍ଟ୍ରଗୁଡିକରେ ଏହା ହାରାହାରି ୮ରୁ ୧୧ କେଜି ହୋଇଥାଏ। ଉତ୍ପାଦନ ହେଉଥିବା କୃଷିକ୍ଷେତ୍ରଠାରୁ ଆରମ୍ଭ କରି ଅମଳ ସମୟ, ପରିବହନ, ସଂରକ୍ଷଣ, ବିକ୍ରୟସ୍ଥଳ, ପ୍ରକ୍ରିୟାକରଣ ଓ ସର୍ବୋପରି ରନ୍ଧନସ୍ଥଳଗୁଡ଼ିକରେ ଫିଙ୍ଗାଯାଉଥିବା ଖାଦ୍ୟକୁ ଯଦି ରୋକାଯାଇପାରନ୍ତା, ତେବେ ବିଶ୍ୱରେ ଜଣେ ହେଲେ କେହି ଭୋକରେ ରୁହନ୍ତେ ନାହିଁ। ଏହା ବ୍ୟତୀତ ବାର୍ଷିକ ନଷ୍ଟ ହେଉଥିବା ୧୩୦ କୋଟି ଟନ ଖାଦ୍ୟ ଶସ୍ୟ ଉତ୍ପାଦନ ପାଇଁ ବ୍ୟବହୃତ ହେଉଥିବା ଜମି, ଜଳ, ସାର, ଔଷଧ, ଯାନ୍ତ୍ରିକ ଉପକରଣ, ପରିବହନ ଓ ପ୍ରସ୍ତୁତୀକରଣରେ ବ୍ୟୟ ହେଉଥିବା ଅର୍ଥ, ଶକ୍ତିର ମଧ୍ୟ ଅପଚୟକୁ ରୋକାଯାଇପାରନ୍ତା। ରନ୍ଧାଖାଦ୍ୟକୁ ନଷ୍ଟ ହେବାକୁ ନ ଦେବାକୁ ଇତିମଧ୍ୟରେ ଅନେକ ସାମାଜିକ ସଂଗଠନ ଅଣ୍ଟା ଭିଡିଲେଣି। ବିବାହ-ବ୍ରତ ଆଦି ଉତ୍ସବ, ହୋଟେଲ, ହଷ୍ଟେଲ ଓ ବିଭିନ୍ନ କାର୍ଯ୍ୟକ୍ରମରେ ବଳି ପଡୁଥିବା ଖାଦ୍ୟ ସାମଗ୍ରୀକୁ ସୁରକ୍ଷିତ ଭାବେ ସଂଗ୍ରହ କରି ତାକୁ ଗରିବ ବା ଭୋକିଲାଙ୍କୁ ବାଣ୍ଟି ଦେଉଥିବା ଦେଖାଯାଉଛି। ସରକାରୀ ସ୍ତରରେ ଏସବୁର ବ୍ୟବସ୍ଥା ନ ଥିବାରୁ କିଛି ବ୍ୟକ୍ତିବିଶେଷ, ସାମାଜିକ ଅନୁଷ୍ଠାନ ଏଭଳି ଏକ ମହତ୍ କାର୍ଯ୍ୟକୁ ହାତକୁ ନେଉଛନ୍ତି, ଯେପରି ମହୀଶୂରର ଅକ୍ଷୟ ଆହାର ଫାଉଣ୍ଡେଶନ। ଏହାର ପ୍ରତିଷ୍ଠାତା ରାଜେନ୍ଦ୍ର ଥରେ ଏକ ବନ୍ଧୁଙ୍କ ବିବାହ ଭୋଜିକୁ ଯାଇଥିଲେ। ସେଦିନ ଅକସ୍ମାତ୍ ବର୍ଷା ହୋଇଯିବାରୁ ଅନେକ ନିମନ୍ତ୍ରିତ ଅତିଥି ଭୋଜିସ୍ଥଳକୁ ଆସି ପାରି ନ ଥିଲେ। ଫଳରେ ଅନେକ ଲୋକଙ୍କ ଖାଦ୍ୟ ବଳି ପଡିଥିଲା। ଅନ୍ୟ ଉପାୟ ନ ପାଇ ସେହି ବଳିଥିବା ଖାଦ୍ୟକୁ ଭୋଜି ଆୟୋଜକ ଶେଷରେ ଏକ ଡଷ୍ଟବିନ୍‌ରେ ଫିଙ୍ଗି ଦେଇଥିଲେ। ରାଜେନ୍ଦ୍ର ଘରକୁ ଫେରୁଥିଲା ବେଳେ ଦେଖିଲେ ଯେ କିଛି ଛୋଟ ଛୋଟ ପିଲା ସେହି ଡଷ୍ଟବିନ୍‌ରେ ଫିଙ୍ଗାଯାଇଥିବା ଖାଦ୍ୟକୁ ସଂଗ୍ରହ କରି ସେମାନଙ୍କ ଘରକୁ ନେଉଛନ୍ତି। ଏହି ଘଟଣାଟି ତାଙ୍କ ମନକୁ ଆନ୍ଦୋଳିତ କଲା। ଗୋଟିଏ ପଟେ ପ୍ରଚୁର ଖାଦ୍ୟ ଅଛି। ଅଥଚ ଖାଇବାକୁ ଲୋକ ନାହାନ୍ତି ତ ଅନ୍ୟପଟେ ଖାଇବାକୁ ଲୋକ ଅଛନ୍ତି, ମାତ୍ର ଖାଦ୍ୟ ନାହିଁ। ଏହା ପରେ ସେ ତାଙ୍କର ଅକ୍ଷୟ ଆହାର ଫାଉଣ୍ଡେଶନ ଆରମ୍ଭ କଲେ ଯାହାର ସ୍ଲୋଗାନ ଥିଲା right to eat, not to waste. ବିଭିନ୍ନ ସ୍ଥାନରୁ ବଳକା ଖାଦ୍ୟ ସଂଗ୍ରହ କରିବା ଓ ତାକୁ ଭୋକିଲାଙ୍କୁ ପରଷିଦେବା ହୋଇଯାଇଥିଲା ତାଙ୍କ ଜୀବନର ବ୍ରତ। ସେହିପରି ବମ୍ବେର ଡବାବାଲା ଆସୋସିଏଶନ ଏହିଭଳି ଏକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି। ସହରର ବଳକା ଖାଦ୍ୟକୁ ନଷ୍ଟ ହେବାକୁ ନ ଦେଇ ତା'ର ସୁବିନିଯୋଗ କରୁଛି ଏହି ଆସୋସିଏଶନ ଦ୍ୱାରା ଆରମ୍ଭ କରାଯାଇଥିବା ରୋଟି ବ୍ୟାଙ୍କ କାର୍ଯ୍ୟକ୍ରମ। ବର୍ଷକୁ ପ୍ରାୟ ୨୦ ଲକ୍ଷ ଟଙ୍କାର ବଳକା ଖାଦ୍ୟକୁ ନଷ୍ଟ ହେବାକୁ ନ ଦିଆଯାଇ ଭୋକିଲାଙ୍କ ମୁହଁରେ ପରଷିଦିଆଯାଉଛି। ଯଦି କାହାର ଏକ ଉତ୍ସବରେ ଖାଦ୍ୟ ବଳିଯାଏ, ମାତ୍ର ଗୋଟିଏ ଫୋନ କଲ୍‌ରେ ରୋଟି ବ୍ୟାଙ୍କର ସ୍ୱେଚ୍ଛାସେବୀମାନେ ପହଞ୍ଚିଯାଆନ୍ତି ଓ ସୁରକ୍ଷିତ ଭାବେ ସଂଗ୍ରହ କରିନିଅନ୍ତି ବଳକା ଖାଦ୍ୟ। ସମ୍ପ୍ରତି ଦେଶର ଅନେକ ଛୋଟବଡ଼ ସହରରେ ଅନେକ ସ୍ୱେଚ୍ଛାସେବୀ ସଂଗଠନ ଏପରି ଏକ ମହତ୍ କାର୍ଯ୍ୟକୁ ଆପଣେଇବା ସହ ଭୋକିଲାଙ୍କ ମୁହଁରେ ହସ ଫୁଟାଇଲେଣି।

ଭୋକିଲା ମଣିଷ ଓ ଖାଦ୍ୟାଭାବ ସମ୍ପର୍କରେ ଏହି ଆଲେଖ୍ୟ ଲେଖିଲା ବେଳେ ମନେପଡେ ଗତ ନବେ ଦଶକରେ ଏକ ଭୋକିଲା ପିଲାର ଚିତ୍ରକୁ ନେଇ କିପରି ସମଗ୍ର ବିଶ୍ୱ ସ୍ତବ୍ଧ ହେବା ସହ ମାନବିକତାକୁ ନେଇ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ୧୯୯୩ ମସିହାରେ ଗୃହଯୁଦ୍ଧ ଓ ଦୁର୍ଭିକ୍ଷକୁ ନେଇ ସୁଦାନ ଚର୍ଚ୍ଚାରେ ଥିଲା। ଏହି ବର୍ଷ ସୁଦାନର ତତ୍କାଳୀନ ସ୍ଥିତି ଉପରେ ବିଶ୍ୱ ସମୁଦାୟର ଦୃଷ୍ଟିଆକର୍ଷଣ କରିବା ପାଇଁ ଜାତିସଂଘ ପକ୍ଷରୁ ଦକ୍ଷିଣ ଆଫ୍ରିକାର ଫଟୋଗ୍ରାଫର କେଭିନ କାର୍ଟରଙ୍କ ସହ କିଛି ସାମ୍ବାଦିକଙ୍କୁ ସେଠାକୁ ପଠାଯାଇଥିଲା। ଦକ୍ଷିଣ ସୁଦାନ ଗସ୍ତ ସମୟରେ ଏକ ମର୍ମଭେଦୀ ଦୃଶ୍ୟକୁ କେଭିନ ନିଜ କ୍ୟାମେରାରେ ବନ୍ଦୀ କରିଥିଲେ। ଗୋଟିଏ କଙ୍କାଳସାର ପିଲାଟିଏ ନିକଟସ୍ଥ ଏକ ଖାଦ୍ୟ ବଣ୍ଟନ କେନ୍ଦ୍ରକୁ ଚାଲି ନ ପାରି ଗୁରୁଣ୍ଡି ଗୁରୁଣ୍ଡି ଯାଉଥିଲା। ମାତ୍ର ଅନେକ ଦିନ ଧରି ଖାଇବାକୁ ପାଇ ନ ଥିବା ସେହି ପିଲାଟି ଆଉ ଗୁରୁଣ୍ଡି ନ ପାରି ଅଚେତ ପ୍ରାୟ ଭୂଇଁ ଉପରେ ହାମୁଡେଇ ହୋଇ ରହିଥିଲା ଓ ସେହି ପିଲାଟିର ମାତ୍ର କେଇଫୁଟ ଦୂରରେ ତା'ର ମୃତ୍ୟୁକୁ ଅପେକ୍ଷା କରି ବସିଥିଲା ଏକ ଶାଗୁଣା। ପିଲାଟି ଆଣ୍ଠେଇପଡି ରହିଥିବା ଓ ତା' ପଛରେ ଶାଗୁଣାଟିଏ ବସିଥିବା ଫଟୋଟି ଉତ୍ତୋଳନ କରିବା ପରେ ଶାଗୁଣାଟିକୁ ଦୂରକୁ ଘଉଡାଇ ଦେଇଥିଲେ କେଭିନ କାର୍ଟର, ମାତ୍ର ପିଲାଟିକୁ ଉଦ୍ଧାର କରିପାରି ନ ଥିଲେ। ସେ ମୃତପ୍ରାୟ ପିଲାଟିକୁ ସାଥିରେ ନେଇ ଆସିବା ପାଇଁ ପ୍ରସ୍ତୁତ ହେଉଥିଲା ବେଳେ ସାଥିରେ ଯାଇଥିବା ସହଯୋଗୀମାନେ ତାଙ୍କୁ ସେଥିରୁ ବାରଣ କରିଥିଲେ। ସହଯୋଗୀ ବନ୍ଧୁମାନେ ଆଶଙ୍କାପ୍ରକଟ କରିଥିଲେ ଯେ ଯଦି କେଭିନ ସେ ପିଲାଟିର ପାଖକୁ ଯିବେ, ତେବେ ସେ ପିଲାର ରୋଗ କେଭିନଙ୍କୁ ସଂକ୍ରମିତ ହେବା ସହ ସମସ୍ତ ଟିମ୍ ମେମ୍ବରମାନେ ବି ସେଥିରେ ଆକ୍ରାନ୍ତ ହୋଇଯିବେ। କେଭିନଙ୍କୁ ଧରି ତୁରନ୍ତ ହେଲିକପ୍ଟର ଯୋଗେ ସମସ୍ତେ ସେ ସ୍ଥାନ ପରିତ୍ୟାଗ କରିଥିଲେ ଆଉ କଙ୍କାଳସାର ପିଲାଟି ସେଠାରେ ପଡିରହିଥିଲା ମୃତ୍ୟୁକୁ ଅପେକ୍ଷାକରି। ସେହି ପିଲାଟି ସହ ଶାଗୁଣାର ଫଟୋଟି ନ୍ୟୁୟର୍କ ଟାଇମ୍ସର ମାର୍ଚ୍ଚ ୨୬, ୧୯୯୩ ସଂସ୍କରଣରେ ଯେତେବେଳେ ପ୍ରଥମ କରି ପ୍ରକାଶ ପାଇଲା, ସେତେବେଳେ ବିଶ୍ୱର ପ୍ରତି କୋଣରୁ କେଭିନଙ୍କ ଉପରେ ଶୁଭେଚ୍ଛା ଓ ପ୍ରଶଂସା ଅଜାଡି ହୋଇପଡିଲା। ପରେ ମାର୍ଚ୍ଚ ୩୦ ତାରିଖରେ ନ୍ୟୁୟର୍କ ଟାଇମ୍ସରେ ସୁଦାନର ଗୃହଯୁଦ୍ଧ ଓ ଭୋକିଲା ମଣିଷଙ୍କ ଉପରେ ଏକ ସ୍ୱତନ୍ତ୍ର ସମ୍ପାଦକୀୟ ପ୍ରକାଶ ପାଇଥିଲା, ଯାହାକୁ ପଢି ଶାଗୁଣା ସମ୍ମୁଖରେ ପଡ଼ିଥିବା ସେ ପିଲାଟିର କ'ଣ ହେଲା ବୋଲି ଅନେକ ପାଠକ ପ୍ରଶ୍ନ କରିଥିଲେ। ସେତେବେଳେ କେଭିନଙ୍କ ପାଖରେ ଏହାର କୌଣସି ଉତ୍ତର ନ ଥିଲା। ଏହି ବିରଳ ଫଟୋ ପାଇଁ ୧୯୯୪ରେ କେଭିନଙ୍କୁ ସମ୍ମାନଜନକ ପୁଲିତ୍‌ଜାର ପୁରସ୍କାର ତଥା ଆମେରିକାନ ମାଗାଜିନ ପକ୍ଷରୁ ପିକ୍‌ଚର ଅଫ୍ ଦି ଇୟର ପୁରସ୍କାରରେ ସମ୍ମାନିତ କରାଯାଇଥିଲା ସତ, ମାତ୍ର ଏହାର ଅଳ୍ପ କିଛି ଦିନ ପରେ ଅର୍ଥାତ୍ ଜୁଲାଇ ୨୭, ୧୯୯୪ରେ କେଭିନ କାର୍ଟର ଆତ୍ମହତ୍ୟା କରିଦେଲେ। ଆତ୍ମହତ୍ୟାର କାରଣ ବି ଅତି ମର୍ମଭେଦୀ। କେଭିନଙ୍କ ଫଟୋଟି ବିଶ୍ୱବ୍ୟାପୀ ଗଣମାଧ୍ୟମଗୁଡିକରେ ପ୍ରକାଶ ପାଇବା ପରେ ଅନେକ ବ୍ୟକ୍ତି ସେହି ଫଟୋକୁ ନେଇ ମତ ଦେଇଥିଲେ ଯେ, କେଭିନଙ୍କ ଫଟୋରେ ଗୋଟିଏ ଶାଗୁଣା ନୁହେଁ, ଦୁଇଟି ଶାଗୁଣା ଥିଲେ। ଗୋଟିଏ ଶାଗୁଣା ପିଲାଟିର ମୃତ୍ୟୁକୁ ଅପେକ୍ଷା କରିଥିଲା ଓ ଅନ୍ୟ ଶାଗୁଣାଟି ପିଲାଟିକୁ ମରିବାକୁ ଛାଡିଦେଇ ଆସିଲା। ଏହା ନିଃସନ୍ଦେହ ଯେ ଦ୍ୱିତୀୟ ଶାଗୁଣା ଭାବେ ଫଟୋଗ୍ରାଫର କେଭିନଙ୍କୁ ଦର୍ଶାଯାଇଥିଲା। ଏହି ଅଭିଯୋଗ, ନିନ୍ଦା ଓ ସମାଲୋଚନାକୁ ସହ୍ୟ କରି ପାରି ନ ଥିଲେ କେଭିନ ଓ ତାଙ୍କ ବିବେକ ବାରମ୍ବାର ଏହି ପ୍ରଶ୍ନ ପଚାରି ତାଙ୍କୁ କ୍ଷତାକ୍ତ କରିବାକୁ ଲାଗିଲା। ନିଜକୁ ଜଣେ ନିଷ୍ପାପ ଶିଶୁର ହତ୍ୟାକାରୀ ଭାବେ ଭାବି ଭାବି ସେ ମାନସିକ ସ୍ତରରେ ରୁଗ୍‌ଣ ହେବାକୁ ଲାଗିଲେ ଓ ଏହି ଦୁଶ୍ଚିନ୍ତାରୁ ନିଜକୁ ମୁକୁଳାଇ ନ ପାରି ଶେଷରେ ଆତ୍ମହତ୍ୟା କଲେ। କେଭିନଙ୍କ ଆତ୍ମହତ୍ୟା ପରେ ଅନେକ ଖବରକାଗଜ ତାଙ୍କୁ ଜଣେ ସଚ୍ଚା ମଣିଷ ଭାବେ ଚିତ୍ରଣ କରିଥିଲେ, ଯିଏ କି ଜଣେ ଭୋକିଲାକୁ ରକ୍ଷା କରି ନ ପାରିବାର ଆତ୍ମଗ୍ଲାନିରେ ଏ ସଂସାରରୁ ବିଦାୟ ନେଇଗଲେ। ଏଠାରେ ମନରେ ପ୍ରଶ୍ନ ଉଠେ, ଆମ ଚାରି କଡରେ ଏତେ ଭୋକିଲା ମଣିଷଙ୍କ ଗହଳି ଲାଗିଥିଲେ ମଧ୍ୟ ଆମକୁ ଏହା କାହିଁକି ଆନ୍ଦୋଳିତ କରୁନାହିଁ। ବିଶ୍ୱର ଅର୍ଦ୍ଧେକ ଧନସମ୍ପତ୍ତି ମାତ୍ର ୬ ଭାଗ ଲୋକଙ୍କ ପାଖରେ ମହଜୁଦ ଅଛି। ଯଦି ଏମାନଙ୍କ ମଧ୍ୟରୁ ୧ ଭାଗ ଲୋକ ଚାହିଁବେ, ପୃଥିବୀରେ ଗୋଟିଏ ବି ମଣିଷ ଗୋଟିଏ ଦିନ ବି ଖାଲିପେଟରେ ରହିବେ ନାହିଁ। କେଭିନଙ୍କ ଭଳି ଆମକୁ ବି କାହିଁକି ଶାଗୁଣା କୁହା ନ ଯିବ। ଯଦି ଆମ ପାଖରେ ବଳକା ଖାଦ୍ୟ ଥାଇ ବି ଆମ ଚାରିକଡରେ ଲୋକେ ଖାଲିପେଟରେ ଶୋଇବେ।

ମୋ-୯୪୩୭୨୩୨୪୬୩,
ଇମେଲ-prakas.tripathy09@gmail.com

# ଦୁଃସାହସିକା ଉଦ୍ୟୋଗୀ

## ବ୍ୟକ୍ତିତ୍ୱ



କିରଣ ମଜୁମଦାର ଶ

'ତୁମକୁ ଏକ ସୁନାର ପାତ୍ର ମିଳିଲେ ତାହାକୁ ନେଇ କ'ଣ କରିବ' ବୋଲି ୬ ବର୍ଷର ଜଣେ ଛାତ୍ରକୁ ଶିକ୍ଷକ ଏକ ପ୍ରବନ୍ଧ ଲେଖିବାକୁ ଦେଇଥିଲେ। ସେତେବେଳେ ଛାତ୍ର ଲେଖିଥିଲେ, ' ଯଦି ସେ ଏଭଳି ଏକ ସୁନାର ପାତ୍ର ପାଆନ୍ତି, ତାହା ହେଲେ ତାହାକୁ ସେ ତାଙ୍କ ପିଉସୀଙ୍କୁ ଦେଇଦେବେ। ତାହାକୁ ନେଇ ପିଉସୀଙ୍କ କମ୍ପାନୀ ଅତି ଦୁଃସାଧ୍ୟ ରୋଗ ପାଇଁ ଉତ୍ତମ ଔଷଧ ପ୍ରସ୍ତୁତ କରିପାରିବ'। ଆମେରିକାର କାଲିଫର୍ନିଆସ୍ଥିତ ବର୍କଲେଠାରେ ଗବେଷଣା କରୁଥିବା ଜଣେ ପିଏଚ୍‌ଡି ଛାତ୍ରଙ୍କ ଏହା ଥିଲା ସେତେବେଳର ଚିନ୍ତାଧାରା। ତେବେ ଯେଉଁ ପିଉସୀଙ୍କ ବିଷୟରେ ପ୍ରବନ୍ଧରେ ଉଲ୍ଲେଖ କରିଥିଲେ ସେ ହେଉଛନ୍ତି, ଔଷଧ ନିର୍ମାଣକାରୀ କମ୍ପାନୀ 'ବାୟୋକନ୍' ମୁଖ୍ୟ କିରଣ ମଜୁମଦାର ଶ। ୱାଶିଂଟନ ଡିସିସ୍ଥିତ ମର୍ଯ୍ୟାଦାଜନକ ଆମେରିକା ନ୍ୟାଶନାଲ ଏକାଡେମୀ ଅଫ୍ ଇଞ୍ଜିନିୟରିଂ (ଏନ୍‌ଏଇ)ର ସଦସ୍ୟା ହେବା ଭଳି ସମ୍ମାନ ମିଳିଥିବାରୁ କିରଣଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି। ଉଲ୍ଲେଖଯୋଗ୍ୟ ଯେ, ଏନ୍‌ଏଇରେ ବିଶ୍ୱର ଶ୍ରେଷ୍ଠ ଇଞ୍ଜିନିୟରମାନେ ଏହି ସଦସ୍ୟକୁ ନିର୍ବାଚିତ କରିଥାଆନ୍ତି। ଚଳିତବର୍ଷ ୨୦୦୦ ପ୍ରତିଭାଙ୍କ ମଧ୍ୟରୁ ୧୮ ଜଣ ବିଦେଶୀ ଫେଲୋଙ୍କୁ ନିର୍ବାଚିତ କରାଯାଇଛି, ଯେଉଁଥିରେ କିରଣ ପ୍ରଥମ ଭାରତୀୟ ମହିଳା ଭାବେ ଏହି ସୌଭାଗ୍ୟ ଅର୍ଜନ କରିଛନ୍ତି। ବିଲ୍ ଗେଟ୍ସଙ୍କ ଭଳି ବ୍ୟକ୍ତି ଥିବା ଏଭଳି ଖ୍ୟାତିସମ୍ପନ୍ନ କ୍ଲବରେ ସଦସ୍ୟା ହେବା ନିଶ୍ଚିତ ଭାବେ ଏକ ଗର୍ବର ବିଷୟ ବୋଲି ଏହି ଭାରତୀୟ ମହିଳା ଉଦ୍ୟୋଗପତି କହିଛନ୍ତି।

କର୍ଣ୍ଣାଟକର ବାଙ୍ଗାଲୋରଠାରେ କିରଣଙ୍କ ପିଲାଦିନ କଟିଛି। ତାଙ୍କ ପିତା ୟୁନାଇଟେଡ୍ ବ୍ରିଓରିଜ୍‌ରେ ମଦ ପ୍ରସ୍ତୁତି ପର୍ଯ୍ୟବେକ୍ଷକ ବା ବ୍ରିୱ୍ୱୋମାଷ୍ଟର ଥିଲେ। ବିଶପ୍ କଟନ ଗାର୍ଲସ ସ୍କୁଲରେ ପଢ଼ା ଶେଷ କରିବା ପରେ କିରଣ ବାଙ୍ଗାଲୋରସ୍ଥିତ ସେଣ୍ଟ୍ରାଲ କଲେଜକୁ ଯାଇଥିଲେ ଓ ସେ ପ୍ରାଣୀ ବିଜ୍ଞାନରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ସେ ଆଦ୍ୟ ଜୀବନ ବିଷୟରେ ଉଲ୍ଲେଖ କରିବା ବେଳେ ସ୍ମୃତି ରୋମନ୍ଥନ କରିଥାଆନ୍ତି। ପିତା ଜଣେ ସଚ୍ଚୋଟ ବ୍ୟକ୍ତି ହୋଇଥିବାରୁ ଜୀବନରେ ସତ୍‌ପଥରେ ଯିବାକୁ କହିଥିଲେ। କିରଣ ଡାକ୍ତରୀ ପଢ଼ିବାକୁ ଇଚ୍ଛା କରିଥିଲେ। କିନ୍ତୁ ଭେଲୋରସ୍ଥିତ ସେଣ୍ଟ ଜନ୍ସ ମେଡିକାଲ କଲେଜ ଏବଂ ଦାଭାଙ୍ଗିରିର ଜେଏମ୍‌ଏମ୍ ମେଡିକାଲ କଲେଜରେ ମେରିଟ୍‌ରେ ସିଟ୍ ପାଇ ନ ଥିଲେ। ସେଥିପାଇଁ ସେ ପିତାଙ୍କ ପାଖରେ ଅଳି କରିଥିଲେ ୧୦ ହଜାର ଟଙ୍କା ଦେଲେ ଡାଭାଙ୍ଗିରିରେ ଡାକ୍ତରୀ ପାଠ ପଢ଼ିପାରିବେ। ପିତା ସିଧାସିଧା ଏଭଳି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ଏତିକିରେ ମନକଷ୍ଟ କରି ସେ ପିତାଙ୍କୁ କହିଥିଲେ ଯେ, ଝିଅ ହୋଇଥିବାରୁ ତାଙ୍କୁ ଏଭଳି ସୁଯୋଗରୁ ବଞ୍ଚିତ କରାଗଲା। ତାଙ୍କ ସ୍ଥାନରେ ତାଙ୍କ ଭାଇ ରବି ହୋଇଥିଲେ ନିଶ୍ଚିତ ପଢ଼ିପାରିଥାଆନ୍ତା। ପିତା ତଥାପି ଜିଦ୍‌ରେ ଅଟଳ ଥିଲେ ଓ କହିଥିଲେ, କାହାରି ପାଇଁ ସେ ଏଭଳି କରିବେ ନାହିଁ। ଏହା ପରେ ସେ ତାଙ୍କ ଝିଅକୁ ବୁଝାଇଥିଲେ ନିଜ ପ୍ରତିଭାବଳରେ ଉପରକୁ ଉଠିବା ଦରକାର। ସେତିକି କଥା କିରଣଙ୍କୁ ଆଗକୁ ବଢ଼ିବା ପାଇଁ ଶକ୍ତି ଦେଇଥିଲା। ଏପରି କି ପିତା ତାଙ୍କୁ ଦୁଃସାହସିକ କ୍ୟାରିୟର ବାଛିବାକୁ ଉପଦେଶ ଦେଇଥିଲେ। ଫଳରେ ସେ ବ୍ରିୱ୍ୱେରିଂରେ କ୍ୟାରିୟର କରିବା ପାଇଁ ଅଷ୍ଟ୍ରେଲିଆର ବାଲାରାଟ୍ କ୍ଲାରେନ୍‌ଡନ୍ କଲେଜ ଯାଇଥିଲେ। ସେଠାରେ ବିଭିନ୍ନ ଦେଶରୁ ପଢୁଥିବା ୧୨ ଜଣଙ୍କ ମଧ୍ୟରେ ଥିଲେ ଏକମାତ୍ର ଝିଅ । ୧୯୭୫ରେ ସେଠାରୁ ସେ ସ୍ନାତକରେ ଟପ୍ ହେବାର ଗୌରବ ଅର୍ଜନ କରିଥିଲେ। ଭାରତ ଫେରିଆସି ଚାକିରି ଖୋଜିବା ବେଳେ ଜଣେ ଝିଅକୁ ମଦ ପ୍ରସ୍ତୁତକାରୀ କମ୍ପାନୀ ନିଯୁକ୍ତି ଦେବାକୁ ରାଜି ହୋଇ ନ ଥିଲେ। ଏହା ପରେ ସେ ବିଦେଶରେ ଚାକିରି କରିବା ପାଇଁ ମନ ବଳାଇଥିଲେ। ସଂଯୋଗବଶତଃ ସେହି ସମୟରେ ଆଇରିଶ୍ ଉଦ୍ୟୋଗୀ ଲେଜ୍ ଅଚିନ୍‌କ୍ଲସ୍ ତାଙ୍କ ବିଷୟରେ ଶୁଣିବାକୁ ପାଇଥିଲେ। ସେତେବେଳେ ଲେଜ୍‌ଙ୍କ ବାୟୋକନ୍ ବାୟୋକେମିକାଲ୍ସ ଭାରତରୁ କଞ୍ଚାମାଲ ଆମଦାନୀ କରୁଥିଲା। ଭାରତରେ ଏହାର ଶାଖା ପ୍ରତିଷ୍ଠା ପାଇଁ ସେ ସମ୍ଭାବ୍ୟ ପାର୍ଟନର ଚାହୁଁଥିଲେ। ସମୟକ୍ରମେ କିରଣ ୧୯୭୮ରେ ଭାରତରେ ବାୟୋକନ୍ ପ୍ରତିଷ୍ଠା କରିଥିଲେ। ତେବେ ଏତିକି ବାଟ ଆସିବା ପାଇଁ ତାଙ୍କୁ ବହୁ ଝଡ଼ଝଞ୍ଜା ସହିବାକୁ ପଡ଼ିଥିଲା। କେବଳ ମଦ ସମ୍ପର୍କିତ କମ୍ପାନୀରେ ସୀମିତ ନ ରହି ୧୯୯୮ରେ ବାୟୋଫାର୍ମାରେ ପାଦ ଥାପିଲେ। ସେହି ସମୟରେ ତାଙ୍କର ଭେଟ ହୋଇଥିଲା ଜନ୍ ଶ'ଙ୍କ ସହିତ। କିରଣଙ୍କ ବୈଜ୍ଞାନିକ ଚିନ୍ତାଧାରାରେ ପ୍ରଭାବିତ ହୋଇ ଜନ୍ ତାଙ୍କୁ ବିବାହ କରିଥିଲେ। ଏବେ ବାୟୋକନ୍ ବିଶ୍ୱର ଏକ ଅଗ୍ରଣୀ ବାୟୋଫାର୍ମା କମ୍ପାନୀ ଭାବେ ପ୍ରସିଦ୍ଧି ଲାଭ କରି ବିଭିନ୍ନ ଦୁରାରୋଗ୍ୟ ବ୍ୟାଧି ପାଇଁ ଔଷଧ ତିଆରି କରୁଛି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଡାକ୍ତରଙ୍କର ଏକ ଖାମଖିଆଲି ମନୋଭାବ ଯୋଗୁ ଜଣେ ରୋଗୀଙ୍କୁ ଅଯଥା ହଇରାଣ ହେବାକୁ ପଡିଛି। ସର୍ଜରି ପରେ ଜଣେ ରୋଗୀଙ୍କ ପେଟରେ ଡାକ୍ତର ଫୋର୍‌ସେପ (ଶଲ୍ୟ ଚିକିତ୍ସାରେ ବ୍ୟବହୃତ ସଣ୍ଡୁଆଶି) ଛାଡିଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅସ୍ତ୍ରୋପଚାର ହେବାର ୩ମାସ ପରେ ଏକ୍ସ-ରେ ହେବାରୁ ଏହା ଜଣାପଡ଼ିଛି। ସୂଚନା ଅନୁଯାୟୀ ୩ମାସ ତଳେ ଜଣେ ୩୩ ବର୍ଷୀୟା ମହିଳା ହାଇଦ୍ରାବାଦ୍‌ର ନିଜାମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍‌ରେ ସର୍ଜରି କରାଇଥିଲେ। ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହେବା ପରେ ତାଙ୍କ ତଳପେଟରେ ଯନ୍ତ୍ରଣା ହେଉଥିବା ସେ ଅଭିଯୋଗ କରିଥିଲେ। ୟା ମଧ୍ୟରେ ୩ମାସ ବିତିଗଲା। ପୁଣିଥରେ ସେ ହସ୍ପିଟାଲ୍ ଆସି ଏକ୍ସ-ରେ କରିବାରୁ ତାଙ୍କ ପେଟରେ ଏକ ଫୋର୍‌ସେପ୍ ଥିବା ଜଣାପଡ଼ିଥିଲା। ତାଙ୍କର ଆଉ ଏକ ସର୍ଜରି କରାଯାଇ ଶୁକ୍ରବାର ଉକ୍ତ ଫୋର୍‌ସେପ୍‌କୁ ବାହାର କରାଯାଇଥିଲା। ଉକ୍ତ ଘଟଣା ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ହୋଇଛି।

### ଚିରନ୍ତନୀ

ଜୀବନ ପରେ ଏ ଦେହ ହୁଏ
ଜଡ଼ହୁଁ ବେଶି ହୀନ
ଚିହ୍ନ ତାର ନ ରହେ କାହିଁ ଲେଶ,
ଅସୀମ କାଳ କରଇ ଖେଳ
ଆସଇ ନିଶିଦିନ
ନାହିଁ କି ଲୟ, ନାହିଁ କି ତା'ର ଶେଷ !

(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୦ ଫେବୃୟାରୀ ୧୯୯୪

- ଆଙ୍ଗୋଲାର ୟୁନିଟା ବିଦ୍ରୋହୀମାନଙ୍କ ପକ୍ଷରୁ ଦେଶର ଦକ୍ଷିଣାଞ୍ଚଳସହରକୁଇଟୋଉପରେବୋମାମାଡ଼ଓମୋର୍ଟାର ଦ୍ୱାରା ଆକ୍ରମଣ କରାଯିବା ଫଳରେ ୧୭୫ ଜଣଙ୍କ ମୃତ୍ୟୁ।
- ଏୟାର ଇଣ୍ଡିଆର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ୱାଇ.ସି. ଦେବେଶ୍ୱରଙ୍କ ଇସ୍ତଫା।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | | | 2 | | | | | | | | | A | 1 |
| | 2 | 7 | 4 | C | | | | | | | | D | | |
| B | 4 | 5 | | | | E | | | 3 | | | | | 8 |
| 0 | | | 5 | | | | 4 | | | B | 9 | C | | |
| | C | | | | E | | | | | 1 | | 0 | 9 | 4 |
| 3 | | | 6 | | | | | | A | | | | | |
| | | | 0 | | | | | 6 | | | C | 5 | 7 | 9 |
| | 6 | D | 7 | | | | | | 1 | 3 | 2 | | | |
| | | | | | 2 | 3 | E | | | 4 | | 8 | | C |
| 7 | | | | 9 | | 5 | | | | | D | | | 6 |
| | | | | 6 | 0 | | | | | | | | 2 | D |
| | | | 1 | | | A | D | | C | 9 | 7 | B | | |
| 5 | | 8 | | 7 | | | 0 | B | 4 | | | | 1 | |
| D | 3 | | A | | | | | | 6 | | | | | 5 |
| | | A | | | | | 1 | 2 | | | | 7 | 4 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | D | 3 | 1 | E | 6 | 4 | B | 8 | 5 | A | C | 0 | 9 | 2 |
| 9 | C | 0 | 7 | 3 | 8 | D | 6 | 2 | B | 1 | E | 5 | A | 4 |
| 4 | 1 | E | B | A | D | C | 5 | 0 | 9 | 6 | 2 | 7 | 3 | 8 |
| 8 | A | 6 | 5 | 2 | 0 | 1 | 9 | 3 | 4 | D | 7 | C | E | B |
| 5 | B | 2 | 9 | C | 4 | 7 | A | E | 0 | 3 | 8 | 1 | 6 | D |
| B | 3 | 8 | E | 0 | 9 | 5 | D | 1 | C | 2 | 4 | A | 7 | 6 |
| D | 9 | 4 | A | 8 | 1 | 2 | E | 7 | 6 | 0 | 3 | B | 5 | C |
| 0 | 6 | 5 | 2 | D | C | A | 3 | B | 7 | 9 | 1 | 8 | 4 | E |
| A | E | C | 4 | 7 | 3 | 9 | 8 | 6 | D | 5 | B | 2 | 0 | 1 |
| 1 | 2 | 7 | 6 | 5 | B | 0 | C | 4 | 8 | E | A | 3 | D | 9 |
| 6 | 8 | B | 0 | 9 | 2 | 3 | 7 | A | E | C | D | 4 | 1 | 5 |
| 3 | 5 | D | 8 | B | 7 | 6 | 2 | 9 | 1 | 4 | 0 | E | C | A |
| E | 0 | 9 | C | 4 | A | 8 | 1 | D | 2 | 7 | 5 | 6 | B | 3 |
| 2 | 4 | A | D | 1 | 5 | E | 0 | C | 3 | B | 6 | 9 | 8 | 7 |
| C | 7 | 1 | 3 | 6 | E | B | 4 | 5 | A | 8 | 9 | D | 2 | 0 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମୂଲ୍ୟହୀନ ସଂରକ୍ଷଣ

ମହାଶୟ,

କେନ୍ଦ୍ର ସରକାର ଉଚ୍ଚଜାତିର ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ୧୦% ସ୍ଥାନ ସଂରକ୍ଷଣ ଘାଷଣା କଲେ। କିନ୍ତୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି ୫୦%ରୁ ଅଧିକ ସଂରକ୍ଷଣ ହୋଇପାରିବ ନାହିଁ। ଆହୁରି ବିଡ଼ମ୍ବନାର କଥା, ବିପିଏଲ୍ ପାଇଁ ସରକାର ମାସିକ ୪୦୦/୫୦୦ ରୋଜଗାର କରୁଥିବା ପରିବାରକୁ ଚୟନ କରୁଥିବାବେଳେ ଏହି ୧୦% ସଂରକ୍ଷଣ ପାଇଁ ବାର୍ଷିକ ୮ ଲକ୍ଷ ବା ମାସକୁ ୬୫ ହଜାର ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ଆର୍ଥିକ ଦୁର୍ବଳ ଶ୍ରେଣୀରେ ଅନ୍ତର୍ଭୁକ୍ତ କରୁଛନ୍ତି। ସେ ବ୍ୟକ୍ତି ଆୟକର ମଧ୍ୟ ଦେଉଥିବ। ସରକାରଙ୍କର ଏହା ଏକ ପ୍ରବଞ୍ଚନା ନୁହେଁ କି ? ୪୦୦ରୁ ୫୦୦ ଟଙ୍କା ରୋଜଗାର କରୁଥିବା ଘରର ପିଲା ୬୫ ହଜାର ଟଙ୍କା ରୋଜଗାର କରୁଥିବା ଘରର ପିଲାଙ୍କ ସହିତ ପ୍ରତିଯୋଗିତା କରିପାରିବେ ତ ? ଉଚ୍ଚ ପଦପଦବୀରେ ଥିବା ଅନୁସୂଚିତ ଜାତି ଏବଂ ଜନଜାତିର ପିଲାଙ୍କ ସହିତ ସେହି ଜାତିର ଗରିବ ଘରର ପିଲା ପ୍ରତିଯୋଗିତାରେ ତିଷ୍ଠିପାରୁଛି କି ?

– ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ପୁରସ୍କାର ପ୍ରଦାନରେ ରାଜନୀତି

ପ୍ରତିବର୍ଷ ଭଳି ଚଳିତବର୍ଷ କଳା, ସାହିତ୍ୟ, ରାଜନୀତି, ସମାଜସେବା, ଗୋଷ୍ଠୀ ନେତୃତ୍ୱ ଏବଂ କ୍ରୀଡ଼ା ଆଦି କ୍ଷେତ୍ରରେ ଭାରତ ସରକାରଙ୍କ ତରଫରୁ ପଦ୍ମ ପୁରସ୍କାର ଦିଆଯାଇଥାଏ। ଚଳିତବର୍ଷ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭଉଣୀ ଗୀତା ମେହେଟ୍ଟାଙ୍କୁ ତାଙ୍କ ସାହିତ୍ୟ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ପୁରସ୍କାର ଦେବା ଲାଗି ଘୋଷଣା କରାଯାଇଥିଲା। କିନ୍ତୁ ସେଏହି ପୁରସ୍କାରକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେ କହିଥିଲେ, ଏହି ପୁରସ୍କାର ନେବା ଫଳରେ ତାଙ୍କ ଭାଇଙ୍କ ରାଜନୈତିକ ଜୀବନ ଉପରେ ପ୍ରଭାବ ପଡିପାରେ, ତେଣୁ ସେ ଏହି ପୁରସ୍କାର ନେବେ ନାହିଁ। କିଛିବର୍ଷ ହେଲା ଏହି ପୁରସ୍କାର ବନ୍ଦ ହୋଇଥିଲା। ଏହାର କାରଣ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ରାଜନୈତିକ ଫାଇଦା ପାଇଁ ଏହି ପୁରସ୍କାର ସେମାନଙ୍କ ମନୋନୀତ ବ୍ୟକ୍ତିଙ୍କୁ ଦେଇଥିଲେ। ଗୀତା ମେହେଟ୍ଟା ଜଣେ ଭଲ ସାହିତ୍ୟିକା। ତାଙ୍କର ଅନେକ ପୁସ୍ତକ ମଧ୍ୟ ପାଠକୀୟ ସ୍ୱୀକୃତି ଲାଭ କରିଛି। ତାଙ୍କୁ ପୁରସ୍କାର ପାଇଁ ଚୟନ କରାଯିବା ସ୍ୱାଗତଯୋଗ୍ୟ। କିନ୍ତୁ ଯଦି ଏହା ରାଜନୈତିକ ଉଦ୍ଦେଶ୍ୟରେ ଦିଆଯାଉଥାଏ, ଏହା ପୁରସ୍କାର କ୍ଷେତ୍ରରେ ଖରାପ ପ୍ରଭାବ ପକାଇବ।

–ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପୋଲିସର ଚଢ଼ାଉ, ମାଓବାଦୀ କ୍ୟାମ୍ପ ଧ୍ୱଂସ

■ ବିପୁଳ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଜବତ

**ମାଲକାନଗିରି,୯।୨(ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲା ପୋଲିସ ଚିନ୍ତାଗୁମ୍ଫା ଥାନା ଅନ୍ତର୍ଗତ ଦୁଲେରଗାଓଁ ଗ୍ରାମ ନିକଟରେ ମାଓବାଦୀଙ୍କ ଏକ ବଡ଼ ଧରଣର କ୍ୟାମ୍ପ ଚାଲିଥିବା ଖବର ପାଇ ଚଢ଼ାଉ କରିଥିଲା। ସିଆରପିଏଫ ୧୫୦ ବାଟାଲିୟନର ଯବାନ ଓ କୋବ୍ରା ୨୦୬ ବାଟାଲିୟନର ଯବାନମାନେ ଚଢ଼ାଉରେ ସାମିଲ ହୋଇଥିଲେ। ତେବେ ପୋଲିସ ଆସୁଥିବା ଜାଣିପାରି ମାଓବାଦୀମାନେ ଲୁଚି ପଳାଇଥିଲେ। ଯବାନମାନେ କ୍ୟାମ୍ପ ଉପରେ ଚଢ଼ାଉ କରି ଏହାକୁ ଧ୍ୱଂସ କରିଥିଲେ। କ୍ୟାମ୍ପରୁ ବିପୁଳ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଓ ମାଓବାଦୀଙ୍କ ବ୍ୟବହୃତ ସାମଗ୍ରୀ ପୋଲିସ ଜବତ କରିଛି ବୋଲି ସୁକ୍‌ମା ଏ.ଏସ.ପି. ସୁଲଭ ସିଂ କହିଛନ୍ତି। ସୂଚନାଯୋଗ୍ୟ ଯେ, ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ନିକଟସ୍ଥ ଜଙ୍ଗଲରେ ଗତ ଗୁରୁବାର ପୋଲିସ ମାଓବାଦୀ ମୁହାଁମୁହିଁ ହୋଇଥିଲେ। ପୋଲିସ ଗୁଳିରେ ୧୦ ମାଓବାଦୀ ନିହତ ହୋଇଥିଲେ।

### ଟିଏମ୍‌ସି ବିଧାୟକଙ୍କୁ ଗୁଳିକରି ହତ୍ୟା

**କ୍ରିଷ୍ଣନଗର,୯।୨(ପି.ଟି.):** ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଧାୟକ ସତ୍ୟଜିତ ବିଶ୍ୱାସଙ୍କୁ ଶନିବାର ସନ୍ଧ୍ୟାରେ କେତେଜଣ ଅଜଣା ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଛନ୍ତି। କ୍ରିଷ୍ଣନଗର ବିଧାୟକ ବିଶ୍ୱାସ ନଦିଆ ଜିଲାର ହଂସଖାଲି ଥାନା ଅନ୍ତର୍ଗତ ଫୁଲବାରିଠାରେ ଏକ ସରସ୍ୱତୀ ପୂଜା କାର୍ଯ୍ୟକ୍ରମ ଲାଗି ଉପସ୍ଥିତ ଥିବାବେଳେ ତାଙ୍କୁ ଗୁଳି କରାଯାଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ଶକ୍ତିନଗର ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ବିଶ୍ୱାସ ପଶ୍ଚିମବଙ୍ଗ ବିଧାନସଭାର ସର୍ବକନିଷ୍ଠ ବିଧାୟକ ଏବଂ ସେ ନିକଟରେ ବିବାହ କରିଥିଲେ। ଆକ୍ରମଣକାରୀମାନେ ଘଟଣାସ୍ଥଳରେ ରିଭଲଭର ଛାଡି ମୋଟରସାଇକେଲରେ ଫେରାର ହୋଇଯାଇଛନ୍ତି। ଦଳ ଭିତରେ ଅନ୍ତର୍ଦ୍ୱନ୍ଦ୍ୱ ବିଶ୍ୱାସଙ୍କ ହତ୍ୟାର କାରଣ ବୋଲି ଭାଜପା ରାଜ୍ୟ ସଭାପତି ଦିଲୀପ ଘୋଷ କହିଛନ୍ତି। ଅନ୍ୟପକ୍ଷରେ ଏହି ହତ୍ୟାକାଣ୍ଡ ପାଇଁ ଟିଏମ୍‌ପି ଭାଜପାକୁ ଦାୟୀ କରିଛି।

# କଲରାପତରିଆ ବାଘ ମୃତଦେହ ଠାବ



କଲରାପତରିଆ ବାଘର ମୃତଦେହ।

ଛେଣ୍ଡିପଦା, ୯।୨(ସ୍ୱ.ପ୍ର.)

ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ବନାଞ୍ଚଳ କଣଲୋଇ ସଂରକ୍ଷିତ ଜଙ୍ଗଲ ରଙ୍ଗମାଟିଆ ପର୍ବତ ପାଦଦେଶ କମ୍ପାର୍ଟମେଣ୍ଟ ୭ରୁ ଶନିବାର ଏକ କଲରାପତରିଆ ବାଘର ମୃତଦେହ ବନବିଭାଗ ଉଦ୍ଧାର କରିଛି। ବ୍ୟବଚ୍ଛେଦ ପରେ ବାଘ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ଦୁର୍ଗାଚରଣ ସାହୁ, ଏସିଏଫ୍ ଶ୍ରୀକାନ୍ତ ବେହେରା, ଫରେଷ୍ଟର କଳାକାର ପ୍ରଧାନ, ଫରେଷ୍ଟର ଦୀପକ କୁମାର ମହାନ୍ତି, ଫରେଷ୍ଟ ଗାର୍ଡ କମଳ ଲୋଚନ ପ୍ରଧାନ, ଦୀନବନ୍ଧୁ ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆଡିଶିନାଲ ପିସିସିଏଫ ଏବଂ ଅନୁଗୋଳ ସର୍କଲଙ୍କ ନିର୍ଦ୍ଦେଶ କ୍ରମେ ବାଘ ମୃତଦେହ ଅନୁଗୋଳ ସ୍ଥାନାନ୍ତର କରାଯିବାପରେ ସେଠାରେ ଓୟୁଏଟି ଓ ଅନୁଗୋଳ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ଅନୁଗୋଳ ବନଖଣ୍ଡ ଅଧିକାରୀ ଭି. କାର୍ତ୍ତିକ କହିଛନ୍ତି, ବାଘ ଦେହରେ କୌଣସି କ୍ଷତ ଚିହ୍ନ ନାହିଁ। ଡାକ୍ତରୀ ଟିମ୍ ରବିବାର ମୃତଦେହ ବ୍ୟବଚ୍ଛେଦ କରିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ରିପୋର୍ଟ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଅସ୍କାର ଲାଇବ୍ରେରିରେ ସ୍ଥାନ ପାଇବ ସୋନମଙ୍କ ଫିଲ୍ମ




ମୁମ୍ବାଇ

ସୋନମ କପୁରଙ୍କ ଅଭିନୀତ ଫିଲ୍ମ 'ଏକ ଲଡ୍‌କୀ କୋ ଦେଖା ତୋ ଐଶା ଲଗା' ଓସ୍କାର ଲାଇବ୍ରେରିରେ ସ୍ଥାନ ପାଇବାକୁ ଯାଉଛି। ଏକାଡେମି ଅଫ୍ ମୋଶନ୍ ପିକ୍ଚର ଆର୍ଟସ ଆଣ୍ଡ ସାଇନ୍‌ସେସ୍ (ଆମ୍ପାସ୍) ଦ୍ୱାରା ଏ ସମ୍ପର୍କରେ ବିଚାର ବିବେଚନା କରାଯାଉଛି। ଏହି ଖବର ଜାଣିବା ପରେ ସୋନମ୍ ଖୁବ୍ ଖୁସି ପ୍ରକାଶ କରିଛନ୍ତି। ଉକ୍ତ ଫିଲ୍ମର କାହାଣୀ ଏକ ସମକାମୀ ସମ୍ପର୍କକୁ ନେଇ ଗଢ଼ି ଉଠିଥିବା ବେଳେ ପରିବାର ଓ ସମାଜରେ ଏହା କିପରି ଗ୍ରହଣୀୟ ହୋଇପାରିବ ସେଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଖୁବ୍ ସଂଗ୍ରାମ କରିବାକୁ ପଡିଛି। ରିପୋର୍ଟ ଅନୁଯାୟୀ, ଉକ୍ତ ଫିଲ୍ମର ସ୍କ୍ରିନ୍‌ପ୍ଲେର ଗୋଟିଏ କପି ପଠାଇବା ପାଇଁ ଆମ୍ପାସ୍ ପକ୍ଷରୁ ଫିଲ୍ମ ନିର୍ମାତାଙ୍କୁ ଅନୁରୋଧ କରାଯାଇଛି।

ଏହି ଫିଲ୍ମ ତାଙ୍କ ପାଇଁ ସ୍ୱତନ୍ତ୍ରତା ବହନ କରିଛି ବୋଲି ସୋନମ କହିଛନ୍ତି। ସୋନମଙ୍କର ଏହା ହେଉଛି ପ୍ରଥମ ଫିଲ୍ମ ଯେଉଁଥିରେ ସେ ତାଙ୍କ ପିତାଙ୍କ ସହ ଅଭିନୟ କରିଛନ୍ତି। ଉକ୍ତ ଫିଲ୍ମକୁ ଦେଖି ଦର୍ଶକମାନେ ଯେଭଳି ପ୍ରଶଂସା ଅଜାଡିଛନ୍ତି ସେଥିପାଇଁ ସୋନମ ଅଭିଭୂତ ହୋଇପଡିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଭିନୟ କରିଛନ୍ତି ଅନିଲ କପୁର, ଜୁହି ଚାୱଲା, ରାଜକୁମାର ରାଓ। ଉକ୍ତ ଫିଲ୍ମ ବକ୍ସ ଅଫିସରେ ପାଖାପାଖି ୨୦କୋଟି ଟଙ୍କା ଆୟ କରିପାରିଛି।

## ରାଜ୍ୟକୁ ତଳିତଳାନ୍ତ କରିବା କଂଗ୍ରେସର ପ୍ରମୁଖ ଭୂମିକା

### ଧର୍ମେନ୍ଦ୍ରଙ୍କ ଅଭିଯୋଗ

ଭୁବନେଶ୍ୱର,୯।୨(ବ୍ୟୁରୋ)

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ପରିବାରର ୪ ପିଢ଼ି ରିମୋର୍ଟରେ ଦେଶକୁ ୫୫ ବର୍ଷ ଧରି ଶାସନ କଲେ । ଦେଶ ଭଳି ଓଡ଼ିଶାକୁ ତଳିତଳାନ୍ତ କରିବାରେ କଂଗ୍ରେସର ବଡ଼ ଭୂମିକା ରହିଛି । କୁମ୍ଭୀର କାନ୍ଦଣା କରୁଥିବା କଂଗ୍ରେସ ଦଳ ମିଛ ପ୍ରତିଶ୍ରୁତି ଦେବାରେ ସିଦ୍ଧହସ୍ତ । ତାଙ୍କଠାରୁ ଜନସାଧାରଣଙ୍କ କୌଣସି ଆକାଂକ୍ଷା ନ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେବଳ ଫମ୍ପା ଭାଷଣ ଦିଅନ୍ତି ନାହିଁ। ଅନୁରୂପ ଭାବେ ନିଜ ଦାୟିତ୍ୱକୁ କରି ଦେଖାଇଛନ୍ତି। ଗତ ୫ ବର୍ଷରେ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୦ ଲକ୍ଷରୁ ଅଧିକ ଘର ଦିଆଯାଇଛି। କିନ୍ତୁ ଯେଉଁମାନେ ୨୦୧୪ରେ ଗରିବ ଲୋକଙ୍କ ପାଇଁ ଘର ବନେଇବାକୁ ପ୍ରତିଶ୍ରୁତି ଦେଇଥିଲେ , ସେମାନେ ଆଜି ତାଙ୍କ ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ଗରିବ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୬ ହଜାର ଟଙ୍କା ଆସିବ ଏ କ'ଣ ରାଜ୍ୟ ସରକାର ଚାହୁଁନାହାନ୍ତି। ରାଜ୍ୟ ସରକାର କାଳିଆ ଯୋଜନାରେ ତାଙ୍କ ମନ୍ତ୍ରୀ ବିଧାୟକଙ୍କ ନାଁରେ ଟଙ୍କା ଦେବା ଠିକ୍ । ହେଲେ ନରେନ୍ଦ୍ର ମୋଦି ଓଡ଼ିଶାର ଲକ୍ଷାଧିକ ଗରିବଙ୍କୁ ସିଧାସିଧା ବ୍ୟାଙ୍କ ଖାତାରେ ଟଙ୍କା ପଠାଉଛନ୍ତି । ଚାଷୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ନିଷ୍ଠା ଥିଲେ କାଳବିଳମ୍ବ ନ କରି କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ଚାଷୀ ତାଲିକା ପଠାନ୍ତୁ। ନାଟକ ନ କରି କେନ୍ଦ୍ରର ସହଯୋଗୀ ହୁଅନ୍ତୁ । ଆମେ ବିନା ଦଲାଲି ମାଧ୍ୟମରେ ନରେନ୍ଦ୍ର ମୋଦିଙ୍କ ପଇସା ସିଧାସିଧା ଚାଷୀଙ୍କୁ ଦେବାକୁ ଚାହୁଁ ବୋଲି ସେ କହିଛନ୍ତି।

■ ବିଜେଡି କାଉନସିଲର ହତ୍ୟା ମାମଲା

## ଗୋଲକଙ୍କ ପରେ ହାଜର ହେଲେନି ଭୃଗୁ

### ଓକିଲଙ୍କ ଜରିଆରେ ମାସେ ସମୟ ମାଗିଲେ

ଛତ୍ରପୁର,୯।୨(ଡି.ଏନ.ଏ.)

ଗଞ୍ଜାମ ଜିଲା ଛତ୍ରପୁର ଏନ୍‌ଏସିର ବହୁଚର୍ଚ୍ଚିତ ବିଜେଡି କାଉନ୍‌ସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାରେ ରାଜ୍ୟ ଭାଜପା ନେତା ଭୃଗୁ ବକ୍ସିପାତ୍ରଙ୍କୁ ଶନିବାର ଛତ୍ରପୁର ଥାନାରେ ହାଜର ହେବାକୁ ନୋଟିସ ହୋଇଥିଲା। ଅସୁସ୍ଥତା କାରଣ ଦର୍ଶାଇ ସେ ହାଜର ହୋଇନାହାନ୍ତି। ଶନିବାର ଭୃଗୁଙ୍କ ଓକିଲ ପାର୍ଥ ସାରଥି ନାୟକ ଛତ୍ରପୁର ଥାନାରେ ଏ ସମ୍ପର୍କିତ ଏକ ଚିଠି ଏସ୍‌ଡିପିଓ ରମେଶ ଚନ୍ଦ୍ର ସେଠୀଙ୍କୁ ଦେଇଥିଲେ । ଥାନାରେ ହାଜର ହେବାକୁ ଏକମାସ ସମୟ ଦେବାକୁ ଭୃଗୁଙ୍କ ପକ୍ଷରୁ ଉକ୍ତ ଚିଠି ଜରିଆରେ ପୋଲିସକୁ ଅନୁରୋଧ କରାଯାଇଛି । ଚିଠି ସହ କଟକର ଏକ ଘରୋଇ ହସ୍ପିଟାଲର ଜଣେ ଡାକ୍ତରଙ୍କ ପ୍ରେସ୍‌କ୍ରିପଶନର ନକଲ ମଧ୍ୟ ଏସ୍‌ଡିପିଓଙ୍କୁ ଦିଆଯାଇଛି।

ପୂର୍ବରୁ ଭାଜପା ନେତା ଗୋଲକ ପ୍ରସାଦ ମହାପାତ୍ର ମଧ୍ୟ ଅସୁସ୍ଥତା କାରଣ ଦର୍ଶାଇ ଥାନାରେ ହାଜର ହୋଇ ନ ଥିଲେ। ଗୋଲକଙ୍କୁ ୭ରେ ଏବଂ ଭୃଗୁଙ୍କୁ ୯ ତାରିଖରେ ଛତ୍ରପୁର ଥାନାରେ ହାଜର ପାଇଁ ପୋଲିସ ପକ୍ଷରୁ ଜାନୁୟାରୀ ୨୮ରେ ନୋଟିସ୍ କରାଯାଇଥିଲା।

ପ୍ରକାଶ ଯେ, ଲକ୍ଷ୍ମୀଦତ୍ତଙ୍କୁ ତାଙ୍କ ଘର ଆଗରେ ୨୦୧୭ ସେପ୍ଟେମ୍ବର ୧୬ରେ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା । ଏହି ମାମଲାରେ ସମ୍ପୃକ୍ତ ୧୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଜାମିନ୍ ମିଳିସାରିଛି। ଭୃଗୁ ଆସିଲେ ତାଙ୍କୁ ଜେରା କରିବା ପାଇଁ ପୂର୍ବାହ୍ନରୁ ଛତ୍ରପୁର ଥାନାରେ ଏସ୍‌ଡିପିଓ ସେଠୀ, ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ଆର୍ଯ୍ୟପଲ୍ଲୀ ମେରାଇନ ଥାନା ଆଇଆଇସି ବିଶ୍ୱଜ କୁମାର ରାଉତ ଓ ରମ୍ଭା ଥାନା ଆଇଆଇସି କୃଷ୍ଣଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ। ଗୋଲକ ଓ ଭୃଗୁ ଥାନାରେ ହାଜର ନ ହେବାରୁ ଏହି ମାମଲାର ତଦନ୍ତ ଆଉ ମାସେ ଗଡିଯିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ମାମଲାର ଚାର୍ଜଶିଟ୍ କୋର୍ଟରେ ଦାଖଲ କରାଯାଇଥିଲେ ହେଁ, ତଦନ୍ତ ଜାରି ରହିଛି।



ଏସଡିପିଓଙ୍କୁ ଭୃଗୁଙ୍କ ଚିଠି ପ୍ରଦାନ କରାଯାଇଛି।

ସୂଚନା ଥାଉକି, ଉଭୟ ଗୋଲକ ଓ ଭୃଗୁ ପୋଲିସର ସମ୍ଭାବ୍ୟ ଗିରଫଦାରିରୁ ବର୍ତ୍ତିବା ପାଇଁ ହାଇକୋର୍ଟରେ ଶୁକ୍ରବାର ଆଗୁଆ ଜାମିନ ପାଇଁ ଆବେଦନ କରିଛନ୍ତି।

## କୋଲକାତା ପୋଲିସ କମିଶନରଙ୍କୁ ସିବିଆଇର ୮ ଘଣ୍ଟା ଜେରା

ଶିଲଂ,୯।୨(ପି.ଟି.)



ରାଜୀବ କୁମାର

ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶନିବାର କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ୮ ଘଣ୍ଟା ଜେରା କରିଛି। କୁମାରଙ୍କ ସହ ତାଙ୍କ ଓକିଲ ବିଶ୍ୱଜିତ ଦେବ, ବରିଷ୍ଠ ଆଇପିଏସ୍ ଅଫିସର ଜାଭେଦ ଶମିମ୍ ଏବଂ ମୁରଲୀଧର ଶର୍ମା ପୂର୍ବାହ୍ନ ୧୧ଟାରେ ମେଘାଳୟ ରାଜଧାନୀ ଶିଲଂର ଓକ୍‌ଲ୍ୟାଣ୍ଡସ୍ଥିତ ସିବିଆଇ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ୩୦ ମିନିଟ ମଧ୍ୟରେ କୁମାରଙ୍କ ଓକିଲ ଏବଂ ଦୁଇ ଆଇପିଏସ୍ ଅଫିସରଙ୍କୁ ଚାଲିଯିବାକୁ କୁହାଯାଇଥିଲାବେଳେ ରାତି ୭ଟା ୩୦ ମିନିଟ ପର୍ଯ୍ୟନ୍ତ କୁମାରଙ୍କୁ ଚିଟଫଣ୍ଡ ପ୍ରମାଣ ନଷ୍ଟ କରିବାରେ ତାଙ୍କ ଭୂମିକା ନେଇ ଜେରା କରାଯାଇଥିଲା। ସିବିଆଇରେ ହାଜର ହୋଇ ସାରଦା ଚିଟ୍‌ଫଣ୍ଡ ମାମଲାରେ ବିଶ୍ୱସ୍ତତାର ସହ ତଦନ୍ତରେ ସହାୟତା କରିବା ଲାଗି ସୁପ୍ରିମକୋର୍ଟ ଗତ ମଙ୍ଗଳବାର କୋଲକାତା ପୋଲିସ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଯଥା ବିବାଦରୁ ବର୍ତ୍ତିବା ପାଇଁ ଶିଲଂରେ ଜେରା କରିବା ଲାଗି କୋର୍ଟ ପରାମର୍ଶ ଦେଇଥିଲେ। ତେବେ ତାଙ୍କୁ ଗିରଫ କରାଯାଇ ପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଦେଇଥିଲେ। ସିବିଆଇର ଅଭିଯୋଗ ଅନୁଯାୟୀ କୁମାରଙ୍କ ନେତୃତ୍ୱରେ ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ଏସ୍‌ଆଇଟି ତଦନ୍ତ ହେଉଥିଲାବେଳେ ସେ ଇଲେକ୍ଟ୍ରୋନିକ୍ ତଥ୍ୟ ପ୍ରମାଣରେ ଜାଲିଆତି କରି ଉକ୍ତ ଜାଲ୍ କାଗଜପତ୍ର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ ଧରାଇଥିଲେ। କୁମାରଙ୍କୁ ଜେରା କରିବା ଲାଗି ସିବିଆଇର ଅଧିକାରୀମାନେ ଗତ ୩ ତାରିଖରେ ତାଙ୍କ ବାସଭବନରେ ପହଞ୍ଚିବା ପରେ ସେଠାରେ ହାଇଡ୍ରାମା ଆରମ୍ଭ ହୋଇଯାଇଥିଲା। ସିବିଆଇ ଟିମ୍‌କୁ ସ୍ଥାନୀୟ ପୋଲିସ ଅଟକ ରଖିଥିଲା। ଫଳରେ ପୋଲିସ ଓ ସିବିଆଇ ଟିମ୍ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। କେନ୍ଦ୍ର ସରକାର ବିରୋଧୀଙ୍କୁ ଟାର୍ଗେଟ କରିବା ଲାଗି ସିବିଆଇର ଦୁରୁପଯୋଗ କରୁଥିବା ଅଭିଯୋଗରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ 'ସମ୍ବିଧାନ ବଞ୍ଚାଅ' ଦାବିରେ ମେଟ୍ରୋ ସିନେମା ଆଗରେ ଧାରଣାରେ ବସିଥିଲେ। ତାଙ୍କର ଧାରଣାକୁ କେତେକ ବିରୋଧୀ ଦଳ ସମର୍ଥନ ଜଣାଇଥିଲେ। ଏହାକୁ ନେଇ ରାଜନୀତି ଜୋର ଧରିଥିଲା। ସୁପ୍ରିମକୋର୍ଟଙ୍କ ରାୟକୁ ନୈତିକ ବିଜୟ ଦର୍ଶାଇ ମମତା ତୃତୀୟ ଦିନରେ ଧାରଣାରୁ ଉଠିଥିଲେ।

# ଏପ୍ରିଲ ୧ରୁ ଭିଏସ୍‌ଏସ୍ ଏୟାରପୋର୍ଟରୁ ଉଡ଼ିବ ସ୍ୱାଇସ୍ ଜେଟ୍

ଝାରସୁଗୁଡ଼ା ଅଫିସ,୯।୨

ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନବନ୍ଦରରୁ ଦେଶର ୩ ମହାନଗରକୁ ଉଡ଼ିବ ବିମାନ। ଏପ୍ରିଲ ପହିଲାରୁ ରାଜଧାନୀ ଦିଲ୍ଲୀ ସମେତ ହାଇଦ୍ରାବାଦ ଏବଂ କୋଲକାତାକୁ ସ୍ୱାଇସ୍ ଜେଟ୍ ବିମାନ ସେବା ଆରମ୍ଭ କରିବା ନେଇ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଥିବା ଭିଏସ୍‌ଏସ୍ ବିମାନବନ୍ଦର ନିର୍ଦ୍ଦେଶକ ସୁଦେଶ ଚୌହାନ କହିଛନ୍ତି। ସ୍ୱାଇସ୍ ଜେଟ୍ ଅଧିକାରୀ ଓ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ମଧ୍ୟରେ ହୋଇଥିବା ଆଲୋଚନାରୁ ଏହି ନିଷ୍କର୍ଷ ବାହାରିଛି। ଏଥିପାଇଁ ବିମାନ କମ୍ପାନୀର ଏକ ୮ ଜଣିଆ ପ୍ରତିନିଧି ଦଳ ଶନିବାର ଭିଏସ୍‌ଏସ୍ ବିମାନବନ୍ଦର ପରିଦର୍ଶନରେ ଆସିଛନ୍ତି। ଏହି ଟିମ୍‌ରେ ସ୍ୱାଇସ୍ ଜେଟ୍‌ର ରିଜିଓନାଲ ମ୍ୟାନେଜର ବ୍ରିଜେନ୍ଦ୍ର ସିଂ (କୋଲକାତା) ଏବଂ କ୍ୟାପ୍ଟେନ ଏ.ଏସ୍. ସିଂଙ୍କ ସମେତ ନୂଆଦିଲ୍ଲୀର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ। ଶନିବାର ବିମାନବନ୍ଦର ଅଧିକାରୀଙ୍କ ସହ ଦୁଇଟି ବୈଠକ ପରେ ଅନ୍ୟ ସେବା ଓ ସୁବିଧା ଯାଞ୍ଚ ପାଇଁ ଟିମ୍ ସଦସ୍ୟମାନେ ଟର୍ମିନାଲରେ ପହଞ୍ଚିଥିଲେ। ସେମାନେ ସୁରକ୍ଷା ବ୍ୟବସ୍ଥା, ବିମାନବନ୍ଦରରେ ଉପଲବ୍ଧ ଆନୁଷଙ୍ଗିକ ସୁବିଧା, ଭିତ୍ତିଭୂମି, ନିରାପତ୍ତା ପରଖିଥିଲେ। ସ୍ୱାଇସ୍ ଜେଟ୍ କମ୍ପାନୀର ବିଭିନ୍ନ ବିଭାଗର ବୈଷୟିକ ଅଧିକାରୀମାନେ ସମସ୍ତ ଦିଗ ଅନୁଧ୍ୟାନକରି ରିପୋର୍ଟ ସଂଗ୍ରହ କରିଛନ୍ତି। ଏଠାରୁ ସଂଗୃହୀତ ରିପୋର୍ଟ କମ୍ପାନୀ ନିକଟରେ ଦାଖଲ ହେବ ଏବଂ ତା' ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କମ୍ପାନୀର ବରିଷ୍ଠ ଅଧିକାରୀ କହିଛନ୍ତି। ସେହିପରି ଏୟାର ଇଣ୍ଡିଆର ସବ୍‌ସିଡାରି କମ୍ପାନୀ ସହ ଆଲୋଚନା ସରିଛି। ସେମାନେ ମଧ୍ୟ ରିପୋର୍ଟ ସଂଗ୍ରହ ପାଇଁ ମାର୍ଚ୍ଚରେ ଆସିବେ ବୋଲି ନିର୍ଦ୍ଦେଶକ ଚୌହାନ କହିଛନ୍ତି।

ଜାନୁୟାରୀ ୨୫ରେ ବହୁ ପ୍ରତୀକ୍ଷିତ ବିମାନ ସେବା ଉଡାନ୍-୩ ଅଧୀନ ରୁଟ୍ ଆୱାର୍ଡ କରାଯାଇଥିଲା। ଭିଏସ୍‌ଏସ୍ ବିମାନବନ୍ଦରରୁ ଭୁବନେଶ୍ୱର ସମେତ ଦେଶର ୬ ସ୍ଥାନକୁ ବିମାନ ଚଳାଚଳ ପାଇଁ ରୁଟ୍ ଘୋଷଣା ହୋଇଥିଲା। ତେବେ ୬ ରୁଟ୍ ମଧ୍ୟରୁ କୋଲକାତା, ହାଇଦ୍ରାବାଦ ଏବଂ ନୂଆଦିଲ୍ଲୀକୁ ବିମାନ ଚଳାଚଳ ପାଇଁ ସ୍ୱାଇସ୍ ଜେଟ୍ ମନୋନୀତ ହୋଇଥିଲା। ସେହିପରି ଝାରସୁଗୁଡ଼ାରୁ ଭୁବନେଶ୍ୱରକୁ ବିମାନ ଚଳାଚଳ ପାଇଁ ଆଲିଆନ୍ସ ଏୟାର/ଟର୍ବୋ ଆଭିଏଶନ୍, ମୁମ୍ବାଇକୁ ବିମାନ ଚଳାଚଳ ପାଇଁ ଜେଟ୍ ଏୟାର ୱେଜ୍ ଏବଂ ରାୟପୁରକୁ ବିମାନ ଚଳାଚଳ ପାଇଁ ଆଲିଆନ୍ସ ଏୟାର/ଟର୍ବୋ ଆଭିଏଶନ୍ ବିମାନ ସଂସ୍ଥାକୁ ରୁଟ୍ ଆୱାର୍ଡ କରାଯାଇଛି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ଦ୍ୱିତୀୟ ବିମାନବନ୍ଦର ଝାରସୁଗୁଡ଼ା ଭିଏସ୍‌ଏସ୍ ଏୟାରପୋର୍ଟ ଉଦ୍‌ଘାଟନ କରିଥିଲେ। ଉକ୍ତଦିନ ମୋଦି ଏହି ଏୟାରପୋର୍ଟରୁ ରାଜ୍ୟର ଉଡାନ୍ ସେବା ଶୁଭାରମ୍ଭ କରିଥିଲେ। ଏୟାର ଓଡ଼ିଶା ଉଡାନ ସ୍କିମ୍‌ରେ ବିମାନ ଚଳାଚଳ ପାଇଁ ଲାଇସେନ୍ସ ପାଇଥିଲା। ହେଲେ କମ୍ପାନୀର ବିଫଳତା କାରଣରୁ ଏବେ ବିମାନ ଚଳାଚଳ ବନ୍ଦ ରହିଥିବାବେଳେ ଲୋକେ ନିରାଶ ହୋଇଛନ୍ତି।

### ଝାରସୁଗୁଡ଼ାରେ କମ୍ପାନୀର ୮ ଜଣିଆ ଟିମ୍



ସ୍ୱାଇସ୍ ଜେଟ୍ ଏବଂ ଭିଏସ୍‌ଏସ୍ ବିମାନବନ୍ଦର ଅଧିକାରୀ।

# ବହୁ ମୂଲ୍ୟର ସରକାରୀ ଜମି ଜାଲିଆତି

କଟକ ଅଫିସ,୯।୨

କଟକ ସହରର ଛାତି ଉପରେ ଥିବା ବହୁ ମୂଲ୍ୟର ସରକାରୀ ଜମିକୁ ଜଣେ ବ୍ୟକ୍ତି ନାମରେ ରେକର୍ଡ କରାଯାଇଛି। ଏଭଳି ଜାଲିଆତିରେ ସାମିଲ ଅଛନ୍ତି ତହସିଲ ଓ ଜିଲା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟର ଅଧିକାରୀମାନେ। ଘଟଣା ସମ୍ପର୍କରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଦୁଇଦିନ ତଳେ ରାଜସ୍ୱ ବିଭାଗ ସଚିବଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ଆବଶ୍ୟକ ସ୍ଥଳେ ଏହାର ତଦନ୍ତ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ମାଧ୍ୟମରେ କରିବା ପାଇଁ ଜିଲାପାଳ ଚିଠିରେ ଉଲ୍ଲେଖ କରିଛନ୍ତି। ଘଟଣାରୁ ଜଣାପଡ଼ିଛି ଯେ, ବିଜୟ କୁମାର କାନୁନ୍‌ଗୋ ନାମକ ଜଣେ ବ୍ୟକ୍ତି ଗତ ନଭେମ୍ବର ୩ରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଇ-ଅଭିଯୋଗ ମାଧ୍ୟମରେ ଏହି ଜାଲିଆତି ସମ୍ପର୍କରେ ଜଣାଇଥିଲେ। ଜିଲା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ପକ୍ଷରୁ ବେଆଇନ ଭାବେ ସହରରେ ଥିବା ସିଲିଂ ସରପ୍ଲସ ଜମିକୁ ଜଣେ ବ୍ୟକ୍ତିଙ୍କ ନାମରେ ରେଜିଷ୍ଟ୍ରେଶନ କରି ଦେଇଥିବା କାନୁନ୍‌ଗୋ ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତାହାର ତଦନ୍ତ ପାଇଁ ନିର୍ଦ୍ଦେଶ ଆସିଥିଲା। କଟକ ସଦର ଉପଜିଲାପାଳ ଓ ଜିଲା ରାଜସ୍ୱ ଅଧିକାରୀ ଘଟଣାର ଯୁଗ୍ମ ତଦନ୍ତ କରିଥିଲେ। ଡିସେମ୍ବର ୨୬ରେ ଉକ୍ତ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦିଆଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ସହରର ଲାଲବାଗ ଥାନା ଅଧୀନ ସିଦ୍ଧେଶ୍ୱର ସାହି ଅଞ୍ଚଳରେ ଦୁଇ ଏକର ୨୨୧ ଡେସିମିଲ ସରକାରୀ ଜମି ଉପରେ ଅର୍ବାନ୍ ଲ୍ୟାଣ୍ଡ ସିଲିଂ ଆଣ୍ଡ ରେଗୁଲାର ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ ହୋଇଥିଲା। କାରଣ ଜଣେ ବ୍ୟକ୍ତି ଏହି ଜମି ଦଖଲ କରି ମାଲିକାନା ଦାବି କରିବାରୁ ଏହି ମାମଲା ରୁଜୁ ହୋଇଥିଲା। ମାତ୍ର ମାମଲା ପରେ ଉକ୍ତ ଜମିକୁ ୧୯୮୩ ଜାନୁୟାରୀ ୨୧ରେ ସରକାରୀ ବିଜ୍ଞପ୍ତି ମାଧ୍ୟମରେ ସିଲିଂ ସରପ୍ଲସ ଭାବେ ଘୋଷଣା କରାଯାଇଥିଲା। ତୁରନ୍ତ ଏହି ଜମିକୁ ସରକାରୀ ଦଖଲକୁ ନେବା ପାଇଁ ମଧ୍ୟ ସରକାରଙ୍କ ପକ୍ଷରୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅନୁଯାୟୀ, ୧୯୮୩ ଫେବୃୟାରୀ ୯ରେ କଟକ ସଦର ତହସିଲଦାରଙ୍କୁ ଜମିକୁ ଦଖଲକୁ ନେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଏପରିକି ଜମିର ନକ୍ସା ପ୍ରସ୍ତୁତ କରାଯାଇ ସବ୍‌ରେଜିଷ୍ଟର କାର୍ଯ୍ୟାଳୟକୁ ୨୦୦୨ ଏପ୍ରିଲ ୩୧ରେ ଦିଆଯାଇଥିଲା। ଯଦ୍ୱାରା ଜମିକୁ ଯେପରି କେହି ଦଖଲ କରି ଦାବିଦାର ବୋଲି ଘୋଷଣା ନ କରନ୍ତି ସେଥିପ୍ରତି ଧ୍ୟାନଦେବାକୁ ମଧ୍ୟ ବ୍ୟବସ୍ଥା ହୋଇଥିଲା। ମାତ୍ର ତହସିଲ ପ୍ରଶାସନ ପକ୍ଷରୁ ୨ ଏକର ୨୨୧ ଡେସିମିଲ ମଧ୍ୟରୁ ୧ ଏକର ୭୭୦ ଡେସିମିଲ ଜମିକୁ ଦଖଲକୁ ନିଆଯାଇଥିଲା। କିନ୍ତୁ ଉକ୍ତ ଜମିକୁ ସରକାରୀ ଖାତାଭୁକ୍ତ କରାଯାଇ ନ ଥିଲା। ଇତିମଧ୍ୟରେ ସେଟଲମେଣ୍ଟ ଅପରେଶନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସମୟରେ ଜାଲିଆତି କରାଯାଇ ସରକାରୀ ଖାତାଭୁକ୍ତ ହୋଇ ନ ଥିବା ଏକ ଏକର ୭୭୦ ଡେସିମିଲ ଜମିକୁ ଜଣେ ବ୍ୟକ୍ତିଙ୍କ ନାମରେ ରେକର୍ଡ କରି ଦିଆଯାଇଥିଲା। ୧୯୮୭ ସେଟଲମେଣ୍ଟ ଆଧାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ସ୍ୱତ୍ୱଲିପି ପ୍ରସ୍ତୁତ କରାଯାଇଥିଲା। ଏହା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ସଦର ତହସିଲରେ ଉକ୍ତ ଜମିର ମ୍ୟୁଟେଶନ ମଧ୍ୟ କରାଇ ନେଇଥିଲେ। ଏହି କାର୍ଯ୍ୟରେ ସବରେଜିଷ୍ଟର ଅଫିସ୍ ଓ ତହସିଲ ଅଫିସ ଅଧିକାରୀମାନଙ୍କର ଭୂମିକା ଥିବା ଯୁଗ୍ମ କମିଟି ନିଜ ତଦନ୍ତ ରିପୋର୍ଟରେ ଉଲ୍ଲେଖ କରିଥିଲା। କାରଣ, ତହସିଲ ପକ୍ଷରୁ ଜମିର ପୂର୍ବାପର ସ୍ଥିତି ତର୍ଜମା କରା ନ ଯାଇ ଏହିଭଳି କାର୍ଯ୍ୟ କରାଯାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଯେଉଁଥି ପାଇଁ ସରକାର ଏହି ଜମି ବାବଦରେ ବହୁ କୋଟି ଟଙ୍କା ହରାଇଥିବା ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଛି। ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଏଭଳି ଜାଲିଆତି ହୋଇଥିବା କଥାକୁ ସ୍ୱୀକାର କରିବା ସହିତ ରାଜସ୍ୱ ସଚିବଙ୍କୁ ଅବଗତ କରାଯାଇଥିବା କହିଛନ୍ତି।

**ୟୁକୋ ବ୍ୟାଙ୍କ**

ବ୍ରଜରାଜନଗର ଶାଖା
ରେଳ ଷ୍ଟେସନ୍ ସମ୍ମୁଖ, ପୋ : ବ୍ରଜରାଜନଗର
ଜିଲ୍ଲା : ଝାରସୁଗୁଡା - ୭୬୮୨୧୬ (ଓଡିଶା)

**ଦଖଲ ନୋଟିସ**

**(ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକିନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮)**

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା (ମାନ)ଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା (ମାନେ) ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଓ ୯ ଅନୁସାରେ କ୍ଷମତାପ୍ରାପ୍ତ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲ ନେଇଛନ୍ତି ।

ତେଣୁ ବିଶେଷତଃ ଋଣଗ୍ରହୀତା ଓ ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

**ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ**

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନୋଟିସ ଅନୁଯାୟୀ ବକେୟାରାଶିର ପରିମାଣ | ଡିମାଣ୍ଡ ନୋଟିସ୍/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତମାନେ : **ଶ୍ରୀ ଅଶୋକ କୁମର ପ୍ରଧାନ,** ପିତା : ପରମାନନ୍ଦ ପ୍ରଧାନ ଏବଂ **ଶ୍ରୀମତୀ ସତ୍ୟବତୀ ପ୍ରଧାନ,** ସ୍ୱାମୀ: ଶ୍ରୀ ଅଶୋକ କୁମର ପ୍ରଧାନ, ଉଭୟଙ୍କ ଠିକଣା ସା : ନୂଆଡିହି, ପୋ : ଗଣ୍ଡଘୋଡରା, ପୋ: ଗାନ୍ଧିଛକ, ଝାରସୁଗୁଡା, ପିନ୍ - ୭୬୮୨୧୬ | ୩୦.୦୯.୨୦୧୭ ସୁଦ୍ଧା **ଟ.୪,୪୭,୨୧୭.୩୫** + ତତ୍‌ପରବର୍ତ୍ତି ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୧୨.୦୯.୨୦୧୮ / ୦୪.୦୨.୨୦୧୯ | **ଶ୍ରୀ ଅଶୋକ କୁମର ପ୍ରଧାନଙ୍କ** ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.-୨, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୬୨୧/୬୯୭, ପ୍ଲଟ ନଂ.-୧୦୯/୮୫୪୧, କ୍ଷେତ୍ର: ଏକର୦.୦୨୮ ଡିସିମିଲି |
| ଋଣଗ୍ରହୀତା : **ମେସର୍ସ ଜୟ ହନୁମାନ ଅଟୋମୋବାଇଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଗୟା ପ୍ରସାଦ ସାହୁ,** ସା: ଗାନ୍ଧିଛକ, ଜିଲ୍ଲା: ଝାରସୁଗୁଡା, ପିନ୍: ୭୬୮୨୧୬/ **ଜାମିନଦାର: ଶ୍ରୀମତୀ ଡାଳିୟ ସାହୁ,** ସ୍ୱାମୀ: ଦୀନବନ୍ଧୁ ସାହୁ, ସା: ନୂଆଡିହି, ପୋ:ଗଣ୍ଡଘୋରା, ଜିଲ୍ଲା ଝାରସୁଗୁଡା, ପିନ୍ - ୭୬୮୨୧୬ | ୩୦.୦୯.୨୦୧୮ ସୁଦ୍ଧା **ଟ.୩୭,୨୪,୮୩୪.୬୮** + ତତ୍‌ପରବର୍ତ୍ତି ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୨୧.୧୧.୨୦୧୮ / ୦୪.୦୨.୨୦୧୯ | **ଶ୍ରୀ ଗୟା ପ୍ରସାଦ ସାହୁ,** ପିତା: ଦୀନବନ୍ଧୁ ସାହୁଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.-୨, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୬୨୧/୭୦୧, ପ୍ଲଟ ନଂ.-୨୧୭୫/୮୫୪୩, କ୍ଷେତ୍ର: ଏକର୦.୦୨୮ ଡିସିମିଲି |

ସ୍ଥାନ: ବ୍ରଜରାଜନଗର
ତାରିଖ : ୦୯.୦୨.୨୦୧୯

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

## ସଂକ୍ଷେପରେ

### ପୋଇପାଣି କ୍ରିକେଟ ଟୁର୍ନାମେଣ୍ଟ : ଗୌଡସୁଗୁଡା ଚାମ୍ପିୟନ

ବାରକୋଟ, ୯।୨ (ଡି.ଏନ.ଏ.) ଦେବଗଡ ଜିଲା ବାରକୋଟ ବ୍ଲକ ପୋଇପାଣିଠାରେ ୧୦ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳରେ ଗୌଡସୁଗୁଡା ଦଳ ବସାଲଇ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ଯୁବ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ଟୁର୍ନାମେଣ୍ଟର ବ୍ଲକର ସଭାପତି ରାକେଶ ବିଶ୍ୱାଳ, ସମ୍ପାଦକ ରାଜକିଶୋର ପରିଡାଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ ।

■ ହୀରାକୁଦ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ମନ ମୋହିଲା ହାସ୍ୟକବିତା, ସାଂସ୍କୃତିକ କାର୍ଯ୍ୟକ୍ରମ

ସମ୍ବଲପୁର/ହୀରାକୁଦ,୯।୨(ବ୍ୟୁରୋ/ଡି.ଏନ୍.ଏ.)
ହୀରାକୁଦ ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ସମ୍ବଲପୁରୀ, ଆଧୁନିକ ନୃତ୍ୟ, ଗୀତ ସହ ହାସ୍ୟକବି ଗୁଣରଞ୍ଜନ ସାଲିମାଙ୍କ ହାସ୍ୟ କବିତା ଦର୍ଶକଙ୍କ ମନ ମୋହିଥିଲା। ହୀରାକୁଦ ସୁବାସ ମଇଦାନରେ ଏହି ମହୋତ୍ସବ ଆୟୋଜନ କରାଯାଇଛି। ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇଥିଲେ। ସନ୍ଧ୍ୟା ୭ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଜେପୁର ଜାଇଫୁଲ ସାଂସ୍କୃତିକ ଅନୁଷ୍ଠାନର ପଞ୍ଚରସୀ, ଟିଟିଲାଗଡ଼ ଉତ୍କଳ କଳାକେନ୍ଦ୍ରର ଡାପ, ହୀରାକୁଦ ଥ୍ରମ୍ କ୍ରିଏଶନ୍ ଡ୍ୟାନ୍ସ ଏକାଡେମୀର ନୃତ୍ୟ ସମେତ ଭବାନୀପାଟଣା କଳିଙ୍ଗ ସାଂସ୍କୃତିକ ଅନୁଷ୍ଠାନ, ବୌଦ୍ଧ ବଉଳି କଳାପରିଷଦର କଳାକାରଙ୍କ ପ୍ରଦର୍ଶନ ବେଶ୍ ଆକର୍ଷଣୀୟ ହୋଇଥିଲା। ସେହିପରି ସମ୍ବଲପୁରୀ ଲୋକଗୀତିକାର ଲିଲିମା ମହାନ୍ତି ଓ ପ୍ରସନ୍ନ କୁମାର ଲୋକସଙ୍ଗୀତ ପରିବେଷଣ କରିଥିଲେ। ହଜାର ହଜାର ଦର୍ଶକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।



ଶନିବାର ହୀରାକୁଦ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ।

ଶନିବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ହିଣ୍ଡାଲ୍‌କୋ ପ୍ଲାଣ୍ଟ ମୁଖ୍ୟ ଜେ.ପି. ନାୟକ, ସମ୍ମାନିତ ଅତିଥି ଭାବେ ଭିମସାର ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀ, ହିଣ୍ଡାଲ୍‌କୋ ଏଚ୍‌ଆର୍ ମୁଖ୍ୟ କ୍ରିଷ୍ଣା ପାଢ଼ୀ ଯୋଗଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚତୁରୀ
ଯେଣିକି ଚାହିଁଲେ ତୋହରି କଥା ମୁଁ
ଭାବି ଭାବି ଯାଏ ବତୁରି ।**

ଯେ ଯାହାକୁ ମନପ୍ରାଣ, ହୃଦୟ ଦେଇ ଭଲ ପାଉଥାଏ, ସେ ତାହାକୁ ସବୁବେଳେ ଝୁରି ହେଉଥାଏ। ଶୟନେ ସ୍ୱପନେ ଜାଗରଣେ କେବଳ ତାହାରି କଥା ଭାବି ହେଉଥାଏ। ଆଖି ଆଗରେ କେବଳ ତାହାରି ମୁହଁ ନାଚି ଯାଉଥାଏ। ପ୍ରେମୀର ସାନ୍ନିଧ୍ୟ ପାଇବା ଆଶାରେ ଭାବି ଭାବି ଅଭିଭୂତ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରକୁ ଚୋର ଚିହ୍ନେ
ପୁରୁଣା ଚୋରକୁ ଚଉକିଆ ଚିହ୍ନେ ।**

ଚୋରର ହାବଭାବ, ଚାଲିଚଳଣ ତଥା ମତିଗତି ଆଉ ଗୋଟିଏ ଚୋର ପାଖରେ ଅଛପା ରହି ନ ଥାଏ। ଯିଏ ଚୋର ସିଏ ଆଉ ଗୋଟିଏ ଚୋରକୁ ଅତି ସହଜରେ ଜାଣିପାରିଥାଏ। ସେହିପରି ପୁରୁଣାରୁ ପୁରୁଣା ଚୋରକୁ କେବଳ ପୋଲିସ ହିଁ ବିନା ଦ୍ୱିଧାରେ ଚିହ୍ନିପାରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଆଜି ରଥକାଠ ଅନୁକୂଳ ପୂଜା

ପୁରୀ ଅଫିସ,୯।୨
ଆସନ୍ତା ଜୁଲାଇ ୪ ତାରିଖରେ ରଥଯାତ୍ରା। ତିନିରଥ ନିର୍ମାଣ ଲାଗି ପ୍ରଥମ ପର୍ଯ୍ୟାୟ ରଥକାଠ ଆସି ପହଞ୍ଚିସାରିଛି। ପରମ୍ପରା ଅନୁଯାୟୀ, ପବିତ୍ର ବସନ୍ତ ପଞ୍ଚମୀରେ ରଥକାଠ ଅନୁକୂଳ କରାଯିବ। ତେଣୁ ରବିବାର ୩ ଖଣ୍ଡ ୧୨ ଫୁଟିଆ ଧଉରା କାଠ ପୂଜା କରାଯିବ। ଏଥିପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଏହି କାଠ ରଖାଯାଇଛି। ସନ୍ଧ୍ୟା ସାଢେ ୭ଟାରେ ପୂଜା ପାଇଁ ଶୁଭଲଗ୍ନ ଧାର୍ଯ୍ୟ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସରସ୍ୱତୀଙ୍କୁ ପୂଜାର୍ଚ୍ଚନା ପରେ ରଥକାଠ ଅନୁକୂଳ ପୂଜା କରାଯିବ। ରାଜଗୁରୁଙ୍କ ସମେତ ଶ୍ରୋତ୍ରିୟ ବ୍ରାହ୍ମଣମାନେ ଫୁଲ, ଚନ୍ଦନ, ଧୂପ, ଦୀପ ଦେଇ ରଥକାଠ ପୂଜା କରିବେ। ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତ ବର୍ଷ ଆସିଥିବା କାଠ ମଧ୍ୟରୁ ୧୯୫ ଖଣ୍ଡ ବଳକା ରହିଛି। ତେଣୁ ଚଳିତବର୍ଷ ୬୭୦ ଖଣ୍ଡ କାଠ ଆସିବ। ଏଥିରୁ କଟକ ଖପୁରିଆସ୍ଥିତ ସ'ମିଲ୍‌କୁ ୩୦୪ ଖଣ୍ଡ ଏବଂ ୩୬୬ ଖଣ୍ଡ କାଠ ରଥ ଖଳାକୁ ଆସିବାକୁ ସ୍ଥିର ହୋଇଛି। ଗତ ୪ ତାରିଖରେ ପ୍ରଥମ ପର୍ଯ୍ୟାୟରେ ନୟାଗଡ଼ ବନଖଣ୍ଡ ଦଶପଲ୍ଲା ବନାଞ୍ଚଳରୁ ୨ଟି ଟ୍ରକ୍ ଯୋଗେ ୫୭ ଖଣ୍ଡ ଅସନ ଓ ଧଉରା କାଠ ଆସିଛି। ପରମ୍ପରା ଅନୁଯାୟୀ, ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ବସନ୍ତ ପଞ୍ଚମୀ ତିଥିରେ ଅନୁକୂଳ କରାଯାଇଥାଏ। ସେହିପରି ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହେବାର ବିଧି ରହିଛି।

# ଜିଲା ସ୍କୁଲରେ ପ୍ଲାଷ୍ଟିକ ବର୍ଜନ ସଚେତନତା


ଶନିବାର ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପକ୍ଷରୁ ଜଣେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ସମ୍ବଲପୁର,୯।୨(ବ୍ୟୁରୋ)
ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲରେ ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ଲାଷ୍ଟିକ ବ୍ୟବହାର କଲେ ପରିବେଶ ଉପରେ ତାହାର କିପରି କୁପ୍ରଭାବ ପଡୁଛି ସେ ଉପରେ ପ୍ରତିଯୋଗିତା ହୋଇଥିଲା। ସିନିୟର ବିଭାଗରେ ପ୍ରତୀଶ ଦାସ, ଅମିତ ପ୍ରଧାନ, ମହମ୍ମଦ ନାସୁର୍ଦ୍ଦିନ ସବ୍‌ଜୁନିୟର ବିଭାଗରେ ସବା ପରବିନ୍, କ୍ରିଷ୍ଟା ବିରିହା, କାହ୍ନା ବଗର୍ତ୍ତି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣ ସଭାରେ ମହାନଗର ନିଗମ ଅତିରିକ୍ତ କମିଶନର ସୁଧାଂଶୁ ଭୋଇ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଭିକ୍ସନ୍ ଅଧିକାରୀ ଶୁଭଙ୍କର ମହାନ୍ତି ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।



ଶନିବାର ସମ୍ବଲପୁର ମୁଦିପଡ଼ା ପାଣିଟାଙ୍ଗିରେ ରଙ୍ଗ ଲଗାଯାଉଛି।

# ପୋଲିସର ଚଢ଼ାଉ, ମାଓବାଦୀ କ୍ୟାମ୍ପ ଧ୍ୱଂସ

■ ବିପୁଳ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଜବତ

ମାଲକାନଗିରି,୯।୨(ଡି.ଏନ.ଏ.)
ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲା ପୋଲିସ ଚିନ୍ତାଗୁମ୍ଫା ଥାନା ଅନ୍ତର୍ଗତ ଦୁଲେରଗାଁ ଗ୍ରାମ ନିକଟରେ ମାଓବାଦୀଙ୍କ ଏକ ବଡ଼ ଧରଣର କ୍ୟାମ୍ପ ଚାଲିଥିବା ଖବର ପାଇ ଚଢାଉ କରିଥିଲା। ସିଆରପିଏଫ ୧୫୦ ବାଟାଲିୟନର ଯବାନ ଓ କୋବ୍ରା ୨୦୬ ବାଟାଲିୟନର ଯବାନମାନେ ଚଢାଉରେ ସାମିଲ ହୋଇଥିଲେ। ତେବେ ପୋଲିସ ଆସୁଥିବା ଜାଣିପାରି ମାଓବାଦୀମାନେ ଲୁଚି ପଳାଇଥିଲେ। ଯବାନମାନେ କ୍ୟାମ୍ପ ଉପରେ ଚଢ଼ାଉ କରି ଏହାକୁ ଧ୍ୱଂସ କରିଥିଲେ। କ୍ୟାମ୍ପରୁ ବିପୁଳ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଓ ମାଓବାଦୀଙ୍କ ବ୍ୟବହୃତ ସାମଗ୍ରୀ ପୋଲିସ ଜବତ କରିଛି ବୋଲି ସୁକ୍‌ମା ଏ.ଏସ.ପି. ସୁଲଭ ସିଂ କହିଛନ୍ତି। ସୂଚନାଯୋଗ୍ୟ ଯେ, ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ନିକଟସ୍ଥ ଜଙ୍ଗଲରେ ଗତ ଗୁରୁବାର ପୋଲିସ ମାଓବାଦୀ ମୁହାଁମୁହିଁ ହୋଇଥିଲେ। ପୋଲିସ ଗୁଳିରେ ୧୦ ମାଓବାଦୀ ନିହତ ହୋଇଥିଲେ।

■ କେଜିଏମ୍ଏନ୍ ହାଇସ୍କୁଲର ବାର୍ଷିକ ଉତ୍ସବ

# ସୁସ୍ଥ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ରହିଛି

ସମ୍ବଲପୁର,୯।୨(ବ୍ୟୁରୋ)
ସୁସ୍ଥ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଛାତ୍ର ସମୟରୁ ନିଜ ଭବିଷ୍ୟତ ଗଢ଼ିବା ପାଇଁ ସୁଯୋଗ ମିଳିଥାଏ। ଜଣେ ଭଲ ଛାତ୍ର ହେବା ସହ ଭଲ ମଣିଷ ହେବା ନିହାତି ଆବଶ୍ୟକ ବୋଲି ଶନିବାର ମହୁଲପାଲିସ୍ଥିତ କସ୍ତୁରବା ଗାନ୍ଧୀ ମାତୃ ନିକେତନ ହାଇସ୍କୁଲର ୩୭ତମ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡ. ସେବକ ତ୍ରିପାଠୀ, ମୁଖ୍ୟବକ୍ତା ଓଡ଼ିଆ ଅଧ୍ୟାପକ ଡ. ମନୋଜ କୁମାର ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ପୀତବାସ ସାହୁ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ କୁଳଧର ପ୍ରଧାନ ସଭାପତିତ୍ୱ କରିଥିଲେ। ଚିନ୍ତାମଣି ଭୋଇ ବାର୍ଷିକ ବିବରଣୀ ପାଠ କରିବା ସହ ଅତିଥିଙ୍କୁ ସ୍ୱାଗତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସସ୍ମିତା ପ୍ରିୟଦର୍ଶିନୀ, କ୍ଷୀରେଶ୍ୱରୀ ପ୍ରଧାନ, ଦେବେଶ ସାହୁ, ଯୋଶବନ୍ତ କର୍ଣ୍ଣ, ଧର୍ମେନ୍ଦ୍ର ଭୋଇ, ସରୋଜ ଅଟି, ଆଶିଷ ଭୋଇ, ଯସ୍ମିତା ବାରିକ, ସୁନୀତା ମୁଣ୍ଡା, ଭାର୍ଗବୀ ଠେଠୁଆର, ନିଶା ସୁନାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଲୋଶନ ପ୍ରଧାନ ଓ ଭୁବନେଶ୍ୱର ରଣାଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ବୀରେନ୍ଦ୍ର ମେଣ୍ଡୋଲି ଧନ୍ୟବାଦ ଅର୍ପଣ କରିଥିଲେ।


ଶନିବାର ସମ୍ବଲପୁର ଜିଲା ଫୁଲଝରନ କେଜିଏମ୍ଏନ୍ ହାଇସ୍କୁଲ ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ର।

ପଣ୍ଡରି କ୍ରିକେଟ ଟୁର୍ନାମେଣ୍ଟ

# ରାସନପୁରକୁ ହରାଇ ସାଜନ୍ ଇଲେଭେନ୍ ଚାମ୍ପିୟନ


ଶନିବାର ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ପଣ୍ଡରି କ୍ରିକେଟ ଟୁର୍ନାମେଣ୍ଟରେ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ସମ୍ବଲପୁର,୯।୨(ବ୍ୟୁରୋ)
ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଲିପିଣ୍ଡା ପଞ୍ଚାୟତ ପଣ୍ଡରି ଗ୍ରାମ ଖେଳପଡ଼ିଆରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ରାସନପୁରକୁ ହରାଇ ସାଜନ୍ ଇଲେଭେନ୍ ଚାମ୍ପିୟନ ହୋଇଛି। ରାସନପୁର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୪୩ ରନ ସଂଗ୍ରହ କରିଥିଲା। ସାଜନ୍ ଇଲେଭେନ୍ ଖେଳାଳିମାନେ ଧୂଆଁଧାର ବ୍ୟାଟିଂ କରି ମାତ୍ର ୪ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ବିଜେଡି ନେତା ଜୟଲାଲ ବେହେରା, ସରପଞ୍ଚ ଅରୁଣା ଭୋଇ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ବାଙ୍କ ଯୋଗଦେଇ ଖେଳାଳିମାନଙ୍କୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ସଞ୍ଜୟ ବିଶ୍ୱାଳ, କ୍ଷମାସାଗର ସାମର୍ଥ ମ୍ୟାଚ୍ ପରିଚାଳନା କରିଥିବାବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି
ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର୍
7827094474
7827246964
Add : - 41/14, Sec-1 Pushp Vihar, Delhi

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପୁରୀ ରାମକୃଷ୍ଣ ମିଶନ ଆଶ୍ରମରେ ଆସନ୍ତା ଶିକ୍ଷାବର୍ଷ (୨୦୧୯-୨୦) ଅଷ୍ଟମ ଶ୍ରେଣୀ ଏବଂ ନବମ ଶ୍ରେଣୀରେ (limited seats) ଆଦିବାସୀ ଛାତ୍ର ଗ୍ରହଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।
ଜମା କରିବା ଶେଷ ତାରିଖ: ୧୦।୦୩।୨୦୧୯
ଫୋନ: ୦୬୭୫୨-୨୩୨୪୦୭

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା।
Mahaveer Nagar, Lewis Road, Bangalore
7325861595

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452



ଲେଖନୀ ଓ ତରବାରୀ ଉଭୟ ଶକ୍ତିଶାଳୀ, କିନ୍ତୁ ଲେଖନୀର ହିଁ ଜୟ ହୁଏ।

- ନେପୋଲିୟନ୍

## ସଂକ୍ଷେପରେ

### ବିଜୁ ଯୁବବାହିନୀର ବୈଠକ

**କୁଚିଣ୍ଡା,୯।୨(ଡି.ଏନ୍.ଏ.)-** କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତ ବିଜୁ ଯୁବବାହିନୀର ବୈଠକ ଓ ବନ୍ଧୁମିଳନ ଶୁକ୍ରବାର ଭେଲୁଆଁପାଲ କୁସୁମତଲଠାରେ ଅନୁଷ୍ଠିତ ହୋଇଛି। ବିଜୁ ଯୁବବାହିନୀ ସଭାପତି ବିକାଶ ପୃଷ୍ଟେଟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବବାହିନୀର ବ୍ଲକ ସଂଯୋଜକ ଲମ୍ବୋଦର କୁମୁରା, ସମ୍ବଲପୁର ଜିଲା ଖବରଦାତା ସଂଘ ସାଧାରଣ ସମ୍ପାଦକ ସଞ୍ଜୟ ମିଶ୍ର, ସ୍ଥାନୀୟ ସରପଞ୍ଚ ରତ୍ନ କିଷାନ ଏବଂ ଗ୍ରାମର ପିଇଓ ଦୀପକ ପଟେଲ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ବିଜୁ ଯୁବବାହିନୀର କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସରକାରଙ୍କ ପୀଠା, କାଳିଆ ଇତ୍ୟାଦି ଯୋଜନାର ସଫଳ ରୂପାୟନରେ ଯୁବବାହିନୀ ସଦସ୍ୟଙ୍କ ଭୂମିକାକୁ ସମସ୍ତେ ପ୍ରଶଂସା କରିଥିଲେ। ହୁମାସିନୀ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

### ବସ୍-ଟ୍ରକ୍ ଧକ୍କା, ୨ ଆହତ

**ରେଢ଼ାଖୋଲ,୯।୨(ଡି.ଏନ୍.ଏ.)** ୫୫ନଂ ଜାତୀୟ ରାଜପଥର ରେଢ଼ାଖୋଲ ଥାନା ଅନ୍ତର୍ଗତ ଲୁହାପଙ୍କ ଗ୍ରାମ ନିକଟରେ ଶନିବାର ଅପରାହ୍ନରେ ଏକ ଘରୋଇ ବସ୍ ଓ କୋଇଲା ବୋଝେଇ ଟ୍ରକ୍ ମଧ୍ୟରେ ଧକ୍କା ଦେବାରୁ ବସ୍ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଫଳରେ ବସ୍‌ରେ ଥିବା ୨ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ ଢେଙ୍କାନାଳ ସଦର ଥାନା ଲୁଦୁନି ଗ୍ରାମର ଅଜ୍ୟ ସାହୁ ଓ ନରୋତ୍ତମ ସାହୁ ବୋଲି ଥାନା ଅଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଛି। ସୂଚନାନୁସାରେ ଓଡି୧୭-କେ୩୫୫୫ନଂ ଏହି ବସ୍ ନୂଆପଡ଼ାରୁ ଭୁବନେଶ୍ୱର ଯାଉଥିବା ବେଳେ ଅନୁଗୋଳ ପଟୁ ଆସୁଥିବା ଟ୍ରକ୍ ସହ ଧକ୍କା ହୋଇଥିଲା। ପୋଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରିଛି। ଟ୍ରକ୍ ଓ ବସ୍ ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି।

### ଘେନୁପାଲିରେ କଂଗ୍ରେସର ବୈଠକ

**ସମ୍ବଲପୁର,୯।୨(ବ୍ୟୁରୋ)** ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଘେନୁପାଲି ପଞ୍ଚାୟତରେ କଂଗ୍ରେସର ଏକ ବୈଠକ ଅନୁଷ୍ଠିତ ହୋଇଛି। ଦଳକୁ ମଜବୁଦ କରି କିପରି ନିର୍ବାଚନରେ ବିଜୟ ହାସଲ କରାଯିବ ସେ ଦିଗରେ କର୍ମୀ ଓ ନେତାମାନେ ନିଜ ନିଜ ମତ ପ୍ରକାଶ କରିଥିଲେ। ଆସଫ ଅଲ୍ଲି ଖାଁ, ଯୁଯୁମୁରା ଜୋନ-୧ ସଭାପତି ପରୀକ୍ଷିତ ନାୟକ, ପିସିସି ସଭ୍ୟା ସସ୍ମିତା ଦେହୁରୀ, ଲୋକ ସଭା ଯୁବ କଂଗ୍ରେସ ସଭାପତି ଆଶୁତୋଷ ସ୍ୱାଇଁ, ମିଡିଆ ପ୍ରଭାରୀ ଆଲୋକ ନାୟକ, କୈଳାସ ସାହୁ, ମୃତ୍ୟୁଞ୍ଜୟ ବାଙ୍କ, ଦଳଭଞ୍ଜନ ହାତୀ, ଲଳିତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଘେନୁପାଲି ପଞ୍ଚାୟତର ୧୫ ୱାର୍ଡର ସଭାପତି ଚୟନ କରାଯାଇଥିଲା। ସେହିପରି ସୁଷମା ଭୋଇଙ୍କୁ ପଞ୍ଚାୟତର ମହିଳା ସଭାପତି ଭାବେ ମନୋନୀତ କରାଯାଇଛି।

### ସମ୍ବଲପୁର ଜିଲାପାଳଙ୍କ ବଦଳି

**ସମ୍ବଲପୁର,୯।୨(ବ୍ୟୁରୋ)** ସମ୍ବଲପୁର ଜିଲାପାଳ ସମର୍ଥ ବର୍ମାଙ୍କ ଦଦଳି ହୋଇଛି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଚିଠି ନଂ ୪୧୬୮ରେ ତାଙ୍କ ବଦଳି ନିର୍ଦ୍ଦେଶ ଆସିଛି। ତାଙ୍କୁ ଭୁବନେଶ୍ୱର ମହାନଗର ନିଗମ କମିଶନର ଭାବେ ନୂଆ ନିଯୁକ୍ତି ମିଳିଛି। ତାଙ୍କ ସ୍ଥାନରେ ସମ୍ବଲପୁର ଜିଲାପାଳ ଭାବେ ଶୁଭମ ସକ୍ସେନାଙ୍କୁ ନିଯୁକ୍ତ କରାଯାଇଛି। ସକ୍ସେନା ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ କମିଶନର ଭାବେ କାର୍ଯ୍ୟ କରୁଥିଲେ। ବର୍ମା ସମ୍ବଲପୁର ଜିଲାପାଳ ଭାବେ ୨୦୧୬ ମେ ମାସରେ ଯୋଗଦେଇ ଏଠାରେ ଦକ୍ଷତାର ସହ କାମ କରିଥିଲେ। ସମସ୍ତ ବର୍ଗର ଲୋକଙ୍କ ସହ ମିଶି କାମ କରିଥିଲେ। ତାଙ୍କ ସମୟରେ ସମ୍ବଲପୁରରେ ଅନେକ ବିକାଶମୂଳକ କାମ ହୋଇଛି।

# ଆନ୍ତଃ ରାଜ୍ୟ ଗାଡ଼ି ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାଶ






ସମ୍ବଲପୁର ଟାଉନଥାନାରେ ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ ସହ ପୋଲିସ ଅଧିକାରୀ (ବାମ)। ସମ୍ବଲପୁର ଟାଉନଥାନାରେ ଜବତ ହୋଇଥିବା ଗାଡ଼ି।

- ୪ ଗିରଫ, ବିହାର ଗୟାରୁ ୩ ଗାଡ଼ି ଜବତ
- ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ପୋଲିସ
- ସ୍ଥାନୀୟ ଲୁଟେରାଙ୍କଠାରୁ ମିଳିଲା ସୁରାକ

**ସମ୍ବଲପୁର,୯।୨ (ବ୍ୟୁରୋ)**

ଜିଲାର ବିଭନ୍ନ ସ୍ଥାନରୁ ନିୟମିତ ୪ ଚକିଆ ଗାଡ଼ି ଚୋରି ହେଉଥିବା ଅଭିଯୋଗ ହେଉଥିଲା। ଏହି ଚୋରି ଗ୍ୟାଙ୍ଗକୁ ଧରିବା ପାଇଁ ଏସ୍‌ପି ସଞ୍ଜୀବ ଆରୋରାଙ୍କ ନିର୍ଦ୍ଦେଶକ୍ରମେ ଏକ ପୋଲିସ ଟିମ୍ ଗଠନ କରାଯାଇଥିଲା। ସ୍ଥାନୀୟ ଗାଡ଼ି ଲୁଟେରାଙ୍କଠାରୁ ସୁରାକ ପାଇ ଉକ୍ତ ଟିମ୍ ବିହାର ଗୟାରେ ଚଢ଼ାଉ କରିଥିଲା। ସେଠାରୁ ୩ଟି ଗାଡ଼ି ଜବତ କରାଯାଇ ଥିବାବେଳେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବିହାର ନାବାଡ଼ା ଜିଲାର ମୂଳବାସିନ୍ଦା ତଥା ସମ୍ବଲପୁର ବରେଇପାଲିରେ ରହୁଥିବା ରାଜେଶ ପ୍ରସାଦ ସିଂ (୩୬), ଗୟା ଟଙ୍କୁପାର ଉମେଶ ସିଂ (୪୨), ବୋଧଗୟାର ସୁରେଶ ପାଶୱାନ (୩୭) ଓ ସମ୍ବଲପୁର ଜିଲା ଧନୁପାଲି ଥାନା ମୋତିଝରନର ମହମ୍ମଦ ହାଇଦର (୨୬)। ଉମେଶଙ୍କ ନିକଟରୁ ଚୋରି ଗାଡ଼ିଗୁଡ଼ିକ ଉଦ୍ଧାର କରାଯାଇଛି। ମହମ୍ମଦ ହାଇଦର ଓ ଉମେଶ ଏହି ଗ୍ୟାଙ୍ଗର ମୁଖ୍ୟ ବୋଲି ପୋଲିସ ସୂଚନା ଦେଇଛି। ଜବତ ଗାଡ଼ିଗୁଡ଼ିକର ନମ୍ବର ହେଉଛି ଓଆର୍‌୧୪-ଏକ୍ସ୬୫୯୧ (ଇଣ୍ଡିକା), ଓଆର୍‌୧୬-ସି୨୨୬୨ (ବୋଲେରୋ) ଓ ଏକ ଜାଲ୍ ନମ୍ବର ଲେଖାଯାଇଥିବା ପିକ୍‌ଅପ୍ ଭ୍ୟାନ୍। ଶନିବାର ସମ୍ବଲପୁର ଟାଉନଥାନାରେ ଆୟୋଜିତ ଖବରଦାତା ସମ୍ମଳନୀରେ ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା ଏହି ସୂଚନା ଦେଇଛନ୍ତି। ଉଦ୍‌ଗାତା କହିଥିଲେ ଯେ ସମ୍ବଲପୁର ସହରରେ ଅଧିକାଂଶ ଗାଡ଼ି ଘର ବାହାରେ ପାର୍କିଂ କରାଯାଉଛି। ତେଣୁ ଏମାନଙ୍କୁ ଚୋରି କରିବା ସୁବିଧା ହେଉଥିଲା। ଗାଡ଼ି ଚୋରି କରାଯିବା ପରେ ରାତାରାତି ସେଗୁଡ଼ିକୁ ରାଜ୍ୟ ବହାରକୁ ପଠାଇ ଦିଆଯାଉଥିଲା। ମହମ୍ମଦ ହାଇଦରଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ମାମଲା ରହିଛି। ଅନ୍ୟପଟେ ଅଭିଯୁକ୍ତମାନେ ବିଭିନ୍ନ ଥାନା ଅଞ୍ଚଳରୁ ଗାଡ଼ି ଚୋରି କରିଛନ୍ତି। ତେଣୁ ପୋଲିସ ସେମାନଙ୍କୁ ରିମାଣ୍ଡର ଆଣିବ ବୋଲି ଉଦ୍‌ଗାତା ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିନଳୀରେ ଅନ୍ୟମାନଙ୍କ ମଧ୍ୟରେ ଅଇଁଠାପାଲି ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନ, ଧନୁପାଲି ଥାନା ଅଧିକାରୀ କମଳ ଲୋଚନ ପଣ୍ଡା, ଟାଉନଥାନା ଅଧିକାରୀ ରମେଶ ଚନ୍ଦ୍ର ଦୋରା ଉପସ୍ଥିତ ଥିଲେ।

## ସାମାଜିକ ସୁରକ୍ଷା ସ୍ୱଚ୍ଛତା ପାଇଁ ବୈଠକ

**ସମ୍ବଲପୁର,୯।୨(ବ୍ୟୁରୋ)**

ସମ୍ବଲପୁର ପାନ୍ଥନିବାସ ପ୍ରେକ୍ଷାଳୟରେ ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ଶତପଥୀ ଅଧକ୍ଷତା କରିଥିଲେ। ଜିଲାରେ ଉଚିତ ହିତାଧିକାରୀଙ୍କୁ କିଭଳି ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭର୍ତ୍ତା ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଏପରି କି ଅଯୋଗ୍ୟ ହିତାଧିକାରୀଙ୍କୁ କିଭଳି ତାଲିକାରୁ ବାଦ୍ ଦିଆଯିବ ସେ ନେଇ ସ୍ୱତନ୍ତ୍ର ଯାଞ୍ଚ ବ୍ୟବସ୍ଥା କରାଯିବ ବୋଲି ମତପ୍ରକାଶ ପାଇଥିଲା। ୯ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ଏହି ଅଡିଟ୍ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି।




ସାମାଜିକ ସୁରକ୍ଷା ସ୍ୱଚ୍ଛତା ଉପରେ ଅନୁଷ୍ଠିତ ବୈଠକରେ ମଞ୍ଚାସୀନ ଅଧିକାରୀ ଓ ଅନ୍ୟମାନେ।

କାଳିଆ ଯୋଜନାରେ ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଆବେଦନକାରୀ

# ଭୁଲ ତଥ୍ୟ ଦେଇଥିଲେ ହେବ କାର୍ଯ୍ୟାନୁଷ୍ଠାନ

**ସମ୍ବଲପୁର,୯।୨(ବ୍ୟୁରୋ)** ରାଜ୍ୟର ଚାଷୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ସରକାର କାଳିଆ ଯୋଜନା କରିଛନ୍ତି। କ୍ଷୁଦ୍ରଚାଷୀ, ଭାଗଚାଷୀ, ନାମମାତ୍ର ଚାଷୀ ଏଥିରୁ ଲାଭ ପାଇବେ ବାଲି ଲକ୍ଷ୍ୟ ରହିଛି। ଏଥିପାଇଁ ସମ୍ବଲପୁର ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପ୍ରକ୍ରିୟା ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୩୩ ହଜାର ୬୪୧ ଆବେଦନପତ୍ର ଆସିଥିଲା। ସେଗୁଡ଼ିକ ମଧ୍ୟରୁ ୨୩୧୯ ଫର୍ମ ଖାରଜ ହୋଇଥିଲା। ସେହପରି ୧୬ ହଜାର ୬୮୯ ଆବେଦନକାରୀ ଭୁଲ ଓ ଅସମ୍ପୂର୍ଣ୍ଣ ତଥ୍ୟ ଦେଇଥିବାରୁ ସେଗୁଡ଼ିକୁ ବାଦ୍ ଦିଆଯାଇଥିଲା। ବାଦ୍ ପଡ଼ିଥିବା ଆବେଦନକାରୀ ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୩୨ ହଜାର ୫୨୬ ଜଣ ଆବେଦନ କରିଛନ୍ତି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୧ ଲକ୍ଷ ୬୬ ହଜାର ୧୬୭ ଜଣ ଆବେଦନ କରିଛନ୍ତି। ଜିଲାର କେତେଜଣ ଚାଷୀଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇସାରିଛି। ବିଭିନ୍ନ ବ୍ଲକ ଓ ପଞ୍ଚାୟତ ସ୍ତରରେ ଯାଞ୍ଚ କରାଯାଇ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରାଯିବା ପରେ ପର୍ଯ୍ୟାୟକ୍ରମେ ଅବଶିଷ୍ଟ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଯିବ। ଗୋଟିଏ ପରିବାରରୁ ଆବେଦନ କରିଥିବା ଜଣେରୁ ଅଧିକ ସଦସ୍ୟ ଓ ଅଯୋଗ୍ୟ ବ୍ୟକ୍ତିଙ୍କୁ ବାଦ୍ ଦିଆଯିବ। ଯଦି ସେମାନେ ଟଙ୍କା ପାଇଥିବା ଅଭିଯୋଗ ଆସେ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା କୃଷି ଉପନିର୍ଦ୍ଦେଶକ ଖଗେନ୍ଦ୍ର ନାଥ ଜେନା କହିଛନ୍ତି। ସୂଚନାଯୋଗ୍ୟ ଦ୍ୱିତୀୟ ପର୍ଯ୍ୟାୟରେ ବାମରା ବ୍ଲକର ୫୭୫୨, ଧନକଉଡ଼ା ବ୍ଲକର ୧୬୧୬, ଜମନକିରା ବ୍ଲକର ୧୪୫୦, ଯୁଯୁମୁରା ବ୍ଲକର ୫୬୭୮, କୁଚିଣ୍ଡା ବ୍ଲକର ୨୫୦୭, ମାନେଶ୍ୱର ବ୍ଲକର ୨୮୭୬, ନାକଟିଦେଉଳ ବ୍ଲକର ୨୭୬୯, ରେଢ଼ାଖୋଲ ବ୍ଲକର ୫୬୩୮ ଓ ରେଙ୍ଗାଲି ବ୍ଲକର ୪୧୪୦ ଆବେଦନ ଗ୍ରହଣ କରାଯାଇଛି।

## ମହାନଗର ୧୨ ୱାର୍ଡବାସୀଙ୍କୁ କାଳିଆ ଯୋଜନାରେ ସାମିଲ ଦାବି

**ସମ୍ବଲପୁର,୯।୨ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମରେ ମିଶିଥିବା ୧୨ ପଞ୍ଚାୟତବାସୀଙ୍କୁ କାଳିଆ ଯୋଜନାରେ ସାମିଲ କରିବା ପାଇଁ ଦାବି ହୋଇଛି। ଜିଲାପାଳ ସମର୍ଥ ବର୍ମାଙ୍କୁ ଏନେଇ ଦାବିପତ୍ର ପ୍ରଦାନ କରାଯାଇଛି। ମହାନଗର ନିଗମରେ ମିଶିଥିବା ୧୨ ପଞ୍ଚାୟତରେ ମୋଟ ୫୬ ଗ୍ରାମ ରହିଛି। ଅଧିକାଶଂ ଲୋକ ଚାଷ ଉପରେ ନିର୍ଭର କରନ୍ତି। ଏପର୍ଯ୍ୟନ୍ତ ଏହି ଗ୍ରାମଗୁଡ଼ିକୁ କାଳିଆ ଯୋଜନାରେ ସମିଲ କରାଯାଇ ନାହିଁ। ତେଣୁ ଏହି ପଞ୍ଚାୟତବାସୀଙ୍କୁ ଯୋଜନାରେ ସମିଲ କରାଗଲେ ଗରିବ ଚାଷୀ ଲାଭ ପାଇପାରିବେ। ଏହା ସହ ୨୦୧୭ ଖରିଫ ଋତୁରେ ଅନେକ ଚାଷୀଙ୍କ ଧାନ ଫସଲ ମାଟିଆଗୁଣ୍ଡି ପୋକ ଲାଗି ନଷ୍ଟ ହୋଇଥିଲା। ତାହାର କ୍ଷତିପୂରଣ ମଧ୍ୟ ଦିଆଯାଉ ବୋଲି ପଞ୍ଚାୟତବାସୀ ଦାବି କରିଛନ୍ତି। ବିଶ୍ୱଜିତ ବାଗ, ଅଶ୍ୱିନୀ ଦୀପ, ସୋମନାଥ ଦେହୁରୀ, ରାକେଶ ନାଗ, ରୋହିତ ବାଗ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ସମ୍ବଲପୁର ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ଯୁଯୁମୁରାରେ ଭାଜପାର ସମାବେଶ

## ୨ଘଣ୍ଟା କାମ କର, ଦଳର ଆଭିମୁଖ୍ୟ ପ୍ରଚାର କର

**ସମ୍ବଲପୁର/ପଡ଼ିଆବାହାଲ, ୯।୨(ବ୍ୟୁରୋ/ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଯୁଯୁମୁରା କଲ୍ୟାଣ ମଣ୍ଡପଠାରେ ଭାଜପା ପକ୍ଷରୁ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ କର୍ମୀଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଛି। ଦାମୋଦର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଳର ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ଜିଲା ସଭାପତି ରାମଚନ୍ଦ୍ର ମେହେର, ରାଜ୍ୟ ସାଧାରଣ ସମ୍ପାଦକ ଗୋବିନ୍ଦ ଅଗ୍ରୱାଲ, ଦେବେନ୍ଦ୍ର ମହାପାତ୍ର, ଯୁଯୁମୁରା ମଣ୍ଡଳ ସଭାପତି ଓମ୍‌ପ୍ରକାଶ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ସାଧାରଣ ନିର୍ବାଚନକୁ ଆଉ ମାତ୍ର ୨ମାସ ରହିଛି। ତେଣୁ ପ୍ରତ୍ୟେକ କର୍ମୀ ବୁଥ୍ ସ୍ତରରୁ ସଂଘର୍ଷ କରିବାକୁ ପଡ଼ିବ। ଦିନକୁ ପ୍ରାୟ ୨ଘଣ୍ଟା ସମୟ ଦେଇ ଦଳ ପାଇଁ କାମ କରିବାକୁ ପଡ଼ିବ। ଦଳର ଆଭିମୁଖ୍ୟ ତଥା କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ପ୍ରତ୍ୟେକ ପରିବାରକୁ ଅବଗତ କରିବାକୁ ପଡ଼ିବ ବୋଲି ଏଥିରେ ଯୋଗଦେଇଥିବା ନେତୃମଣ୍ଡଳୀ ଆହ୍ୱାନ ଦେଇଥିଲେ। ମନାନ୍ତର କ୍ରଣରୁ ଦଳଠାରୁ ଦୂରରେ ରହିଥିବା କର୍ମୀ ତଥା କର୍ମକର୍ତ୍ତାଙ୍କୁ ଦଳକୁ ଫେରାଇ ଆଣିବାକୁ ଏଥିରେ ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କର୍ନେଲ ପ୍ରଭାତ ପଣ୍ଡା, ଶୈଳିଲା ପ୍ରଧାନ, ପ୍ରତାପ ପଣ୍ଡା, ଅମୂଲ୍ୟ ସାହୁ, ଜିଲା ଉପସଭାପତି ବିଚିତ୍ରନନ୍ଦ ସାହୁ ଯୋଗଦେଇଥିଲେ। ଯୁଯୁମୁରା ବ୍ଲକର ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଆଗାମୀ ୧୦ ଦିନ ମଧ୍ୟରେ ସମସ୍ତ ମଣ୍ଡଳସ୍ତରୀୟ ବୈଠକ କରିବାକୁ ସ୍ଥିର କରାଯାଇଛି।



ସମ୍ବଲପୁର ଯୁଯୁମୁରା କଲ୍ୟାଣ ମଣ୍ଡପଠାରେ ଭାଜପାର ବୈଠକ।

## ହତ୍ୟା ଉଦ୍ୟମ ଅଭିଯୁକ୍ତ ଗିରଫ

**ସମ୍ବଲପୁର,୯।୨(ବ୍ୟୁରୋ)**

ହତ୍ୟା ଉଦ୍ୟମ ଅଭିଯୋଗରେ ସମ୍ବଲପୁର ଜିଲା ଅଇଁଠାପାଲି ଥାନା ପୋଲିସ ଗଣେଶ ଓରାମ (୨୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଏକ ଛୁରି ଜବତ କରିଛି। ଏ ନେଇ ଏକ ମାମଲା (ନଂ. ୪୬/୧୯) ରୁଜୁ କରାଯାଇଛି। ଅଭିଯୋଗକ୍ରମେ ଶୁକ୍ରବାର ସନ୍ଧ୍ୟାରେ ଅଇଁଠାପାଲି ଥାନା ଅନ୍ତର୍ଗତ ସିଙ୍ଘପାଲିର ଗଣେଶ ଓରାମ (୨୪) ଛକରେ ଠିଆ ହୋଇଥିଲେ। ଏହି ସମୟରେ ଅଭିଯୁକ୍ତ ଗଣେଶ ଆସିଥିଲେ। କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେବା ପରେ ଅଭିଯୁକ୍ତ ଗଣେଶ ଏକ ଛୁରିରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜିଲା ସଦର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ

**ସମ୍ବଲପୁର,୯।୨(ବ୍ୟୁରୋ)**

ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ମହାନଗର ନିଗମ ପକ୍ଷରୁ ସହରାଞ୍ଚଳ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ତୃତୀୟ ପର୍ଯ୍ୟାୟରେ ମୋଟ ୧୨ଶହ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇଥିଲେ। ମହାନଗର ନିଗମ କମିଶନର ଜ୍ଞାନରଞ୍ଜନ ଭଞ୍ଜଦେଓ, ଅତିରିକ୍ତ କମିଶନର ସୁଧାଂଶୁ ଭୋଇ, ନିର୍ବାହୀ ଅଧିକାରୀ ମନୋରଞ୍ଜନ ଦାସ, ବିପିନ ବିହାରୀ ମହାନ୍ତି ଉପସ୍ଥିତ ରହିଥିଲେ। ମହାନଗର ଅନ୍ତର୍ଗତ ମୋଟ ୪୧ ୱାର୍ଡର ହିତାଧିକାରୀ ଯୋଗଦେଇଥିଲେ। ଘର ପଚ୍ଚା ଥିବା ହିତାଧିକାରୀ ପୂର୍ବରୁ ଆବେଦନ କରିଥିଲେ। ଯାଞ୍ଚ ପରେ ସେମାନଙ୍କ ନାମ ଚୟନ କରାଯାଇଥିଲା। ସୂଚନାଯୋଗ୍ୟ, ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୫୦୦ ଓ ଦ୍ୱିତୀୟ ପର୍ଯ୍ୟାୟରେ ୩୩୪ ଜଣଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି।

## ଜିଏମ୍‌ୟୁରେ ସ୍ଥାନୀୟ ନିଯୁକ୍ତି ଦାବି

**ସମ୍ବଲପୁର,୯।୨(ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ରେ ପଦବୀ ପୂରଣ ପାଇଁ ଦାବି ହୋଇଛି। ଏହି ପଦବୀରେ ସ୍ଥାନୀୟ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବାପାଇଁ ଭୂମିପୁତ୍ର ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଛି। ଅନୁଷ୍ଠାନର କର୍ମକର୍ତ୍ତାମାନେ ଶନିବାର ବିଶ୍ୱବିଦ୍ୟାଳୟ ଉପକୁଳସଚିବ ଉମାଚରଣ ପତିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଅନୁସାରେ ବିଶ୍ୱବିଦ୍ୟାଳୟରେ ୫୮ଟି ଗ୍ରୁପ୍‌୩ଓ୪ କର୍ମଚାରୀ ପଦ ଖାଲିପଡ଼ିଛି। ଏହି ପଦବୀରେ ସ୍ଥାନୀୟ ଯୁବତୀ ଯୁବକଙ୍କୁ ନିଯୁକ୍ତି ଦିଆଯାଉ। ଆବେଦନ ଫର୍ମ ପାଇଁ ୬ଶହ ଟଙ୍କା ବଦଳରେ ୩ଶହ ଟଙ୍କା ନିଆଯାଉ। ପୋଷ୍ଟ ଗ୍ରାଜୁଏଟରେ ଅନ୍ୟ ବିଶ୍ୱବିଦ୍ୟାଳୟ ଭଳି ଏଥିରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଅବିନାଶ ତିୱାରୀ, ତୁଷାର ପଣ୍ଡା, ସଞ୍ଜୟ ପଟ୍ଟନାୟକ, ସଞ୍ଜୟ ଚାନ୍ଦ, ମାନସ ମହାନ୍ତି, ନିଖିଳ ନାରାୟଣ ଅଗ୍ରୱାଲ, ରାହୁଲ ଘୋଷ, ଆକାଶ ମେହେର, ନନ୍ଦକିଶୋର ମିଶ୍ର ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ଶନିବାର ଜିଏମ୍‌ୟୁରେ ଭୂମିପୁତ୍ର ଅନୁଷ୍ଠାନ ପକ୍ଷରୁ ଆଲୋଚନା କରାଯାଇଛି।

## ଲିପୁ ମେମୋରିଆଲ କ୍ରିକେଟ : ଦେହୁରିସାହି ଚାମ୍ପିୟନ

**ରେଢ଼ାଖୋଲ,୯।୨(ଡି.ଏନ୍.ଏ.)**

ସ୍ଥାନୀୟ ଶୁଣ୍ଡିମୁଣ୍ଡା ଖେଳପଡ଼ିଆରେ ଗତ ୪ ତାରିଖଠାରୁ ଆରମ୍ଭ ହୋଇଥିବା ପ୍ରଥମ ଲିପୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ଦେହୁରିସାହି ଦଳ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ମୋଟ ୮ ଦଳ ଅଂଶଗ୍ରହଣ କରିଥିଲେ। ପଞ୍ଚଖଣ୍ଡା କ୍ରିକେଟ ଟିମ ଓ ଦେହୁରିସାହି ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ଦେହୁରିସାହି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯୪ରନ ସଂଗ୍ରହ କରିଥିଲା। ଜବାବରେ ପଞ୍ଚଖଣ୍ଡା ଦଳ ମାତ୍ର ୭୬ରନ୍ କରିପାରିଥିଲା। ସୁନୀଲ ରାଉତ ଓ ସୁଜିତ ପଣ୍ଡା ମ୍ୟାଚ୍‌ଗୁଡ଼ିକ ପରିଚାଳନା କରିଥିଲେ। ବିଭୂତି ମେହେର ଧାରାବିବରଣୀ ପ୍ରଦାନ କରିଥିଲେ। ଚାମ୍ପିୟନ ଦଳର କରନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ରାଜା ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଶିବରାମ ସାହୁ, ଅନୀଲ ପୃଷ୍ଟି, କୁଶ ବାରିକ, ବଶିଷ୍ଠ ରାଉତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ ଦଳର ସତୀଶ ରାଉତ, ସଚିନ କୁମାର ପ୍ରଧାନ, ପିଣ୍ଟୁ ବେହେରା, ରାଜେଶ କୁମାର ପ୍ରଧାନଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ।



ବିଜେତା ଦଳର ଅଧିନାୟକ ଓ ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଏଥର ଭାଲେଣ୍ଟାଇନ୍ସ ଡେ'ରେ...

**ପ୍ରେମ ଜୀବନରେ କେବେ କିଭଳି ଭାବେ ଆସେ ତାହା କହିବା ଅସମ୍ଭବ । ପ୍ରେମ ନା ଦେଖେ ବୟସ ନା ଦେଖେ ସାମାଜିକ ସ୍ଥିତି। ପ୍ରେମର ମଧ୍ୟ ନ ଥାଏ କୌଣସି ସ୍ୱତନ୍ତ୍ର ସଂଜ୍ଞା। ତେବେ ପ୍ରେମ, ଭଲପାଇବାକୁ ନିଜ ପ୍ରିୟଜନଙ୍କ ପାଖେ ଜାହିର କରିବା ଲାଗି ପ୍ରତ୍ୟେକେ ଥା'ନ୍ତି ବ୍ୟଗ୍ର। ସେଥିଲାଗି ସମଗ୍ର ବିଶ୍ୱରେ ଫେବୃୟାରୀ ୧୪ କୁ ଭଲପାଇବା ଦିବସ ଅର୍ଥାତ୍ 'ଭାଲେଣ୍ଟାଇନ୍ସ ଡେ' ଭାବେ ପାଳନ କରାଯାଏ...**




ଦୀର୍ଘ ଦିନର ପ୍ରେମ ସମ୍ପର୍କ ପରେ ପରସ୍ପରକୁ ଜୀବନ ସାଥୀ ରୂପେ ଗ୍ରହଣ କରନ୍ତି ସେମାନେ। ସାଥୀକୁ ଦେଇଥିବା ପ୍ରତିଶ୍ରୁତିର ପ୍ରମାଣ ଦେବାକୁ ଯାଇ ତାଙ୍କ ହାତ ଧରନ୍ତି ଚିରଦିନ ପାଇଁ। ଏଭଳି କିଛି ସଫଳ ପ୍ରେମ କାହାଣୀର ଉଦାହରଣ ସୃଷ୍ଟି କରିଥିବା କିଛି ସେଲିବ୍ରିଟିଙ୍କ ମତରେ ଭାଲେଣ୍ଟାଇନ୍ସ ଡେ ମାନେ କ'ଣ ଏବଂ ସେମାନେ ଏହି ଦିନଟିକୁ କିଭଳି ପାଳନ କରିବା ଲାଗି ଯୋଜନା କରୁଛନ୍ତି ସେ ସମ୍ପର୍କରେ।

**❋ ଭଲ ପାଇବାକୁ ଜାହିର କରିବା ଲାଗି କୌଣସି ସ୍ପେଶିଆଲ ଡେ'ର ଆବଶ୍ୟକତା ନାହିଁ:** ପ୍ରକୃତ ଭଲପାଇବା ବା ଟ୍ରୁ ଲଭ୍ ଭାଗ୍ୟରେ ଥିଲେ ମିଳେ। ଜୀବନରେ ଯାହାକୁ ପ୍ରକୃତ ଭଲ ପାଇବା ମିଳିଛି ତାହାଠାରୁ ସୁଖୀ ବୋଧେ କେହି ନ ଥିବେ। ମୁଁ ସେଥିପାଇଁ ନିଜକୁ ବହୁତ ଭାଗ୍ୟବାନ ମନେ କରେ। ମୁଁ ଯାହାକୁ ଭଲ ପାଇଲି ତାକୁ ହିଁ ନିଜର ଜୀବନ ସାଥୀ ରୂପେ ପାଇଲି। ପ୍ରେମରେ ପରସ୍ପର ପ୍ରତି ବିଶ୍ୱାସ, ଉତ୍ତମ ବୁଝାମଣା ରହିଲେ ଏହା ସବୁଦିନ ପାଇଁ ଅତୁଟ ହୋଇ ରହିପାରିବ। ତେଣୁ ଭଲ ପାଇବାକୁ ଗୋଟିଏ ଅପ୍ସନ୍ ବୋଲି କଦାପି ଭାବିବା ଉଚିତ ନୁହେଁ। ଯାହାକୁ ସତମନରେ ଭଲ ପାଉଛନ୍ତି ତାଙ୍କ ପ୍ରତି ବିଶ୍ୱାସଘାତକତା କରନ୍ତୁ ନାହିଁ। ତେବେ ଭଲ ପାଇବାକୁ ସେଲିବ୍ରେଟ କରିବା ଲାଗି କୌଣସି ସ୍ପେଶିଆଲ ଡେ' ର ଆବଶ୍ୟକତା ନ ଥାଏ। ମୋ ପାଇଁ ସବୁଦିନ ହେଉଛି ଭାଲେଣ୍ଟାଇନ୍ସ ଡେ। ମୁଁ ସବୁଦିନକୁ ଶ୍ରୀମୟଙ୍କ ସହିତ ସେଲିବ୍ରେଟ କରୁଛି। ତାଙ୍କୁ ଭଲଭାବେ ବୁଝିବା ତାଙ୍କର କେୟାର ନେବାକୁ ମୁଁ ମୋର ସେଲିବ୍ରେଶନ୍ ବୋଲି ଭାବେ। ତେଣୁ ଏହି ଭାଲେଣ୍ଟାଇନ୍ସ ଡେ' କୁ ପାଳନ କରିବା ଲାଗି ସେମିତି କିଛି ଯୋଜନା ନାହିଁ। କିନ୍ତୁ ଶ୍ରୀମୟଙ୍କଠାରୁ କିଛି ସ୍ପେଶିଆଲ ଗିଫ୍ଟ ପାଇବା ପାଇଁ ନିଶ୍ଚୟ ଆଶା ରଖିବି।

*– ଏଲି ପାଢୀ, ଅଭିନେତ୍ରୀ*

**❋ ଜୀବନ ସାଥୀଙ୍କ ସହ ବିତାଉ ଥିବା ପ୍ରତ୍ୟେକ ଦିନ ହେଉଛି ଭାଲେଣ୍ଟାଇନ୍ସ ଡେ:** ମୋ ପାଇଁ ଭଲପାଇବା ହେଉଛି ଜୀବନ। ଜୀବନରେ ପ୍ରେମ ଥିଲେ ସବୁକିଛି ସୁନ୍ଦର ଏବଂ ରଙ୍ଗିନ ଲାଗେ। ଜୀବନ ଜିଇବାର ଆଶା ଦ୍ୱିଗୁଣିତ ହୋଇଯାଏ। ମୁଁ ବହୁତ ଭାଗ୍ୟଶାଳୀ ମୋତେ ସେଭଳି ପ୍ରେମ ଆଶୀର୍ବାଦ ସ୍ୱରୂପ ମିଳିଛି। ତେବେ ମୋ ମତରେ ଜୀବନସାଥୀଙ୍କ ସହ ବିତାଉଥିବା ପ୍ରତ୍ୟେକ ଦିନ ହେଉଛି ଭାଲେଣ୍ଟାଇନ୍ସ ଡେ। କିନ୍ତୁ ବ୍ୟସ୍ତ ବହୁଳ ଜୀବନରେ କିଛି ମୁହୂର୍ତ୍ତ ଏକାଠି ବିତେଇବା ପାଇଁ ଆମେ ସ୍ପେଶିଆଲ ଡେ'କୁ ସେଲିବ୍ରେଟ କରିଥାଉ। ଭାଲେଣ୍ଟାଇନ୍ସ ଡେ ହେଉଛି ସେହିଭଳି ଏକ ଦିନ ଯେଉଁଦିନ ଆମେ ଆମ ପ୍ରିୟଜନଙ୍କୁ ନିଜର ଭଲପାଇବା ଜାହିର କରିବାର ସୁଯୋଗ ପାଇଥାଉ। ବାହାଘର ପରେ ଏହା ହେଉଛି ମୋର ଦ୍ୱିତୀୟ ଭାଲେଣ୍ଟାଇନ୍ସ ଡେ। ଏହି ଦିନ ରୁଦ୍ରଙ୍କର ଏବଂ ମୋର ଗୋଟିଏ ସ୍ଥାନରେ ହିଁ ଶୁଟିଂ ଅଛି ତେଣୁ ମୁଁ ବହୁତ ଖୁସି ଯେ ଆମେ ପୂରା ଦିନଟି ଏକାଠି ରହିବୁ ଏବଂ ଉଭୟ ମିଶିକି ଏହି ଦିନଟିକୁ ସେଲିବ୍ରେଟ କରିବୁ। ତେବେ ପରସ୍ପର ମଧ୍ୟରେ ଥିବା ଅତୁଟ ଭଲପାଇବା ହେତୁ ଲୋକମାନେ ଆମକୁ ଆଇଡଲ କପଲ ବୋଲି ମାନୁଛନ୍ତି ସେଥିପାଇଁ ବହୁତ ଖୁସି ଲାଗେ।

*–ଜିନା ସାମଲ, ଅଭିନେତ୍ରୀ*

**❋ ପ୍ରେମ ଏବଂ ଭଲପାଇବାକୁ ପ୍ରତ୍ୟେକ ମୁହୂର୍ତ୍ତରେ ସେଲିବ୍ରେଟ କରିବା ଜରୁରୀ:** ପ୍ରତ୍ୟେକଙ୍କ ଜୀବନରେ ପ୍ରେମ ବହୁତ ମହତ୍ୱ ରଖେ। କିନ୍ତୁ ଭଲପାଇବା ସେଲିବ୍ରେଶନ୍‌କୁ କେବଳ ଗୋଟିଏ ଦିନରେ ସୀମିତ ରଖିବା ଆଦୌ ଉଚିତ ନୁହେଁ। ପ୍ରେମ ଏବଂ ଭଲପାଇବାକୁ ପ୍ରତ୍ୟେକ ମୁହୂର୍ତ୍ତରେ ସେଲିବ୍ରେଟ କରିବା ଜରୁରୀ। ଦୀପକଙ୍କ ସହ ବାହାଘର ପରେ ଆମେ ପ୍ରତ୍ୟେକ ମୁହୂର୍ତ୍ତକୁ ମନଭରି ଉପଭୋଗ କରୁଛୁ। କିଚେନ୍‌ରେ ଦୁହେଁ ମିଶି ରୋଷେଇ କଲାବେଳେ ହେଉ ବା ଏକାଠି ବସି ଖାଇବାବେଳେ ବା ଟିଭି ଦେଖିଲା ବେଳେ ପ୍ରତ୍ୟେକ ମୁହୂର୍ତ୍ତରେ ଥାଏ ଆମର ସ୍ନେହ ଏବଂ ପରସ୍ପର ପ୍ରତି ଭଲପାଇବା। ତେଣୁ ଆମକୁ କୌଣସି ଡେ' ର ଆବଶ୍ୟକତା ନ ଥାଏ। କିନ୍ତୁ ହିଁ ଯେହେତୁ ଭାଲେଣ୍ଟାଇନ୍ସ ଡେ' ଟି ପ୍ରେମ ପାଇଁ ଉତ୍ସର୍ଗୀକୃତ ତେଣୁ ଏହି ଦିନଟିକୁ ଆମେ ସ୍ୱତନ୍ତ୍ର ଭାବେ ପାଳନ କରିବା ଲାଗି ଯୋଜନା କରିଛୁ। ଯେହେତୁ ଦୁଇ ଜଣଙ୍କୁ ଶପିଂ କରିବା ପାଇଁ ଭଲ ଲାଗେ, ତେଣୁ ଏହି ଦିନ ଉଭୟେ ମିଶି ଖୁବ୍ ଶପିଂ କରିବୁ ବୋଲି ଯୋଜନା କରିଛୁ।

*–ତପୁ ମିଶ୍ର, ଗାୟିକା*

**❋ ଲଙ୍ଗ୍ ଡ୍ରାଇଭ୍‌ରେ ଯାଇ ଏହି ଦିନଟିକୁ ସେଲିବ୍ରେଟ କରିବୁ:** ଦୀର୍ଘ ୧୦ ବର୍ଷର ପ୍ରେମ ସମ୍ପର୍କ ପରେ ରାଜେଶଙ୍କୁ ବିବାହ କରିଲି। ସମୟ ସହିତ ଆମ ଭିତରେ ଥିବା ଉତ୍ତମ ବୁଝାମଣା ଏବଂ ବିଶ୍ୱାସ ଆମ ଭଲ ପାଇବାକୁ ଆହୁରି ମଜଭୁତ କରିଲା। ଶେଷରେ ଆମେ ନିଷ୍ପତ୍ତି ନେଲୁ ପରସ୍ପରକୁ ଜୀବନସାଥୀ ଭାବେ ଗ୍ରହଣ କରିବା ପାଇଁ। ଶୁଟିଂର ବିଜି ସେଡ୍ୟୁଲ ଭିତରେ ପରସ୍ପରକୁ ଉପଯୁକ୍ତ ସମୟ ଦେବାର ସୁଯୋଗ ମିଳେନି। ତେଣୁ ସବୁବେଳେ ଏମିତି ହିଁ କିଛି ସ୍ପେଶିଆଲ ଡେ ର ଅପେକ୍ଷା ଥାଏ, କିଛି ସ୍ମରଣୀୟ ମୁହୂର୍ତ୍ତକୁ ଏକାସାଙ୍ଗେ ଉପଭୋଗ କରିବା ଲାଗି। ଯାହା ଫଳରେ ଏକ ସୁଯୋଜନା ସହ ଆମେ ଦିନଟିକୁ ଭଲଭାବେ ଅତିବାହିତ କରିପାରିବୁ। ମୋତେ ସରପ୍ରାଇଜ୍ ଦେବାକୁ ଭଲ ଲାଗେ। ଏମିତି ଅକେଜନ୍‌ରେ ମୁଁ ସବୁବେଳେ ଟ୍ରାଏ କରେ ଅଭିନବ ଉପାୟରେ ରାଜେଶଙ୍କୁ ସରପ୍ରାଇଜ୍ ଦେବା ଲାଗି। ତେବେ ଏହି ଭାଲେଣ୍ଟାଇନ୍ସ ଡେ' ରେ ଆମେ ଯୋଜନା କରିଛୁ ଲଙ୍ଗ ଡ୍ରାଇଭ୍‌ରେ ଯିବା ପାଇଁ। ଏହା ବ୍ୟତୀତ ମୋ ଭଉଣୀର ସଙ୍ଗୀତ ସେରିମନି ଯେହେତୁ ଫେବୃୟାରୀ ୧୪ ରେ ପଡୁଛି ତେଣୁ ପୂରା ପରିବାର ଏହି ଦିନଟିକୁ ସେଲିବ୍ରେଟ କରିବା ଲାଗି ଯୋଜନା କରିଛୁ।

*–ରିୟା ନନ୍ଦ, ଉପସ୍ଥାପିକା*

**❋ ସ୍ପେଶିଆଲ ଗିଫ୍ଟ ସହ ସରପ୍ରାଇଜ୍ ଦେବି ବୋଲି ଯୋଜନା କରିଛି:** ପ୍ରଥମେ ବନ୍ଧୁତା ତା'ପରେ ଭଲପାଇବା ଏବଂ ଶେଷରେ ସାତ ଜନମର ସାଥୀ। ଏହା ହେଉଛି ମୋର ଏବଂ ସୁନୀତାଙ୍କ ପ୍ରେମ କାହାଣୀ। ଆମର ୪ ବର୍ଷର ବନ୍ଧୁତ୍ୱ ସମ୍ପର୍କ ମଧ୍ୟରେ ଆମେ ପରସ୍ପରକୁ ଉତ୍ତମ ରୂପେ ବୁଝିଲୁ, ପରସ୍ପରର କେୟାର କରିଲୁ। ତେଣୁ ବିବାହ କଥା ଯେତେବେଳେ ଉଠିଲା ସେତେବେଳେ ଆମେ ନିଷ୍ପତ୍ତି ନେଲୁ ବିବାହ କରିବା ପାଇଁ। ତେଣୁ ମୁଁ ଜୀବନସାଥୀ ରୂପେ ଉତ୍ତମ ବନ୍ଧୁଟିଏ ପାଇଛି। ବିବାହ ପରେ ଏହା ହେଉଛି ଆମର ପ୍ରଥମ ଭାଲେଣ୍ଟାଇନ୍ସ ଡେ। ଏହି ଦିନଟିକୁ ଆମେ ଏକାଠି ରହି ସେଲିବ୍ରେଟ କରିବା ପାଇଁ ଯୋଜନା କରିଛୁ। ମନ୍ଦିର ଯାଇ ଭଗବାନଙ୍କ ଆଶୀର୍ବାଦ ସହ ଏକ ନୂଆ ଜୀବନର ଶୁଭାରମ୍ଭ କରିବୁ। ଏହା ବ୍ୟତୀତ କିଛି ସ୍ପେଶିଆଲ ଗିଫ୍ଟ ଦେଇ ସୁନୀତାଙ୍କୁ ସରପ୍ରାଇଜ୍ ଦେବି ବୋଲି ଯୋଜନା କରିଛି।

*– ସତ୍ୟରଞ୍ଜନ ନନ୍ଦି, ଅଭିନେତା*

**–ଲିପ୍ସା ବିଶୋଇ**

## ଏ ସପ୍ତାହର ପ୍ରଶ୍ନ

୧– ୧୦୦ଟି ଅନ୍ତର୍ଜାତୀୟ ଟି୨୦ କ୍ରିକେଟ୍ ମ୍ୟାଚ୍ ଖେଳିଥିବା ପ୍ରଥମ ଏସୀୟ ମହିଳା କ୍ରିକେଟ୍ ଖେଳାଳି .... ?

୨ –ପୃଥିବୀପୃଷ୍ଠର ସବୁଠୁ ଗଭୀରତମ ସ୍ଥାନ.... ?

୩– ସର୍ବପ୍ରଥମ ଅଲିମ୍ପିକ୍........ ଠାରେ ଆୟୋଜିତ ହୋଇଥିଲା ?

୪– 'ହାଓ ଇଣ୍ଡିଆ ସି ଦ ୱାର୍ଲ୍ଡ' ପୁସ୍ତକର ଲେଖକ..... ?

୫– ବ୍ରିଟିଶ୍ କମ୍ପାନୀ ଭାରତର........ ସହରରେ ସର୍ବପ୍ରଥମେ କାରଖାନା ପ୍ରତିଷ୍ଠା କରିଥିଲା ?

## ଗତ ସପ୍ତାହର ଉତ୍ତର

୧ ଲଣ୍ଡନ

୨ ମାଣ୍ଡୋଭି

୩ ନର୍ତ୍ତକୀ ନଟରାଜ

୪ ତାମିଲନାଡୁ

୫ ନରେନ୍ଦ୍ର ମୋଦି

## ଉତ୍ତରଦାତା



ବିନୋଦ ବିହାରୀ ବେହେରା, ତିନିଘରିଆ, ନୂଆବଜାର, କଟକ

ଗୋପବନ୍ଧୁ କର୍ଣ୍ଣ, ଉଲୁଣ୍ଡା, ସୋନପୁର




**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
**ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧**
ଫୋନ : (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବସାଇଟ୍ - www.oshb.org
ପତ୍ର ସଂଖ୍ୟା 1362 ତା 1.2.19

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଡୁମୁଡୁମା, ତୃତୀୟ ପର୍ଯ୍ୟାୟ, ଭୁବନେଶ୍ୱର ହାଉସିଂ ପ୍ରକଳ୍ପରେ ଘର ନଂ. ଏଲ୍-୧-୫୮ (L-I-58)କୁ (୧) ଭାରତୀ ସାହୁ, ସ୍ୱା.- ✓ କୁଞ୍ଜବିହାରୀ ସାହୁ, ସା- ଏଲ୍-୧-୫୮, ଡୁମୁଡୁମା ୩ୟ ପର୍ଯ୍ୟାୟ ହାଉସିଂ ବୋର୍ଡ କଲୋନୀ, ପୋ- ଡୁମୁଡୁମା, ଥା- ଖଣ୍ଡଗିରି, ଜି- ଖୋର୍ଦ୍ଧା, (୨) ଶ୍ରୀମତୀ ସାଗରିକା ସାହୁ, ସ୍ୱା- ନିରଞ୍ଜନ ପାତ୍ର, ସା/ପୋ- ଭିଙ୍ଗାରପୁର, ଥା- ବାଲିଅନ୍ତା, ଜି- ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନକାରୀ ଉକ୍ତ ଗୃହଟିକୁ ଦାନସୂତ୍ର ଆଧାରରେ ଶ୍ରୀମତୀ ନିହାରିକା ସାହୁ, ସ୍ୱା - ତାପସ କୁମାର ସାହୁ, ସା- ଏଲ୍-୧-୫୮, ଡୁମୁଡୁମା, ୩ୟ ପର୍ଯ୍ୟାୟ ହାଉସିଂ ବୋର୍ଡ କଲୋନୀ, ପୋ- ଡୁମୁଡୁମା, ଥା- ଖଣ୍ଡଗିରି, ଜି- ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

**ସ୍ୱା./- ସହ ପ୍ରଶାସନିକ ଅଧିକାରୀ**
**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**



**GOVERNMENT OF ODISHA**
**RURAL WATER SUPPLY & SANITATION ORGANISATION**
**OFFICE OF THE EXECUTIVE ENGINEER**
**RWS&S DIVISION, ANGUL, AT: TALCHER**
At- Baghuabole, PO.- Hatatota, Talcher, Dist.- Angul, Pin- 759100
(Ph. No./ Fax - 06760-240762, E-mail: eerwssang@gmail.com)

**National Competitive Bidding through e-Procurement**

**Bid Identification No. 11/EE/RWSS/ANGUL/2018-19 Dt. 06.02.2019 (Basudha)**

**No. 1620-O:-** The Executive Engineer, RWS&S Division, Angul, at:Talcher on behalf of Governor of Odisha invites Item Rate/ Percentage bid through e-procurement in double/single cover system according to norm of e-Procurement system in on-line mode.
Nature of Work : Rural Piped Water Supply Schemes.

| | | | |
|---|---|---|---|
| 1. | No. of Tenders | : | 2 Nos. |
| 2. | Tender Paper Cost | : | Rs. 10,000.00 |
| 3. | Value of work | : | Rs. 85.96 Lakhs to Rs. 76.34 Lakhs |
| 4. | Class of Contractor | : | "B" & "A" Class |
| 5. | Date & time of availability of bid document in portal | : | 12.02.2019 at 17.00 hours to 19.02.2019 upto 17.00 hours |
| 6. | Date & time of seeking tender clarification | : | 16.02.2019 upto 17.00 hours |
| 7. | Date & time of opening of tender & verification of original document | : | 20.02.2019 at 15.00 hours in the office of the Executive Engineer, RWS&S Division, Angul at:Talcher |
| 8. | Time of completion | : | 6 (Six) Calendar Months |
| 9. | The bidders have to participate in online biding only. Further details can be seen from the website https://www.tendersodisha.gov.in. | | |
| 10. | Corrigendum if any shall be publish in the above website only. | | |

*Executive Engineer*
*RWS&S Division, Angul at Talcher*
25019/11/0036/1819



**Central University of Orissa**
(Established Under the Act of Parliament, 2009)
Landiguda, Dist. Koraput, Odisha. PIN: 764020
06852-288235/288238, Fax: 06852-288225

Ref: CUO/Admn./AL/41/VI Dt. 06.02.2019

**WALK-IN-INTERVIEW**

The Central University of Orissa, Koraput is conducting a walk-in-interview to engage Lecturer (01 No.) for the Department of Hindi on 28.02.2019, Lecturer (01 No.) for the Department of Sanskrit on 25.02.2019, Lecturer (01 No.) with Mathematics for the Department of Computer Science on 27.02.2019, Lecturer (02 Nos.) for the Department of Sociology on 04.03.2019 and Lecturer (02 Nos.) for the Department of English on 26.02.2019 purely on contractual basis for a tenure of six months. Interested candidates may please log on to University website www.cuo.ac.in for further details.

*Sd./- Registrar*



**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**KALAHANDI RWS & S DIVISION, BHAWANIPATNA.**
e-mail: eerwsskld@nic.in
eerwsskld@gmail.com
Phone No: 06670-230784
No.1617-O

**INVITATION OF BID THROUGH e- TENDERING**

**Bid Identification No.- 20/EE/RWSS/2018-19 /Bpt Dated.05.02.2019**

01. Name of the work :- As per ANNEXURE - A

| Procurement Officer | Bid identification No. | Availability of tender on line for bidding on office hour only | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, kalahandi RWS & S Division, Bhawanipatna | 20/EE/RWSS/2018-19 / Bpt Dated-05.02.2019 | 12.02.2019 | 21.02.2019 | 22.02.2019 at 11.30 A.M. onwards |

Cost of tender paper & payment of EMD to be made online payment system.
Further details can be seen from the e-procurement portal **http://tenderodisha.gov.in.**

**Sd./- Executive Engineer, kalahandi RWS & S Division,Bhawanipatna**
25005/11/0039/1819



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**"e"-Procurement Notice**
1572-O
Phone-06622-272369, e-mail id- rwss.sng@gmail.com
**Bid Identification No. EE, RWS&S, SNG 07/ 2018-19**

The Executive Engineer, RWS&S Division, Sundargarh on behalf of Governer of Odisha invites percentage rate bid in double cover system in ONLINE MODE from eligible contractors for execution of Rural Piped Water Supply Schemes in Sundargarh District detail in the table below.

| | | |
|---|---|---|
| 1. | Nature of the Work | Rural Piped Water Supply Scheme with 5 (Five) years Operation & maintenance to different Villages under RWS&S Division, Sundargarh in the district Sundargarh |
| 2. | No. of tender | 23 (Twenty Three) Nos. |
| 3. | Approximate Estimated Cost (In lakh) | Varies from Rs.66.45Lakhs to Rs.846.18 Lakhs |
| 4. | Tender Paper Cost (Online) | Rs.10000/- |
| 5. | Class of Contractor | B & A, A & Special Class as applicable |
| 6. | Period of Complection | 09 (Nine) to 18 (Eighteen) Calendar Months as provided |
| 7. | Availability of bid document in the portal | From dt.15.02.2019 at 10.00AM to dt.25.02.2019 Upto 17 hours |
| 8. | Last Date & Time of seeking tender clarification | Dt.22.02.2019 up to 17 hours |
| 9. | Date & time of submission of Bid in the portal | Dt.25.02.2019 up to 17 hours |
| 10. | Date & time of opening of techenical bid | Techenical bid on Dt.27.02.2019 at 11:30 AM in the O/O Executive Engineer, RWS&S Division, Sundargarh |
| 11. | Date & time of opening of Financial Bid | To be announced latter. |

The bidders have to participate in online bidding only. Further detail can be seen from the website https://tendersorissa.gov.in. Authority reserve the right to reject any or all tenders without assigning any reason thereof.

*Sd./- Executive Engineer*
*RWS&S, Division, Sundargarh*
25009/11/0012/1819



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, CUTTACK**
No.1612-O
**e-mail :- serw_ctc@yahoo.com**
**No :- Tender Online RWC 02-19** **Date.........................**

**e-Procurement NOTICE**

1. Name of the work :- Construction of Building & Road works.
2. Class of contractor
 a) Estimated cost more than Rs. 3.00 Crore & up to Rs.6.00 Crores — a) A Class & special Class (of Odisha PWD) relevant Class of other licensing authorities
 b) Estimated cost more than Rs. 40.00 Lakhs & up to Rs.3.00 Crores — b) B Class & A Class (of Odisha PWD) relevant Class of other licensing authority
3. Time for Completion : Noted against the work as per Annexure
4. Summary for key dates is provided below :

| Procurement Officer | Bid Identification No. | Availability of tender on-line for bidding | | Last Date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Cuttack | Tender Online RWC 02-19 | 12.02.2019 at 11.00AM | 28.02.2019 up to 5.00 P.M. | 27.02.2019 up to 5.00 P.M. | 01.03.2019 at 11.00 AM | will be intimated later |

futher details can be seen from the website **www.tendersorissa.gov.in**
**Sd./- Superintending Engineer, Rural Works Circle, Cuttack**
25097/11/0045/1819



No.1624-O
**GOVT. OF ODISHA**
**OFFICE OF SUPERITENDING ENGINEER**
**RURAL WORKS CIRCLE BOLANGIR**
**e-Procurement Notice for Building works**
**IFB IDENTIFICATION NO. BLGR Online- 17/2018-19**

| | | | |
|---|---|---|---|
| 1. | Name of work | : | Construction of proposed Model School Building at Bharuamunda in the district of Bolangir for the year 2018-19 |
| 2. | Approximate Estimated Cost of the work | : | Rs.365.00 lakhs |
| 3. | Time for completion | : | 15 (fifteen) Calendar of Months |
| 4. | No. of works | : | 1 (one) no. |
| 5. | Mode of submission of tender | : | Tender should be submitted online in **www.tendersodisha.gov.in.** |
| 6. | Other details are as follows | : | |

| Procurement Officer | Bid identification No. | No. of Building works | Availability of tender online for bidding | | Last Date & time of seeking tender clarification | Date & time of opening of tender | |
|---|---|---|---|---|---|---|---|
| | | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, Rural Works Circle, Bolangir | BLGR Online - 17 / 2018-19 | 1 No. | 12.02.2019 at 11.00 A.M. | 22.02.2019 up to 5.00 P.M. | 21.02.2019 up to 1.00 PM | 23.02.2019 at 11.00 A.M. | The date will be intimated to the technically qualified bidders later on |

**Further details can be seen from the website: www.tendersorissa.goiv.in.**
• Further details can be seen from the website **www.tendersodisha.gov.in**
• Any Corrigendum / Addendum will be displayed in the above website only
• The authority reservice the right to reject any or all the tenders received without assigning any reasons there-of what so ever. 25111/11/0025/1819 **Sd./- Superintending Engineer, Rural Works Circle, Bolangir**



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ

## ସଂକ୍ଷେପରେ

### ସଡ଼କ ସୁରକ୍ଷା ସପ୍ତାହରେ ସଭା, ଶୋଭାଯାତ୍ରା

ଉଲୁଣ୍ଡା, ୯।୨(ଡି.ଏନ.ଏ.): ଉଲୁଣ୍ଡା ସଦର ମହକୁମାରେ ସଡକ ସୁରକ୍ଷା ସଚେତନତା ସପ୍ତାହ ଶନିବାର ପାଳିତ ହୋଇଯାଇଛି। ଏମଭିଆଇ ରବିନ କୁମାର ପଟ୍ଟନାୟକ ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଉଲୁଣ୍ଡା ପଞ୍ଚାୟତ ସମିତି ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରୁ ଏକ ଶୋଭାଯାତ୍ରା ବାହାରି ଗଣ୍ଡାବାହାଲରେ ପହଞ୍ଚିଥିଲା। ଆୟୋଜିତ ସଭାରେ ତହସିଲଦାର ଶରତ ଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସଡକ ସୁରକ୍ଷା ଉପରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ସମ୍ମାନିତ ଅତିଥି ଭାବେ କନିଷ୍ଠ ଏମଭିଆଇ ଯୋନପ୍ରତାପ କୁଲ, ଅତିରିକ୍ତ ଆରଟିଓ ଶିବାଶିଷ ସାହୁ, ଟିଏସଆଇ ସୁଶାନ୍ତ ପାତ୍ର, ଏସଡିପିଓ ଧିରଜ ଚୋପଦାର, ଆଇଆଇସି ରୀନା ବେହେରା, ଶିକ୍ଷକ ପ୍ରସନ୍ନ ଶତପଥୀ, ଭକ୍ତରାମ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ।

# ଜଟିଳ ହେଉଛି ସୋନପୁର କଲେଜ ବିବାଦ

ସୋନପୁର,୯।୨(ନି.ପ୍ର.)

**ଆର୍ଥିକ ଅନିୟମିତତା ଅଭିଯୋଗ**
- ପ୍ରାକ୍ତନ ଅଧ୍ୟକ୍ଷା, ୨କର୍ମଚାରୀଙ୍କ ନାମରେ ମାମଲା
- ଅସଦାଚରଣ ଅଭିଯୋଗରେ ଅଧ୍ୟକ୍ଷଙ୍କ ନାମରେ ମାମଲା
- କଲେଜ ପରିଚାଳନା କମିଟିର ଜରୁରୀ ବୈଠକ

ସୋନପୁର କଲେଜ ପଶ୍ଚିମ ଓଡିଶାର ଅନ୍ୟତମ ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନ। ଆର୍ଥିକ ଅନିୟମିତତା ଓ ଥାନାରେ ମାମଲା ରୁଜୁ ହେବା ଏହି ଶିକ୍ଷାନୁଷ୍ଠାନର ସୁନାମରେ ଆଞ୍ଚ ଆଣିଛି। ଶୈକ୍ଷିକ ବାତାବରଣ ଏବେ ବିଗିଡିବାକୁ ବସିଛି। ୭୬ଲକ୍ଷ ଟଙ୍କାର ଆର୍ଥିକ ଅନିୟମିତତାକୁ ନେଇ କଲେଜ ଅଧ୍ୟକ୍ଷ ତଥା ପରିଚାଳନା କମିଟି ସମ୍ପାଦକ ଡ. କେଦାରନାଥ ମିଶ୍ର ସୋନପୁର ଥାନାରେ ପ୍ରାକ୍ତନ ଅଧ୍ୟକ୍ଷା ତଥା ବର୍ତ୍ତମାନର ରସାୟନ ବିଜ୍ଞାନ ବିଭାଗର ପ୍ରାଧ୍ୟାପିକା ଡ. ପ୍ରିୟଲତା ଜେନା, ରସାୟନ ବିଭାଗର ଡେମନଷ୍ଟ୍ରେଟର ରବି ନାରାୟଣ ମିଶ୍ର ଓ ମୁଖ୍ୟ କିରାଣି ତଥା ଆକାଉଣ୍ଟାଣ୍ଟ ପ୍ରମୋଦ କୁମାର ବାଗଙ୍କ ନାମରେ ଶୁକ୍ରବାର ରାତିରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ଅଡିଟ୍ ରିପୋର୍ଟ ଅନୁଯାୟୀ ୨୦୧୫-୧୬ ଓ ୧୬-୧୭ ଆର୍ଥିକ ବର୍ଷରେ କଲେଜର ବିଭିନ୍ନ ନିର୍ମାଣ, ମରାମତି କାମରେ ଅନିୟମିତତା ହୋଇଛି। ଗତ ୫ତାରିଖରେ ଅନୁଷ୍ଠିତ କଲେଜ ପରିଚାଳନା କମିଟି ବୈଠକରେ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ଜେନା ଓ ୨ କର୍ମଚାରୀଙ୍କୁ ନିଲମ୍ବନ ସହ ସେମାନଙ୍କ ବିରୋଧରେ ଥାନାରେ ମାମଲା ଦାଏର କରିବା ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା।

ଅନ୍ୟପକ୍ଷେ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. କେଦାରନାଥ ମିଶ୍ରଙ୍କ ନାମରେ ମହିଳା ପ୍ରାଧ୍ୟାପିକାଙ୍କୁ ଅସଦାଚରଣ କରିବା ଭଳି ଗୁରୁତର ଅଭିଯୋଗ ଆସିଛି। କଲେଜର ପ୍ରାକ୍ତନ ଅଧ୍ୟକ୍ଷା ତଥା ବର୍ତ୍ତମାନର ରସାୟନ ବିଜ୍ଞାନ ବିଭାଗର ପ୍ରାଧ୍ୟାପିକା ଡ. ପ୍ରିୟଲତା ଜେନା ସୋନପୁର ଥାନାରେ ଏହି ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛି । ପ୍ରାଧ୍ୟାପିକା ଡ. ଜେନା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କୁ ନିଲମ୍ବନ କରାଯାଇଥିବା ଶୁଣିବା ପରେ କାରଣ ଜାଣିବା ପାଇଁ ଅଧ୍ୟକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ନିଲମ୍ବନର କପି ତାଙ୍କୁ ମିଳି ନଥିଲା। ଶୁକ୍ରବାର ଅପରାହ୍ନରେ ସେ ପୁଣି ଅଧ୍ୟକ୍ଷ ଡ. ମିଶ୍ରଙ୍କ ପ୍ରକୋଷ୍ଠକୁ ଯାଇ ନିଲମ୍ବନର କପି ମାଗିଥିଲେ । ତେବେ ଅଧ୍ୟକ୍ଷ ତାଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। ଚେୟାରରୁ ଉଠି ଆସି ତାଙ୍କୁ ଆଲିଙ୍ଗନ କରିବାକୁ ଚେଷ୍ଟା କରିବାରୁ ସେ ଦୌଡି ବାହାରକୁ ପଳାଇଥିଲେ। ଏହି ସମୟରେ ଅଧ୍ୟକ୍ଷ ଡ. ମିଶ୍ର ତାଙ୍କ ହାତକୁ ଟାଣି ଧରିଥିଲେ। ପ୍ରକୋଷ୍ଠରେ ଅଧ୍ୟକ୍ଷ ଏକୁଟିଆ ଥିଲେ ଓ ପୂର୍ବରୁ ମଧ୍ୟ ତାଙ୍କର ଖରାପ ନଜର ରହିଥିଲା ବୋଲି ପ୍ରାଧ୍ୟାପିକା ଡ. ଜେନା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷେ ଅଧ୍ୟାପିକାଙ୍କ ଅସଦାଚରଣ ଅଭିଯୋଗକୁ ଅଧ୍ୟକ୍ଷ ଡ. ମିଶ୍ର ଅସ୍ୱୀକାର କରିବା ସହିତ ଅଧ୍ୟାପିକା ପ୍ରକୋଷ୍ଠକୁ ଆସିବା ସମୟରେ ଅନ୍ୟ ପ୍ରାଧ୍ୟାପକମାନେ ଉପସ୍ଥିତ ଥିଲେ ବୋଲି କହିଛନ୍ତି ।

ଶନିବାର ଅପରାହ୍ନରେ କଲେଜ ପରିଚାଳନା କମିଟିର ଏକ ଜରୁରି ବୈଠକ ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ତଥା ପରିଚାଳନା କମିଟି ସଭାପତି ବଳରାମ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷ ଡ. ମିଶ୍ରଙ୍କ ନାମରେ ମାମଲା ରୁଜୁ ହେବା ଘଟଣାକୁ ଦୃଢ ନିନ୍ଦା କରାଯାଇଛି। ଏଭଳି ମିଥ୍ୟା ଅଭିଯୋଗ ଦ୍ୱାରା ଶିକ୍ଷାନୁଷ୍ଠାର ସମ୍ମାନରେ ଆଞ୍ଚ ଆସିଛି। ତେଣୁ ଆରକ୍ଷୀ ଅଧିକ୍ଷକ ଓ ଥାନା ଅଧିକାରୀଙ୍କ ସହିତ ଉପଜିଲାପାଳ ମଲ୍ଲିକ ଆଲୋଚନା କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ଅଧ୍ୟକ୍ଷ ଡ. କେଦାରନାଥ ମିଶ୍ର, ନିର୍ଦ୍ଦେଶକଙ୍କ ପ୍ରତିନିଧି ରେଣୁକା ମିଶ୍ର, ଭିସିଙ୍କ ପ୍ରତିନିଧି ଅମ୍ବିକା ନନ୍ଦ, ଶାନ୍ତିମଞ୍ଜରୀ ମିଶ୍ର ଓ ଶିକ୍ଷାବିତ୍ ଡ. ଜ୍ୟୋତିରଞ୍ଜନ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ ।

### ମହିଳାଙ୍କଠାରୁ ସୁନାହାର ଲୁଟ୍

ଲୋଇସିଂହା,୯।୨(ଡି.ଏନ.ଏ)

ବଲାଙ୍ଗୀର ଜଲା ଲୋଇସିଂହା ଥାନା ଅନ୍ତର୍ଗତ ବାବୁଫାସଡ-ଲୁହୁରାମୁଣ୍ଡା ରାସ୍ତାରେ ୩ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଜଣେ ମହିଳାଙ୍କ ସୁନାହାର ଲୁଟ୍ କରିଥିବା ଲୋଇସିଂହା ଥାନାରେ ଅଭିଯୋଗ ହୋଇଛି । ଏ ନେଇ ଏକ ମାମଲା (ନଂ.୨୭/୧୯) ରୁଜୁ କରି ପୋଲିସ ଛାନଭିନ ଚଳାଇଥିବା ଏସଆଇ ଜେ. କେ. ମହାନ୍ତି କହିଛନ୍ତି। ପୋଲିସ ସୂଚନାମତେ, ସାଲେଭଟା ଗ୍ରାମର କାର୍ତ୍ତିକ ସାହୁ ଓ ତାଙ୍କ ସ୍ତ୍ରୀ ସୁବିଧା ସାହୁ ପୂର୍ବାହ୍ନ ୧୧ଟାରେ ଏକ ବାଇକରେ ଉକ୍ତରାସ୍ତା ଦେଇ ଗାଇସିଲେଟ ଯାଉଥିଲେ। ଲୁହୁରାମୁଣ୍ଡା ନିକଟରେ ଏକପଲସର ଗାଡିରେ ଥିବା ୩ଜଣ ମୁଖାପିନ୍ଧା ଦୁର୍ବୃତ୍ତ ସେମାନଙ୍କୁଅଟକାଇଥିଲେ। ପରେ ସୁବିଧା ପିନ୍ଧିଥିବା ସୁନାହାରକୁ ଲୁଟି ନେଇ ଫେରାର ହୋଇଯାଇଥିଲା । ପରେ ସେମାନେ ଲୋଇସିଂହା ଥାନାକୁ ଆସି ଅଭିଯୋଗ କରିଥିଲେ ।

■ବନବିଭାଗ, ପୋଲିସର ମିଳିତ ଚଢ଼ାଉ

# ଟ୍ରକ୍ ସହ ମାଙ୍ଗାନିଜ ପଥର ଜବତ

ବଲାଙ୍ଗୀର ଅଫିସ, ୯।୨

- ଧରାପଡିଲା ଖଣିଜ ଦ୍ରବ୍ୟ ଚୋରା କାରବାର
- ଜବତ ମାଙ୍ଗାନିଜର ମୂଲ୍ୟ ୫ଲକ୍ଷରୁ ଊର୍ଦ୍ଧ୍ୱ
- ଟ୍ରକ୍ ଛାଡି ଫେରାର ହୋଇଗଲେ ଚୋରାଚାଲାଣକାରୀ

ବଲାଙ୍ଗୀର ଜିଲାରେ ବହୁମୂଲ୍ୟ ଖଣିଜ ଦ୍ରବ୍ୟ ଚୋରାଚାଲାଣ ରାକେଟ୍ ସକ୍ରିୟ ଥିବା ଅଭିଯୋଗ ହୋଇଆସୁଥିଲା । ଶୁକ୍ରବାର ବିଳମ୍ବିତ ରାତିରେ ଲୋଇସିଂହା ରେଞ୍ଜ ଅନ୍ତର୍ଗତ ଗଡଶଙ୍କର ସଂରକ୍ଷିତ ଜଙ୍ଗଲ ଅଞ୍ଚଳର ଭାଲୁଡୁଙ୍ଗୁରୀଠାରୁ ବେଆଇନ ଭାବେ ଚୋରାଚାଲାଣ ହେଉଥିବା ମାଙ୍ଗାନିଜ ପଥରଗାଡିକୁ ସ୍ଥାନୀୟ ଗ୍ରାମବାସୀ, ବନବିଭାଗର ମୋବାଇଲ ସ୍କ୍ୱାଡ ଓ ପୋଲିସ ଏପିଆର ଟିମ୍ ମିଳିତ ଚଢ଼ାଉ କରିଥିଲେ। ଚଢ଼ାଉରୁ ଟ୍ରକ୍ (ଓଆର୦୫ଏଏନ୍୪୫୬୧) ସହ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମାଙ୍ଗାନିଜ ପଥର ଜବତ୍ ହୋଇଛି । ଜବତ୍ ଟ୍ରକ୍ ଓ ମାଙ୍ଗାନିଜ ପଥରକୁ ବଲାଙ୍ଗୀର କଦଳୀମୁଣ୍ଡା ସେଣ୍ଟ୍ରାଲ ନର୍ସରୀ-୧ରେ ରଖାଯାଇଛି । ଶୁକ୍ରବାର ରାତି ପ୍ରାୟ ୨ଟାରେ ବନ୍‌ଛୋରପାଲି ନିକଟସ୍ଥ ଭାଲୁଡୁଙ୍ଗୁରୀରୁ ଏକ ଟ୍ରକ୍‌ରେ ମାଙ୍ଗାନିଜ ଚୋରାଚାଲାଣ ହେଉଥିବା ଖବର ମିଳିଥିଲା। ଖବର ପାଇ ବନ୍‌ଛୋରପାଲି ଓ ଅନ୍ତପାଲି ଗ୍ରାମର ୧୦/୧୨ ଜଣ ବ୍ୟକ୍ତି ଘଟଣାସ୍ଥଳକୁ ଯାଇଥିଲେ । ସେଠାରେ ଏକ ଟ୍ରକ୍‌ରେ କିଛି ଶ୍ରମିକ ମାଙ୍ଗାନିଜ ପଥର ଭର୍ତ୍ତି କରୁଥିବା ଦେଖିଥିଲେ। ଏହାପରେ ସେମାନେ ବନବିଭାଗ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏଡି ସମୟରେ ବଲାଙ୍ଗୀର ଡିଏଫ୍‌ଓ ସମୀର ଶତପଥୀଙ୍କ ନେତୃତ୍ୱରେ ବନବିଭାଗର ମୋବାଇଲ ସ୍କ୍ୱାଡ ଶୁକ୍ରବାର ରାତିରେ ଖପ୍ରାଖୋଲ ଅଞ୍ଚଳରେ ପାଟ୍ରୋଲିଂ କରି ଫେରୁଥିଲେ । ମାଙ୍ଗାନିଜ ଲୁଟ୍ ଖବର ପାଇବା ପରେ ଉକ୍ତ ସ୍କ୍ୱାଡ ଭାଲୁଡୁଙ୍ଗୁରୀ ଅଭିମୁଖେ ଆସିଥିଲେ। ଏହାପରେ ବନବିଭାଗ ଓ ପୋଲିସ ଏପିଆ ଟିମ୍ ସହ ବନ୍‌ଛୋରପାଲି ଓ ଅନ୍ତପାଲି ଗ୍ରାମର ଲୋକେ ମିଳିତ ଭାବେ ଚଢ଼ାଉ କରିଥିଲେ । ହେଲେ କୌଣସିମତେ ମାଙ୍ଗାନିଜ ଭର୍ତ୍ତି କରୁଥିବା ଶ୍ରମିକ ଓ ଚୋରାଚାଲାଣକାରୀ ଟ୍ରକ୍ ଛାଡିଦେଇ ସେଠାରୁ ଫେରାର ହୋଇଯାଇଥିଲେ। ଏହାପରେ ବନବିଭାଗ ଟିମ୍ ଉକ୍ତ ମାଙ୍ଗାନିଜ ଭର୍ତ୍ତି ଟ୍ରକ୍‌କୁ ବଲାଙ୍ଗୀର ଆଣି ସେଣ୍ଟ୍ରାଲ ନର୍ସରୀରେ ରଖିଛନ୍ତି। ଏନେଇ ଡିଏଫ୍‌ଓ ଶତପଥୀଙ୍କୁ ପଚରାଯିବାରୁ ମାଙ୍ଗାନିଜ୍ ଭର୍ତ୍ତି ୮ ଚକିଆ ଟ୍ରକ୍‌କୁ ଜବତ୍ କରାଯାଇଛି। ଜବତ୍ ମାଙ୍ଗାନିଜ ପଥର ମୂଲ୍ୟ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ହେବ ବୋଲି ସେ କହନ୍ତି। ବନାଞ୍ଚଳ ଭିତରୁ ଖଣିଜ ଦ୍ରବ୍ୟ ଲୁଟ୍ ଓ ଚୋରାଚାଲାଣ ହେଉଥିବାରୁ ଜଙ୍ଗଲ ଆଇନ୍ ଅନୁସାରେ ଏନେଇ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି କହିଥିଲେ । ବନବିଭାଗ ପକ୍ଷରୁ ଡିଏଫ୍‌ଓ ଶତପଥୀ, ଏସିଏଫ୍ ବାବାଜୀ ଚରଣ ରାଉଳ, ମୋବାଇଲ ସ୍କ୍ୱାଡ ଫରେଷ୍ଟର ସୁନୀଲ ମିଶ୍ର, ବ୍ୟାସଦେବ ସାହୁ, ବନ୍‌ଛୋରପାଲିର କମଳାକାନ୍ତ ବନ୍‌ଛୋର, ବ୍ୟାସଦେବ ଥନାପତି, ଅଜିତ୍ ରାଜପୁତ୍, ଚେତୁରାମ ରାଜପୁତ୍ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ । ୨୦୧୬ ମସିହାରେ ଏକ ମାଙ୍ଗାନିଜ ବୋଝେଇ ଟ୍ରକ୍ ଜବତ୍ ହୋଇଥିଲା । ତେବେ ଜିଲାର ବିଭିନ୍ନ ସ୍ଥାନରୁ କୋଟି କୋଟି ଟଙ୍କା ମାଙ୍ଗାନିଜ ପଥର ରୀତିମତ ଚୋରି ହେଉଥିବା ଅଭିଯୋଗ ହେଉଛି । ବଲାଙ୍ଗୀରରୁ ଛତିଶଗଡର ରାୟପୁରକୁ ଓ କଟକ ଜିଲାକୁ ମାଙ୍ଗାନିଜ ଚାଲାଣ ହେଉଥିବା କୁହାଯାଉଛି ।

■ ରାଷ୍ଟ୍ରୀୟ ନାଟ୍ ମେଳାର ଦ୍ୱିତୀୟ ସନ୍ଧ୍ୟା

# ସଂଘର୍ଷମୟ ଜୀବନର ୩ଟି ପ୍ରତିଛବି

ସୋନପୁର,୯।୨(ନି.ପ୍ର.)



ହିନ୍ଦୀ ନାଟକ ମଧ୍ୟାନ୍ତରର ଏକ ଦୃଶ୍ୟ ।

ସୁବର୍ଣ୍ଣପୁରର ନାଟ୍ ଅନୁଷ୍ଠାନ ପକ୍ଷରୁ ଭୀମଭୋଇ କଳାମଣ୍ଡପଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ବହୁଭାଷୀୟ ନାଟକ ପ୍ରତିଯୋଗିତା ରାଷ୍ଟ୍ରୀୟ ନାଟ୍ ମେଳା। ଶନିବାର ସନ୍ଧ୍ୟାରେ ୩ଟି ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରଥମେ ଶିବଲାଲ ସାଗରଙ୍କ ନିର୍ଦ୍ଦେଶିତ ଓ ନାଟ୍ୟକାର ଜୟବର୍ଦ୍ଧନଙ୍କ ଦ୍ୱାରା ଲିଖିତ ହିନ୍ଦୀ ନାଟକ ମଧ୍ୟାନ୍ତର ମଞ୍ଚସ୍ଥ ହୋଇଥିଲା। ଝାଡଖଣ୍ଡ, ଜାମସେଦପୁର ସାଂସ୍କୃତିକ ମଞ୍ଚ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ନାଟକଟି ମଞ୍ଚସ୍ଥ ହୋଇଥିଲା। ନାଟକର ସାରାଂଶ ହେଲା ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ସମ୍ପର୍କକୁ ନେଇ। ଉଭୟ ଉଭୟଙ୍କୁ ଠିକ୍ ଭାବେ ବୁଝି ପାରିଲେ ଓ ସମର୍ପଣ ଭାବ ରଖିଲେ ସମ୍ପର୍କ ଦୃଢୀଭୂତ ହୋଇଥାଏ ବୋଲି ନାଟକ ମାଧ୍ୟମରେ କଳାକାରମାନେ ସମାଜକୁ ବାର୍ତ୍ତା ଦେଇଥିଲେ। ଦ୍ୱିତୀୟ ଓଡିଆ ନାଟକ ପବିତ୍ର ସମ୍ପର୍କ ମଞ୍ଚସ୍ଥ କରିଥିଲେ ଶବ୍ଦ ସାଂସ୍କୃତିକ ଅନୁଷ୍ଠାନ ହୀରାକୁଦର କଳାକାରମାନେ। ଏହି ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ବିରୂପାକ୍ଷ ପ୍ରଧାନ। ନାଟକର କଥାସାର ହେଉଛି, ମଣିଷ ହେଉଛି ଭଗବାନଙ୍କର ସର୍ବୋତ୍ତମ ସୃଷ୍ଟି। ଇଶ୍ୱର ମଣିଷକୁ ଅନ୍ୟକୁ ବୁଝିବାର କ୍ଷମତା ଦେଇଛନ୍ତି। କିନ୍ତୁ ବେଳେ ବେଳେ ଏପରି ପରିସ୍ଥିତି ଆସିଥାଏ, ଯାହା ଭୁଲ ବୁଝାମଣା ସୃଷ୍ଟି କରିଥାଏ। ଯାହାକି ଅବିଶ୍ୱାସକୁ ଜନ୍ମ ଦେଇଥାଏ। ଏପରିକି ରକ୍ତ ସମ୍ପର୍କୀୟ ମଧ୍ୟ ଛାଡି ଚାଲି ଯାଆନ୍ତି। ପରେ ମଣିଷ କେବଳ ପଶ୍ଚାତପ କରିଥାଏ। ଅନୁଷ୍ଠାନର ଅଭିନେତ୍ରୀ ଅଭିନେତାମାନେ ନିଖୁଣ ଅଭିନୟ କରିଥିଲେ। ତୃତୀୟ ଓଡିଆ ନାଟକ ଶର୍ମିଷ୍ଠା ମଞ୍ଚସ୍ଥ କରିଥିଲେ ଆର୍ଟିଷ୍ଟ ଆସୋସିଏଶନ ପରିଚୟ, ସମ୍ବଲପୁରର କଳାକାରମାନେ। ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ପ୍ରଶାନ୍ତ ମହାରଣା। ନାଟକର ସାରାଂଶ ଏହିପରି। ପ୍ରକୃତିର ବିରୁଦ୍ଧରେ ଗଲେ ବାହ୍ୟ ଜଗତରେ ହେଉ କି ଅର୍ନ୍ତ ଜଗତରେ ହେଉ ବିପର୍ଯ୍ୟୟ ଘଟିବ ହିଁ ଘଟିବ...। ଶର୍ମିଷ୍ଠା ଏହା ଯଯାତିଙ୍କୁ ବୁଝାଇଛନ୍ତି, ନିଜର ଭୁଲ ବୁଝିପାରି ଯଯାତି ପୁରୁକୁ ତାର ଯୌବନକୁ ଫେରାଇ ଦେଇ ଶର୍ମିଷ୍ଠା ସହ ବାନପ୍ରସ୍ଥକୁ ଯାଇଛନ୍ତି। ଶର୍ମିଷ୍ଠା ଅସୁର ରାଜା ବୃଷପର୍ବାଙ୍କ ପୁତ୍ରୀ ଥିଲେ । ଏବଂ ଅସୁରମାନଙ୍କର ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ପୁତ୍ରୀ ଦେବଯାନୀ ଥିଲେ। ଏହି ନାଟକଗୁଡିକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ସିନେ ଅଭିନେତା ପଦ୍ମଶ୍ରୀ ଡ. ସାଧୁ ମେହେର, ଜିଲା ସଂସ୍କୃତି ଅଧିକାରୀ ଅଶୋକ କୁମାର ମିଶ୍ର, ସଙ୍ଗୀତଜ୍ଞ ବିକାଶ ଚନ୍ଦ୍ର ମିଶ୍ର ଓ ଆଶିଷ କୁମାର ସାହୁ ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ଯୋଗଦାନ କରିଥିଲେ। ନାଟ୍ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ବନାମାଳୀ ପଣ୍ଡା ସଭାକୁ ସଂଯୋଜନା କରିଥିଲା ବେଳେ ସାଂସ୍କୃତିକ ସମ୍ପାଦକ ଅବିନାଶ ହୋତା ଧନ୍ୟବାଦ ପ୍ରଦାନ କରିଥିଲେ। କ୍ଷୀରୋଦ ବିହାରି ବିଶ୍ୱାଳ, ଦେବାଶିଷ ପଟ୍ଟନାୟକ, ଅମୀୟ ରଞ୍ଜନ ଦାଶ, ଚିନ୍ମୟ ରଥ, ସମୀର ସାହୁ ଓ ସଞ୍ଜୟ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ଗୋଲ୍‌ଡେନ୍ ଟ୍ରାଏଙ୍ଗଲ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଘାଟିତ

# ପ୍ରଥମ ଦିନରେ ୧୯ ଚଳଚ୍ଚିତ୍ର ପ୍ରଦର୍ଶିତ

ଭୁବନେଶ୍ୱର,୯।୨(ବ୍ୟୁରୋ)




ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ (ବାମରୁ) ଗୋଲଡେନ୍ ଟ୍ରାଏଙ୍ଗଲ୍ ଚାରିଟେବୁଲ୍ ଟ୍ରଷ୍ଟର ସଭାପତି ପ୍ରିୟରଞ୍ଜନ ସାହୁ, ବିଦେଶୀ ପ୍ରତିନିଧି ଚଲପନ୍ ଇଦ୍ରିସୋଭା, ଲେବାନନ୍‌ର ଏନ୍‌ଡିୟୁ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ପ୍ରତିଷ୍ଠାତା ସାମ୍ ଲାହୁଦ୍, ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ ଓ ଟ୍ରଷ୍ଟର କର୍ମକର୍ତ୍ତା ଆସିଫ୍ ହୁସେନ୍ ।

ଗୋଲ୍‌ଡେନ୍ ଟ୍ରାଏଙ୍ଗଲ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ୪ର୍ଥ ସଂସ୍କରଣ ଶନିବାର ସୂଚନା ଭବନ ପଛପଟ ଗୀତଗୋବିନ୍ଦ ସଦନଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ୧୯ଟି ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ସେଥିରୁ ୧୫ମିନିଟ୍‌ର କ୍ଷୁଦ୍ର ଓଡ଼ିଆ ଚଳଚ୍ଚିତ୍ର 'ଆଉ ଏକ ସତ୍ୟ' ଦର୍ଶକଙ୍କ ମନ ଛୁଇଁଥିଲା। ମହୋତ୍ସବର ପ୍ରଥମ ପ୍ରଦର୍ଶନ କିର୍ଗିଜ୍‌ସ୍ତାନର କ୍ଷୁଦ୍ର ଚଳଚ୍ଚିତ୍ର 'ଦ ଡ୍ରପ୍'ରୁ ଆରମ୍ଭ ହୋଇଥିଲା, ଯାହାକି ୧୭ମିନିଟ୍ ୨୦ସେକେଣ୍ଡର ଥିଲା। ପରେ 'ଲିଟିଲ୍ ମାନାସି', '୮ ମିନିଟ୍‌ସ', ' ଦ ଡୋମ୍ ଅଫ୍ ୟୁନିଭର୍ସ', 'ବେକତ୍', 'ଦ ବେଷ୍ଟ ସିଟି ଅଫ୍ ଦ ଆର୍ଥ', 'ବିଲିୟନ୍', 'ସର୍ଟ', ଇଟ୍ ରେନ୍‌ସ ସ୍ଲୋଲି', 'ହାଇ ଆଇ ଥ୍ରୀୟୁ ଅଫ୍ ଦ ସ୍କ୍ରିନ୍', 'ପ', 'ସ୍କାଏର', 'ଫରଜନ୍', 'ଆଟା ବେୟିତ୍', 'ଓସୋଭେଟ୍ସ', 'ବୋଟ୍' ଆଦି କ୍ଷୁଦ୍ର ଚଳଚ୍ଚିତ୍ର ସହ ଫିଚର ଫିଲ୍ମ 'ଫର୍ଟିଚ୍ୟୁଡ୍' ପ୍ରଦର୍ଶିତ ହୋଇଥିଲା।

ଗୋଲ୍‌ଡେନ୍ ଟ୍ରାଏଙ୍ଗଲ୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ମହୋତ୍ସବକୁ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ରାଷ୍ଟ୍ରର ଚଳଚ୍ଚିତ୍ରକୁ ପ୍ରଚାର ଓ ପ୍ରସାର କରିବା ଦିଗରେ ଏହିଭଳି ମହୋତ୍ସବ ଗୁରୁତ୍ୱବହନ କରିଥାଏ ବୋଲି ପାଟଶାଣୀ କହିଥିଲେ। ଟ୍ରଷ୍ଟ ସଭାପତି ପ୍ରିୟରଞ୍ଜନ ସାହୁ ଅଧ୍ୟକ୍ଷତା କରି କହିଲେ, ପ୍ରତିବର୍ଷ ଅଧିକ ସଂଖ୍ୟକ ଚଳଚ୍ଚିତ୍ର ଆସୁଛି। କିନ୍ତୁ ଆମେ ସେଥିରୁ ଚୟନ କରି ଚଳଚ୍ଚିତ୍ରକୁ ପ୍ରଦର୍ଶନ କରୁଛୁ। ପ୍ରଥମ ଥର ପାଇଁ ଚଳିତ ସଂସ୍କରଣରେ ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର ଅଂଶଗ୍ରହଣ କରିଛି। ଏଠାରେ ଯଦି ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ, ତା'ହେଲେ ନିଶ୍ଚୟ ସେହି ଚଳଚ୍ଚିତ୍ରଗୁଡ଼ିକ ଅନ୍ତର୍ଜାତୀୟ ସ୍ତରରେ ପ୍ରଚାର ହୋଇପାରିବ। ଅନ୍ୟମାନଙ୍କ ମଧ୍ୟରେ ଲେବାନନ୍‌ର ଏନ୍‌ଡିୟୁ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ସାମ୍ ଲାହୁଦ୍, ବିଦେଶୀ ପ୍ରତିନିଧି ଚଲପନ୍ ଇଦ୍ରିସୋଭା, ଟ୍ରଷ୍ଟ କର୍ମକର୍ତ୍ତା ଆସିଫ୍ ହୁସେନ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।



ପ୍ରଦର୍ଶିତ ଫିଚର ଫିଲ୍ମ 'ଫର୍ଟିଚ୍ୟୁଡ୍'ର ଏକ ଦୃଶ୍ୟ।

୪ ଦିନିଆ ଏହି ଚଳଚ୍ଚିତ୍ର ମହୋତ୍ସବରେ ପ୍ରାୟ ୫୬ଟି ଜାତୀୟ, ଅନ୍ତର୍ଜାତୀୟ ଓ ଆଞ୍ଚଳିକ ସିନେମା ପ୍ରଦର୍ଶନ ହେବ। ଏକାଧିକ ଅନ୍ତର୍ଜାତୀୟ ଫିଲ୍ମ ଏଥର ମହୋତ୍ସବରେ ସାମିଲ ହୋଇଥିବା ବେଳେ ଶ୍ରେଷ୍ଠ ବିବେଚିତ ଫିଚର ଓ କ୍ଷୁଦ୍ର ଚଳଚ୍ଚିତ୍ର

**ମନ ଛୁଇଁଲା ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର 'ଆଉ ଏକ ସତ୍ୟ'**

ପ୍ରଦର୍ଶନ ହେବ। ରୁଷିଆ, କିର୍ଗିଜ୍‌ସ୍ତାନ, ଇରାନ୍, ଜର୍ଜିଆ, ମାଳଦ୍ୱୀପ, ଏଷ୍ଟୋନିଆ, ଲାଟ୍‌ଭିଆ, ଆର୍ମେନିଆ ଓ ବାଂଲାଦେଶ ସହ ଓଡ଼ିଆ, ହିନ୍ଦୀ, ତାମିଲ, ମାଲୟାଲାମ୍, ବଙ୍ଗଳା, ମରାଠୀ ଆଦି ଭାଷାର ଚଳଚ୍ଚିତ୍ର ମଧ୍ୟ ରହିଛି। ପ୍ରତିଦିନ ପୂର୍ବାହ୍ନରୁ ରାତି ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଫିଲ୍ମ ପ୍ରଦର୍ଶନ ହେବ। ରବିବାର ପ୍ରଦର୍ଶନ ହେବାକୁ ଥିବା ୧୯ଟି ଫିଲ୍ମ ମଧ୍ୟରୁ ୫ଟି ଭାରତୀୟ ଭାଷାର ଚଳଚ୍ଚିତ୍ର ରହିଛି। ସେଥିରେ ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର 'ଭକୁଆ' ପ୍ରଦର୍ଶନ ହେବ। ଏହି ଚଳଚ୍ଚିତ୍ର ମହୋତ୍ସବର 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମିଡିଆ ପାର୍ଟନର ଅଛନ୍ତି।

# ବିଜେଡିର ୱାର୍ଡ କମିଟି କର୍ମଶାଳା

ଦେବଗଡ, ୯।୨(ସ୍ୱ.ପ୍ର)




ବିଜେଡି ପକ୍ଷରୁ ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ନଗର ପରିକ୍ରମା କରୁଛନ୍ତି।

ଦେବଗଡ ଜିଲା ବିଜେଡି ପକ୍ଷରୁ ଜିଲାର ସମସ୍ତ ପଞ୍ଚାୟତରେ ୱାର୍ଡ କମିଟି କର୍ମଶାଳା ସମାପ୍ତ ହେଲା ପରେ ଶନିବାର ପୌରପରିଷଦର ୧୧ଟି ୱାର୍ଡକୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସୁଧୀର କପରଦାରଙ୍କ ନେତୃତ୍ୱରେ ସ୍ଥାନୀୟ ଗୋପାଳଜୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଟାଉନ ହଲରେ ପହଞ୍ଚିଥିଲେ । ସେଠାରେ ଅନୁଷ୍ଠିତ ସଭାରେ ବିଜୁ କୃଷକ ଜନତା ଜିଲା ସଭାପତି ଇଂ ଚିତ୍ତରଞ୍ଜନ ପ୍ରଧାନ, ନିବେଦିତ ନାୟକ, ଦେବେନ୍ଦ୍ର ବେହେରା, ରୋମାଞ୍ଚକ ରଞ୍ଜନ ବିଶ୍ୱାଳ, ପ୍ରଗତିଲକ୍ଷ୍ମୀ ଦାସ, ଅନିତା ପାତ୍ର, ସୁଷମା ବେହେରା, ଭୁପେନ୍ଦ୍ର ପ୍ରସାଦ ନାୟକ, ଆଲୋକ ଅମାତ୍ୟ, ସୁଜିତ ପ୍ରଧାନ, ବିଷ୍ଣୁପ୍ରସାଦ ଅମାତ୍ୟ, ଏସଡିସିସି ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ବିଫଳତା ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ପ୍ରତ୍ୟେକ ୱାର୍ଡରୁ ଅଧିକରୁ ଅଧିକ କର୍ମୀଙ୍କୁ ସଚେତନ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରିଥିଲେ ।

# ଧାନମଣ୍ଡି ବନ୍ଦ ପ୍ରତିବାଦରେ ଚାଷୀଙ୍କ ଧାରଣା

ଦେବଗଡ, ୯।୨(ସ୍ୱ.ପ୍ର)

ଦେବଗଡ ଜିଲାରେ ପ୍ରାୟ ଏକ ମାସହେବ ଧାନକିଣା ବନ୍ଦ ଅଛି। ଫଳରେ ଜିଲାର ବହୁ ଚାଷୀ ଧାନ ବିକ୍ରି କରି ନ ପାରି ପକାଇ ରଖିଛନ୍ତି। ଏନେଇ ବାରମ୍ବାର ଜିଲା ପ୍ରଶାସନକୁ ଦାବିପତ୍ର ଦେଲେ ସୁଦ୍ଧା ସାମାଧାନ କରୁ ନ ଥିବାରୁ ଜିଲାରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି । ଏପରିକି ଜିଲାର ବିଭିନ୍ନ ସ୍ଥାନରେ ଚାଷୀଙ୍କ ଅନ୍ଦୋଳନ ଚାଲିଛି । ବାରକୋଟ ବ୍ଲକ କଣ୍ଟାପାଲି ସେବା ସମବାୟ ସମିତି ଜରିଆରେ ଧାନ ବିକ୍ରି ପାଇଁ ପଞ୍ଜୀକୃତ କରିଛନ୍ତି ଚାଷୀ। କିନ୍ତୁ ସମିତିର ପ୍ରାୟ ୨୭ହଜାର କୁଇଣ୍ଟାଲ ପଞ୍ଜୀକୃତ ହୋଇଥିଲେ ମଧ ୧୫ହଜାର ୩୩୩ କୁଇଣ୍ଟାଲ କ୍ରୟ ହୋଇଛି । ଏଣୁ ବାକିଥିବା ଧାନ ବିକ୍ରି କରି ନ ଥିବାରୁ ସମବାୟ ସମିତିରେ ତାଲା ପକାଇ ଧାରଣା ଦେଇଛନ୍ତି ଚାଷୀ। ଆଗାମୀ ଦିନରେ ଉକ୍ତ ସମସ୍ୟାର ସାମାଧାନ ନହେଲେ ୧୧ ତାରିଖରେ ୧୨ଘଣ୍ଟିଆ ୪୯ନଂ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ସୂଚନା ଚେତାବନୀ ଦେଇଛନ୍ତି। ଏହିପରିପେକ୍ଷିରେ ଆଦିବାସୀ ମହାସଂଘ ସଭାପତି ସେମ୍‌ହେମ୍‌ରମ୍ କଣ୍ଟାପାଲି ସେବା ସମବାୟ ସମିତିରେ ଧାରଣାରେ ବସିଥିବା ଗ୍ରାମବାସୀଙ୍କୁ ଭେଟି ଉକ୍ତ ସମସ୍ୟା ନେଇ ଆଲୋଚନା କରିଥିଲେ।



ଧାରଣାରେ ବସିଥିବା ଗ୍ରାମବାସୀଙ୍କ ସହ ଆଦିବାସୀ ମହାସଂଘ ସଭାପତି ସେମ୍ ହେମ୍ରମ୍।




## BRIDE WANTED

Urgent bride requirement for Gudia groom qualification IT, Height- 5'7". Contact: 6370096605, 9778124128. D-10918

Wanted bride for candidate 28 years, MBA working at Prudential group from Karan and Khandayat community. Contact: 9099004628. D-11065

Well settled Karan groom DOB- 04.09.89. B.tech in Mechanical engineering working as a Manager. Only son, from Kendrapada, contact. 8328831148. D-11053

ବାର୍ଷିକ ୧୦ଲକ୍ଷ ଟଙ୍କା ପ୍ୟାକେଜ୍‌ରେ ବାଙ୍ଗାଲୋରରେ ସଫ୍ଟୱେୟାର ଇଞ୍ଜିନିୟର ଭାବେ କାର୍ଯ୍ୟରତ କୁମ୍ଭାର ଜାତିର ପାତ୍ର ପାଇଁ ଏକ ଗୌରବର୍ଣ୍ଣ, ଶିକ୍ଷିତ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: ୯୪୩୭୩୬୦୯୭୦, ୯୯୩୮୦୨୬୭୦୪। ଧ-୬୨୦୬୯

ମାଟିବଂଶ ଜାତିର ପାତ୍ର ପାଇଁ ଗ୍ରାଜୁଏଟ୍ ବା ତଦୂର୍ଦ୍ଧ୍ୱ ପାତ୍ରୀ ଆବଶ୍ୟକ। ମୋ: 9937858319. D-11066

## GROOM WANTED

Teli / similar caste boy invited for fair girl 5'5"/ DOB-13.12.1988/ Makar, B.Com, MBA working in MNC Bangalore: 9438042036. (Parents). D-65469

Groom wanted for Utkal Brahmin bride age 28+ height 5'6" Rasi- Mina, Debagana M.A in English BED. Sound health, groom be Teacher, Lecturer, Engineer or Govt. Service. Contact: 9732563395, 8250378568. D-10798

ଭୁବନେଶ୍ୱରର ବ୍ରାହ୍ମଣର ଝିଅ ୩୪+ BA ପାଇଁ ଉପଯୁକ୍ତ ବରପାତ୍ର ଆବଶ୍ୟକ। 9861135199.D-11051

Widow bride Teacher 35, Clerk 42, Engineer 38 (caste-no-bar). 7873374269. D-65475

Now Matrimonial ads. only on Wednesday & Sunday Book 1 Get 1 FREE




## SALE

Army jeep left hand 4x4wheel drive, diesel Issuz engine with all Army fittings Bhubaneswar. 9437022665. D-65472

Ford Ikon 2003 NXT Diesel car with new AC Cluch preseure plat good running condition for sale. M: 8917370377. D-11015

Chevrolet Travera top model 2008 white excellent condition. 299000/-. 7377740724. D-65814

Hyundai Creta- 2016, Sx(0), Cruze- 2014, LTZ, Lancer Cedia Sports red, Skoda Octavia, Nissan Teanna, Land Rover. 7381091234, 9861194627. D-65330




## SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

Ready 2BHK/ 3BHK flat, Kalinga Nagar, Bhubaneswar (ORERA Approved) @ 40 lakh, No GST. 7381087905.D-65530

3storied building for sale near Dhauli, Bhubaneswar, all are 3BHK flat new building. Contact: 9337730923.D-58037

2X2BHK flat converted to super luxury fully loaded furnished flat. Only 3.5 kms. from Ravi Talkies Square, Bhubaneswar. 9439963384. D-58042

**Readymade Ghari (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65818

ORERA registered 1BHK, studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-65550

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଙ୍ଗାରୁ ବିକ୍ରିହେବ। 9178660666. D-65558

**Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65817

Gharabari boundary, 30' road plots available at Hanspal, Pahal, Pathargadia,Gudiapokhari, Sundarpada. 9937927876. D-11000

2000 sqft. plot (10Nos) at Sankarpur, Vipul garden backside Ghatikia, Bhubaneswar (electricity, supply water, 30ft. road). 7381564227. D-65470

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-11034

ଭୁବନେଶ୍ୱର ତମାଣ୍ଡୋ ନିକଟରେ electricity 30' ରୋଡ ଥାଇ sqft. 970/-ରେ ପ୍ଲଟ କିଣନ୍ତୁ। 9776452737. D-65355

7 guntha ghara-badi converted road side land at Bhatapada, Salepur, located adjacent to (Jagatpur-Kendrapada Highway) for immediate sale. Contact: 7829553888. D-10995

**21000 Sqft. under construction Hostel at Kalarahanga, Total 52 rooms, 28 nos. drawing dining, G+2 building, Sufficient parking, Expected Bed 215 nos., Price- 6.5 Crore/ Negotiable Contact: 9439856856.** D-11033

30 feet main road 30 feet sub road yellow zone plot near Vipul Garden & Tata Ariyan Khandagiri. 9437426733. D-10891

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-11018

Booking one lakh simplex 2BHK 1200 sqft. land 20,50,000/- BDA area Tankpaniroad Sai Temple monthly instalment 10,000/-. 7735738102.D-11016

Newly construction Triplex at Sreevihar, Chandrasekharpur (infront of Indian Oil Headoffice). 9437096921, 9938855111. D-64784

4000 sqft. SC land (Gharabari) BDA approved sft. height boundarywall at Patia. 9437096921, 9938855111. D-64785

Tamando ବଜାର ପଛପଟେ ଘରବାରି ପାଚେରି ହୋଇ ରହିଥିବା plot ମିଳୁଅଛି। 9439864322. D-65351

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-11032

Residential plot for sale at Patia connecting with blacktop road boundary-wall, electrification, water supply (ready for construction). 9556003065, 7978159231. D-65352

Tamando Market ପାଖରେ ଘରବାରି boundary plot ନେଇ ଘର କରନ୍ତୁ। 9438859527. D-10898

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

2BHK flat at KG Apartment Garage Chhak, Bhubaneswar. Buyer. 8328890345.D-65606

ଭୁବନେଶ୍ୱର Khordha NHରୁ 100' ଦୂରତାରେ BDA plot 400/-ରେ ମିଳୁଅଛି। 9090963952. D-65328

ଭୁବନେଶ୍ୱର Sum Hospital ନିକଟ କାଟେଣୀରେ yellowzone gharabari plot 550/-. 9777553622. D-64777

Bhubaneswar ହଂସପାଳ ପାଖରେ ଘରବାରି ବାଉଣ୍ଡାରି plot କିଣି ସଙ୍ଗେସଙ୍ଗେ ଘର କରନ୍ତୁ: 9556403869, 9937355539. D-10830

ନଖରା ତ୍ରିନାଥବଜାରଠାରେ SC ଘରବାରି plot 1200କୁ 3,60,000/- general plot 1200କୁ 5,40,000/- (outright) 9938177361, 7749026703. D-65353

ଭୁବନେଶ୍ୱର ଜଟଣୀଗେଟ୍ କିଛିଦୂରତାରେ 1200 sqft. 1,80,000/-, BEC କଲେଜ ଠାରେ 1200କୁ 3,00,000/- (outright). 9938177361, 7749026703. D-65354

Flats available for sale at Pokhariput, Bhubaneswar. RERA, BDA & SBI approved. Call: 7381863666, 7381267666. D-65518

Patia KIIT ଜଗନ୍ନାଥ ମନ୍ଦିର ନିକଟରେ ବାସୋପଯୋଗୀ ପ୍ଲଟ ପାଚେରି electricity 30' road, registration ସହିତ sqft. 1100/-. 9937374868.D-65357

Book one 2BHK & 3BHK duplex at Bharatpur near Kalinga Studio Chhak. Cost 60 lakh to 85 lakh. 7978214375. D-64579

3 Bedroom vastu based new premium duplex (Group Housing) for immediate sale at Garage Chhack, Bhubaneswar. Contact Deepak: 9937329999.D-64578

NH-16 ପାଖରେ 30' ରୋଡ ଥାଇ ସଙ୍ଗେସଙ୍ଗେ ଘରକରି ରହିପାରୁଥିବା BDA yellowzone plot Bhubaneswar ହଂସପାଳ, ପାହାଳ, ବାଲିଅନ୍ତା। 8480446340. D-11022

Gharabari plot with Bank loan facility near Gohiria Chhaka 2KM. from NH-5 first boundary then Registration electricity frontage 100ft. blacktop pichu road East/ North facing under BDA approval, 1100/- sqft. Negotiable. 9937120995. D-64786

**4BHK Duplex at Kalarahanga near Patia Station at reasonable & affordable price. Ready to move 3BHK flat at Nayapalli Behera sahi nearer to NH-5 please contact: 8249222916, 9938792922.** D-10956

ଭୁବନେଶ୍ୱର କଣ୍ଟାବାଡ (ପିତାପଲ୍ଲୀରୁ-କଟକ) NH 100' bypass road sideରେ ଗୃହୋପଯୋଗୀ ପଙ୍ଗା plot. 9437971401. D-64787

Following plots at Argul for sale. These plots are near to IIT Gate (within 1km.). 1. Plot no.- 41/787 and 40/786 are together 199 decimal with boundary wall, gates, watchman room. 2. Plot no.-37, 142/261-350 decimal. Both plots are in Mouza- Kanspada, Pattas are available, Khajana paid uptodate. Interested persons may contact. 9668399401, 8328832384. D-56635

**Plot for sale main road side, North facing with boundary wall near BJEM School, Phase-II, Rangabazar, Mauza-Satyabhamapur. 1000/- per sqft. financially sound party may contact: 9437013477, 9040181671.** D-11048

Book 4BHK duplex having land area 1500 sqft. and construction area 2000 sqft., back side of AMRI Hospital, Khandagiri, Bhubaneswar. Possession in June 2020. Price- 62.5 lakhs. 7504392698. D-65565




Construct your dream home @ 450/- @ 1400/- onwards with all branded materials also minimum 40 years structural guaranty. Deepak Construction, BBSR. Contact: 9861010049, 8480700846. D-10899

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-11035

## GENERAL SALE

Beauty Spa sale running Parlour Top Location Bhubaneswar Ph: 9861061565. D-52887

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65329




3BHK ground floor enough parking for office/ residence at VSS Nagar near Prabhujee School. 7978059473. D-10999

300 sqft. with showroom for shop near Reliance Fresh, Ruchika Market, Baramunda, Bhubaneswar. Contact: 8763246739. D-58040

3BHK flat Shibani Villa Badagada Canal Road. Rent. 15,000/-. 7735738098. D-11017

Sapce for Nursing Home, Educational Institute, Bank, office, warehouse near Padmabati Market Sundarpada. 9437926044. D-10662

10,000 sqft. 1st, 2nd, 3rd floor for Lodge, Hotel, Bank, MNC, Mahal on Janpath, Ashok Nagr, close to Railway Station. 7656947172. D-65605

7BHK house for rent/ lease. Suitable for Guest House, warehouse. Address– Gour Vihar, On the way to Mata Matha. Contact: 7978356787.D-63761

1 Bhk flat for rent at Nirupamma Apartment near Kalinga Stadium, Nayapalli, Bhubaneswar. Rent 8000 contact: 7008730860, 7008856130, 9937292259, 9338010976. D-53640

Commercial Office space available at Esplanade Mall Rasulgarh, Bhubaneswar. 7978426155. D-65474

2 room house marble flooring toilet kitchen opposite Hotel Presidency Nayapalli. 9437305947. D-65358

2BHK fully furnished 1st floor at Satabdinagar Bhubaneswar for rent contact: 9438658196.D-63209

Single room with attached toilet at IRC Village for Ladies accommodation only: 9937560970. D-64580

3 room duplex near, Kalarahanga, Patia, Bhubaneswar. Rent- 9000/- PM. 9938695933, 8851368162. D-65551

Commercial space 800 and 2500 sqft. for office/ godown. Contact: 9437033691. D-65608

Ground floor and First Floor available for any type of show room, banks, mall, offices etc. 7000sq ft in each floor. Basement parking available. Opp. Sadar Police Station, Jeypore. Contact Ph. 9437165309. D-10979

Space for Bank ATM and 3BHK house available for rent at prime location in Khurda Town. Contact: 9583009617. D-11027

1850 sft. commercial 2nd Floor, KIIT Square, infront of Big Bazar, Patia, Bhubaneswar. Contact: 9861041397.D-64583

At Sahid Nagar Rs. 6700/- one bedroom, drawing, dining, kitchen, bath: 9861312909. D-64582

## ACCOMMODATION

ରାଜଧାନୀର ଫରେଷ୍ଟପାର୍କ ସତ୍ୟନଗର ୟୁନିଟ-୮ ସିରିପୁର, ୟୁନିଟ୍-୬ କଳ୍ପନାରେ ତଳମହଲା ଘର ଆବଶ୍ୟକ। 7750899392. D-65819




Shivam logistic packers movers. Household/ car relocation countrywide. 9777044177, 9338461133. D-10586




Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-65543

Experience full body massage with us by experts. Enquiry. 06742597822, 7377048581. D-65559

Herbal full body massage with refreshment by well trained therapist. 7381239385, 06742540855. D-65560

Laser treatment for arthritis, spondilitis, diabetic, foot, Ulcer, paralysis. US qualified Doctor for laser treatment. 7894744308. D-59851

Improving your health, skin care through expert therapist, excellent offer. 9668374480. D-65562

Newly opening ayurvedic body massage smart therapist, Shree herbal. 7750020754. D-65563

Herbal full body massage by smart/ expert therapist. Contact: 8338067247. D-65564

Welcome to Seva care sensational massage by expert therapist- 9937062638. D-65471

New opening ayurvedic full body massage. 7077444583. D-10885

This winter do you need Keralian massage with Steambath. 9556341170. D-10940

Fantacy newly opening ayurvedic fullbody massage ledies, gents. 7609923705, 7438851534. D-38544

## AFFIDAVIT

By affidavit before Executive Magistrate, BBSR on 18.01.2019, my name is changed from Aishwarjya Meher to Aishwarya Debashrita for all purposes. D-11050

### ପ୍ରଥମ ଜନ୍ମ ଉତ୍ସବ ଶୁଭେଚ୍ଛା



(ଗୁଗୁଲି)

ଦିବ୍ୟାଂଶୀ

ଦିବ୍ୟାଂଶୀର ଆଜି ତା. ୧୦।୦୨।୨୦୧୯ ରବିବାର ପ୍ରଥମ ବାର୍ଷିକ ଜନ୍ମୋତ୍ସବ ଉପଲକ୍ଷେ ଶୁଭ ଆଶୀର୍ବାଦ, ଶୁଭକାମନା। ଦିବ୍ୟାଂଶୀର ଚଳାପଥ କୁସୁମିତ ହେଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୁଭେଚ୍ଛା ସହ: ପିତା- ଡାଃ ପ୍ରଶାନ୍ତ ଭୋଳ, ମାତା- ଡାଃ ଜ୍ୟୋତି ଶାସ୍ତ୍ରୀ,ଅଜା ଏବଂ ଆଈ- ମୁରଲୀଧର ଶାସ୍ତ୍ରୀ, ଗୀତାଞ୍ଜଳି ଶାସ୍ତ୍ରୀ, ଜେଜେମା- ପ୍ରେମଲତା, ମାମୁ- ପ୍ରମୋଦ ଶାସ୍ତ୍ରୀ, ଦଦେଇ- ସୁଶାନ୍ତ ଏବଂ ଦେଠେଇ- ସରସ୍ୱତୀ।

ଧ-୧୧୦୬୪

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### CLASSIFIED BOOKING STATIONS

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**JOGESWAR DAS**
Rayagada Contact: Mr. Jogeswar Das, Mob: 9437234611, 06856 222611.

### ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା



(ରାଜା)

ସୌରେନ୍ ମଲିକ୍
ଧାମନଗର, ଜି. ଭଦ୍ରକ
ପିତା- ସୁରେନ୍ ମଲିକ୍
ମାତା- ଲିପିରାଣୀ
ଶୁଭେଚ୍ଛୁ: ପିଉସା- ପବିତ୍ର, ପିଉସୀ- ସସ୍ମିତା, ବଘିଆପଡ଼ା ପରିବାରବର୍ଗ।

ଧ-୧୧୦୬୭

### ତୃତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା



(ରାମ)

ଅଂଶୁମାନ୍

ଶୁଭ ଜନ୍ମଦିନ ଅବସରରେ ଆମ୍ଭମାନଙ୍କର ଏତିକି ପ୍ରାର୍ଥନା ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମ୍ଭମାନଙ୍କର ଚଲାପଥ କୁସୁମିତ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଶୁଭେଚ୍ଛା ସହ: ଜେଜେମା, ଜେଜେବାପା, ମାମା, ବାବା, ବଡ଼ବାପା, ବଡ଼ମାମା, ସତ୍ୟ, ଲୋରି, ଖୁସି, ରୂପା, ଲିପାନି। ଧ-୧୧୦୫୯

### ତୃତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା



(ସାଇ)

ଅଭିଜିତ୍

ଶୁଭ ଜନ୍ମଦିନ ଅବସରରେ ଆମ୍ଭମାନଙ୍କର ଏତିକି ପ୍ରାର୍ଥନା ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମ୍ଭମାନଙ୍କର ଚଲାପଥ କୁସୁମିତ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଶୁଭେଚ୍ଛା ସହ: ଜେଜେମା, ଜେଜେବାପା, ମାମା, ବାବା, ବଡବାପା, ବଡମାମା, ସତ୍ୟ, ଲୋରି, ଖୁସି, ରୂପା, ଲିପାନି। ଧ-୧୧୦୬୦

### Birthday Wish



**Satvik Dash**
Berhampur

Dear Son Happy 3rd birthday. May Lord Jagannath bless you with loads of happiness, success & prosperity in life. Keep smiling as always. Best wishes: Papa, Mama, Jeje Bapa, Jeje Maa, Aja, Aai & family. D-11049

## ମନେ ପଡ଼ନ୍ତି

### ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ଆନନ୍ଦ ଚନ୍ଦ୍ର ମହାପାତ୍ର
ଗ୍ରାମ- ବିଂକୁଡିଆ, ଖୋରଧା
ତିରୋଧାନ: ୧୯୯୯
ଶ୍ରୀପଞ୍ଚମୀ
ମନେ ପକାଉଛୁ।
ତୁମ ପରିବାରବର୍ଗ।

ଧ-୫୮୦୩୮

### ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ଅନସୂୟା ନନ୍ଦ
ଜରାଓରପୁର, ବନ୍ତଳା, ଅନୁଗୋଳ
ଆବିର୍ଭାବ: ୦୧।୦୧।୧୯୪୧
ତିରୋଧାନ: ୩୧।୦୧।୨୦୧୯

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜିଉ ଓ ଶ୍ରୀ ଜଗନ୍ନାଥଙ୍କ ଚରଣରେ ଭକ୍ତିପୂତ ନିବେଦନ ଜଣାଇବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କ ଶୋକସନ୍ତପ୍ତ ପୁତ୍ର, ବୋହୂ, ଦୁଇନାତୁଣୀ, ଜ୍ୱାଇଁ ଓ ବନ୍ଧୁ ପରିବାରବର୍ଗ। ଧ-୧୧୦୬୮

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବିନ ସିଂହ
ଆବିର୍ଭାବ: ୧୯୫୭ ମସିହା
ତିରୋଧାନ: ୧୯୯୯ (ଶ୍ରୀପଞ୍ଚମୀ)
ପଚ୍ଛିକୋଟ୍ ଗଡ଼ (ଯାଜପୁରରୋଡ଼)
ଆପଣଙ୍କ ସ୍ମୃତିରେ ଆମର
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ପୁତ୍ର- ଅପୁ ଏବଂ ସପରିବାରବର୍ଗ।

ଧ-୧୦୯୮୯

### ଅଷ୍ଟାଦଶ ବାର୍ଷିକ ଶ୍ରାଦ୍ଧଦିବସ ଅବସରରେ



ସ୍ୱର୍ଗତ ଜାନକୀ ବଲ୍ଲଭ ଦାଶ
ପ୍ଲଟ ନଂ- ୨୦୨୫, ମହତାବ ରୋଡ଼, ଓଲଡ଼ ଟାଉନ୍, ଭୁବନେଶ୍ୱର-୨

ତୁମର ଅମ୍ଳାନ ଆତ୍ମା ବିଭୁପଦ ତଳେ ଚିରଶାନ୍ତି ଲାଭକରୁ, ଏହାହିଁ ମହାପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା। ହତଭାଗା- ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ନାତୁଣୀ, ଆତ୍ମୀୟସ୍ୱଜନ, ପରିବାରବର୍ଗ ଓ ବନ୍ଧୁବାନ୍ଧବ। ଧ-୧୧୦୭୦

## ସଂକ୍ଷେପରେ

### ଆମେରିକାର ନ୍ୟାଶନାଲ ଏକାଡେମୀ ଅଫ୍ ଇଞ୍ଜିନିୟରିଂର ସଦସ୍ୟା ହେଲେ କିରଣ

**ୱାଶିଂଟନ,୯-୨:** ବାୟୋଫାର୍ମା କମ୍ପାନୀ ବାୟୋକନର ଅଧକ୍ଷା ତଥା ପ୍ରସିଦ୍ଧ ବାୟୋଟେକ୍ନୋଲୋଜିଷ୍ଟ କିରଣ ମଜୁମଦାର ସ' ଆମେରିକାର ପ୍ରତିଷ୍ଠିତ ନ୍ୟାଶନାଲ ଏକାଡେମୀ ଅଫ୍ ଇଞ୍ଜିନିୟରିଂ(ଏନ୍ଏଇ)ର ସଦସ୍ୟା ହୋଇଛନ୍ତି। ଏହି ଅନ୍ତଃରାଷ୍ଟ୍ରୀୟ ସମ୍ମାନ ପାଇବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ମହିଳା। ଭାରତରେ ଶସ୍ତା ଔଷଧ ତିଆରି କରିବା ଏବଂ ବାୟୋଟେକ୍ ଇଣ୍ଡଷ୍ଟ୍ରିରେ ତାଙ୍କର ମହତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ଏହା ତାଙ୍କ ପାଇଁ ଏକ ବଡ଼ ସମ୍ମାନ। ବିଶ୍ୱରେ ଆଜି ମଧ ଅନେକ ବଡ଼ ଆହ୍ୱାନ ରହିଛି। ଏହାର ମୁକାବିଲା କରିବା ଲାଗି ବିଜ୍ଞାନ ଏବଂ ପ୍ରଯୁକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଚଳିତ ବର୍ଷ ଏନ୍ଏଇ ୧୮ ଜଣ ବିଦେଶୀଙ୍କୁ ନିଜର ସଦସ୍ୟ ଭାବେ ଚୟନ କରିଛି।

### ଆମେରିକାରୁ ଫେରିଲେ ଜେଟ୍ଲୀ



**ନୂଆଦିଲ୍ଲୀ,୯-୨:** କେନ୍ଦ୍ର ମନ୍ତ୍ରୀ ଅରୁଣ ଜେଟ୍ଲୀ ଆମେରିକାରେ ନିଜର ଚିକିତ୍ସା ସାରି ଶନିବାର ସ୍ୱଦେଶ ଫେରି ଆସିଛନ୍ତି। ଭାରତ ଫେରିବା ମାତ୍ରେ ସେ ତୁରନ୍ତ ଟୁଇଟ୍ କରିଛନ୍ତି। ଦେଶକୁ ଫେରି ଆସିଥିବାରୁ ସେ ଅତ୍ୟନ୍ତ ଖୁସି ବୋଲି ଏଥିରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଥାଉ କି, ଗତ ମାସରେ ଜେଟ୍ଲୀ ଚିକିତ୍ସା କରାଇବା ଲାଗି ଅଚାନକ ଆମେରିକା ଯାଇଥିଲେ। ଏହି କାରଣରୁ ସେ ଅର୍ଥମନ୍ତ୍ରୀ ଭାବେ ଏନ୍ଡିଏ ସରକାରଙ୍କ ଶେଷ ବଜେଟ ଉପସ୍ଥାପନ କରିପାରି ନ ଥିଲେ। ତାଙ୍କ ଅନୁପସ୍ଥିତିରେ କେନ୍ଦ୍ର ରେଳମନ୍ତ୍ରୀ ପୀୟୁଷ ଗୋୟଲ ଅର୍ଥମନ୍ତ୍ରୀ ଦାୟିତ୍ୱ ନେଇ ଅନ୍ତରୀଣ ବଜେଟ ଉପସ୍ଥାପନ କରିବା ସହ ଅର୍ଥ ମନ୍ତ୍ରଣାଳୟର କାର୍ଯ୍ୟ ତୁଲାଉଛନ୍ତି। ଚିକିତ୍ସାଧୀନ ଥାଇ ଜେଟ୍ଲୀ ଟୁଇଟର ଓ ଫେସବୁକରେ ସକ୍ରିୟ ରହିଥିଲେ ଓ ଗଣମାଧମ ପ୍ରତିନିଧିଙ୍କ ସହ ଭିଡ଼ିଓ କନଫରେନ୍ସିଂ ଜରିଆରେ ସାକ୍ଷାତକାର ମଧ ଦେଇଛନ୍ତି।

### ବିଦେଶୀ ମୁଦ୍ରା ଭଣ୍ଡାର ୪୦୦ ବିଲିୟନ ଡଲାର ଟପିଲା

**ମୁମ୍ବାଇ,୯-୨:** ଦୀର୍ଘ ୫ ମାସ ପରେ ଫେବୃୟାରୀ ପହିଲାରେ ଶେଷ ହୋଇଥିବା ସପ୍ତାହରେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ପୁନର୍ବାର ୪୦୦ ବିଲିୟନ ଡଲାର ଅତିକ୍ରମ କରିଛି। ଏହା ୪୦୦.୨୪ ବିଲିୟନ ଡଲାରରେ ପହଞ୍ଚିପାରିଛି ବୋଲି ରିଜର୍ଭ ବ୍ୟାଙ୍କର ସଦ୍ୟତମ ତଥ୍ୟରୁ ଜଣାପଡିଛି। ଗତ ସପ୍ତାହରେ ମୁଦ୍ରା ଭଣ୍ଡାରରେ ୧.୪୯୭ ବିଲିୟନ ଡଲାର ମିଶିବାରୁ ଏହା ୩୯୮.୧୭୮ ବିଲିୟନ ଡଲାର ହୋଇଥିଲା। ଆଲୋଚ୍ୟ ସପ୍ତାହରେ ଦେଶର ମୁଦ୍ରା ଭଣ୍ଡାର ୨.୦୬ ବିଲିୟନ ଡଲାର ବୃଦ୍ଧି ପାଇଥିଲା। ବିଦେଶୀ ମୁଦ୍ରା ସମ୍ପତ୍ତି, ସୁନା ଭଣ୍ଡାର, ସ୍ପେଶିଆଲ ଡ୍ରଇଂ ରାଇଟ୍ସ ଆଦି ଯୋଗୁ ମୁଦ୍ରା ଭଣ୍ଡାର ବଢ଼ିବାରେ ଲାଗିଛି। ସୂଚନାଥାଉ କି, ୨୦୧୮ ଏପ୍ରିଲ ୧୩ରେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ରେକର୍ଡ ୪୨୬.୦୨୮ ବିଲିୟନ ଡଲାର ଛୁଇଁଥିଲା।

### ଶେୟାର, ମ୍ୟୁଚୁଆଲ ଫଣ୍ଡରେ ନିବେଶ
### ବଦଳିଗଲା ୨୬ ବର୍ଷ ପୁରୁଣା ନିୟମ

ନୂଆଦିଲ୍ଲୀ,୯-୨: ଶେୟାର ଓ ମ୍ୟୁଚୁଆଲ ଫଣ୍ଡରେ ନିବେଶ ସଂକ୍ରାନ୍ତରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ଆଶ୍ୱସ୍ତ କରିବାକୁ ଯାଇ ସରକାର ଏକ ବଡ଼ଧରଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଦୀର୍ଘ ୨୬ ବର୍ଷର ନିୟମକୁ ବଦଳାଇ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଏକ ନିର୍ଦ୍ଦେଶ ଜାରି କରାଯାଇଛି। ତଦନୁଯାୟୀ, ଏଣିକି କେନ୍ଦ୍ର ସରକାରୀ କର୍ମଚାରୀମାନେ ୬ ମାସର ମୂଳ ବେତନ ସମାନ ଅର୍ଥ ବିନିଯୋଗ କରି ମ୍ୟୁଚୁଆଲ ଫଣ୍ଡ ଏବଂ ଶେୟାରରେ ନିବେଶ କରିପାରିବେ। ପୂର୍ବର ନିୟମ ଅନୁଯାୟୀ, ଗ୍ରୁପ୍ ଏ, ଗ୍ରୁପ୍ ବି'ର ସରକାରୀ ଅଧିକାରୀମାନେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଶେୟାର, ମ୍ୟୁଚୁଆଲ ଫଣ୍ଡ ଓ ଡିବେଞ୍ଚରରେ ନିବେଶ କରିପାରୁ ଥିଲେ। ଏହାଠାରୁ ପରିମାଣ ଅଧିକ ହେଲେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ବାଧତାମୂଳକ ଥିଲା। ସେହିପରି ଗ୍ରୁପ ସି ଓ ଗ୍ରୁପ୍ ଡି ଶ୍ରେଣୀର କର୍ମଚାରୀଙ୍କ ପାଇଁ ସର୍ବୋଚ୍ଚ ସୀମା ୨୫ ହଜାର ଟଙ୍କା ଥିଲା। ଏଣିକି ୬ ମାସର ବେତନ ଠାରୁ ଅଧିକ ନିବେଶ କ୍ଷେତ୍ରରେ ଜଣାଇବାକୁ ପଡ଼ିବ।

ନୂତନ ପିଢିର ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲାଗି ନୀତିରେ ପରିବର୍ତ୍ତନ ସହ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ରହିଛି।
– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ



ରେଶମ ବାଣିଜ୍ୟକୁ ପ୍ରୋତ୍ସାହନ ଦେବାକୁ ବୟନ ଶିଳ୍ପ ମନ୍ତ୍ରଣାଳୟକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ସମସ୍ତ ପ୍ରକାରର ସହାୟତା ଯୋଗାଇବ।
– ସୁଷମା ସ୍ୱରାଜ, ବହିର୍ବ୍ୟାପାର ମନ୍ତ୍ରୀ



# ଆଦାୟ ହୋଇପାରିନି ୯ଲକ୍ଷ କୋଟିର ଟିକସ

ନୂଆଦିଲ୍ଲୀ,୯-୨

- କର୍ପୋରେଟ କ୍ଷେତ୍ରରେ ସର୍ବାଧିକ, ଦ୍ୱିତୀୟରେ ବ୍ୟକ୍ତିଗତ ଟିକସ ବିବାଦ
- ୭.୭ ଲକ୍ଷ କୋଟିର ଟିକସ ବିବାଦ ଅଦାଲତରେ
- ୧.୦୮ ଲକ୍ଷ କୋଟି ଆଦାୟ କରିବାରେ ସରକାର ବିଫଳ
- ମୋଟ ବକେୟାର ୪୦% ପରିମାଣର ମାମଲା ଅଦାଲତରେ ଗଡୁଛି

ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ ପରିମାଣ କମାଇବାକୁ ଉଦ୍ୟମ କରୁଥିବା କେନ୍ଦ୍ର ସରକାରଙ୍କ ନିକଟରେ ଏବେ ଟିକସ ଫାଙ୍କି ଏକ ବଡ଼ ସମସ୍ୟା ହୋଇ ଛିଡ଼ା ହୋଇଛି। ଅନ୍ତରୀଣ ବଜେଟ ଅନୁଯାୟୀ କେନ୍ଦ୍ର ସରକାର ପ୍ରାୟ ୯ ଲକ୍ଷ କୋଟି ଟଙ୍କାର ଟିକସ ଅସୁଲ କରିବାରେ ବିଫଳ ହୋଇଛନ୍ତି। ଟିକସ ବିବାଦର ସର୍ବାଧିକ ମାମଲା କର୍ପୋରେଟ କ୍ଷେତ୍ରରେ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ରହିଛି ବ୍ୟକ୍ତିଗତ ଟିକସ।

ଉଲ୍ଲେଖ କରାଯାଇପାରେ ଯେ, କେନ୍ଦ୍ର ସରକାର ଏହି ବକେୟା ଟିକସ ଅସୁଲ କରିପାରିଲେ ଏହି ଟଙ୍କାରେ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ସମସ୍ତଙ୍କୁ ଘର ଯୋଗାଣ ଭଳି ଯୋଜନା ସମେତ ମୋଟ ୯୯ ମନ୍ତ୍ରଣାଳୟର ୭୦୦ରୁ ଉର୍ଦ୍ଧ୍ୱ ଯୋଜନାକୁ ଚଳାଇପାରନ୍ତେ। ଅନ୍ତରୀଣ ବଜେଟ ଅନୁଯାୟୀ ମୋଟ ୯ ଲକ୍ଷ କୋଟି ଟଙ୍କାର ବକେୟା ଟିକସ ମଧ୍ୟରେ କର୍ପୋରେଟ କ୍ଷେତ୍ରର ସର୍ବାଧିକ ୫୨ ପ୍ରତିଶତ ଅର୍ଥାତ୍ ୪.୭ ଲକ୍ଷ କୋଟି ଟଙ୍କା ରହିଛି। ମୋଟ ବକେୟା ମଧ୍ୟରୁ ଆୟକର ଟିକସ ଫାଙ୍କି ପରିମାଣ ୨୯ପ୍ରତିଶତ ଅର୍ଥାତ୍ ୨.୬ ଲକ୍ଷ କୋଟି ଟଙ୍କା ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଅପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ ସେବା ଟିକସରେ ସର୍ବାଧିକ ଫାଙ୍କି ହେଉଛି। ଉତ୍ପାଦ ଶୁଳ୍କ ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ବଜେଟରେ ଜିଏସ୍‌ଟି ଫାଙ୍କିକୁ ସାମିଲ କରାଯାଇ ନାହିଁ। ସେଣ୍ଟ୍ରାଲ ବୋର୍ଡ ଅଫ୍ ଏକ୍ସାଇଜ ଆଣ୍ଡ କଷ୍ଟମ(ସିବିଆଇସି)ର ପୂର୍ବତନ ଅଧ୍ୟକ୍ଷ ସୁମିତ ଦତ୍ତ ମଜୁମଦାର କହିଛନ୍ତି ଯେ, ଜିଏସ୍‌ଟିର ବକେୟା ଟିକସ ଏବେ ଆଦାୟ କରାଯାଇପାରିବ ନାହିଁ। ଅଧିକାଂଶ ମାମଲା ଏବେ ବିବାଦୀୟ ହୋଇପଡ଼ିଛି । ଏହାକୁ ନେଇ ଆପେଲାଟ ଟ୍ରିବ୍ୟୁନାଲରେ ମାମଲା ଗଡୁଛି। ଅଦାଲତରେ ମାମଲା ଚାଲିବା ଯୋଗୁ ଏହା ଟିକସ ଆଦାୟରେ ବାଧକ ସାଜୁଛି। ପ୍ରାୟ ୭.୭ ଲକ୍ଷ କୋଟି ଟଙ୍କାର ଟିକସ ବିଭିନ୍ନ ଅଦାଲତରେ ମାମଲା ଚାଲିବା କାରଣରୁ ଆଦାୟ ହୋଇପାରୁ ନାହିଁ। ସେହିପରି ୧.୦୮ ଲକ୍ଷ କୋଟି ଟଙ୍କାର ଟିକସ ଫାଙ୍କିକୁ ଅଣ-ବିବାଦ ଶ୍ରେଣୀରେ ରଖାଯାଇଛି। ଉଲ୍ଲେଖ କରାଯାଇପାରେ ଯେ, ବକେୟା ଟିକସର ପ୍ରାୟ ୪୦% ସଂକ୍ରାନ୍ତୀୟ ମାମଲା ଗତ ଦୁଇବର୍ଷରେ ଭିନ୍ନ ଭିନ୍ନ ଅଦାଲତରେ ଚାଲିଛି। ସମପରିମାଣର ବକେୟା ଟିକସ ୨ରୁ ୫ ବର୍ଷ ହେଲା ଅଦାଲତରେ ଗଡୁଛି। ମଜୁମଦାରଙ୍କ ମତରେ ବିବାଦହୀନ ଟିକସ ଫାଙ୍କି ମାମଲାଗୁଡ଼ିକରେ ଟିକସ ଆଦାୟରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି।

## ମାର୍କସ ଆଣ୍ଡ ସ୍ପେନସର ଆଣିଲା ସ୍ପ୍ରିଙ୍ଗ,ସମର କଲେକ୍ସନ




ମୁମ୍ବାଇ,୯-୨

ମାର୍କସ ଆଣ୍ଡ ସ୍ପେନସର ପକ୍ଷରୁ ନୂଆ ସ୍ପ୍ରିଙ୍ଗ ସମର କଲେକ୍ସନ ୨୦୧୯ ବଜାରକୁ ଆସିଛି। କମ୍ପାନୀର ଆମ୍ବାସାଡର ସାହିଦ କପୁର ଏବଂ ବାଣୀ କପୁର ମୁମ୍ବାଇର ଆଇଟିସି ଗ୍ରାଣ୍ଡ ସେଣ୍ଟ୍ରାଲଠାରେ ଏହି କଲେକ୍ସନଗୁଡ଼ିକୁ ବଜାର ପ୍ରବେଶ କରାଇଥିଲେ। ଭାରତୀୟ ବଜାରକୁ ଧ୍ୟାନରେ ରଖି କମ୍ପାନୀ ସ୍ୱତନ୍ତ୍ର କଲେକ୍ସନ ଆଣିଥିବା କହିଛି। ଗ୍ରାହକଙ୍କ ଅତ୍ୟାଧୁନିକ ଫ୍ୟାଶନ ଚାହିଦାକୁ ଆଧାରରେ ଏଭଳି ପଦକ୍ଷେପ ନିଆଯାଇଥିବା କମ୍ପାନୀ ପ୍ରକାଶ କରିଛି। ଭାରତରେ ବର୍ତ୍ତମାନ ୭୧ ଷ୍ଟୋର ସହ ସେବା ଯୋଗାଉଥିବା ମାର୍କସ ଆଣ୍ଡ ସ୍ପେନସରର ଏମ୍‌ଡି ଜେମ୍ସ ମନସନ କହିଛନ୍ତି। ସୁଲଭ ମୂଲ୍ୟରେ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ଯୋଗାଣ ଉପରେ ନଜର ରଖାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

## 'ଅର୍ଥନୈତିକ ଅଭିବୃଦ୍ଧି ଲାଗି ଶିକ୍ଷା ଇଞ୍ଜିନ'




ହାଇଦ୍ରାବାଦ,୯-୨

ଶିକ୍ଷା କେବଳ ଶିକ୍ଷାଦାନ ପ୍ରଣାଳୀ ଏବଂ ଜ୍ଞାନ ବାଣ୍ଟିବା ଦିଗରେ କାର୍ଯ୍ୟ କରି ନ ଥାଏ। ଶିକ୍ଷା ଜୀବନଧାରାରେ ବହୁବିଧ ଭାବେ କାର୍ଯ୍ୟ କରିବା ସହ ମଣିଷ ସଭ୍ୟତାକୁ ଆଗକୁ ବଢିବାରେ ସହାୟତା କରିଥାଏ ବୋଲି ଲିଟିଗେଶନ ବିଶେଷଜ୍ଞ ଲକ୍ଷ୍ମୀ କୁମାରନ ସୂଚନା ଦେଇଛନ୍ତି। ହାଇଦ୍ରାବାଦ ସ୍ଥିତ କ୍ୟାମ୍ପସରେ ନବମ ଇକଫାଇ ଫାଉଣ୍ଡେଶନ କାର୍ଯ୍ୟକ୍ରମରେ ଅଭିଭାଷଣ ରଖି କୁମାରନ କହିଛନ୍ତି ଯେ, ଦେଶର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଶିକ୍ଷା ଏକ ଇଞ୍ଜିନ ସଦୃଶ କାର୍ଯ୍ୟ କରିଥାଏ। ଅଭିବୃଦ୍ଧି ତଥା ଦେଶରେ ସଂସ୍କାର ଆଣିବା ପାଇଁ ଶିକ୍ଷାକୁ ଏକ ପ୍ରମୁଖ କାରକ ଭାବେ ବ୍ୟବହାର କରାଯାଇ ପାରିବ ବୋଲି ସେ ମତ ରଖିଛନ୍ତି। ବିଶ୍ୱବିଦ୍ୟାଳୟର କୁଳାଧିପତି ଡ. ସି. ରଙ୍ଗରାଜନ ସଭାପତିତ୍ୱ କରିବା ସହ ଗୁଣବତ୍ତା ଶିକ୍ଷା ଏବଂ ସମାଜ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇଏସ୍ଏଫଇର କୁଳପତି ଜେ. ମହେନ୍ଦର ରେଡ୍ଡୀଙ୍କ ସମେତ ବିଶ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଫାକଲଟି ମେମ୍ବରମାନେ ଏହି ଅବସରରେ ଉପସ୍ଥିତ ଥିଲେ।

### ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା
## ୧୫ରୁ ସାମିଲ ହୋଇପାରିବେ ଶ୍ରମିକ

ନୂଆଦିଲ୍ଲୀ,୯-୨

କେନ୍ଦ୍ର ଅର୍ଥମନ୍ତ୍ରୀ ପୀୟୁଷ ଗୋୟଲ ଅନ୍ତରୀଣ ବଜେଟରେ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା(ପିଏମ୍ଏସ୍‌ୱାଇଏମ୍) ସମ୍ପର୍କରେ ଘୋଷଣା କରିଥିଲେ। ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୪୦ ବର୍ଷ ପର୍ଯ୍ୟନ୍ତ ବୟସର ଶ୍ରମିକମାନେ ଚଳିତ ମାସ ୧୫ ତାରିଖରୁ ଏହି ଯୋଜନାରେ ସାମିଲ ହୋଇପାରିବେ। ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଉକ୍ତ ଯୋଜନାରେ ଯୋଡି ହେବାକୁ ଥିବା ଲାଭାର୍ଥୀଙ୍କୁ ୬୦ ବର୍ଷ ପରେ ମାସକୁ ୩ ହଜାର ଟଙ୍କାର ପେନସନ ମିଳିବ। ମାସକୁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କୁ ବୃଦ୍ଧାବସ୍ଥାରେ ଏକ ନିର୍ଦ୍ଧାରିତ ରାଶି ପେନସନ ଦେବା ଉକ୍ତ ଯୋଜନାର ଉଦ୍ଦେଶ୍ୟ।

## ସଂସଦୀୟ କମିଟିକୁ ଟୁଇଟର ସିଇଓଙ୍କ ଅବଜ୍ଞା

ନୂଆଦିଲ୍ଲୀ,୯-୨

ଲୋକ ସଭା ଏମ୍‌ପି ଅନୁରାଗ ଠାକୁରଙ୍କ ଅଧକ୍ଷତାରେ ଗଠିତ ସଂସଦୀୟ କମିଟି ପକ୍ଷରୁ ଟୁଇଟର ସିଇଓ ଜ୍ୟାକ୍ ଡୋର୍ସି ଓ ଅନ୍ୟ ଅଧିକାରୀଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ସେମାନେ ଭାରତ ଆସିବାକୁ ସ୍ପଷ୍ଟ ଭାବେ ମନା କରିଦେଇଛନ୍ତି। ଆଇଟି ସଂକ୍ରାନ୍ତୀୟ କମିଟି ସମ୍ମୁଖରେ ସେମାନେ ହାଜର ହୋଇଥାନ୍ତେ। ସୋସିଆଲ ମିଡିଆରେ ୟୁଜରଙ୍କ ସ୍ୱାର୍ଥକୁ କିପରି ରକ୍ଷା କରାଯାଉଛି, ସେ ସମ୍ପର୍କରେ ଜାଣିବା ଲାଗି କମିଟି ସେମାନଙ୍କୁ ଡକାଇଥିଲେ। କମିଟି ସମ୍ମୁଖରେ ଉପସ୍ଥିତ ହେବାକୁ ସେମାନଙ୍କୁ ୧୦ ଦିନ ସମୟ ଦିଆଯାଇଥିଲା। ତେବେ ଟୁଇଟର ପକ୍ଷରୁ ସମୟ ଯଥେଷ୍ଟ ନୁହେଁ ବୋଲି ବାହାନା କରାଯାଇଛି। ଚଳିତ ମାସ ପହିଲାରେ ଟୁଇଟର ମୁଖ୍ୟଙ୍କ ନିକଟକୁ ପତ୍ର ପଠାଯାଇଥିଲା। ଗତ ୭ରେ ବୈଠକ ବସିବାର ଥିଲା, କିନ୍ତୁ ପରେ ଏହାକୁ ୧୧ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଏହାଦ୍ୱାରା ଟୁଇଟର ସିଇଓଙ୍କ ସମେତ କେତେକ ବରିଷ୍ଠ ଅଧିକାରୀଙ୍କୁ ଭାରତ ଆସିବା ଲାଗି ସମୟ ମିଳିଯିବ। ସୂଚନାଥାଉ କି, କିଛି ଦିନ ପୂର୍ବେ ଦକ୍ଷିଣପନ୍ଥୀ ସଂଗଠନ ୟୁଥ ଫର୍ ସୋସିଆଲ ମିଡିଆ ଡେମୋକ୍ରାସି ପକ୍ଷରୁ ଟୁଇଟର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ସୋସିଆଲ ମିଡିଆ କମ୍ପାନୀ ଦକ୍ଷିଣପନ୍ଥୀ ବିରୋଧୀ ମନୋଭାବ ଆପଣାଇ ଏହାର ସଦସ୍ୟଙ୍କ ଆକାଉଣ୍ଟ ବନ୍ଦ କରୁଛି ବୋଲି ସେମାନେ ଅଭିଯୋଗ କରିଥିଲେ।

# ମହାରାଷ୍ଟ୍ର ସରକାରଙ୍କୁ ଠକିଥାନ୍ତେ ଚୋକ୍‌ସୀ

ନୂଆଦିଲ୍ଲୀ,୯-୨



ଭଣଜା ନୀରବ ମୋଦିଙ୍କ ସହ ମିଶି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ପ୍ରାୟ ୧୩,୫୦୦ କୋଟି ଟଙ୍କା ଠକି ନେଇ ବିଦେଶ ପଳାଇଥିବା ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀ ମହାରାଷ୍ଟ୍ର ସରକାରଙ୍କୁ ମଧ ଠକିବାର ପୂରା ଯୋଜନା ପ୍ରସ୍ତୁତ କରିଥିଲେ। ପନଭେଲ ତହସିଲଦାରଙ୍କ ଦ୍ୱାରା ରାଏଗଡ଼ ଜିଲ୍ଲାପାଳଙ୍କ ନିକଟକୁ ପଠାଯାଇଥିବା ଏକ ରିପୋର୍ଟରୁ ଚୋକ୍‌ସୀଙ୍କ ସମ୍ପୂର୍ଣ୍ଣ ଖେଳ ପଦାକୁ ଆସିଛି। ଏଥିରୁ ଜଣାପଡିଛି ଯେ, ଚୋକ୍‌ସୀ ଓ ତାଙ୍କ ଅଧିକାରୀମାନେ ଗୀତାଞ୍ଜଳି ଜେମ୍ସ ନାମରେ ଏକ ସ୍ପେଶିଆଲ ଇକୋନୋମିକ ଜୋନ୍(ଏସ୍ଇଜେଡ୍) ପ୍ରତିଷ୍ଠା ଲାଗି ୩୨ ପ୍ଲଟ ଅର୍ଡର ନେଇଥିଲେ। ତନ୍ମଧ୍ୟରେ କେବଳ ଚୋକ୍‌ସୀଙ୍କ ନାମରେ ୨୭ ଏକର ଜମି ପନଭେଲ, ଚିରାବତ, ସଙ୍ଗରୋଲି ଓ ତୁରମାଲେ ଗାଁରେ ରହିଥିଲା। ଏହି ଜମିରେ ଏସ୍ଇଜେଡ୍ ପ୍ରତିଷ୍ଠା କରି ଚୋକ୍‌ସୀ ଏହାକୁ ଚଢ଼ା ଦରରେ ବିକିବାକୁ ଉଦ୍ୟମ କରୁଥିଲେ। ତେବେ ଏସ୍ଇଜେଡ୍ ପ୍ରତିଷ୍ଠା ନ ହେବାରୁ ତାଙ୍କର ଉଦ୍ଦେଶ୍ୟ ସଫଳ ହୋଇପାରି ନ ଥିଲା। ସୂଚନାଥାଉ କି, ଗତବର୍ଷ ଅକ୍ଟୋବରରେ ରାଏଗଡ଼ ଜିଲ୍ଲାପାଳ ଗୀତାଞ୍ଜଳି ଜେମ୍ସର ଜମି ସମ୍ପର୍କରେ ତଥ୍ୟ ଦେବାକୁ ପନଭେଲ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କମ୍ପାନୀ ନାମରେ କୌଣସି ଜମି ନାହିଁ ବୋଲି ସେ ତାଙ୍କ ରିପୋର୍ଟରେ ଦର୍ଶାଇବା ପରେ ଜିଲାପାଳ ପୁନର୍ବାର ତଥ୍ୟ ଯାଞ୍ଚ ଲାଗି ନିର୍ଦ୍ଦେଶ ଦେଇଥିଲେ।

# 'ଓଡ଼ିଶା ହେବ ଦେଶର ଆଲୁମିନିୟମ ରାଜଧାନୀ'

ବର୍ତ୍ତମାନ ଆଲୁମିନିୟମ ବ୍ୟବହାରରେ ବୃଦ୍ଧି ଘଟୁଛି। ଏହା ପରିବେଶ ଅନୁକୂଳ ଧାତୁ ହୋଇଥିବାରୁ ଏହାର ଚାହିଦା ମଧ ବ୍ୟାପକ ହୋଇଛି। ଆଗାମୀ ୧୦ ବର୍ଷରେ ଦେଶରେ ଆଲୁମିନିୟମ ଉପଯୋଗ ୧୦ ନିୟୁତ ଟନରେ ପହଞ୍ଚିବାର ସମ୍ଭାବନା ରହିଛି। ରାଜ୍ୟର ଶିଳ୍ପାୟନରେ ମୂଲ୍ୟ ବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ଶିଳ୍ପାୟନର ବେଗ ବୃଦ୍ଧି କରୁଥିବା ଆନୁଷଙ୍ଗିକ ଶିଳ୍ପ ଉଦ୍ୟୋଗଗୁଡ଼ିକର ବିକାଶ ହେବାର ସମ୍ଭାବନା ରହିଥିବା ନାଲ୍‌କୋ ଅଧକ୍ଷ ତପନ କୁମାର ଚାନ୍ଦ କହିଛନ୍ତି। ସେହିଭଳି ଆବଶ୍ୟକୀୟ ବଜାର ସୃଷ୍ଟି ଉପରେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଶିଳ୍ପ ଅନୁକୂଳ ବାତାବରଣ ସୃଷ୍ଟି ପାଇଁ ହେଉଥିବା ଉଦ୍ୟମ ଯୋଗୁ ଏହି ଧାରାରେ ଦ୍ରୁତ ଅଭିବୃଦ୍ଧି ଘଟୁଛି ବୋଲି ଚାନ୍ଦ ମତ ରଖିଛନ୍ତି। ରାଜ୍ୟରେ ବିମାନ ବନ୍ଦର, ରେଳ ଏବଂ ସଡ଼କ ପଥର ସଂଯୋଗ ସୀମିତ ଥିବାରୁ ଏହା ଶିଳ୍ପ ବାତାବରଣ ଉନ୍ନତିରେ ବାଧକ ବୋଲି ସେ କହିଛନ୍ତି।

ଦେଶର ବକ୍ସାଇଟ ସାଧନର ୫୦% ଏବଂ କୋଇଲାର ୨୫% ଓଡ଼ିଶାରେ ଗଚ୍ଛିତ ଅଛି। ଏଭଳି ସ୍ଥିତିରେ ଓଡ଼ିଶା ଭାରତର ଆଲୁମିନିୟମ ରାଜଧାନୀ ଭାବେ ମାନ୍ୟତା ପାଇବା ଲାଗି ହକ୍‌ଦାର। ଉପଯୁକ୍ତ ନୀତି, କୋଇଲା ଓ ବକ୍ସାଇଟ ଉପଲବ୍ଧତା ସମସ୍ୟା ସମାଧାନ ହେଲେ ରାଜ୍ୟର ଆଲୁମିନିୟମ ଶିଳ୍ପ କ୍ଷେତ୍ରରେ ବ୍ୟାପକ ବିକାଶ ହୋଇ ପାରିବ ବୋଲି ସେ କହିଛନ୍ତି। ଲୌହ ଧାତୁ, ମାଙ୍ଗାନିଜ, କ୍ରୋମିୟମ ଆଦି ଇସ୍ପାତ ଓ ଷ୍ଟେନଲେସ ଷ୍ଟିଲ ଉତ୍ପାଦନ ଲାଗି କଞ୍ଚାମାଲ, ଉପଯୁକ୍ତ ଭିତ୍ତିଭୂମି ବିକାଶ ଓ ଆନୁଷଙ୍ଗିକ



ତପନ କୁମାର ଚାନ୍ଦ, ନାଲ୍‌କୋ ଅଧକ୍ଷ

ଉପଭୋକ୍ତା ବଜାର ସୃଷ୍ଟି କରାଗଲେ ସ୍ଥିତିରେ ପରିବର୍ତ୍ତନ ଆସିପାରିବ। ନୂତନ ଓଡ଼ିଶା ଏକ ଶିଳ୍ପ ଭିତ୍ତିକ ଅର୍ଥନୀତିରେ ବିକଶିତ ହେଉ ଏହା ମୋର ଆଶା। ଜିଡ଼ିପିକୁ ଶିଳ୍ପର ଅବଦାନ ବୃଦ୍ଧି ଘଟୁ। ଅଧିକ ନିଯୁକ୍ତି ହେଲେ ରାଜ୍ୟର ସାମଗ୍ରିକ ବିକାଶ ସାଧନ ହୋଇ ପାରିବ। ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ହୋଇ ପାରିବ ବୋଲି ଚାନ୍ଦ ମତ ରଖିଛନ୍ତି।

ରାଜ୍ୟରେ ସାଧନର ଅଭାବ ନ ଥିବା ବେଳେ ଏହାର ଉପଯୁକ୍ତ ଉପଯୋଗ ଏବଂ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ଲାଗି ଉପଯୁକ୍ତ ନୀତି ଆଣିବାର ଆବଶ୍ୟକତା ରହିଛି। ଆଗାମୀ ଦିନରେ ଭାରତ ଆଲୁମିନିୟମ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିବ। ଏଥିଲାଗି ଆବଶ୍ୟକୀୟ କଞ୍ଚାମାଲ ଦେଶରେ ରହିଛି। ଏ ଦିଗରେ ଓଡ଼ିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଆଗାମୀ ୫ ବର୍ଷରେ ନାଲ୍‌କୋ ଅନୁଗୋଳଠାରେ ଏକ ଆଲୁମିନିୟମ ପାର୍କ ସ୍ଥାପନ କରିବ। ଆନୁସଙ୍ଗିକ ଶିଳ୍ପଗୁଡ଼ିକର ବିକାଶ ଲାଗି ନାଲ୍‌କୋ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଥିବା ଚାନ୍ଦ ସ୍ପଷ୍ଟ କରିଛନ୍ତି।

MANAGING TRUSTEE
SRI SRI GORAKHANATH MAHAPRABHU MANDIR TRUST BOARD
AT: KEREKERA, PO: RAHADINGA, PS: TIRTOL,
DIST: JAGATSINGHPUR, PIN: 754104, INDEX NO: 572 GC

Letter No. 971 Date: 08.02.2019

2019-20 ବର୍ଷର ନିଲାମ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ 2019-20 ମସିହା ଆର୍ଥିକ ବର୍ଷ ନିମନ୍ତେ ଶ୍ରୀ ଶ୍ରୀ ଗୋରେଖନାଥ ମହାପ୍ରଭୁଙ୍କ
1. ଭୋଗ ଦୋକାନ 2. ଦୀପ ଦୋକାନ 3. ଯାଁବାଳ ଦୋକାନ 4. ଫୁଲ ଦୋକାନ
ପାଇଁ ଆସନ୍ତା ତା 21.02.2019 ରିଖ ଗୁରୁବାର ଦିବା 8 ଘଟିକା ଠାରୁ 12 ଘଟିକା ମଧ୍ୟରେ ଜଉମୁଦ ଦିଆ ଟେଣ୍ଡର ଗ୍ରହଣ କରାଯିବ ଓ ଦିବା 12.45 ମିନିଟ୍ ସମୟରେ ଟେଣ୍ଡର ଖୋଲାଯିବ। ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ବନ୍ଧୀୟ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ. 1500.00 (ଏକ ହଜାର ପାଞ୍ଚ ଶତ ଟଙ୍କା ମାତ୍ର) ମୂଲ୍ୟରେ ତା 17.02.2019 ରିଖ ଠାରୁ ତା 18.02.2019 ରିଖ ପର୍ଯ୍ୟନ୍ତ ଦିବା 10 ଘଟିକାରୁ ଅପରାହ୍ନ 4 ଘଟିକା ମଧ୍ୟରେ ପାଇପାରିବେ। ସବିଶେଷ ବିବରଣୀ ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରନ୍ତୁ।
ମୋବାଇଲ ନଂ: 7873789277

ସ୍ୱା./- ଉପ-ଜିଲ୍ଲାପାଳ ତଥା ମ୍ୟାନେଜିଂ ଟ୍ରଷ୍ଟି,
ଗୋରେଖନାଥ ମନ୍ଦିର, ଜଗତ୍‌ସିଂହପୁର

OFFICE OF THE EXECUTIVE ENGINEER
RWSS DIVISION, RAIRANGPUR
INVITATION FOR BIDS
E-mail-eerwss_rai@nic.in, eerwss.rai@gmail.com
E-PROCUREMENT NOTICE
IDENTIFICATION No. 41 RWSS/RRPUR- 2018-19 /Dated 07.02.2019

**No. 1638-O:-** The Executive Engineer, RWSS Division, Rairangpur on behalf of Governor of Odisha, invites percentage rate bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/class registered with Central Govt. /Railways.

| | | |
|---|---|---|
| 1. | Nature of work | : Execution of piped water supply Project on turnkey basis. |
| 2. | No. of tenders | : 07 (seven) nos. |
| 3. | Period of Completion | : 180 days to 360 days |
| 4. | Cost of tender | : Rs.10000.00 |
| 5. | Estimated cost | : Rs. 56.31 lakhs to Rs 159.09 lakhs. |
| 6. | Class of Contractor | : (As mentioned in Tender Call Notice) |
| 7. | Date and time of availability of bid documents in Portal | : from 9.00 hours of dt.13.02.19 to 17.00 hours of dt.28.02.2019 |
| 8. | Receipt of bid cost, bid security, documents | : Online only. |
| 9. | Date & time of opening of technical bid | : Dt.01.03.19 at 11.00 hours onwards. |
| 10. | Other Documents | : (As mentioned in DTCN) |

11. The bidders have to participate in on-line bidding only. Further details can be seen from the website https://www.tendersodisha.gov.in.
12. Any addendum / Corrigendum / Cancellation of tender can also be seen in the said website.
13. ST/SC up to B class contractors only eligible to avail 10% price preference over the general category contractors & have to submit an affidavit to consider such preference for them.

Sd./- 07.02.19, Executive Engineer,
RWSS Division, Rairangpur
25010/11/0044/1819

OFFICE OF THE NOTIFIED AREA COUNCIL: BOUDHGARH
e-Procurement Notice
Tender Call Notice No.700/NAC/13/2018-19
Date.08.02.2019

| | |
|---|---|
| 1. Name of the work | : Civil works as mentioned in website. |
| 2. No. of works | : 8 No. of Civil works. |
| 3. Bid value | : Rs.4,00,000.00 to 11,91,500.00 |
| 4. Date & time of availability, received of the bid documents in the portal | : From 10.00 AM. of Dt.11.02.2019 up to Dt.21.02.2019 up to 5.00 P.M.only. |
| 5. Bids received online shall be opened on | : Dt.23.02.2019 at 11.00 A.M. |
| 6. Submission of original documents | : On or before 10.00 AM. of Dt.23.02.2019. |
| 7. Name & Address of the Officer inviting Bid | : EXECUTIVE OFFICER, BOUDHGARH NAC |

Further details can be seen from the Procurement portal: www.tendersorissa.gov.in.
Sd./- Executive Officer, Boudhgarh NAC

GOVERNMENT OF ODISHA 1258-A
OFFICE OF THE EXECUTIVE ENGINEER
QUALITY CONTROL DIVISION,
UNIT-VIII, BHUBANESWAR
E-mail:- qcdbbsr_wr1997@yahoo.in
Short Quotation Call Notice No. QCDBBSR-29/18-19

Sealed quotations / tenders are invited from interested registered Travel Agencies / Tour Operators for providing A/C Diesel driven vehicles of different categories, to be used by Officers of Water Resources Department engaged for Quality Monitoring / State Quality Monitors with different headquarters in Odisha on daily rent basis.

Details regarding the terms and condition and tender paper / quotation will be available with the Executive Engineer, Quality Control Division, Bhubaneswar on payment of Rs.100/- (Rupees one hundred) only in shape of Demand Draft drawn in favour of Executive Engineer, Quality Control Division, Bhubaneswar payable at Bhubaneswar from dt.15.02.2019 (11.00 AM) to dt. 26.02.2019 (3.00 PM).

The quotation completed in all respect should reach the undersigned on or before 26.02.2019 up to 3.00PM & will be opened on same day at 4.00 PM in presence of the quotationer or their authorized representatives. The undersigned reserves the right to reject or cancel any or all the tender without assigning any reason thereof.

Sd./- Executive Engineer,
Quality Control Division, Bhubaneswar
32219/11/0011/1819

ଧରିତ୍ରୀ
DHARITRI
ରବିବାର, ୧୦ ଫେବୃୟାରୀ, ୨୦୧୯





> ରଣଜୀ ଟ୍ରଫି ଫାଇନାଲରେ ସୌରାଷ୍ଟ୍ରର ଚେତେଶ୍ୱର ପୂଜାରାଙ୍କୁ ନିୟନ୍ତ୍ରଣରେ ରଖିବା ଲାଗି ଆମେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିଲୁ ।
>
> –ଫୈଜ ଫଜଲ, ବିଦର୍ଭ ରଣଜୀ ଦଳ ଅଧିନାୟକ

> ଶ୍ରୀଲଙ୍କାର ବର୍ତ୍ତମାନ ପିଢ଼ିର କ୍ରିକେଟରଙ୍କ ମଧ୍ୟରେ ପ୍ରତିଭା ଓ ଆବେଗର ଅଭାବ ରହିଥିବାରୁ ଏହା ମୋତେ ବ୍ୟଥିତ କରିଛି ।
>
> –ମୁଥୟା ମୁରଲୀଧରନ, ଶ୍ରୀଲଙ୍କା କ୍ରିକେଟ କିମ୍ବଦନ୍ତୀ



## ସଂକ୍ଷେପରେ

### ଇଂଲଣ୍ଡ ଦିନିକିଆ ପାଇଁ ଭାରତୀୟ ମହିଳା ଦଳ

**ନୂଆଦିଲ୍ଲୀ, ୯।୨ (ପି.ଟି.):** ଚଳିତ ମାସ ୨୨ରୁ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମଠାରେ ଇଂଲଣ୍ଡ ବିପକ୍ଷ ୩ମ୍ୟାଚ ବିଶିଷ୍ଟ ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ଖେଳାଯିବ। ଏଥିଲାଗି ସର୍ବଭାରତୀୟ ମହିଳା ଚୟନ କମିଟି ନିକଟରେ ମିଥାଲି ରାଜ୍‌ଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ଖେଳିଥିବା ୧୫ ଜଣିଆ ଦଳ ଅପରିବର୍ତ୍ତିତ ରଖିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ତରଫରୁ ଶନିବାର ଏହା ଘୋଷଣା କରାଯାଇଛି। ଭାରତୀୟ ମହିଳା ଦଳ ନିକଟରେ ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ୨-୧ରେ ଜିତିଥିଲା। ଚୟନକର୍ତ୍ତାମାନେ ଆହୁରିମଧ ସିରିଜ ପୂର୍ବରୁ ଫେବୃୟାରୀ ୧୮ରେ ଖେଳାଯିବାକୁଥିବା ୱାର୍ମଅପ୍ ମ୍ୟାଚ ପାଇଁ ବୋର୍ଡ ସଭାପତି ଏକାଦଶ ପାଇଁ ଦଳ ଘୋଷଣା କରିଛନ୍ତି। ଦିନିକିଆ ସିରିଜ ପାଇଁ ଭାରତୀୟ ମହିଳା ଦଳ: ମିଥାଲି ରାଜ୍ (ଅଧିନାୟିକା), ଝୁଲଣ ଗୋସ୍ୱାମୀ, ସ୍ମୃତି ମନ୍ଧାନା, ଜେମିମା ରୋଡ୍ରିଗୁଏଜ୍, ହରମନ୍‌ପ୍ରୀତ କୌର, ଦୀପ୍ତି ଶର୍ମା, ଟାନିୟା ଭାଟିଆ (ଉଇକେଟ କିପର), ଆର. କଳ୍ପନା (ଉଇକେଟକିପର), ମୋନା ମେଶ୍ରାମ, ଏକତା ବିଷ୍ଟ, ରାଜେଶ୍ୱରୀ ଗାଏକ୍ୱାର୍ଡ, ପୁନମ ଯାଦବ, ଶିଖା ପାଣ୍ଡେ, ମାନସୀ ଯୋଶି, ପୁନମ ରାଉତ। ବୋର୍ଡ ସଭାପତି ଏକାଦଶ: ସ୍ମୃତି ମନ୍ଧାନା (ଅଧିନାୟିକା), ବେଦ କ୍ରିଷ୍ଣାମୂର୍ତ୍ତି, ଦେବିକା ବୈଦ୍ୟ, ଏସ୍. ମେଘନା, ଭାରତୀ ଫୁଲ୍‌ମାଲି, କୋମଲ ଜାନ୍‌ଜାଦ୍, ଆର୍. କଳ୍ପନା, ପ୍ରିୟା ପୁନିଆ, ହର୍ଲିନ ଦେଓଲ, ରାମାଲକ୍ଷ୍ମୀ ଏକ୍କା, ମନାଲୀ ଦକ୍ଷିଣି, ମିନୁନି ମାନି, ତନୁଜା କନୱର।

# ନ୍ୟୁଜିଲାଣ୍ଡରେ ପ୍ରଥମ ସିରିଜ ବିଜୟ ଲକ୍ଷ୍ୟରେ ଭାରତ

**ହାମିଲଟନ, ୯।୨(ପି.ଟି.)**

ଭାରତୀୟ କ୍ରିକେଟ ଦଳ ଆଉ ଏକ ଐତିହାସିକ ସିରିଜ ବିଜୟର ନିକଟବର୍ତ୍ତୀ ହୋଇଛି। ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ରବିବାର ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଭାରତ ମୁହାଁମୁହିଁ ହେବାକୁ ଯାଉଛନ୍ତି। ୱେଲିଂଟନ୍‌ରେ ନ୍ୟୁଜିଲଣ୍ଡ ପ୍ରଥମ ମ୍ୟାଚ୍‌ରେ ଓ ଭାରତ ଅକଲାଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ବିଜୟୀ ହୋଇଥିଲା।

## ଆଜି ଅନ୍ତିମ ଟି୨୦

ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧–୧ ସମାନ ସ୍ତରରେ ପହଞ୍ଚିଛି। ତେଣୁ ଅନ୍ତିମ ଟି୨୦ ଉଭୟ ଦଳ ପାଇଁ ବିଶେଷଭାବେ ଗୁରୁତ୍ୱ ବହନ କରୁଛି। ଏହି ମ୍ୟାଚ ଜିତିଲେ ଭାରତ ପ୍ରଥମଥର ପାଇଁ ନ୍ୟୁଜିଲାଣ୍ଡ ମାଟିରେ ଟି୨୦ ସିରିଜ ଜିତି ଇତିହାସ ସୃଷ୍ଟି କରିବ। ଅନ୍ୟପଟେ ନ୍ୟୁଜିଲାଣ୍ଡ ଜିତିଲେ ଭାରତଠାରୁ ଦିନିକିଆ ସିରିଜ ପରାଜୟର ପ୍ରତିଶୋଧ ନେବ। ଗତ ୩ ମାସ ମଧ୍ୟରେ ଭାରତ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ଓ ଦିନିକିଆ ସିରିଜ ଜିତିଛି। ପୁଣି ଏହା ପରେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜରେ ଭାରତ ୪–୧ ବ୍ୟବଧାନରେ ସର୍ବବୃହତ୍ ବିଜୟ ହାସଲ କରିଛି। ସୁପର ସଣ୍ଡେରେ ସେଡନ ପାର୍କରେ ଏହି ନିର୍ଣ୍ଣାୟକ ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

ଏହି ଭେନ୍ୟୁରେ ଖେଳାଯାଇଥିବା ଚତୁର୍ଥ ଦିନିକିଆ ମ୍ୟାଚ୍‌ରେ ଭାରତ ଟ୍ରେଣ୍ଟ ବୋଲ୍ଟଙ୍କ ସୁଇଙ୍ଗ୍ ବୋଲିଂର ସମ୍ମୁଖୀନ ହୋଇ ନ ପାରି ମାତ୍ର ୯୨ ରନରେ ଅଲଆଉଟ ହୋଇ ସାଂଘାତିକ ବିଫଳତାର ସମ୍ମୁଖୀନ ହୋଇଥିଲା ଓ ସବୁଠାରୁ ଖରାପ ପରାଜୟ ବରଣ କରିଥିଲା। ତେଣୁ ଭାରତ ଏହି ମ୍ୟାଚ୍‌ରେ ନିଶ୍ଚିତ ଭାବେ ସତର୍କତା ଅବଲମ୍ବନ କରିବ। କିନ୍ତୁ ଏଥର କଥା ଅଲଗା ହେବ। ହାମିଲଟନରେ ଆମେ ଆଗରୁ ଖେଳିଛୁ ଓ ସେଭଳି କିଛି ଆଶ୍ଚର୍ଯ୍ୟଜନକ ଘଟଣା ଘଟିବ ନାହିଁ ବୋଲି ବାମହାତୀ ଭାରତୀୟ ପେସର ଖଲିଲ ଅହମ୍ମଦ କହିଛନ୍ତି। ତ୍ରୁଟିରୁ ଆମେ ଶିକ୍ଷା କରିଛୁ ଓ ଏହାକୁ ଦୋହରାଇବୁ ନାହିଁ ବୋଲି ସେ କହିଛନ୍ତି। ଭାରତୀୟ ଦଳରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଆଶା କରାଯାଉଛି। ଯଦି ବି କିଛି ପରିବର୍ତ୍ତନ ହୁଏ ତେବେ ଯୁଜବେନ୍ଦ୍ର ଚହଲଙ୍କ ବଦଳରେ ଚାଇନାମ୍ୟାନ କୁଲଦୀପ ଯାଦବଙ୍କୁ ସାମିଲ କରାଯାଇପାରେ। ଛୋଟ ଫର୍ମାଟରେ ଚହଲ ପ୍ରଥମ ପସନ୍ଦର ରିଷ୍ଟ ସ୍ପିନର ବୋଲି କୁହାଯାଇପାରେ। ପ୍ରଥମ ମ୍ୟାଚ୍‌ର ଖରାପ୍ ପ୍ରଦର୍ଶନ ପରେ ଦ୍ୱିତୀୟରେ ଭାରତୀୟ ବୋଲରମାନେ ପ୍ରତ୍ୟାବର୍ତ୍ତନ କରି ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ ଓ ପୁଣି ଥରେ ଏହି ମ୍ୟାଚ୍‌ରେ ଏହାକୁ ଦୋହରାଇବେ ବୋଲି ଆଶା କରାଯାଉଛି। କ୍ରୁନାଲ ପାଣ୍ଡ୍ୟା ଦୁଇଟି ଯାକ ମ୍ୟାଚ୍‌ରେ ଦମ୍ ଦେଖାଇଥିଲେ। ଏହି ମ୍ୟାଚ୍‌ରେ ତାଙ୍କ ଭୂମିକା ନିର୍ଣ୍ଣାୟକ ହେବ। ଟି୨୦ରେ କ୍ରୁନାଲ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ଅଭିଜ୍ଞ ଦ୍ରୁତ ବୋଲରି ଭୁବନେଶ୍ୱର କୁମାର ମଧ ଏହି ମୁକାବିଲାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ। କାମଚଳା ଅଧିନାୟକ ରୋହିତ ଶର୍ମା ଏବେ ଟି୨୦ରେ ସର୍ବାଧିକ ରନ୍ କରି ରେକର୍ଡ କରିଛନ୍ତି। ଗତ ମ୍ୟାଚ୍‌ରେ ସେ ୨୯ ବଲର ସମ୍ମୁଖୀନ ହୋଇ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅଭିଜ୍ଞ ଓପନର ଶିଖର ଧାୱନ୍ ତାଙ୍କୁ ସହଯୋଗ କରିବେ ବୋଲି ଆଶା କରାଯାଉଛି। ମିଡିଲ ଅର୍ଡରରେ ମହେନ୍ଦ୍ର ସିଂ ଧୋନୀଙ୍କ ଅଭିଜ୍ଞତା ଓ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ଅସାଧାରଣ ପ୍ରତିଭା କାମରେ ଆସିବ। ଅକଲାଣ୍ଡ ପ୍ରଦର୍ଶନ ଏମାନେ ଦୋହରାଇବେ ବୋଲି ଆଶା କରାଯାଉଛି।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ମିଡିଲ ଅର୍ଡର ବ୍ୟାଟିଂ ଅର୍ଡରରେ ସୁଧାର ଆଣିବା ଲକ୍ଷ୍ୟ ରହିଛି। ଅଧିନାୟକ କେନ୍ ୱିଲିୟମସନ ଓ ଅଭିଜ୍ଞ ରସ୍ ଟେଲରଙ୍କ ଉପରେ ଘରୋଇ ଦଳର ବ୍ୟାଟିଂ ଲାଇନ୍ ନିର୍ଭର କରୁଛି। ୱିଲିୟମସନ ସବୁ ଫର୍ମାଟରେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ବୋଲିଂରେ ଅଭିଜ୍ଞ ଟିମ୍ ସାଉଦି ପ୍ରଥମ ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ ମଧ୍ୟ ଦ୍ୱିତୀୟରେ ଦମ୍ ଦେଖାଇବାରେ ବିଫଳ ହୋଇଥିଲେ। ସ୍କଟ୍ କୁଗେଲେଜିନ୍ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ।



ଯୁଜବେନ୍ଦ୍ର ଚହଲ

| ଭାରତୀୟ ଦଳ | ନ୍ୟୁଜିଲାଣ୍ଡ ଦଳ |
|---|---|
| ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, ରିଷଭ ପନ୍ତ, ଦୀନେଶ କାର୍ତ୍ତିକ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, କ୍ରୁନାଲ ପାଣ୍ଡ୍ୟା, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର, ସିଦ୍ଧାର୍ଥ କାଉଲ, ଖଲିଲ ଅହମ୍ମଦ, ଶୁବମନ ଗିଲ, ବିଜୟ ଶଙ୍କର, ହାର୍ଦ୍ଦିକ ପାଣ୍ଡ୍ୟା ଓ ମହମ୍ମଦ ସିରାଜ। | କେନ ୱିଲିୟମସନ, ଡଗ୍ ବ୍ରାସୱେଲ, କଲିନ୍ ଡି ଗ୍ରାଣ୍ଡହୋମ, ଲୋକି ଫର୍ଗୁଶନ, ସ୍କଟ୍ ଗୁଗେଲେଜିନ୍, କଲିନ୍ ମୁନରୋ, ଡାରେଲ ମିଚେଲ, ମିଚେଲ ସାଣ୍ଟନର, ଟିମ୍ ସେଇଫର୍ଟ, ଇଶ୍ ସୋଧୀ, ଟିମ୍ ସାଉଦି, ରସ୍ ଟେଲର, ବ୍ଲେୟାର ଟିକ୍‌ନର ଓ ଜେମ୍ସ ନିଶାମ। |

**ସମୟ: ଅପରାହ୍ନ ୧୨.୩୦**
**ସ୍ଥାନ: ହାମିଲଟନ, ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ**

# ଦୃଢ଼ ସ୍ଥିତିରେ ଭାରତ–ଏ

## ପଞ୍ଚାଲଙ୍କ ଦ୍ୱିଶତକ

**ୱାୟାନାଡ଼ (କେରଳ), ୯।୨(ପି.ଟି.)**

ଭ୍ରମଣକାରୀ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ସ୍ଥାନୀୟ କ୍ରିଷ୍ଣାଗିରି ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଭାରତ–ଏ ଟିମ୍ ଦୃଢ଼ସ୍ଥିତିରେ ରହିଛି। ଇଂଲଣ୍ଡ ଲାୟନ୍ସର ପ୍ରଥମ ଇନିଂସ ସ୍କୋର ୩୪୦ ରନ୍ ଜବାବରେ ଭାରତ–ଏ ୫୪୦/୬ରେ ପ୍ରଥମ ଇନିଂସ ଘୋଷଣା କରିଛି। ଭାରତ–ଏ ପକ୍ଷରୁ ପ୍ରିୟଙ୍କ ପଞ୍ଚାଲ (୨୦୬ ରନ୍)ଙ୍କ ଦ୍ୱିଶତକ ଓ ଉଇକେଟ୍‌କିପର ଶ୍ରୀକର ଭରତ (୧୪୨ ରନ୍)ଙ୍କ ଶତକୀୟ ଇନିଂସ ଦିବସର ଉଲ୍ଲେଖନୀୟ ଘଟଣା ରହିଥିଲା। ଜବାବରେ ୨୦୦ ରନ୍ ପଛରେ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ଇଂଲଣ୍ଡ ଲାୟନ୍ସ ଷ୍ଟମ୍ପ ଅପସାରଣ ସୁଦ୍ଧା ୫ ଓଭରରେ କୌଣସି ଉଇକେଟ୍ ନ ହରାଇ ୨୦ ରନ୍ ସଂଗ୍ରହ କରିଛି। ରବିବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାରୁ ଡ୍ର’ ରହିବା ସମ୍ଭାବନା ରହିଛି।

# ଆଦର୍ଶ କ୍ଲବ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ

**କଟକ ଅଫିସ, ୯।୨:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଆଦର୍ଶ ଫୁଟବଲ କ୍ଲବ ପକ୍ଷରୁ ଦୁଇ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ୮ଟି ଦଳକୁ ନେଇ ହେଉଥିବା ଏହି ଟୁର୍ନାମେଣ୍ଟର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ରବିବାର ପ୍ରଥମ ସେମିଫାଇନାଲ ଗାଲାଣ୍ଟ–ଅରୁଣୋଦୟ କ୍ଲବ ଓ ଦ୍ୱିତୀୟ ସେମିଫାଇନାଲ ଚାନ୍ଦ୍ କ୍ଲବ–ମଙ୍ଗଳା କ୍ଲବ ମଧ୍ୟରେ ଖେଳାଯିବ। ଗାଲାଣ୍ଟ କ୍ଲବ ୧–୦ ଗୋଲରେ ଆକା କ୍ଲବକୁ, ଚାନ୍ଦ କ୍ଲବ ୨–୦ ଗୋଲରେ ନିପେନ ଏଫ୍‌ସିକୁ, ଅରୁଣୋଦୟ କ୍ଲବ ୨–୧ ଗୋଲରେ ବିଡ଼ାନାସୀ ଏଫ୍‌ସିକୁ, ମଙ୍ଗଳା କ୍ଲବ ୫–୪ ଗୋଲରେ ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ରେଭେନ୍‌ଶା ମର୍ନିଂ କ୍ଲବ ସମ୍ପାଦକ ବିଷ୍ଣୁଚନ୍ଦ୍ର ରାଉତ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଅଧିକାରୀ ଅଞ୍ଜନ କୁମାର ଖୁଣ୍ଟିଆ, ଆଦର୍ଶ ଫୁଟବଲ କ୍ଲବ ସମ୍ପାଦକ ନୀଳକଣ୍ଠ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ ।

# ଓଡ଼ିଶାର ଦ୍ୱିତୀୟ ପରାଜୟ

**କଟକ ଅଫିସ,୯।୨:** ହରିୟାଣାର ହିସାରଠାରେ ଚାଲିଥିବା ୯ମ ସିନିୟର ମହିଳା ହକି ଜାତୀୟ ଚାମ୍ପିୟନଶିପ(ଡିଭିଜନ–ଏ)ରେ ଓଡ଼ିଶା ଲଗାତାର ଦ୍ୱିତୀୟ ପରାଜୟ ବରଣ କରିଛି। ଶନିବାର ପ୍ରତିଯୋଗିତାର ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ୮–୦ ଗୋଲରେ ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ(ଆରଏସ୍‌ପିବି) ଠାରୁ ହାରିଥିଲା। ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟରରେ ଗୋଟିଏ ଲେଖାଏଁ ଗୋଲ ଦେଇଥିବା ଆରଏସ୍‌ପିବି ୩ୟ କ୍ୱାର୍ଟରରେ ୪ଟି ଓ ୪ର୍ଥ କ୍ୱାର୍ଟରରେ ୨ଟି ଗୋଲ ଦେଇଥିଲା ।


**ODISHA HYDRO POWER CORPORATION LIMITED**
OHPC
OFFICE OF THE SENIOR GENERAL MANAGER (ELECTRICAL): BALIMELA HYDRO ELECTRIC PROJECT, Post: Balimela, Dist: Malkangiri (Odisha), Pin: 764051, Phones: 06861-232581 (O)/232641 (R), Fax: 06861-232541, E-mail: <unit.head_balimela@yahoo.com>
REGD. OFFICE: ODISHA HYDRO POWER CORPORATION LIMITED
(A Government of Odisha Undertaking)
Odisha State Police Housing & Welfare Corporation Building, Vanivihar Chouk, Janapath, Bhubaneswar-22, Tel: 91-0674-2542983, 2542802, 25425526, 2542826, Fax: 254102, GRAM: HYDROPOWER, E-MAIL: ohpc.co@gmail.com/ md@ohpcltd.com, Web: www.ohpcltd.com

No. BHEP/Tech-13 (H)-8/ 755 / — Dtd. 07.02.19
NOTICE INVITING TENDER NO. P-13 (H)/ 39/ 2018-19 / — DATED 07.02.2019
No.: CAD-1393: Sealed tenders are invited for supply of Computer Peripherals from dealers/ agencies as detailed below.

| Sl. No. | Description of materials | Estimated cost | Cost of tender paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | Supply of Computer Peripherals | Rs. 1,48,742/- | 708/- (600/- + GST @ 18%) | @1% of the quoted value | 08.02.2019 to 25.02.2019 | 25.02.2019 upto 12.00 hrs | 25.02.2019 at 12.30 hrs |

For details of the tender documents, terms & conditions please visit our website www.ohpcltd.com.
04019/11/0109/1819 — Sd./- Senior General Manager (Electrical), BHEP, Balimela



1639 - O
**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**RWS & S DIVISION, RAYAGADA**
**e-Procurement Notice for PWS. Works.**
E-mail ID : eerwss_rgd@nic.in Mobile No: 8280408061
**Identification No. Online Tender / 18/RWSS/RGD/2018-19**

01. **Name of works :-** 1) Supplying & Laying of rising main and distribution system pipe line of UPVC/DI/GI, construction of compound wall RCC OGR/ ESR, SV/ NRV Chamber, Air valve Pillar stand post etc for different PWS projects in rayagada District.
02. Total Number of works :- 05 nos (Detailed list available in the website)
03. Estimated Cost :- Rs. 18.84 to 39.86 Lakh
04. Class of Contractor :- 'D' 'C' & 'B'
05. Period of Completion :- 06 Months

| Procurement Officer. | Bid Identification No. | Availability of tender online for bidding From | To |
|---|---|---|---|
| 1 | 2 | 3 | 4 |
| Executive Engineer, Rural Water supply & sanitation Division, Rayagada. | Online Tender /18/RWSS/RGD/2018-19 | 11.02.2019 at 10.00 AM. | 20.02.2019 up to 5.00 PM |

NB :- Further details can be seen from the website **www.tendersodisha.gov.in.**
Sd./- 06.02.2019
Executive Engineer
R.W.S & S Division, Rayagada
25007/11/0026/1819



**ODISHA HYDRO POWER CORPORATION LIMITED**
OHPC
OFFICE OF THE SENIOR GENERAL MANAGER (ELECTRICAL): BALIMELA HYDRO ELECTRIC PROJECT, Post: Balimela, Dist: Malkangiri (Odisha), Pin: 764051, Phones: 06861-232581 (O)/232641 (R), Fax: 06861-232541, E-mail: unit.head_balimela@yahoo.com
REGD. OFFICE ODISHA HYDRO POWER CORPORATION LIMITED
Odisha State Police Housing & Welfare Corporation Building, Vanivihar Chouk, Janapath, Bhubaneswar-22, Tel: 91-0674-2542983, 2542802, 2545526, Fax: 2542102, GRAM: HYDROPOWER, E-Mail: ohpc.co@gmail.com/ md@ohpcltd.com, Web: www.ohpcltd.com, CIN: U40101OR1995SGC003963
No.: BHEP/732 — Date: 06.02.19
**OFFICE ORDER**
**No.: CAD-1394:** This office Tender Call Notice No. 36/2018-19 dtd. 19.01.2019 for "Supply of Computer Peripherals for BHEP, Balimela" is hereby cancelled.
04019/11/0110/1819 — Sd./- Senior General Manager (EL), BHEP, Balimela



**TRIBAL DEVELOPMENT CO-OPERATIVE CORPORATION OF ORISSA LTD**
TDCCOL
Rupali Square, Bhoinagar, Bhubaneswar-751022,
Tel: 0674-2542475/ 2542617, Fax: 2540473,
Email id: admin@tdccorissa.org,
No.CAD-1392:- Website: www.tdccodisha.org

No. 419/ TDCCOL., — Dated 07.02.2019
**NOTICE**
To
Sri Manoranjan Tripathy,
Accounts Assistant (Under Suspension),
C/o Branch Manager, TDCCOL,
Paralakhemundi, Dist: Gajapati (Odisha)
You are hereby directed to attend this office within a period of one week from the date of publication of this notice to receive the copy of the enquiry report relating to Proceeding No. 544 dated 28.02.2018 and Additional Proceeding No. 1092 dated 26.04.2018 and submit your comments within fifteen days from the date of receipt of enquiry reports failing which, both the proceedings shall be disposed of on merit.
Sd./-
26005/11/0028/1819 — Manager (Finance & Audit)



**WORKS DEPARTMENT**
**OFFICE OF THE EXECUTIVE ENGINEER, ROURKELA (R&B) DIVISION, UDITNAGAR, ROURKELA**
email id - eepwdrkl@gmail.com
No.1241-B:-
**Government of Orissa "e" Procurement Notice**
**Bid Identification No.: 103/2018-19 Dated: 07.02.2019**

| | | | |
|---|---|---|---|
| 1. | Number of works | : | Total 2(Two) number of works |
| 2. | Estimated cost | : | Rs.85.00 Lakhs to 72.66 Lakhs |
| 3. | Period of completion | : | Nine calendar months |
| 4. | Date & time of availability of bid documents in the portal | : | 18.02.2019 at 11.00 AM. |
| 5. | Last date / Time for receipt of bids in the portal | : | 27.02.2019 up to 5.00 PM. |
| 6. | Date of opening of bid | : | 02.03.2019* at 11.30 AM. |
| 7. | Name and address of the Officer inviting Bid | : | Executive Engineer, (R&B) Division, Rourkela, uditnagar. |

Further details can be seen from the e-procurement portal **"http//tendersodisha.gov.in"**
Sd./-Executive Engineer, (R&B) ivision, Rourkela
34068/11/0024/1819



**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**SUNDARGARH (R&B) DIVISION, SUNDARGARH**
E-mail ID: pwd_sng@yahoo.co.in, Tel./Fax- (06622) 272230
1243-B
**"e"-Procurement Notice**
**Bid Identification No.- EE-R&B-SNG-29 OF 2018-19**
Letter No. 530 //WE — Date: 07.02.2019 //

| | | | |
|---|---|---|---|
| 1. | The Executive Engineer, Sundargarh (R&B) Division on behalf of Governor of Odisha inviting percentage rate bid in double cover system on ON-LINE mode from eligible contractors registered with the State Governments having validity of civil License Contractors of equivalent Grades / Class Registered with Central Government / MES / Railways and other state government having validity of Civil License for execution of Building work as detailed in DTCN. | | |
| 2. | Nature of Works | : | Building work |
| 3. | No. of work | : | 01 (One) No. |
| 4. | Tender Cost | : | Rs. 10,000/- |
| 5. | Class of Contractor | : | "B" & "A" Class Contractor |
| 6. | Availability of bid document in the website | : | From 10:00AM of date- 12.02.2019 to 05:00PM of date- 20.02.2019. |
| 7. | Date of opening of Bid | : | 11:00AM on Dt. 21.02.2019 |
| 8. | The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum /corrigendum / cancellation of tender can also be seen in the website said only. | | |

*Sd./- Executive Engineer*
*Sundargarh (R&B) Division*
34043/11/0007/1819



**OFFICE OF THE EXECUTIVE ENGINEER**
**RWS&S DIVISION, JAJPUR**
**(At: CHANDIKHOL)**
**(P:O-DHANMANDAL, Dt: JAJPUR, PIN-754204)**
**Phone- 06725-221454, E-mail-eerwss_jpr@ori.nic.in**
**QUOTATION CALL NOTICE No. 01 /2018-19, Dt: 07.02.2019**
**No.1640-O:-** Executive Engineer, RWSS Division, Jajpur at Chandikhol on be-half of Governor of Odisha invites sealed quotations in their letter head from the reputed Manufacturers/ Authorized dealers for supply of Laboratory Chemicals / Glass wares / Reagents for water testing laboratories of this Division.

| Item description | EMD to be furnished |
|---|---|
| Supply of Chemicals / Reagents / Glass wares for District & Sub-Divisional water testing Laboratories under Jajpur District. | 1% of the quoted cost |

1) Quotations must be accompanied by [a] EMD of 1% of the quoted amount in shape of N.S.C / K.V.P / Post office saving bank account / Postal time deposit pass Book & deposit receipt of Nationalized Bank duly pledged in favour of the Executive Engineer, RWS&S Division, Jajpur [b] Valid registration certificate of the Company / Authorized Dealership certificate [c] GST Registration certificate [d] PAN CARD failing which such quotation will be liable for rejection.
2) The details of quantity of items to be procured can be obtained from the Division office through request in person by applying in their letter head within the last date of dropping of quotation paper.
3) The rate should be quoted F.o.R. destination Chandikhole including all taxes, duties, levies, octroi etc. but excluding GST as applicable which will be paid extra subject to production of valid documents. The Firm has to enter into an agreement in "warranty clause" on different "Terms of reference" with the Executive Engineer before supplying the materials.
4) Delivery to be made within 7 days of order.
5) Payment will be made after receipt of materials in full and good condition subject to production of bill with relevant document and guarantee certificate .
6) The last date of obtaining detailed information on quantity and specification of materials is 19.02.2019 (4.00 P.M) and last date for receipt of quotations is 20.02.2019 (3.00 P.M). and will be opened on same day at 4 P.M.
7) Quotation received beyond the scheduled date and time will not be considered. Conditional quotations & telegraphic quotations will not be accepted.
8) No quotations shall be received through FAX / e.mail .
9) The authority reserves all right to reject or accept any or all the quotations or distribute the supply among the quotationers without assigning any reason there of.

**Sd./- Executive Engineer,**
**R.W.S.&.S.Division, Jajpur.**
**25027/11/0044/1819 — at:- Chandikhol**



NATIONAL HEALTH MISSION
**Odisha State Health & Family Welfare Society, Govt. of Odisha**
**Deptt. of Health & Family Welfare, Govt. of Odisha**
**Annex Building of SIH&FW, Nayapalli, Unit-8, Bhubaneswar-751012, District-Khordha (Odisha) Phone/Fax: 0674- 2392480/79**
**No.868-E:-**
**Advt. No.: 07/19** — **Walk-in-Interview** — **Date: 09.02.2019**
Walk-in-Interview will be conducted as scheduled below for filling up the following post under **National Health Mission, Odisha** on contractual basis with monthly remuneration as noted against and subject to renewal as per OSH&FW Society terms and conditions. The positions are purely temporary and co-terminus with the Scheme.

| Sl. No. | Name of the Post | Remuneration (in Rs.), Performance Incentive & other allowances as admissible | Date of Registration / Interview |
|---|---|---|---|
| 01 | Programme Associate (Legal), SPMU and Legal Consultant-NTCP | Rs. 31,201/-+PI | 26.02.2019 |

Interested candidates can log on to www.nrhmorissa.gov.in for details of vacancy, eligibility criteria, Age, Application Form etc. Candidates fulfilling the eligibility criteria may appear for registration and consequently for interview if eligible, on the date as mentioned against the post. **Registration timing will be from 10.30 A. M. to 12 Noon only on Walk-in-Interview date.** No application will be received after scheduled date & timing of registration.
**Venue: - Mission Directorate (National Health Mission), Annex Building of SIH&FW, Nayapalli, Unit-8, Bhubaneswar, Dist- Khordha, Pin – 751012, Odisha.**
Sd/-
**Mission Director, NHM**
**Member Secretary, OSH&FWS, Odisha**
10084/11/0082/1819



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**SOUTHERN CIRCLE, RURAL WORKS, SUNABEDA**
**No.1634-O:-** **email- serwsbd2003@yahoo.com**
**E-Procurement Notice**
No.___________/ — Date: ________

1 Name of the work : Construction and Maintenance of Road (1 No.) under MMSY & Construction of Buildings (2 Nos) under DMF.
2 Class of contractor : "B", "A" & Special Class of (Odisha PWD) or relevant class of other licensing authority.
3 Estimated Cost : Various from 189.90 to Rs.301.77 Lakhs (Approximately
4 Details projects as per Annexure attached. :

| Procurement Officer | Bid Identification No. | Availability of Tender online for bidding From | To | Last Date & Time of seeking tender clarification | Date & Time of opening of tender: Technical Bid | Financial Bids |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Southern Circle, Sunabeda | SERWSCSBD – Online – 24/2018-19 | 11.02.2019 at 11.00 A.M. | 28.02.2019 up to 5.00 P.M. | 27.02.2019 up to 2.00 P.M. | 01.03.2019 at 11.00 A.M. | To be intimated to qualified bidder |

5. Further details can be seen from the website **www.tendersodisha.gov.in.**
6. Any Corrigendum/Addendum will be displayed in the above e-tender websites.
**25045/11/0029/1819** — **Superintending Engineer, Southern Circle RW: Sunabeda**



ଅଷ୍ଟ୍ରେଲିଆନ ଓପନରେ ପରାଜୟ ଦ୍ୱାରା ମୋ ମନୋବଳ ଭାଙ୍ଗିଯାଇନାହିଁ, ମୁଁ ୯ମ ଥର ପାଇଁ ୱିମ୍ବେଲଡନ ଜିତିବା ଲକ୍ଷ୍ୟ ରଖିଛି ।

–ରୋଜର ଫେଡରର, ସୁଇଜରଲାଣ୍ଡ ଟେନିସ ଖେଳାଳି



ଷ୍ଟେଫି ଗ୍ରାଫ୍ ଗୋଟିଏ ସନ୍ତାନର ଜନନୀ ହେବା ପରେ ମଧ୍ୟ ଟେନିସ୍‌କୁ ସଫଳ ପ୍ରତ୍ୟାବର୍ତ୍ତନ କରିପାରିଥିଲେ, ତେଣୁ ମୁଁ କାହିଁକି ନ ପାରିବି ।

–ସାନିଆ ମିର୍ଜା, ଭାରତୀୟ ଟେନିସ ଖେଳାଳି

# ବିଜୟ ସହ ଭାରତର ଅଭିଯାନ

ଭୁବନେଶ୍ୱର, ୯।୨(କ୍ରୀଡ଼ା ପ୍ରତିନିଧି)



ଗୋଲ୍‌ସ୍କୋର ପରେ ଭାରତୀୟ ଖେଳାଳି ଖୁସି ମନାଉଛନ୍ତି ।

ମହିଳା ଫୁଟବଲ ଇତିହାସରେ ସୃଷ୍ଟି ହୋଇଛି ନୂଆ ଅଧ୍ୟାୟ । କେବଳ ଓଡ଼ିଶାରେ ନୁହେଁ, ଭାରତରେ ପ୍ରଥମଥର ପାଇଁ ଆରମ୍ଭ ହୋଇଛି ଅନ୍ତର୍ଜାତୀୟ ସିନିୟର ମହିଳା ଫୁଟବଲ ଟୁର୍ନାମେଣ୍ଟ । ଏଥିସହ କଳିଙ୍ଗ ଷ୍ଟାଡିୟମ ଇତିହାସରେ ମଧ୍ୟ ସଂଯୋଗ ହୋଇଛି ନୂଆ ଅଧ୍ୟାୟ । ପୂର୍ବରୁ ଅନ୍ତର୍ଜାତୀୟ ସ୍ତରର ହକି, ଆଥଲେଟିକ୍ସ, ଟେନିସ, ରଗ୍‌ବୀ ଆଦି ଏଠାରେ ଅନୁଷ୍ଠିତ ହୋଇଥିବାବେଳେ ଏବେ ଏଥିରେ ଯୋଡ଼ି ହୋଇଛି ମହିଳା ଫୁଟବଲ । ହିରୋ ଗୋଲ୍ଡ କପ୍ ନାମରେ ନାମିତ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲର ଶନିବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ମ୍ୟାନ୍‌ମାର ୩–୦ ଗୋଲରେ ନେପାଳକୁ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ଅନୁଜ ତମାଙ୍ଗଙ୍କ ଗୋଲ ବଳରେ ଭାରତ ୧–୦ ଗୋଲରେ ଇରାନକୁ ପରାସ୍ତ କରିଛି । ଭାରତୀୟ ମହିଳା ଫୁଟବଲ ଦଳର ଦୁଇ ପୂର୍ବତନ ଓଡ଼ିଆ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଏବଂ ସସ୍ମିତା ମଲ୍ଲିକ ଖେଳାଳିଙ୍କ ସହ ପରିଚିତ ହୋଇ ଦ୍ୱିତୀୟ ମ୍ୟାଚର ଶୁଭାରମ୍ଭ କରିଥିଲେ ।

ଫିଫା ର୍‍ୟାଙ୍କିଙ୍ଗ୍‌ରେ ଭାରତ ୬୨ ଓ ଇରାନ ୬୦ତମ ସ୍ଥାନରେ ଥିବାରୁ ଦୁଇ ସମକକ୍ଷ ଦଳ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା । ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବାବେଳେ ଇରାନ ରକ୍ଷଣାତ୍ମକ ନୀତି ଆପଣେଇଥିଲା । ଫଳରେ ଭାରତ ପକ୍ଷରୁ ଏକାଧିକ ଉଦ୍ୟମ ହୋଇଥିଲେ ହେଁ ଇରାନ ରକ୍ଷଣଭାଗ ପ୍ରାଚୀରଭଳି ଛିଡ଼ା ହୋଇଥିଲା । ୧୭ତମ ମିନିଟରେ ଭାରତର ଏନ.ରତ୍ନବାଳା ଦେବୀ ଏକ ଡାଇରେକ୍ଟ ଶଟ୍ ମାରି ଭାରତ ପାଇଁ ଗୋଲ ସୁଯୋଗ ସୃଷ୍ଟି କରିଥିଲେ ହେଁ ଇରାନ ଗୋଲକିପର ଜାହରା ଖାଜାଭି ଏହାକୁ ଚମତ୍କାରଭାବେ ସେଭ୍ କରି ଦେଇଥିଲେ । ମ୍ୟାଚ ଆଗକୁ ବଢ଼ିବା ସହ ଖେଳାଳିଙ୍କ ମଧ୍ୟରେ ଉତ୍ତେଜନା ମଧ୍ୟ ବଢ଼ିଥିଲା । ଫାଉଲ୍ ପାଇଁ ଭାରତର ୨ ଜଣ ଖେଳାଳି ହଳଦିଆ କାର୍ଡ ପାଇଥିଲେ । ଇରାନ ସ୍ପିଡ୍ ଗେମ୍ ଖେଳିଥିଲେ ହେଁ ଭାରତ ସମକକ୍ଷ ପ୍ରଦର୍ଶନ କରିବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ଗୋଲଶୂନ୍ୟ ରହିଥିଲା ।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଅଗ୍ରଣୀ ପାଇଁ ଉଭୟ ଦଳ ଉଦ୍ୟମରେ ଥିବାବେଳେ ୪୮ତମ ମିନିଟରେ ଗୋଲ ସ୍କୋର କରି ଭାରତ ପ୍ରତିପକ୍ଷ ଦଳ ଉପରେ ଚାପ ପକାଇଥିଲା । ମିଡ୍‌ଫିଲ୍ଡର ସଞ୍ଜୁଙ୍କଠାରୁ ପାଇଥିବା ପାସ୍‌କୁ ଫରୱାର୍ଡ ଅଞ୍ଜୁ ତମାଙ୍ଗ ଗୋଲରେ ପରିଣତ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ । ରଣନୀତିରେ ପରିବର୍ତ୍ତନ କରି ଗୋଲ ପରିଶୋଧ ପାଇଁ ଇରାନ ଆକ୍ରମଣକୁ ଜୋରଦାର କରିଥିଲା । ଦଳ ଗୋଲ ଦେବାର କେତୋଟି ସୁଯୋଗ ମଧ୍ୟ ସୃଷ୍ଟି କରିଥିଲା । ମାତ୍ର ଭାରତୀୟ ଡିଫେଣ୍ଡରମାନେ ଏହାର ଉଚିତ ଜବାବ ଦେଇଥିଲେ । ଗୋଲକିପର ତଥା ଅଧିନାୟିକା ଆଦିତି ଚୌହାନ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିଲେ । ଭାରତ ଗୋଲ ବ୍ୟବଧାନକୁ ବଢ଼ାଇବା ପାଇଁ ଉଦ୍ୟମ କରିଥିଲେ ହେଁ ସମ୍ଭବ ହୋଇ ନ ଥିଲା । ଇରାନ ଦଳର ଅଧିକାଂଶ ଖେଳାଳି ସାମୟିକ ଆହତ ସମସ୍ୟାକୁ ଆସିବାରୁ ମ୍ୟାଚ ମଝିରେ ମଝିରେ ବାଧାପ୍ରାପ୍ତ ହୋଇଥିଲା । ତେବେ କୌଣସି ଖେଳାଳି ଗୁରୁତର ଆହତ ସମସ୍ୟାକୁ ଆସି ନ ଥିଲେ ।

## କଳିଙ୍ଗ କର୍ଣ୍ଣର

### ଷ୍ଟାର୍ଟିଂ ଇଲେଭେନରେ ଯବାମଣି

କଳିଙ୍ଗ ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଥିବା ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟ ଓଡ଼ିଶାର ଯବାମଣି ଟୁଡୁଙ୍କ ପାଇଁ ସ୍ମରଣୀୟ ହୋଇଛି । କାରଣ ଭାରତରେ ପ୍ରଥମଥରପାଇଁ ଅନୁଷ୍ଠିତ ଏପରି ଏକ ସିନିୟର ଅନ୍ତର୍ଜାତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟର ଷ୍ଟାର୍ଟିଂ ଇଲେଭେନରେ ସ୍ଥାନ ପାଇଥିଲେ ଓଡ଼ିଶାର ଏକମାତ୍ର ଖେଳାଳି ଯବାମଣି ଟୁଡୁ । ୩ ନମ୍ବର ଜର୍ସିରେ ଖେଳୁଥିବା ଯବାମଣି ଷ୍ଟାଡିୟମରେ ଉପସ୍ଥିତ ଥିବା ହଷ୍ଟେଲ ଅନ୍ତେବାସୀ ଏବଂ ସେ ଦର୍ଶକଙ୍କ ସମର୍ଥନ ଲାଭ କରିଥିଲେ । ଭାରତୀୟ ଦଳକୁ ମଧ୍ୟ ସ୍ୱତଃ ଭରପୂର ସମର୍ଥନ ମିଳିଥିଲା ।

### ଗ୍ୟାଲେରି ଫାଙ୍କା

ଓଡ଼ିଶାରେ ପ୍ରଥମଥରପାଇଁ ଏପରି ଏକ ଅନ୍ତର୍ଜାତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟ ହେଉଥିଲେ ହେଁ ଷ୍ଟାଡିୟମ ଗ୍ୟାଲେରି ଫାଙ୍କା ରହିଥିଲା । ପ୍ରଥମ ମ୍ୟାଚରେ କାଁ ଭାଁ କେଉଁଠି ଦର୍ଶକ ଦେଖାଯାଉଥିବାବେଳେ ଭାରତ ମ୍ୟାଚ ବେଳକୁ ଅଳ୍ପକିଛି ବଢ଼ିଥିଲା । ମାତ୍ର ତାହା ସମୁଦ୍ରକୁ ଶଙ୍ଖେ ଭଳି ଥିଲା ।

# ପ୍ରଥମ ମ୍ୟାଚରେ ମ୍ୟାନ୍‌ମାର ବିଜୟୀ

ଗୋଲ୍ଡ କପ୍ ମହିଳା ଫୁଟବଲ

**ଭୁବନେଶ୍ୱର, ୯।୨(କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଛି ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ଅନ୍ତର୍ଜାତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟ । ପ୍ରତିଯୋଗିତାର ପ୍ରଥମ ମ୍ୟାଚରେ ମ୍ୟାନ୍‌ମାର ୩–୦ ଗୋଲରେ ନେପାଳକୁ ହରାଇ ଅଭିଯାନ ଆରମ୍ଭ କରିଛି । ୧୧ ନମ୍ବର ଜର୍ସି ପରିହିତ ଖ୍ୱିନ୍ ମୋଇ ୱାଇ ୨ଟି ଏବଂ ୭ ନମ୍ବର ଖେଳାଳି ୱିନ୍ ଥେଇଙ୍ଗି ତୁନ୍ ଗୋଟିଏ ଗୋଲ ସ୍କୋର କରିଥିଲେ । କ୍ରୀଡ଼ା ସଚିବ ବିଶାଲ ଦେବ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହେବା ସହ ମ୍ୟାଚର ଶୁଭାରମ୍ଭ କରିଥିଲେ । ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ଟେକ୍ନିକାଲ ଡାଇରେକ୍ଟର ଅଭିଷେକ ଯାଦବ ଉପସ୍ଥିତ ଥିଲେ । ପୂର୍ବାନୁମାନ ଅନୁସାରେ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ମ୍ୟାନ୍‌ମାର ପ୍ରଭାବୀ ପ୍ରଦର୍ଶନ କରିଥିଲା । ନେପାଳ ଖେଳାଳିମାନେ ପ୍ରଥମାର୍ଦ୍ଧରେ ଭଲ ପ୍ରଦର୍ଶନ କରି ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଫିନିଶିଂ ଅଭାବ ପରିଲକ୍ଷିତ ହୋଇଥିଲା । ମ୍ୟାନମାର ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା । ନେପାଳ ଖେଳାଳିମାନେ ମିଡ୍‌ଫିଲ୍ଡରେ ଚମତ୍କାର ପାସ୍‌ମାନ ଦେଇ ମ୍ୟାନ୍‌ମାରକୁ ଚ୍ୟାଲେଞ୍ଜ ଦେଇଥିଲେ । ତେବେ ମ୍ୟାଚ ଆଗେଇବା ସହ ନେପାଳ ଉପରେ ମ୍ୟାନ୍‌ମାର କ୍ରମେ ପ୍ରଭାବ ବିସ୍ତାର କରି ଖେଳିଥିଲା । ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟଭାବେ ଶେଷ ହେବାକୁ ଯାଉଥିବାବେଳେ ୪୪ତମ ମିନିଟରେ ଖ୍ୱିନ୍ ମୋଇ ପ୍ରଥମ ଗୋଲଟି ସ୍କୋର କରି ମ୍ୟାଚରେ ଉଷ୍ମତା ଭରିଥିଲେ । ଏଥିସହ ମ୍ୟାନ୍‌ମାର ୧–୦ ଗୋଲରେ ଅଗ୍ରଣୀ ରହିଥିଲା ।

ଦ୍ୱିତୀୟାର୍ଦ୍ଧରେ ମଧ୍ୟ ସମାନ ଖେଳ ଦେଖିବାକୁ ମିଳିଥିଲା । ନେପାଳ ଗୋଲଟି ପରିଶୋଧ କରିବା ଉଦ୍ୟମରେ ଥିବାବେଳେ ୫୪ତମ ମିନିଟରେ ୱିନ୍ ଥେଇଙ୍ଗି ତୁନ୍ ଆଉ ଏକ ଗୋଲ ଦେଇ ମ୍ୟାନ୍‌ମାର ଅଗ୍ରଣୀ ବ୍ୟବଧାନକୁ ୨–୦ରେ ପହଞ୍ଚାଇଥିଲେ । ନେପାଳ ଚାପକୁ ଆସି ଯାଇଥିବାବେଳେ ଏହାର ଭରପୂର ଫାଇଦା ଉଠାଇଥିଲା ମ୍ୟାନ୍‌ମାର । ୭୭ତମ ମିନିଟରେ ଖ୍ୱିନ୍ ମୋଇ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ମ୍ୟାଚକୁ ଏକତରଫା କରି ଦେଇଥିଲେ । ଶେଷ ଭାଗରେ ନେପାଳ ଖେଳାଳି କେତୋଟି ଭଲ ମୁଭ୍ ନେଇଥିଲେ ହେଁ ମ୍ୟାନ୍‌ମାର ଗୋଲକିପର ଜାର୍ ଜାର୍ ମିଣ୍ଟଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଗୋଲରେ ପରିଣତ କରିପାରି ନ ଥିଲେ । ବିଜୟ ସହ ମ୍ୟାନମାର ମ୍ୟାଚରୁ ପୂରା ପଏଣ୍ଟ ହାସଲ କରିଛି ।



ମ୍ୟାନ୍‌ମାର ଓ ନେପାଳ ଖେଳାଳିଙ୍କ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା: ୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663) 2405616 ସମ୍ବଲପୁର, ରବିବାର, ଫେବୃୟାରୀ ୧୦/୨୦୧୯ Sambalpur, Sunday, February 10/2019

# ଘନ କୁହୁଡ଼ି ଯୋଗୁ ସିରିଜ ଦୁର୍ଘଟଣା

■ ପଛକୁ ପଛ ପିଟିହେଲା ୧୩ ଗାଡ଼ି: ଜଣେ ମୃତ, ୨ ଗୁରୁତର

କୁତ୍ରା/ସୁନ୍ଦରଗଡ଼, ୯।୨ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ୧୦ନଂ. ରାଜ୍ୟ ରାଜପଥର ତେଲିଘଣା ଓ ଗଡ଼ପୋଷ ଛକ ମଝିରେ ଶନିବାର ଭୋର ୫ଟାରେ ଘନ କୁହୁଡି ଯୋଗୁ ସିରିଜ ଦୁର୍ଘଟଣା ଘଟିଛି। ଛୋଟବଡ ମିଶାଇ ୧୩ ଗାଡି ପଛକୁ ପଛ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ଏହି ଦୁର୍ଘଟଣାରେ ଏମ୍.ଡି ସାମସେଦ ଖାନ୍ (୩୫) ନାମକ ଜଣେ ହାଇୱା ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଜୟସିଂ ସା ନାମକ ଜଣେ ଅଟୋ ଡ୍ରାଇଭର ଓ ତାଙ୍କ ବାପା ଗୁରୁତର ହୋଇଛନ୍ତି । ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଭୋର ୫ଟାରେ ଏକ ଖାଲି ଟ୍ରକ ସୁନ୍ଦରଗଡ଼ରୁ ରାଉରକେଲା ଅଭିମୁଖେ ଯାଉଥିଲା। ତେଲିଘଣା ଓ ଗଡ଼ପୋଷ ଛକ ମଝିରେ ୨/୩ଟି ବଳଦ ରାସ୍ତା ପାର ହେଉଥିଲେ। ଘନ କୁହୁଡି ଥିବାରୁ ଟ୍ରକ ଡ୍ରାଇଭରଙ୍କୁ କିଛି ଦେଖାଯାଇ ନ ଥିଲା । ଟ୍ରକଟି ବଳଦଙ୍କ ଅତି ନିକଟରେ ପହଞ୍ଚିବା ବେଳକୁ ଡ୍ରାଇଭର ଅତି ଜୋରରେ ବ୍ରେକ ମାରିଥିଲେ। ଫଳରେ ଗାଡିଟି ସେଠାରେ ଅଟକି ଯାଇଥିଲା। ଟ୍ରକର ପଛରେ ଆସୁଥିବା ଅନ୍ୟ ଏକ ୧୪ ଚକିଆ ଟ୍ରକ ଉକ୍ତ ଖାଲି ଟ୍ରକ ପଛପଟକୁ ଧକ୍କା ଦେଇ ରାସ୍ତା କଡକୁ ଖସି ଯାଇଥିଲା। ତା'ପଛରେ ଆସୁଥିବା ଏକ ମାଛ ଟ୍ରକ ତରବର ଭାବେ ବ୍ରେକ ମାରିବାରୁ ରାଜପଥ ଉପରେ ଅଟକି ଯାଇଥିଲା। ଫଳରେ ପଛରେ ଆସୁଥିବା ଏକ ହାଇୱା (ନଂ. ଓଡି ୦-୯-୪୬୮୬) ମାଛଟ୍ରକ ପଛପଟେ ଧକ୍କା ଦେଇଥିଲା। ଫଳରେ ହାଇୱାର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯିବା ସହ ଲୁହା ଏଙ୍ଗଲଗୁଡିକ ଭିତର ପଟକୁ ପଶି ଯାଇଥିଲା। ଫଳରେ ହାଇୱାର ଡ୍ରାଇଭର ଏମ୍.ଡି ସାମସେଦ ସେଥିରେ ଚାପି ହୋଇ ପ୍ରାଣ ହରାଇଥିଲେ। ହାଇୱା ଦୁର୍ଘଟଣାଗ୍ରସ୍ତ ହେବା ପରେ ତା' ପଛରେ ଆସୁଥିବା ୭ଟି ଟ୍ରକ ପଛକୁ ପଛ ପିଟି ହୋଇଥିଲା। ଦୁର୍ଘଟଣା ଘଟାଇ ଛିଡା ହୋଇ ଥିବା ୭ଟି ଟ୍ରକ ପଛରେ ଆସୁଥିବା ଅଟୋରିକ୍ସା( ନଂ. ଓଡି ୧୬ ଇ-୮୩୧୪)ର ଡ୍ରାଇଭର ଜୟସିଂ ସା ଗାଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ବ୍ରେକ ମାରିଥିଲେ। ଅଟୋର ଗତି କମିଯାଇଥିଲା। ଫଳରେ ଅଟୋର ପଛପଟେ ଆସୁଥିବା ଅନ୍ୟ ଏକ ଟ୍ରକ ଅଟୋରିକ୍ସାକୁ ଧକ୍କା ଦେଇଥିଲା। ଅଟୋରିକ୍ସାଟି ଆଗରେ ଦୁର୍ଘଟଣା ଘଟାଇ ଛିଡାଥିବା ଟ୍ରକରେ ପିଟି ହୋଇ ଭିତରକୁ ପଶିଯାଇଥିଲା। ଏହି ଦୁର୍ଘଟଣାରେ ଅଟୋ ଚାଳକ ଜୟସିଂ ଗୁରୁତର ହୋଇଛନ୍ତି। ଅଟୋରିକ୍ସାରେ ବସିଥିବା ଜୟସିଂଙ୍କ ବାପା ମଧ୍ୟ ଆହତ ହୋଇଛନ୍ତି। ଖବର ପାଇ କୁତ୍ରା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଆହତ ଅଟୋରିକ୍ସା ଡ୍ରାଇଭର ଜୟସିଂ ଓ ତାଙ୍କ ବାପାଙ୍କୁ ଚିକିତ୍ସା ପାଇଁ କୁତ୍ରା ସରକାରୀ ଡାକ୍ତରଖାନାକୁ ପଠାଇଥିଲା । ହେଲେ ଅଟୋରିକ୍ସା ଚାଳକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ ରାଉରକେଲାକୁ ପଠାଯାଇଛି। ଗ୍ୟାସ କଟର୍‌ରେ ଲୁହାଗୁଡିକୁ କାଟି ଟ୍ରକ ଡ୍ରାଇଭରଙ୍କ ମୃତଦେହ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି।



ତେଲିଘଣା, ଗଡ଼ପୋଷ ଛକର ମଧଭାଗରେ ଶନିବାର ସିରିଜ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ଗାଡ଼ିମୋଟର।

## ଧାନର ଅଭାବୀ ବିକ୍ରି: ଚାଷୀଙ୍କ ରାସ୍ତାରୋକୋ

ଚାନ୍ଦବାଲି, ୯।୨ (ଡି.ଏନ.ଏ)– ଭଦ୍ରକ ଜିଲା ଦୋସିଙ୍ଗା ସେବା ସମବାୟ ସମିତିରେ ଧାନର ଅଭାବୀ ବିକ୍ରିକୁ ପ୍ରତିବାଦ କରିଛନ୍ତି ଚାଷୀ। ଶନିବାର ଅପରାହ୍ଣରେ କେତେକ ଚାଷୀ ବିକ୍ରି ପାଇଁ ଆଣିଥିବା ଧାନକୁ ସମିତି ଆଗରେ ରଖି ପ୍ରାୟ ୧ଘଣ୍ଟା ସମିତି ସହ ଧାମରା–ବାଂଶଡ଼ା ରାସ୍ତାରୋକୋ କରିଥିଲେ। ମିଲର ଧାନ ନ ଉଠାଇବାରୁ ଏପରି ସମସ୍ୟା ହୋଇଥିବା ସମିତି ସମ୍ପାଦକ ଚାଷୀଙ୍କୁ ସଫେଇ ଦେଇଥିଲେ ମଧ ସେମାନେ ଏହାକୁ ମାନି ନ ଥିଲେ। ସଭାପତି ଅଭିମନ୍ୟୁ ରାଉତ ଚାଷୀଙ୍କୁ ଭେଟି ବୁଝାଶୁଝା କରିଥିଲେ। ଏ ସମ୍ପର୍କରେ ଜିଲାପାଳଙ୍କ ସହିତ କଥା ହେବା ପରେ ସମସ୍ୟାର ସମାଧାନ ସହ ଧାନକ୍ରୟ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ରାସ୍ତାରୋକୋରୁ ହଟିଥିଲେ। ସମିତି ତୁରନ୍ତ ଧାନକ୍ରୟ ନ କଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।




## ଛାତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ଝାରସୁଗୁଡ଼ା ଅଫିସ/ ବେଲପାହାଡ଼, ୯।୨(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳରେ ଶନିବାର ଜଣେ କଲେଜ ଛାତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ସେ ହେଲେ ବେଲପାହାଡ଼ ଫାଟକଠାରେ ରହୁଥିବା ସରୋଜ କୁମାର ରାୟଙ୍କ ଝିଅ ସୁଚିତ୍ରା ରାୟ (୧୬)। କୁର୍‌କୁରେ ଖାଉଥିବା ବେଳେ ତାହା ତଣ୍ଟିରେ ଲାଗିଯିବାରୁ ସୁଚିତ୍ରାଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ବେଲପାହାଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ ହେବ। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ରଶ୍ମିତା ବେହେରା କହିଛନ୍ତି। ପୋଲିସ ସୂଚନା ମୁତାବକ, ସୁଚିତ୍ରା ବ୍ରଜରାଜନଗର କଲେଜରେ +୨ ପଢୁଥିଲେ। ଶନିବାର କଲେଜରୁ ଫେରି ଘରେ ସେ ମୋବାଇଲ ଦେଖିବା ସହ କୁର୍‌କୁରେ ଖାଉଥିଲେ। କିଛି ସମୟ ପରେ ସୁଚିତ୍ରା ଅଚେତ ଅବସ୍ଥାରେ ପଡ଼ିଥିବା ପରିବାର ଲୋକେ ଦେଖିଥିଲେ। ତୁରନ୍ତ ତାଙ୍କୁ ଟିଆର୍‌ଏଲ୍ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବେଲପାହାଡ଼ ଥାନା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି।

## ପୋଖରୀରେ ବୁଡ଼ି ବାଳକ ମୃତ

ଭୋଗରାଇ,୯।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ପଳାସିଆ ଗ୍ରାମର ଗୌରହରି ଭଞ୍ଜଙ୍କ ୧୨ବର୍ଷରୁ ପୁଅ ବ୍ରଜଗୋପାଳ ସ୍ଥାନୀୟ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ କିପରି ପୋଖରୀରେ ବୁଡିଗଲେ ତାହା ଜଣାପଡିନାହିଁ। ପରିବାର ଲୋକେ ଖୋଜାଖୋଜି କରିବା ପରେ ଉକ୍ତ ବାଳକଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍‌ପିଟାଲକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଭୋଗରାଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪/୧୯) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।




# ୭୨ ବର୍ଷରେ ୨ କୋଟି ହିନ୍ଦୁ ଧର୍ମାନ୍ତରିତ ହୋଇଛନ୍ତି

■ ରାମଙ୍କୁ ଘର,ଗରିବଙ୍କୁ ଭାତ ଭିଏଚ୍‌ପିର ମୂଳଲକ୍ଷ୍ୟ

ରାଉରକେଲା ଅଫିସ,୯।୨

୧୯୬୪ ମସିହାରୁ ବିଶ୍ୱ ହିନ୍ଦୁ ପରିଷଦ ଭାରତୀୟ ଧର୍ମ, ସଂସ୍କୃତିର ସୁରକ୍ଷା ନେଇ ନିରବିଚ୍ଛିନ୍ନ ଭାବେ କାମ କରି ଆସୁଛି। ଦେଶ ଓ ଆମ ରାଜ୍ୟର ଅନେକ ଅପହଞ୍ଚ ଅଞ୍ଚଳ ରହିଛି। ଯେଉଁଠି ଆଜି ବି ମୌଳିକ ସେବା ମିଳୁନି । ସରକାରୀ ସୁବିଧା ସୁଯୋଗରୁ ସାଧାରଣ ଲୋକେ ବଞ୍ଚିତ ହୋଇଛନ୍ତି। ବିଶ୍ୱ ହିନ୍ଦୁ ପରିଷଦ ସେହି ଶାନ୍ତ, ସରଳ, ବନବାସୀ ଭାଇଭଉଣୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ନିରନ୍ତର କାମ କରୁଛି ବୋଲି ଶୁକ୍ରବାର ଗୁରୁଣ୍ଡିଆ ବ୍ଲକ ଜଡାରେ



ଭିଏଚ୍‌ପି ପକ୍ଷରୁ ଆୟୋଜିତ ଧର୍ମରକ୍ଷା ଯଜ୍ଞରେ ଯୋଗଦେଇଥିବା ଶ୍ରଦ୍ଧାଳୁମାନେ।

### ଧର୍ମରକ୍ଷା ଯଜ୍ଞ ସମାବେଶ

ଆୟୋଜିତ ଧର୍ମରକ୍ଷା ଯଜ୍ଞ ସମାବେଶରେ ଯୋଗ ଦେଇ ପଶ୍ଚିମ ଓଡ଼ିଶା ଧର୍ମ ପ୍ରସାର ସମ୍ପାଦକ ଶାନ୍ତନୁ କୁସୁମ କହିଛନ୍ତି। ସେ ପୁଣି କହିଛନ୍ତି, ଦେଶର କିଛି ଆନ୍ତରାଷ୍ଟ୍ରୀୟ ଶକ୍ତି ବିଶ୍ୱ ହିନ୍ଦୁ ପରିଷଦକୁ ସାଂପ୍ରଦାୟିକ ଆଖ୍ୟା ଦେବା ଓ ରାଜନୀତି ସହ ଯୋଡି ବଦ୍‌ନାମ କରିବାକୁ ଅପଚେଷ୍ଟା ଜାରି ରଖିଛନ୍ତି। ହେଲେ ସାମ୍ପ୍ରଦାୟିକତା କିମ୍ବା ରାଜନୀତି ଭିଏଚ୍‌ପିର ଉଦ୍ଦେଶ୍ୟ ନୁହେଁ । ରାମଙ୍କୁ ଘର ଓ ଗରିବଙ୍କୁ ଭାତ ଭିଏଚ୍‌ପିର ମୂଳଲକ୍ଷ୍ୟ। ସ୍ୱାଧୀନତାର ୭୨ ଵର୍ଷ ଭିତରେ ଦେଶର ୨କୋଟି ହିନ୍ଦୁ ଭାଉଭଉଣୀ ଧର୍ମାନ୍ତରିତ ହୋଇଛନ୍ତି। ଦାରିଦ୍ର୍ୟତା ଅନେକ ବନବାସୀ ପିଲାଙ୍କୁ ଶିକ୍ଷାରୁ ବଞ୍ଚିତ କରିଛି। ନିଜ ସଂସ୍କୃତିର ସୁରକ୍ଷା ଓ ସମୃଦ୍ଧି ପ୍ରତି ନାଗରିକର ମୌଳିକ କର୍ତ୍ତବ୍ୟ। ଏହାର ଅବକ୍ଷୟକୁ ରୋକିବାକୁ ଯିଏ ଆଗକୁ ବଢ଼ିଲା ସେ କ'ଣ ସାମ୍ପ୍ରଦାୟିକ ହୋଇଯାଏ କି ବୋଲି କୁସୁମ ପ୍ରଶ୍ନ କରିଥିଲେ। ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ରଙ୍କୁ ତମ୍ବୁ ତଳେ ରଖି ପୂଜାର୍ଚ୍ଚନା କରିବା କ'ଣ ଆମ ସଂପ୍ରଦାୟ ପାଇଁ ଶୋଭା ଦେଉଛି । ଭବ୍ୟ ରାମ ମନ୍ଦିର ନିର୍ମାଣ କରି ପ୍ରଭୁଙ୍କୁ ଉଚିତ ସମ୍ମାନ ଦେବା ପାଇଁ ସମୟ ଆସିଛି । ଏକ ସୁସ୍ଥ ଓ ସମୃଦ୍ଧ ଭାରତ ନିର୍ମାଣରେ ଲାଗି ଥିବା ବିଶ୍ୱ ହିନ୍ଦୁ ପରିଷଦ ପତାକା ତଳେ ସମସ୍ତେ ଏକତ୍ରିତ ହେବାକୁ ସେ ଆହ୍ୱାନ ଦେଇଥିଲେ। ସକାଳ ୧୦ଟାରେ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ନିକଟସ୍ଥ ନାଳରୁ ଜଳ ଉତ୍ତୋଳନ କରି ଫେରିବା ପରେ ଯଜ୍ଞସ୍ଥଳରେ କଳସ ସ୍ଥାପନ କରାଯାଇଥିଲା। ହୋମଯଜ୍ଞ ସମାପନ ପରେ ଆୟୋଜିତ ଧର୍ମ ସଭାରେ ପ୍ରାନ୍ତ ଧର୍ମ ପ୍ରସାର ପ୍ରମୁଖ ଦିଲୀପ ମେହେର, ପ୍ରାନ୍ତ ପରିଯୋଜନା ପ୍ରମୁଖ ଯୁଗଳ ମହାନ୍ତ, ଜିଲା ସଙ୍ଗଠନ ସମ୍ପାଦକ ରାମଚନ୍ଦ୍ର ନାୟକ, ଜିଲା ଉପସଭାପତି କାର୍ତ୍ତିକ ସିଂ, ଦେବାନନ୍ଦ ସିଂ, ବିନୋଦ ବିହାରୀ ବାବା, ବୁଦ୍ଧଦେବ ସିଂ, କରନ ସିଂ ଓ କମଲ ସିଂ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

## ଚଲକି କପ୍ ଫୁଟବଲ: ମୁରିବାହାଲ ଚାମ୍ପିୟନ

ଟିକ୍ରାପଡା/ମୁରିବାହାଲ, ୯।୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଚଲକି ଗ୍ରାମରେ ଜୟ ଜଗନ୍ନାଥ ଫୁଟବଲ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨୪ତମ ଜୟ ଜଗନ୍ନାଥ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି । ମୁରିବାହାଲ ଓ ନକଟାସର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ନକଟାସରକୁ ୧–୦ ଗୋଲରେ ପରାଜିତ କରି ମୁରିବାହାଲ ଚାମ୍ପିୟନ ହୋଇଥିଲା । ଆଶୀର୍ବାଦ ସା, ପାଣ୍ଡବ ବିଶି, ପ୍ରତାପ ଭୁକ୍ତା ଖେଳ ପରିଚାଳନା କରିଥିଲେ । ପ୍ରଭୁଦାସ କୁମ୍ଭାର ଧାରା ବିବରଣୀ ପ୍ରଦାନ କରିଥିଲେ । ହୀରାଲାଲ ଜୈନଙ୍କ ଅଧ୍ୟକ୍ଷତା ଓ ସତ୍ୟବ୍ରତ ଭୋଇଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ଫିରୋଜ ଖାନ ମୁଖ୍ୟ ଅତିଥି, ଶିକ୍ଷାବିତ ମନୁ ଭୋଇ, ଆଇସିଡିଏସ ସୁପରଭାଇଜର ବାସନ୍ତି ଜାନି, ଝିଙ୍କିଡୁଙ୍ଗୁରି ସରପଞ୍ଚ ବଜରଙ୍ଗଲାଲ ଜୈନ, ଶ୍ରୀବତ୍ସ ବେହେରା, ମନୋଜ ପାତ୍ର, ବିଜେଡି ନେତା ଟିକେଶ୍ୱର ଦାଶ, ହାଇସ୍କୁଲ ପ୍ରଧାନଶିକ୍ଷକ ଧରମସିଂ ମୁଗ୍ରୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ମୁରବିବାହାଲକୁ ଟ୍ରଫି ସହ ୭୦୦୦ ଟଙ୍କା ଓ ରନର୍ସ ଅପ ନକଟାସରକୁ ଟ୍ରଫି ସହ ୫୦୦୦ଟଙ୍କା ଦେଇ ପୁରସ୍କୃତ କରାଯାଇଥିଲା।






Printed and Published by Tathagata Satpathy on behalf of Navajat Printe rs & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୦ ଫେବୃୟାରୀ, ୨୦୧୯



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ ଅନ୍ୟମାନେ ତାହାକୁ ବିଶ୍ୱାସ କରିବେ ନାହିଁ।
-ଆରିଷ୍ଟଟଲ



## ସଂକ୍ଷେପରେ

### ୧୪ ମେଣ୍ଢା ମୃତ, କାରଣ ଅସ୍ପଷ୍ଟ

**ବୌଦ୍ଧ,୯।୨(ସ୍ୱ.ପ୍ର):** ହରଭଙ୍ଗା ବ୍ଲକ ସରସରା ପଞ୍ଚାୟତ ଅନ୍ତର୍ଗତ ବଡବାଗବର ଗ୍ରାମରେ ଅଜଣା ରୋଗରେ ୧୪ଟି ମେଣ୍ଢାଙ୍କ ମୃତ୍ୟୁ ହୋଇଛି । ଶନିବାର ଗ୍ରାମର ଗୁଲୁଠୁ କର୍ଣ୍ଣଙ୍କ ମେଣ୍ଢା ଚରିବାକୁ ମହାନଦୀ ଆଡକୁ ଯାଇଥିବାବେଳେ ସେଥିରୁ ୧୨ଟି ମେଣ୍ଢାଙ୍କ ହଠାତ୍ ମୃତ୍ୟୁ ହୋଇଥିଲା । ଏହାର କାରଣ ମେଣ୍ଢା ଚରାଳି ବୁଝି ନ ପାରି ବଳକା ମେଣ୍ଢାଙ୍କୁ ଘରକୁ ନେଇଯିବା ପରେ ସେଠାରେ ଆଉ ୨ଟି ମେଣ୍ଢାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଏହି ଘଟଣାକୁ ନେଇ ଗ୍ରାମରେ ଗୃହପାଳିତ ପ୍ରାଣୀ ରଖିଥିବା ଲୋକଙ୍କ ମଧ୍ୟରେ ଭୟଜାତ ହୋଇଛି । କୌଣସି ବିଷାକ୍ତ ଖାଦ୍ୟ ଖାଇଥିବାରୁ ମେଣ୍ଢାଗୁଡିକର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ଯଦି କୌଣସି ରୋଗରେ ସେମାନଙ୍କର ମୃତ୍ୟୁ ହୋଇଥିବ, ତେବେ ଅନ୍ୟ ଗୃହପାଳିତ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଜରୁରୀ ହୋଇପଡିଛି। ଏ ଦିଗରେ ଜିଲା ପ୍ରାଣୀ ଚିକିତ୍ସା ବିଭାଗ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

### ଯୋଗାଭ୍ୟାସ ଶିବିର ଉଦ୍‌ଘାଟିତ

**ବୌଦ୍ଧ,୯।୨(ସ୍ୱ.ପ୍ର):** ବୌଦ୍ଧ ସହରର ବୁଟୁପାଲିଠାରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଦୈନିକ ଯୋଗାଭ୍ୟାସ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଯୋଗ ଶିକ୍ଷୟିତ୍ରୀ ଅନିମା ଶତପଥି ଆସନ, ବ୍ୟାୟାମ ଓ ପ୍ରାଣାୟାମ ପ୍ରଶିକ୍ଷଣ ଦେବା ସହିତ ଯୋଗ ମାଧମରେ ବିଭିନ୍ନ ରୋଗର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଶିବିରରେ ପତଞ୍ଜଳି ଯୋଗ ସମିତିର ପ୍ରଭାରୀ ହୃଷିକେଶ ପ୍ରଧାନ, ଯୋଗ ଶିକ୍ଷକ ଚନ୍ଦ୍ରକାନ୍ତ ନାୟକ, ସଂଯୁକ୍ତା ପ୍ରଧାନ ପ୍ରମୁଖ ଯୋଗଦେଇ ନୂତନ ଭାବେ ଯୋଗଶିକ୍ଷା ଲାଭ କରୁଥିବା ମହିଳା ଓ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

### ହୃଦ୍‌ଘାତରେ ବିଜେଡ଼ି ନେତାଙ୍କ ପରଲୋକ

ବରଗଡ଼ ଅଫିସ୍,୯।୨

ବରଗଡ଼ର ବିଜେଡ଼ି ନେତା ବାଳକୃଷ୍ଣ ପ୍ରଧାନଙ୍କ ଶନିବାର ହୃଦଘାତରେ ପରଲୋକ ଘଟିଛି। ତାଙ୍କ ପରଲୋକରେ ଏଠାରେ ଗଭୀର ଶୋକପ୍ରକାଶ ପାଇଛି । ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସ୍ୱର୍ଗତ ପ୍ରଧାନଙ୍କ ମୃତ୍ୟୁ ଖବର ପାଇ ଗଭୀର ଶୋକପ୍ରକାଶ କରିଛନ୍ତି । ବିଜେଡ଼ି ଦଳ ଜଣେ ସକ୍ରିୟ କର୍ମୀଙ୍କୁ ହରାଇଲା ବୋଲି ମତବ୍ୟକ୍ତ କରି ବିଧାୟକ ଆଚାର୍ଯ୍ୟ ସ୍ୱର୍ଗତ ପ୍ରଧାନଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

# ମରାମତି ହେଲାନି ରାସ୍ତା

ବରଗଡ଼ ଅଫିସ୍,୯।୨

ବିପଦଶଙ୍କୁଳ ଅବସ୍ଥାରେ ରହିଥିବା ବରଗଡ଼ ସହରର ବ୍ୟସ୍ତବହୁଳ ଲେଙ୍ଗୁ ମିଶ୍ର ଛକରୁ ଲମ୍ବାବିଲଡ଼ିଂ ଛକ ଦେଇ ପୁରୁଣା ଜିରା ବ୍ରିଜ ରାସ୍ତା ମରାମତି ପାଇଁ ଗୁରୁବାର ସ୍ଥାନୀୟ ଲୋକେ ପ୍ରଶାସନକୁ ଫେରାଦ ହୋଇଥିଲେ । ତିନିଦିନ ମଧ୍ୟରେ ରାସ୍ତା ମରାମତି କରା ନ ଗଲେ ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ମଧ୍ୟ ଦେଇଥିଲେ । ଏହାସତ୍ତ୍ୱେ ଏହି ରାସ୍ତାର ମରାମତି କାମ ଆରମ୍ଭ କରାଯାଇ ନାହିଁ । ଅନ୍ୟପଟେ ସ୍ଥାନୀୟ ଲୋକେ ଦେଇଥିବା ସମୟ ଅବଧି ରବିବାର ଶେଷ ହେଉଛି । ଜିଲା ହେଡ଼କ୍ୱାର୍ଟର ମଧ୍ୟରେ ରହିଥିବା ଏଭଳି ମୁଖ୍ୟରାସ୍ତାର ମରାମତି ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଆଖିବୁଜି ଦେବା ଘଟଣା ସମ୍ପୃକ୍ତ ବିଭାଗର ପାରିବାପଣିଆକୁ ପଦାରେ ପକାଇ ଦେଇଛି। ରାସ୍ତା ମରାମତି ତଥା ଲୋକଙ୍କ ଦାବି ପ୍ରତି ଏଭଳି ଅଣଦେଖା ମନୋଭାବକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତେଜି ଉଠିଛି । ରବିବାର ରାସ୍ତା ମରାମତି କାମ କରା ନ ଗଲେ ସୋମବାର ସ୍ଥାନୀୟ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଜଣାପଡିଛି । ଏହି କ୍ରମରେ ରବିବାର ତଳିପଡ଼ାରେ ଏକ ବୈଠକ ବସୁଥିବା ସୂଚନା ମିଳିଛି ।

## ଦିନକ ପରେ ଆନ୍ଦୋଳନ

ଗତ ଧନୁଯାତ୍ରା ପୂର୍ବରୁ ପାଣି ପାଇପ୍ ବିଛାଇବା ପାଇଁ ଲେଙ୍ଗୁ ମିଶ୍ର ଛକରୁ ଲମ୍ବାବିଲଡ଼ିଂ ଛକ ଦେଇ ପୁରୁଣା ଜିରା ବ୍ରିଜ ପର୍ଯ୍ୟନ୍ତ ରାସ୍ତାର ଗୋଟିଏ ପାର୍ଶ୍ୱ ମାଟି ଖୋଳାଯାଇଥିଲା । ଧନୁଯାତ୍ରା ଆଗରୁ ସେହି କାମ ସାରି ରାସ୍ତାର ପିଚୁକାମ ମଧ୍ୟ ସରିଯିବ ବୋଲି କୁହାଯାଇଥିଲା । ତେବେ ରାସ୍ତାର ଗୋଟିଏ ପାର୍ଶ୍ୱ ପିଚୁକାମ ହୋଇଥିବାବେଳେ ପାଇପ୍ ବିଛାଇବା ପାଇଁ ଖୋଳାଯାଇଥିବା ରାସ୍ତାର ଅନ୍ୟପାର୍ଶ୍ୱଟି ପିଚୁ ହେବା ତ ଦୂରର କଥା, ମାଟି ଖୋଳାଯିବା ପରେ ତାହା ଆହୁରି ବିପଦଶଙ୍କୁଳ ଅବସ୍ଥାରେ ପଡ଼ି ରହିଛି । ସେଥିପାଇଁ ରାସ୍ତାରେ ଦୁର୍ଘଟଣା ନିତିଦିନିଆ ଘଟଣାରେ ପରିଣତ ହୋଇଛି । ଫଳରେ ଏହି ରାସ୍ତାର ମରାମତି ପାଇଁ ତଳିପଡ଼ା ସମଲେଶ୍ୱରୀ ସଂଘ ଗୁରୁବାର ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ ସହିତ ୩ଦିନ ମଧ୍ୟରେ ମରାମତି କାମ କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସେମାନେ ଚେତାବନୀ ଦେଇଥିଲେ ।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚତୁରୀ**
**ଯେଣିକି ଚାହିଁଲେ ତୋହରି କଥା ମୁଁ**
**ଭାବି ଭାବି ଯାଏ ବତୁରି ।**

ଯେ ଯାହାକୁ ମନପ୍ରାଣ, ହୃଦୟ ଦେଇ ଭଲ ପାଉଥାଏ, ସେ ତାହାକୁ ସବୁବେଳେ ଝୁରି ହେଉଥାଏ । ଶୟନେ ସ୍ୱପନେ ଜାଗରଣେ କେବଳ ତାହାରି କଥା ଭାବି ହେଉଥାଏ । ଆଖି ଆଗରେ କେବଳ ତାହାରି ମୁହଁ ନାଚି ଯାଉଥାଏ । ପ୍ରେମୀର ସାନ୍ନିଧ ପାଇବା ଆଶାରେ ଭାବି ଭାବି ଅଭିଭୂତ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରକୁ ଚୋର ଚିହ୍ନେ**
**ପୁରୁଣା ଚୋରକୁ ଚଉକିଆ ଚିହ୍ନେ ।**

ଚୋରର ହାବଭାବ, ଚାଲିଚଳଣ ତଥା ମତିଗତି ଆଉ ଗୋଟିଏ ଚୋର ପାଖରେ ଅଛପା ରହି ନ ଥାଏ । ଯିଏ ଚୋର ସିଏ ଆଉ ଗୋଟିଏ ଚୋରକୁ ଅତି ସହଜରେ ଜାଣିପାରିଥାଏ । ସେହିପରି ପୁରୁଣାରୁ ପୁରୁଣା ଚୋରକୁ କେବଳ ପୋଲିସ ହିଁ ବିନା ଦ୍ୱିଧାରେ ଚିହ୍ନିପାରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# କନ୍ଧମାଳ ଅଞ୍ଚଳରେ ବେଆଇନ ଗୋରୁ ଚାଲାଣ

କନ୍ଧମାଳ,୯।୨ (ଡି.ଏନ.ଏ)



ବେପାରୀମାନେ ବେଆଇନ ଭାବେ ଗୋରୁ ଚାଲାଣ କରୁଛନ୍ତି ।

ବୌଦ୍ଧ ଜିଲାରେ ବେଆଇନ ଗୋ ଚାଲାଣ ବଢି ଚାଲିଛି । ଆମ୍ବଗାଁ ଓ ଗୁଦଗୁଦା ବଜାର ଗୋରୁ ବେପାରୀଙ୍କ ମୁଖ୍ୟ ପେଣ୍ଠସ୍ଥଳ ପାଲଟିଛି । ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟ କର୍ଡାପାଲ ବଜାରରୁ ବେପାରୀମାନେ ଗୋରୁ ଆଣି ମଙ୍ଗଳବାର ବରଗାଁ ବଜାରରେ ବିକ୍ରି କରୁଛନ୍ତି । କର୍ଡାପାଲ ବାହାରେ ସୁବର୍ଣ୍ଣପୁର ଜିଲାର ଏସ.ରାମପୁର ବଜାରରୁ ଗୋରୁ ଚାଲାଣ ହୋଇ ଗୁଦୁଗୁଦା ସାପ୍ତାହିକ ବଜାରକୁ ଆସୁଛି । ଗୋଟିଏ ଦଳରେ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଗାଈ ଓ ବଡ ବାଛୁରୀଙ୍କୁ ବେପାରୀମାନେ ଆଣୁଛନ୍ତି । ଗୁଦୁଗୁଦା ବଜାରରୁ ଏହି ଗୋରଙ୍କୁ ପିକଅପ ଭ୍ୟାନରେ ଲୋଡ କରି ତିଲେଶ୍ୱର ବଜାରକୁ ନିଆଯାଉଥିବା ସୂଚନା ମିଳିଛି । ଅପରପକ୍ଷରେ ଆମ୍ବଗାଁ ବଜାରରୁ ପ୍ରତି ମଙ୍ଗଳବାର ଗୋରୁଙ୍କୁ କନ୍ଧମାଳ ଜିଲା ବାରଖମା ବଜାରକୁ ନିଆଯାଉଛି । ଏ ନେଇ ଭାଜପା ମନମୁଣ୍ଡା ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣ ଅଭିଯୋଗ କରିଛନ୍ତି, ଗୋରୁ ଚାଲାଣ ନେଇ ବୌଦ୍ଧ ଜିଲା ପୋଲିସର ଦୃଷ୍ଟି ଆକର୍ଷଣ କଲେ ଗୋରୁ ଗାଈଙ୍କୁ ଆପଣ ରଖିବେ କି ବୋଲି ପୋଲିସ ଓଲଟି କହୁଛି । ବେଆଇନ ଗୋଚାଲାଣ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେଇ କର୍ଣ୍ଣ ଦାବି କରିଛନ୍ତି । ଅପରପକ୍ଷରେ କନ୍ଧମାଳ ଥାନା ଆଇଆଇସି ନରେଶ ପ୍ରଧାନ ଫୋନ୍ ନ ଉଠାଇବାରୁ ତାଙ୍କ ମତାମତ ନିଆଯାଇ ପାରିନାହିଁ ।

## ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ବୌଦ୍ଧ,୯।୨(ସ୍ୱ.ପ୍ର)

ହରଭଙ୍ଗା ବ୍ଲକ ସାଂପୋଚ ଖେଳ ପଡିଆରେ ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା କ୍ରୀଡ଼ା ଅଧିକାରୀ ପବିତ୍ର କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅବସରୀପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାକୁଳ, ଗ୍ରାମ କମିଟି ସଭାପତି ମିହିର କର୍ଣ୍ଣ, ସରପଞ୍ଚ ଦିଲୀପ କୁମାର ପ୍ରଧାନ, ସିଆରସିସି ଗୁପ୍ତେଶ୍ୱର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ୧୨ଟି ବିଦ୍ୟାଳୟରୁ ଛାତ୍ରୀଛାତ୍ର ଏହି ଉତ୍ସବରେ ଅଂଶଗ୍ରହଣ କରିଥିଲେ । ସିଆରସିସି ଶୈଳେନ୍ଦ୍ର ପ୍ରସାଦ ମେଣ୍ଡଲି ଓ ଶିକ୍ଷକ ରାଜେନ୍ଦ୍ର କୁମାର ମିଶ୍ର ବିଚାରକ ଥିଲେ । କ୍ରୀଡା ଶିକ୍ଷକ ସୁନୀଲ କୁମାର ମହାକୁଡ, ରମେଶ ସିଂ, ଦଶରଥ ଭୋଇ, ବିଦ୍ୟାବନ୍ଧୁ ପୁରୋହିତ କ୍ରୀଡ଼ା ପରିଚାଳନା କରିଥିଲେ।

## ଫୁଟବଲ: ଟାଟରକିଲା ଫାଇନାଲରେ



ଅତିଥିମାନେ ଖେଳାଳିଙ୍କ ସହିତ ପରିଚିତ ହେଉଛନ୍ତି ।

ଘଣ୍ଟାପଡା,୯।୨(ଡି.ଏନ.ଏ.)

କନ୍ଧମାଳ ବ୍ଲକ ଫାସେଡ ଖେଳ ପଡିଆରେ ଚାଲିଥିବା ଜୟ ଜଗନ୍ନାଥ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ୍ ଘଣ୍ଟାପଡା ଓ ଚନ୍ଦ୍ରପୁର ମଧ୍ୟରେ ହୋଇଥିଲା । ପ୍ରଥମ ମ୍ୟାଚ୍‌ରେ ଘଣ୍ଟାପଡା ଚନ୍ଦ୍ରପୁର ଦଳକୁ ଗୋଟିଏ ଗୋଲ ଦେଇଥିବା ବେଳେ ଚନ୍ଦ୍ରପୁର ଗୋଲ ଦେବାରେ ଅକ୍ଷମ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଟାଟରକିଲା ଓ ମହିମୁଣ୍ଡା ଦଳ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ଭିତରେ କେହି କାହାରିକୁ ଗୋଲ ଦେବାରେ ସକ୍ଷମ ହୋଇ ନ ଥିଲେ । ଫଳରେ ଟାଇବ୍ରେକର ଜରିଆରେ ଟାଟରକିଲା ଦଳ ମହିମୁଣ୍ଡାକୁ ୪-୩ ଗୋଲରେ ପରାସ୍ତ କରିଥିଲା। ଦ୍ୱିତୀୟ ସେମିଫାଇନାଲ ଖେଳ ଘଣ୍ଟାପଡା ଓ ଟାଟରକିଲା ଦଳ ମଧରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧରେ କେହି କାହାରିକୁ ଗୋଲ ଦେବାରେ ସକ୍ଷମ ହୋଇପାରି ନ ଥିବା ବେଳେ ଟାଇବ୍ରେକର ଜରିଆରେ ଟାଟରକିଲା ଦଳ ଘଣ୍ଟାପଡାକୁ ୫-୪ ଗୋଲରେ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି । ରବିବାର କର୍ଲାମୁହାନ ସହିତ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ପ୍ରକାଶ । ସାମାଜିକ କର୍ମୀ ଶ୍ରୀକାନ୍ତ ମିଶ୍ର ମୁଖ୍ୟ ଅତିଥି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଆମ୍ବଗାଁ ସିଆରସିସି ନୀଳାଞ୍ଚଳ ଭୋଇ, ବଂଶୀଧର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସଞ୍ଜୀବ କୁମାର ସାହୁ ଖେଳ ପରିଚାଳନା କରିଥିଲେ ।

# ଆଇନକୁ ବେଖାତିର ; ବଢୁଛି ଶବ୍ଦ ପ୍ରଦୂଷଣ

ବୌଦ୍ଧ,୯।୨(ସ୍ୱ.ପ୍ର)

ବୌଦ୍ଧ ସହରରେ ଶବ୍ଦ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି । ବାହାଘର ହେଉ କି ପୂଜାମଣ୍ଡପ କିମ୍ବା ମେଳା ମହୋତ୍ସବ ସବୁଠି ବ୍ୟାପକ ଶବ୍ଦ ପ୍ରଦୂଷଣ ହେଉଛି। ଏସବୁ କାର୍ଯ୍ୟରେ ଡାକବାଜି ଯନ୍ତ୍ରର ବ୍ୟବହାର ପାଇଁ ପ୍ରଶାସନ ନିକଟରୁ ଅନୁମତି ନିଆଯାଉଥିଲେ ମଧ୍ୟ ତାହା କେବଳ ଔପଚାରିକତା ହୋଇ ରହିଯାଉଛି । ଯିଏ ଯେତେ ଶବ୍ଦ ପ୍ରଦୂଷଣ କରିପାରିଲା କାର୍ଯ୍ୟକ୍ରମ ସେତିକି ସଫଳ ହୋଇପାରିବ ଏଭଳି ଚିନ୍ତାଧାରା ଯେପରି ଲୋକମାନଙ୍କୁ ବିଭ୍ରାନ୍ତ କରିବାରେ ଲାଗିଛି। ସରକାର, ନ୍ୟାୟାଳୟ ପକ୍ଷରୁ ଶବ୍ଦ ବ୍ୟବହାର ପାଇଁ ରହିଥିବା ନିର୍ଦ୍ଦିଷ୍ଟ ନୀତି ନିୟମ ପ୍ରତି କାହାରି ଯେପରି ଖାତିର ନାହିଁ । ଉଚ୍ଚନ୍ୟାୟାଳୟ ଉଚ୍ଚଶବ୍ଦ ଉପରେ ରୋକ ଲଗାଇଥିଲେ ମଧ୍ୟ ଏହାକୁ ଜିଲାସ୍ତରରେ କାର୍ଯ୍ୟକାରୀ କରାଯାଉନାହିଁ । ଏହା ବହୁଳ ବ୍ୟବହାର ଦ୍ୱାରା ବୃଦ୍ଧାବୃଦ୍ଧ ତଥା ହୃଦ୍‌ରୋଗୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି । ଶବ୍ଦ ପ୍ରଦୂଷଣ ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ପାଠପଢାରେ ବ୍ୟାଘାତ ହେବା ସହିତ ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଗକୁ ସାଧାରଣ ନିର୍ବାଚନ ଆସୁଅଛି । ମାଳ ମାଳ ପ୍ରଚାର ଗାଡିରେ ଶବ୍ଦ ପ୍ରଦୂଷଣର ମାତ୍ରା ମଧ୍ୟ ବୃଦ୍ଧି ପାଇବ। ଶବ୍ଦ ପ୍ରଦୂଷଣ ଆଇନକୁ କଡାକଡି ପାଳନ କରିବା ପାଇଁ ଦାବି ହେଉଛି ।

# ପଞ୍ଚାୟତସ୍ତରୀୟ ଖେଳକୁଦ ପ୍ରତିଯୋଗିତା

ପୁରୁଣାକଟକ,୯।୨(ଡି.ଏନ.ଏ)




ଖେଳକୁଦ ପ୍ରତିଯୋଗିତା ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାଧାନଗର ପଞ୍ଚାୟତର ପିପଲକଟା ଖେଳପଡିଆରେ ୧୦ଟି ବିଦ୍ୟାଳୟକୁ ନେଇ ଦୁଇଦିନିଆ ପଞ୍ଚାୟତସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ରାଧାନଗର ସରପଞ୍ଚ ଅପରାଜିତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ହରଭଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର ମୁଖ୍ୟଅତିଥି, ଏବିଇଓ ବିକାଶ କାନୁନଗୋ ମୁଖ୍ୟବକ୍ତା, ବାମଣ୍ଡା ସରପଞ୍ଚ ଲଳିତ ମୋହନ ଥାଟ୍ଟୀ, ଆଇନଜୀବୀ ହରିଶ ମିଶ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୀଷଣ ମଲ୍ଲିକ, ପାଣିପଞ୍ଚାୟତ ସଭାପତି ଅରୁଣ କୁମାର ପ୍ରଧାନ, ଶିକ୍ଷାବିତ୍ ଶମ୍ଭୁନାଥ ମହାନନ୍ଦିଆ, ସମିତିସଭ୍ୟା ପାର୍ବତୀ କଅଁର, ଅମୂଲ୍ୟ ଶତପଥୀ, ପିପଲକଟା ସ୍କୁଲର ପ୍ରଧାନଶିକ୍ଷକ ଭରବଙ୍କନଶ୍ୱର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ୩୫୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେଲା

ବୌଦ୍ଧ,୯।୨(ସ୍ୱ.ପ୍ର)

ବୌଦ୍ଧ ଟାଉନହଲଠାରେ ଶନିବାର ଏକ ମାଗଣା ମେଗା ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ସଭାପତି ସୁରଜ କୁମାର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସନ୍ତ କୁମାର ଅଗ୍ରୱାଲା ସ୍ୱାଗତ ଭାଷଣ ଓ କେତନ କୁମାର ଅଗ୍ରୱାଲା ସଭା ପରିଚାଳନା କରିଥିଲେ । ସମ୍ପାଦକ ଅଙ୍କିତ କୁମାର ଅଗ୍ରୱାଲା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରରେ ଡା. ଅମ୍ରିତ ନନ୍ଦ, ଡା. ସଞ୍ଜୟ ରାଉତ, ଡା. ଯାଜ୍ଞସେନୀ ପଣ୍ଡା ଏବଂ ଡା. ସ୍ମୃତିରଞ୍ଜନ ପ୍ରମୁଖ ନିଜ ଟିମ୍ ସଦସ୍ୟଙ୍କ ସହ ଶିବିରରେ ଯୋଗଦେଇ ୩୫୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଶିବିରରେ ରୋଗୀମାନଙ୍କ ଇସିଜି ଓ ଅନ୍ୟାନ୍ୟ ପରୀକ୍ଷା ମଧ କରାଯାଇଥିଲା। ସଂଯୋଜକ ବିକାଶ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ମୋହିତ ଅଗ୍ରୱାଲ, ଅଶୋକ ଭାମୀ, ସୁନ୍ଦର ପ୍ରକାଶ ଅଗ୍ରୱାଲ, ସଞ୍ଜୀବ କୁମାର ଅଗ୍ରୱାଲ, ନଟବର ଅଗ୍ରୱାଲ, ନାରାୟଣ ପ୍ରସାଦ ଅଗ୍ରୱାଲ, ରାଜ କିରନ ଅଗ୍ରୱାଲ, କୁଶ ଅଗ୍ରୱାଲ, ମଙ୍ଗତୁ ଗୋୟଲ, ଆଶିଷ ଗର୍ଗ, ମନୀଶ ଅଗ୍ରୱାଲ ଏବଂ ଅନ୍ୟ ସଦସ୍ୟମାନେ ଶିବିର ପରିଚାଳନା କରିଥିଲେ ।

# ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ପୁରୁଣାକଟକ,୯।୨(ଡି.ଏନ.ଏ)

ହରଭଙ୍ଗା ବ୍ଲକ ଛତ୍ରଙ୍ଗ ପଞ୍ଚାୟତରେ ଶନିବାର ଭୁବନେଶ୍ୱର କିମ୍ସ ମେଡିକାଲ ପକ୍ଷରୁ ଟୁଟୁ ଡାଙ୍ଗଙ୍କ ନେତୃତ୍ୱରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ କିମ୍ସ ଡାକ୍ତର ଅଗ୍ନିନିବେଶ ମିତ୍ର ଓ ଡାକ୍ତର ବିଦ୍ୟାଧର ଚୌହାନ ଯୋଗ ଦେଇ ବହୁ ମହିଳାପୁରୁଷ, ଶିଶୁ, ବୃଦ୍ଧାବୃଦ୍ଧ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ପ୍ରଦାନ କରିଥିଲେ । ସରପଞ୍ଚ ସୁଶୀଳ ପ୍ରଧାନ, ଜିଲା ପରିଷଦ ସଭ୍ୟ ଅବକାଶ ସାହୁ, ପ୍ରଦୀପ ସାହୁ, ପ୍ରଧାନ ଶିକ୍ଷକ ଭାଗିରଥୀ ରାଉତ, ପ୍ରଧାନ ଶିକ୍ଷକ ଦୁଃଖୀଶ୍ୟାମ ଗାଇଗୌରିଆ ପ୍ରମୁଖ ସହଯୋଗ କରିଥିଲେ ।

**CLASSIFIED DISPLAY**
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**CO-OPERATIVE INADIA**
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

**T.F. FINANCE**
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**Janata Finance**
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

**FINANCE**
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି
ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର୍
7827094474
7827246964
Add : - 41/14, Sec-1 Pushp Vihar, Delhi

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପୁରୀ ରାମକୃଷ୍ଣ ମିଶନ ଆଶ୍ରମରେ ଆସନ୍ତା ଶିକ୍ଷାବର୍ଷ (୨୦୧୯-୨୦) ଅଷ୍ଟମ ଶ୍ରେଣୀ ଏବଂ ନବମ ଶ୍ରେଣୀରେ (limited seats) ଆଦିବାସୀ ଛାତ୍ର ଗ୍ରହଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।
ଜମା କରିବା ଶେଷ ତାରିଖ: ୧୦।୦୩।୨୦୧୯
ଫୋନ: ୦୬୭୫୨-୨୩୨୪୦୭

**FINANCE**
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

ଧରିତ୍ରୀ DHARITRI
ସମ୍ବଲପୁର, ରବିବାର, ୧୦ ଫେବୃୟାରୀ, ୨୦୧୯



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ।
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



## ସଂକ୍ଷେପରେ

### ୧୨ରେ ଦୁଗ୍ଧଚାଷୀଙ୍କ ସମାବେଶ

ବରଗଡ଼ ଅଫିସ୍,୯।୨: ଆସନ୍ତା ୧୨ତାରିଖ ପଶ୍ଚିମଓଡ଼ିଶା ଦୁଗ୍ଧ ଉତ୍ପାଦକ ମହାସଂଘ ତରଫରୁ ବରଗଡ଼, ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା ଓ ଦେବଗଡ଼ ଜିଲାର ଚାଷୀମାନଙ୍କୁ ନେଇ ବରଗଡ଼ରେ ଏକ ସମାବେଶ ଅନୁଷ୍ଠିତ ହେବ । ଏଥିପାଇଁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସ୍ତୁତି ବୈଠକରେ ମହାସଂଘର ବରଗଡ଼ ଜିଲା ସଭାପତି ସୁରେଶ୍ୱର ଶତପଥୀ, ସମ୍ବଲପୁର ଜିଲା ସଭାପତି କୁଶଧ୍ୱଜ ଚୌଧୁରୀ, ନବକିଶୋର ମେହେର, ପଙ୍କଜ କୁମାର ପଟେଲ, ତ୍ରିଲୋଚନ ପ୍ରଧାନ, ସଙ୍ଗୀତ ଭୋଇ, କୁବେର ପଧାନ, କ୍ଷମାନିଧି ଗଡ଼ତିଆ, ବିନୋଦ ବନଛୋର, ଭୀମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଚାଷୀଙ୍କଠାରୁ କିଣାଯାଉଥିବା ଦୁଗ୍ଧର ଦର ବୃଦ୍ଧି, ଦୁଗ୍ଧ ସଂଗ୍ରହ କରୁଥିବା ସମବାୟ ସମିତିର ପରିଚାଳନା ଖର୍ଚ୍ଚ ଭାର ଓମଫେଡ୍ ବହନ କରିବା ପାଇଁ ଦାବି ଉପରେ ଆଲୋଚନା ହୋଇଥିଲା । ଆସନ୍ତା ୧୨ତାରିଖରେ ହେବାକୁ ଥିବା ସମାବେଶରେ ଦୁଗ୍ଧଚାଷୀମାନେ ଯୋଗଦେବା ପାଇଁ ଅନୁରୋଧ କରାଯାଇଥିଲା ।

### ଛାତ୍ରଙ୍କୁ ଶିକ୍ଷୟିତ୍ରୀଙ୍କ ମାଡ଼ ଅଭିଯୋଗ

ଝାରବନ୍ଧ, ୯।୨ (ଡି.ଏନ.ଏ): ବରଗଡ ଜିଲା ଝାରବନ୍ଧ ନୋଡାଲ ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ର ଅବିନାଶ ବେହେରାଙ୍କୁ ଜଣେ ଶିକ୍ଷୟିତ୍ରୀ ମାଡ ମାରିଥିବା ଅଭିଯୋଗ ହୋଇଛି । ଏଥିଯୋଗୁ ଛାତ୍ରଙ୍କ ପିଠି ଫାଟିଥିବା ଜଣାପଡିଛି । ଏହି ଘଟଣା ପରେ ଉକ୍ତ ଛାତ୍ରଙ୍କ ଅଭିଭାବକ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟକୁ ଅଭିଯୋଗ କରିବା ପାଇଁ ଯାଇଥିଲେ । ମାତ୍ର ବ୍ଲକ ଶିକ୍ଷାଧିକାରୀ ଛୁଟିରେ ଥିବାରୁ ସେ ଅଭିଯୋଗ କରିପାରି ନ ଥିଲେ। ଅନ୍ୟପକ୍ଷେ ବିଦ୍ୟାଳୟ ପରିଚାଳନା କମିଟି ଉକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବୀ କରିଛି । ଏ ସମ୍ପର୍କରେ ଏବିଇଓ ସୁରେଶ କୁମାର ରାଉତରାୟଙ୍କୁ ପଚରାଯିବାରୁ ବିଇଓ ଛୁଟିରୁ ଆସିବା ପରେ ଘଟଣାର ତଦନ୍ତ କରାଯିବ ବୋଲି କହିଥିଲେ । ତେବେ ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ରାଜକୁମାର ପ୍ରଧାନଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

▪ ସମାବେଶରେ ଚାଷୀ ପ୍ରତିନିଧିଙ୍କ ଦାବି

# ଚାଷୀଙ୍କ ଆବଶ୍ୟକତା ପୂରଣ କରାଯାଉ

ଜାମଟିକ୍ରା, ୯।୨ (ଡି.ଏନ.ଏ)

ରାଜ୍ୟ ସରକାର କାଳିଆ ଯୋଜନାରେ ଚାଷୀଙ୍କୁ ଟଙ୍କା ଦେବା ସହାୟତା ନୁହେଁ ବରଂ ଭିକ ଦେଲା ଭଳି ହୋଇଛି। ଚାଷୀଙ୍କ ଆବଶ୍ୟକତା ପୂରଣ, ସ୍ୱାମୀନାଥନ୍ କମିଶନ ରିପୋର୍ଟକୁ କାର୍ଯ୍ୟକାରୀ, ଚାଷୀ ଉତ୍ପାଦନ କରୁଥିବା ପ୍ରତି ଶସ୍ୟର ବଜାର ସୁବିଧା, ଚାଷୀଙ୍କୁ ସମ୍ପୂର୍ଣ୍ଣ ଋଣମୁକ୍ତ କରାଯିବା ଦରକାର । ରାଜ୍ୟ ସରକାର ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଚାଷୀଙ୍କ ପାଇଁ କାଳିଆ ଯୋଜନା ଘୋଷଣା କରିଛନ୍ତି । ଚାଷୀଙ୍କୁ ନିର୍ବାଚନୀ ଲାଞ୍ଚ ଓ ଲଲିପପ୍ ଦେଲା ଭଳି ଏହି ଯୋଜନାକୁ ଚାଷୀମାନେ ବିରୋଧ କରୁଛନ୍ତି । ଅତାବିରା ବ୍ଲକ ଜାମଟିକ୍ରା ଶ୍ରୀନିବାସ ମନ୍ଦିର ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ସମାବେଶରେ ଚାଷୀମାନେ ଏଭଳି ଅଭିଯୋଗ କରିଛନ୍ତି । ଅତାବିରା ବ୍ଲକ କୃଷକ ସଙ୍ଗଠନ ସଭାପତି ଟିକେଲାଲ ମିଶ୍ର, ସମ୍ପାଦକ ଚୈତନ୍ୟ ପଧାନ, କୌସ୍ତୁଭ ପଧାନ, ରବିନ୍ଦ୍ର ବିଶି, ଭୀଷ୍ମଦେବ ପଣ୍ଡା, ଆବାହକ ନିରଞ୍ଜନ ପଧାନ, ରାଧେଶ୍ୟାମ ଠାଠି, ସଞ୍ଜୀବ ସାହୁ, ଭିସୁରିଆ ରାଓ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଏହି ସମାବେଶରେ ତ୍ରୁଟିପୂର୍ଣ୍ଣ କୃଷି ନୀତିରେ ପରିବର୍ତ୍ତନ, ଫସଲ ବୀମାର ଘରୋଇକରଣ, ଭାଗଚାଷୀଙ୍କୁ ଆଇନଗତ ମାନ୍ୟତା, ଚାଷୀଙ୍କୁ ପେନସନ ଦାବି କରାଯାଇଥିଲା । ଏହି ବ୍ଲକର ହିର୍ଲିପାଲି, ଟୋପ, ବୁଗବୁଗା, ଝୁଲିମିଣ୍ଡା ଓ ଖରମୁଣ୍ଡା ପଞ୍ଚାୟତର ଚାଷୀମାନେ ସମ୍ପୂର୍ଣ୍ଣ ଫସଲବୀମା ଟଙ୍କା ପାଇ ନ ଥିବାରୁ ଉଦବେଗ ପ୍ରକାଶ ପାଇଥିଲା। ଆଗାମୀ ମାର୍ଚ୍ଚ ୧୫ ତାରିଖରେ ଅତାବିରା ବ୍ଲକ କୃଷକ ସଙ୍ଗଠନର ପ୍ରତିଷ୍ଠା ଦିବସ ଗରିଆଟିକ୍ରା ଚକା ବରଗଛଠାରେ ପାଳନ କରିବା ପାଇଁ ପ୍ରସ୍ତାବ ଗ୍ରହଣ ସହ ୧୭ ଜଣିଆ କମିଟି ଗଠନ କରାଯାଇଥିଲା। ଏହି ପ୍ରତିଷ୍ଠା ଦିବସରେ ଅତାବିରା ଓ ଭେଡେନ ବ୍ଲକର ୧୦ ହଜାର ଚାଷୀ ସାମିଲ ହେବା ନେଇ ଆଲୋଚନା ହୋଇଥିଲା । ହେମନ୍ତ ପଧାନଙ୍କ ସଭାପତିତ୍ୱରେ ଏକ ଗ୍ରାମ୍ୟ କମିଟି ମଧ୍ୟ ଗଠନ କରାଯାଇଥିଲା। ଶେଷରେ ହିମାଂଶୁ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



ଜାମଟିକ୍ରାରେ ଚାଷୀ ସମାବେଶ ଚାଲିଛି ।

### ହାଇୱା ଧକ୍କାରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଲା

ଅତାବିରା,୯।୨(ଡି.ଏନ.ଏ)

ଭେଡ଼େନ ଥାନା ଜୁଷୁଡ଼ା ଫାଣ୍ଡି ଅନ୍ତର୍ଗତ ଦେଶପଥର୍ଲା ଆନ୍ଦ୍ରପଡ଼ା ନିକଟ ଝାଇଁଜୋରରୁ ବାଲି ବୋଝେଇ କରି ନେଉଥିବା ବେଳେ ଏକ ହାଇୱା ଗାଡ଼ି ଧକ୍କାରେ ଶନିବାର ରାସ୍ତାକଡ଼ର ୩ଟି ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯିବା ସହିତ ବିଦ୍ୟୁତ ତାର ଛିଣ୍ଡି ପଡ଼ିଛି । ଘଟଣା ସମୟରେ ସୌଭାଗ୍ୟବଶତଃ ବିଦ୍ୟୁତ ସରବରାହ ବନ୍ଦ ଥିବାରୁ କୌଣସି ଧନଜୀବନ ହାନି ହୋଇନାହିଁ । ଅନ୍ୟପଟେ ଏହି ଘାଟରୁ ବେଆଇନ ଭାବେ ବାଲି ଚୋରାଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି । ଗୋଟିଏ ପଟେ ବାଲି ଚୋରାଚାଲାଣ ଯୋଗୁ ରାଜସ୍ୱ ହାନି ଏବଂ ଅନ୍ୟପଟେ ଏଭଳି ଦୁର୍ଘଟଣା ଯୋଗୁ ବିଦ୍ୟୁତ ଖୁଣ୍ଟ ଭାଙ୍ଗୁଥିଲେ ହେଁ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ଏ ସମ୍ପର୍କରେ ଜୁଷୁଡ଼ା ଫାଣ୍ଡି ଅଧିକାରୀ ଗଣେଶ କଲେତଙ୍କୁ ପଚାରିବାରୁ ଘଟଣାସ୍ଥଳକୁ ଷ୍ଟାଫ୍ ପଠାଯାଇଛି ବୋଲି କହିଥିଲେ । ଅପରପକ୍ଷେ ଏହି ଘଟଣାକୁ ଚାପିଦେବା ପାଇଁ ଉଦ୍ୟମ ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏଥିପ୍ରତି ଜିଲାପାଳ, ଏସପି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି ।

## ଗୌଡ଼ଗାଁ ହାଇସ୍କୁଲରେ ସଡ଼କ ସୁରକ୍ଷା ସପ୍ତାହ

ଭଟଲି,୯।୨(ଡି.ଏନ.ଏ)

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଗୌଡ଼ଗାଁ ପଞ୍ଚାୟତ ଜୁନିୟର ମହାବିଦ୍ୟାଳୟ ପରିସରରେ ୩୦ ତମ ସଡ଼କ ସୁରକ୍ଷା ସପ୍ତାହ ସମାରୋହରେ ପାଳିତ ହୋଇଯାଇଛି । କଲେଜର ଅଧକ୍ଷ ସୁରେଶ କୁମାର ସାହୁଙ୍କ ସଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା ଅଧ୍ୟାପକଙ୍କୁ ଟ୍ରାଫିକ ସଚେତନତା ଓ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ପରାମର୍ଶ ଦେଇଥିଲେ । ପରେ କଲେଜର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସଚେତନତାଧର୍ମୀ ସ୍ଲୋଗାନ ଦେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସେହିପରି ଗୌଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଧ୍ୟ ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଜା ଶଙ୍କର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ପଶ୍ଚିମ ଓଡ଼ିଶା ଟ୍ରାଫିକ ସଂଯୋଜକ ଭୋସାଗର ମୁଖ୍ୟଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ଏବଂ ଜୀବନ ରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ଛାତ୍ରୀଛାତ୍ରଙ୍କୁ ଅନୁରୋଧ କରିଥିଲେ । ପରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଶୁଭ୍ରତା ପାଢ଼ୀ ପ୍ରଥମ, ନିଖିଲ ବଣିଆଁ ଦ୍ୱିତୀୟ ଓ ରାକେଶ ଭୋଇ ତୃତୀୟ ସ୍ଥାନ ଅଧିକାରୀ ପୁରସ୍କୃତ ହୋଇଥିଲେ ।

## ସମ୍ବର୍ଦ୍ଧନା ସଭା, ସ୍ମରଣିକା ଉନ୍ମୋଚନ

ଭେଡ଼େନ ୯।୨(ଡି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲି ଗ୍ରାମପଞ୍ଚାୟତର ଗୁରୁପାଲିରେ ହନୁମାନ ମନ୍ଦିର ପ୍ରତିଷ୍ଠା ଅବସରରେ ଶୁକ୍ରବାର ସନ୍ଧ୍ୟାରେ ସମ୍ବର୍ଦ୍ଧନା ସଭା ତଥା ସ୍ମରଣିକା ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଛି । ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବରଗଡ଼ ଆରଏମସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ ମୁଖ୍ୟଅତିଥି, କଳାପାଣି କଲେଜ ଅଧ୍ୟାପକ ମୋହନ ସାହୁ ମୁଖ୍ୟବକ୍ତା, ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ଚିନିକଲ ସଭାପତି ଲକ୍ଷ୍ମୀନାରାୟଣ ରଥ, ପ୍ୟାକ୍ସ ସଭାପତି ସତ୍ୟ ପୁରୋହିତ, ବିଜୟ ସାହୁ, ପୂର୍ବତନ ସରପଞ୍ଚ ପଦ୍ମିନୀ ଗରଡ଼ିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ସୌକିଲାଲ ଦାଶ, ବିନୋଦ ଚନ୍ଦ୍ର ଦାଶ, ଧ୍ରୁବଚରଣ ନାୟକ, ସହଦେବ ସେଠୀ, ଉଦ୍ୟୋକ୍ତା କୈଳାଶ ଚନ୍ଦ୍ର ଦାଶଙ୍କୁ ମାନପତ୍ର ଏବଂ ଉପଢ଼ୌକନ ଦେଇସମ୍ବର୍ଦ୍ଧିତ କରାଯାଇଥିଲା । ଏହାସହ ହନୁମାନ ମନ୍ଦିର ପ୍ରତିଷ୍ଠା ଅବସରରେ ସ୍ମରଣିକା 'ଗୁରୁଭୂମି'କୁ ଅତିଥିଗଣ ଉନ୍ମୋଚନ କରିଥିଲେ । ଅଧ୍ୟାପକ ମଦନ ସୁନ୍ଦର ଖେତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହାସହ ସ୍ଥାନୀୟ ସଂସ୍କୃତ ହାଇସ୍କୁଲର ନୂତନ ଶ୍ରେଣୀଗୃହ, ସଂକୀର୍ତ୍ତନ ମଣ୍ଡପ, ଖେଳ ପଡ଼ିଆ ମଞ୍ଚ ଏବଂ କ୍ରୀଡ଼ା ଗୃହକୁ ଉଦ୍‌ଘାଟନ କରିଥିଲେ ।



ଗୁରୁପାଲିରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

### ଲୋହାରପାଲି ବିଜୟୀ

ପଦ୍ମପୁର, ୯।୨ (ଡି.ଏନ.ଏ)

ରାଜବୋଡାସମ୍ବର ବ୍ଲକ ଲୋହାରପାଲି ଖେଳ ପଡିଆରେ ଶିକ୍ଷକ ଏକାଡେମୀ ଏବଂ ଲୋହାରପାଲି ଏକାଦଶ ମଧ୍ୟରେ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଟସ୍ ଜିଣି ଲୋହାରପାଲି ଏକାଦଶ ୬ ଓଭରରେ ୧୦୮ ରନ କରିଥିବା ବେଳେ ଶିକ୍ଷକ ଏକାଦଶ ୬ ଓଭରରେ ମାତ୍ର ୬୬ ରନ ସଂଗ୍ରହ କରି ୪୩ ରନରେ ଲୋହାରପାଲି ଏକାଦଶଠାରୁ ପରାସ୍ତ ହୋଇଥିଲା । ଲୋହାରପାଲି ଏକାଦଶ ପକ୍ଷରୁ ସୁରେନ୍ଦ୍ର ବଗର୍ତ୍ତି ସର୍ବାଧିକ ୩୭ ରନ ସଂଗ୍ରହ କରିଥିଲେ । ସେହିପରି ଶିକ୍ଷକ ଏକାଦଶ ପକ୍ଷରୁ ମୋହନ ଭୋଇ ସର୍ବାଧିକ ୨୩ ରନ ସଂଗ୍ରହ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ନରେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଡୋଲାମଣି ମର୍ହି ଓ ଯାଦବ ବରିହା ଖେଳ ପରିଚାଳନା ଓ ଠାକୁର ସେଠ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜନବିରୋଧୀ ସରକାର ବିରୋଧରେ ଲଢ଼େଇ ଆହ୍ୱାନ



କଂଗ୍ରେସ କର୍ମୀ ସମ୍ମିଳନୀରେ ଉପସ୍ଥିତ ନେତା ଓ ଦଳୀୟ କର୍ମୀମାନେ ।

ପଦ୍ମପୁର, ୯।୨ (ଡି.ଏନ.ଏ)

ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ଡଙ୍ଗାଘାଟ ପଞ୍ଚାୟତ ବାବାଡେରାଠାରେ ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ଜୋନ ସଭାପତି ରାଧାରମଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଶୁକ୍ରବାର କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବରଗଡ ଜିଲା କଂଗ୍ରେସ ସଭାପତି ସଭ୍ୟଭୂଷଣ ସାହୁ ଯୋଗଦେଇ ଅଞ୍ଚଳର ଚାଷୀ, ସ୍ଥାନୀୟ ସମସ୍ୟା ଓ ତାର ପ୍ରତିକାର ଉପରେ ଆଲୋଚନା କରିଥିଲେ । ତୃଣମୂଳ ସ୍ତରରେ କଂଗ୍ରେସକୁ ଅଧିକ ଲୋକପ୍ରିୟ କରାଇବା ସହ ଦେଶରେ ଓ ରାଜ୍ୟରେ ଚାଲିଥିବା ଜନବିରୋଧୀ ସରକାର ବିରୋଧରେ ଲଢ଼ିବା ପାଇଁ କର୍ମୀମାନଙ୍କୁ ସାହୁ ଆହ୍ୱାନ ଦେଇଥିଲେ। ଏହି କର୍ମୀ ସମ୍ମିଳନୀରେ ଚମ୍ପକେଶ୍ୱର ପୁରୋହିତ, ଶିବ ମଟାରୀ, ପ୍ରହଲ୍ଲାଦ ହାତୀ, ବାହାଦୂର ହାତୀ, ନୃସିଂହ ସାହୁ, ଦାରା ସୁନା ଓ ଅନ୍ୟ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ । ଏହି ଅବସରରେ ଛତ୍ରପତି ରଣା, ଅଲେଖ ବଗର୍ତ୍ତି, ଚିନ୍ମୟ ସାହୁ, ଶ୍ରୀଧର ମାଝୀ, ଭଜନ ସାହୁ, ଅଣ୍ଡାରାମ ସେଠ ପ୍ରମୁଖ କଂଗ୍ରେସରେ ଯୋଗ ଦେଇଥିଲେ । ସେହିପରି ପଦ୍ମପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁକୁରାମୁଣ୍ଡା, ଜମରତଲା ଓ ବୁଡାମାଲ ପଞ୍ଚାୟତରେ ଶନିବାର କଂଗ୍ରେସ ତରଫରୁ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁ ଯୋଗଦେଇ ଚାଷୀ ସହିତ ସ୍ଥାନୀୟ ସମସ୍ୟା ଉପରେ ଆଲୋଚନା କରିଥିଲେ। ତୃଣମୂଳ ସ୍ତରରେ କଂଗ୍ରେସକୁ ଅଧିକ ଲୋକପ୍ରିୟ କରାଇବା ସହ ଦେଶରେ ଓ ରାଜ୍ୟରେ ଚାଲିଥିବା ଜନବିରୋଧି ସରକାର ବିରୋଧରେ ଲଢ଼ିବା ପାଇଁ କର୍ମୀମାନଙ୍କୁ ସାହୁ ଆହ୍ୱାନ ଦେଇଥିଲେ । ଏହି କର୍ମୀ ସମ୍ମିଳନୀରେ ବୁକୁରାମୁଣ୍ଡା ପଞ୍ଚାୟତରେ ବିନୋଦ କାଳିଆ, ଦୀନବନ୍ଧୁ ନାଏକ, ଚନ୍ଦୁଲାଲ ପ୍ରଧାନ, ରଘୁମଣି ବେହେରା, ବ୍ରହ୍ମଲାଲ ଭୋଇ, ହରେକୃଷ୍ଣ ଭୋଇ, ଜମରତଲା ପଞ୍ଚାୟତରେ ପ୍ରଣବ ଦାସ, ମାୟାରାମ ଶୁନା, ବିଜୟ ମେହେର, ଚନ୍ଦ୍ରଭାନୁ କାରେ, ଅରକ୍ଷିତ ପଟେଲ, ଦାମରିସ ବରିହା, ସାଗର ସେଠ, ଝସକେତନ ଭୋଇ, ବାହଦୂର ସେଠ ଓ ବୁଡାମାଲ ପଞ୍ଚାୟତରେ ପିତାମ୍ବର ତାଣ୍ଡି, ଆର୍ତ୍ତତ୍ରାଣ ଝାଙ୍କର, ମୁଲତି ଦାସଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ ।

## ସହର ପାଖ ପଡ଼ିଆରେ ଲାଗିଲା ନିଆଁ

ବରଗଡ଼ ଅଫିସ୍,୯।୨

ବରଗଡ଼ ସହର ଉପକଣ୍ଠ ଏକ ଆପାର୍ଟମେଣ୍ଟ ପଛପଟ ପଡ଼ିଆର ଅନାବନା ଘାସଲଟାରେ ଶନିବାର ଲାଗିଥିବା ନିଆଁ ଭୟଙ୍କର ରୂପ ନେଇ ବସିଥିଲା । ସ୍ଥାନୀୟ ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଅଗ୍ନିଶମ କର୍ମଚାରୀଙ୍କ ଏଭଳି ତତ୍ପରତା ଯୋଗୁ ସହରରେ ସମ୍ଭାବ୍ୟ ଏକ ବଡ଼ ଧରଣର ଅଗ୍ନିକାଣ୍ଡକୁ ଏଡ଼ାଇ ଦିଆଯାଇଛି । ପଡ଼ିଆରେ ରହିଥିବା ଅନାବନା ଘାସଲଟାରେ କେହି ନିଆଁ ଲଗାଇ ଦେଇଥିଲେ । ଫଳରେ ସେହି ନିଆଁ ବ୍ୟାପୀ ପଡ଼ିଆ ପାଖ ଘରଦ୍ୱାର ନିକଟତର ହୋଇଥିଲା ।

## ଗଣିତ ମେଳାରେ ୬୩ ପ୍ରକଳ୍ପ ପ୍ରଦର୍ଶିତ

ବରଗଡ଼ ଅଫିସ୍,୯।୨

ବରଗଡ଼ ସହର ଉପକଣ୍ଠ ସିମେଣ୍ଟନଗର ହାଇସ୍କୁଲରେ ଶନିବାର ଗଣିତ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପତଙ୍ଗ ଓ ବରଗଡ଼ ଏସିସି ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟାପାଲି, ବରଡ଼ୋଲ, ବରଗାଁ ଓ ଖଲିଆପାଲି ପଞ୍ଚାୟତ ଅନ୍ତର୍ଗତ ୧୧ଟି ସ୍କୁଲର ଛାତ୍ରୀଛାତ୍ରଙ୍କ ୬୩ଟି ଗଣିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସିମେଣ୍ଟନଗର ହାଇସ୍କୁଲର ପ୍ରଧାନଶିକ୍ଷକ ଡି. ସାହୁ, ଏସିସି ଟ୍ରଷ୍ଟର ଫିରୋଜ ଥାଟୀ, ପତଙ୍ଗର ପ୍ରୋଗ୍ରାମ ମ୍ୟାନେଜର ରୂପେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ରଞ୍ଜିତ ପଟ୍ଟନାୟକ, ସୁକାନ୍ତ ସୁନା, ଗଣପତି ଖମାରୀ, ସି.ଏସ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ହାତୀସର ସ୍କୁଲର ଗଣିତ ଶିକ୍ଷକ ମନୋଜ ସାହୁ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ ।

## ସଡ଼କ ସୁରକ୍ଷା ବାର୍ତ୍ତା ଦେଲେ ଛାତ୍ରୀଛାତ୍ର



ବରାହଗୋଡ଼ା କେନାଲ ଛକରେ ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି କରାଯାଉଛି ।

ବରଗଡ଼ ଅଫିସ୍,୯।୨

ବରଗଡ଼ ସହର ଉପକଣ୍ଠସ୍ଥ ବରାହଗୋଡ଼ାସ୍ଥିତ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଶିଳ୍ପ ତାଲିମ କେନ୍ଦ୍ରରେ ଶୁକ୍ରବାର ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ବରାହଗୋଡ଼ା କେନାଲ ଛକରେ ସଚେତନତା ଶୋଭାଯାତ୍ରା ହୋଇଥିଲା । ବରଗଡ଼ ଆଞ୍ଚଳିକ ପରିବହନ ବିଭାଗ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ସରୋଜ କୁମାର ମାଝୀ, ଆଞ୍ଚଳିକ ପରିବହନ ବିଭାଗର ବି. କେ ନାୟକ, କେ. କେ ତରିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ରାସ୍ତାରେ ଯାଉଥିବା ଗାଡ଼ି ଚାଳକଙ୍କୁ ହେଲମେଟ୍ ପିନ୍ଧିବା, ସିଟ୍ ବେଲ୍ଟ ବାନ୍ଧିବା ଉପରେ ସଚେତନ କରାଇଥିଲେ । ସେହିପରି ଯେଉଁମାନେ ଟ୍ରାଫିକ ନିୟମ ମାନି ଯାଉଥିଲେ, ସେମାନଙ୍କୁ ଚକୋଲେଟ୍ ପ୍ରଦାନ କରିଥିଲେ ।

# ପ୍ରତିବାଦ ଶୋଭାଯାତ୍ରା, ସ୍ମାରକପତ୍ର ପ୍ରଦାନ

ବରଗଡ଼ ଅଫିସ୍,୯।୨

ମହାରାଷ୍ଟ୍ର ସରକାରଙ୍କ ଦଳିତ ବିରୋଧୀ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଶନିବାର ବରଗଡ଼ ସହରରେ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ନ୍ୟୁ କଲଚର୍ ଗ୍ରୁପ୍‌ର ଆହ୍ୱାନକ୍ରମେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତା, ସଭ୍ୟାସଭ୍ୟମାନେ ଯୋଗ ଦେଇଥିଲେ । ଶୋଭାଯାତ୍ରା ସ୍ଥାନୀୟ ଗାନ୍ଧୀଛକରୁ ବାହାରି ଜିଲାପାଳ ଅଫିସକୁ ଯାଇଥିଲା ଏବଂ ସେଠାରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

ମହାରାଷ୍ଟ୍ରର ମାନବାଧିକାର କର୍ମୀ ତଥା ଦଳିତ ଚିନ୍ତକ ପ୍ରଫେସର ଆନନ୍ଦ ତେଲତୁମ୍ବଡ଼େଙ୍କ ବିରୋଧରେ ସେଠାକାର ସରକାର ମିଥ୍ୟାରୋପ କରି କାର୍ଯ୍ୟାନୁଷ୍ଠାନ ନେଇଛି । ଦେଶର ସମ୍ବିଧାନରେ ମହାରାଷ୍ଟ୍ର ସରକାରଙ୍କ ସେଭଳି କାର୍ଯ୍ୟାନୁଷ୍ଠାନ ଆଦୌ ଶୋଭନୀୟ ଏବଂ ଗ୍ରହଣୀୟ ନୁହେଁ ବୋଲି ନ୍ୟୁ କଲଚର୍ ଗ୍ରୁପ୍ ଅଭିଯୋଗ କରିଛି। ଏଭଳି ଅଭିଯୋଗ ନେଇ ମହାରାଷ୍ଟ୍ର ସରକାର ହଟାଓ, ଭାଜପା ହଟାଓ ଆଦି ନାରାବାଜି କରି ସାମାଜିକ ଅନୁଷ୍ଠାନର ସଭ୍ୟାସଭ୍ୟ ଜିଲାପାଳ ଅଫିସକୁ ସ୍ମାରକପତ୍ର ପ୍ରଦାନ ପାଇଁ ଯାଇଥିଲେ । ମାସର ଦ୍ୱିତୀୟ ଶନିବାର ଛୁଟିଦିବସ ଥିବାରୁ ସେଠାରେ ପ୍ରଶାସନିକ ଅଧିକାରୀଙ୍କ ଅନୁପସ୍ଥିତିରେ ପୋଲିସ ସ୍ମାରକପତ୍ର ଗ୍ରହଣ କରିଥିଲା । ଉକ୍ତ ପ୍ରତିବାଦ ଶୋଭାଯାତ୍ରାରେ ନ୍ୟୁ କଲଚର ଗ୍ରୁପ୍ ଆବାହକ ବାଳକିଶୋର ଛତର, ସୁରେଖା ସାହୁ, ଚୈତନ୍ୟ ବାଗ, ଡଃ ଆମ୍ବେଦକର ଯୁବାସଂଘ ସଭାପତି ସୁରେନ୍ଦ୍ର ତାଣ୍ଡି, ଅଭିମନ୍ୟୁ ଭୋସାଗର, ଦଳିତ ସୁରକ୍ଷା ସମିତିର ସୀତାରାମ ମେହେର, ବହୁଜନ ସମାଜ ପାର୍ଟିରୁ ନାରାୟଣ ଭେସ୍ରା, ରାଜୁ ନନ୍ଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

**ବରଗଡ଼ରେ ମହାରାଷ୍ଟ୍ର ତାତି**




ପ୍ରତିବାଦ ଶୋଭାଯାତ୍ରା ଜିଲାପାଳ ଅଫିସ ଅଭିମୁଖେ ଯାଉଛି ।



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ, କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ



## ସଂକ୍ଷେପରେ

### ସଡ଼କ ସୁରକ୍ଷା ସପ୍ତାହରେ ସଭା, ଶୋଭାଯାତ୍ରା

**ଉଲୁଣ୍ଡା, ୯।୨(ଡି.ଏନ.ଏ.):** ଉଲୁଣ୍ଡା ସଦର ମହକୁମାରେ ସଡକ ସୁରକ୍ଷା ସଚେତନତା ସପ୍ତାହ ଶନିବାର ପାଳିତ ହୋଇଯାଇଛି। ଏମଭିଆଇ ରବିନ କୁମାର ପଟ୍ଟନାୟକ ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଉଲୁଣ୍ଡା ପଞ୍ଚାୟତ ସମିତି ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରୁ ଏକ ଶୋଭାଯାତ୍ରା ବାହାରି ଗଣ୍ଡାବାହାଲରେ ପହଞ୍ଚିଥିଲା। ଆୟୋଜିତ ସଭାରେ ତହସିଲଦାର ଶରତ ଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସଡକ ସୁରକ୍ଷା ଉପରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ସମ୍ମାନିତ ଅତିଥି ଭାବେ କନିଷ୍ଠ ଏମଭିଆଇ ଯୋନପ୍ରତାପ କୁଲ, ଅତିରିକ୍ତ ଆରଟିଓ ଶିବାଶିଷ ସାହୁ, ଟିଏସଆଇ ସୁଶାନ୍ତ ପାତ୍ର, ଏସଡିପିଓ ଧିରଜ ଚୋପଦାର, ଆଇଆଇସି ରୀନା ବେହେରା, ଶିକ୍ଷକ ପ୍ରସନ୍ନ ଶତପଥୀ, ଭକ୍ତରାମ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ।

# ଜଟିଳ ହେଉଛି ସୋନପୁର କଲେଜ ବିବାଦ

**ସୋନପୁର,୯।୨(ନି.ପ୍ର.)**

ସୋନପୁର କଲେଜ ପଶ୍ଚିମ ଓଡିଶାର ଅନ୍ୟତମ ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନ। ଆର୍ଥିକ ଅନିୟମିତତା ଓ ଥାନାରେ ମାମଲା ରୁଜୁ ହେବା ଏହି ଶିକ୍ଷାନୁଷ୍ଠାନର ସୁନାମରେ ଆଞ୍ଚ ଆଣିଛି। ଶୈକ୍ଷିକ ବାତାବରଣ ଏବେ ବିଗିଡିବାକୁ ବସିଛି। ୭୬ଲକ୍ଷ ଟଙ୍କାର ଆର୍ଥିକ ଅନିୟମିତତାକୁ ନେଇ କଲେଜ ଅଧକ୍ଷ ତଥା ପରିଚାଳନା କମିଟି ସମ୍ପାଦକ ଡ. କେଦାରନାଥ ମିଶ୍ର ସୋନପୁର ଥାନାରେ ପ୍ରାକ୍ତନ ଅଧକ୍ଷା ତଥା ବର୍ତ୍ତମାନର ରସାୟନ ବିଜ୍ଞାନ ବିଭାଗର ପ୍ରାଧାପିକା ଡ. ପ୍ରିୟଲତା ଜେନା, ରସାୟନ ବିଭାଗର ଡେମନଷ୍ଟ୍ରେଟର ରବି ନାରାୟଣ ମିଶ୍ର ଓ ମୁଖ୍ୟ କିରାଣି ତଥା ଆକାଉଣ୍ଟାଣ୍ଟ ପ୍ରମୋଦ କୁମାର ବାଗଙ୍କ ନାମରେ ଶୁକ୍ରବାର ରାତିରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଅଡିଟ୍ ରିପୋର୍ଟ ଅନୁଯାୟୀ ୨୦୧୫-୧୬ ଓ ୧୬-୧୭ ଆର୍ଥିକ ବର୍ଷରେ କଲେଜର ବିଭିନ୍ନ ନିର୍ମାଣ, ମରାମତି କାମରେ ଅନିୟମିତତା ହୋଇଛି। ଗତ ୫ତାରିଖରେ ଅନୁଷ୍ଠିତ କଲେଜ ପରିଚାଳନା କମିଟି ବୈଠକରେ କଲେଜର ପ୍ରାକ୍ତନ ଅଧକ୍ଷ ଡ. ଜେନା ଓ ୨ କର୍ମଚାରୀଙ୍କୁ ନିଲମ୍ବନ ସହ ସେମାନଙ୍କ ବିରୋଧରେ ଥାନାରେ ମାମଲା ଦାଏର କରିବା ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା।

ଅନ୍ୟପକ୍ଷେ କଲେଜର ଭାରପ୍ରାପ୍ତ ଅଧକ୍ଷ ଡ. କେଦାରନାଥ ମିଶ୍ରଙ୍କ ନାମରେ ମହିଳା ପ୍ରାଧାପିକାଙ୍କୁ ଅସଦାଚରଣ କରିବା ଭଳି ଗୁରୁତର ଅଭିଯୋଗ ଆସିଛି। କଲେଜର ପ୍ରାକ୍ତନ ଅଧକ୍ଷା ତଥା ବର୍ତ୍ତମାନର ରସାୟନ ବିଜ୍ଞାନ ବିଭାଗର ପ୍ରାଧାପିକା ଡ. ପ୍ରିୟଲତା ଜେନା ସୋନପୁର ଥାନାରେ ଏହି ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛି । ପ୍ରାଧାପିକା ଡ. ଜେନା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କୁ ନିଲମ୍ବନ କରାଯାଇଥିବା ଶୁଣିବା ପରେ କାରଣ ଜାଣିବା ପାଇଁ ଅଧକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ନିଲମ୍ବନର କପି ତାଙ୍କୁ ମିଳି ନଥିଲା। ଶୁକ୍ରବାର ଅପରାହ୍ନରେ ସେ ପୁଣି ଅଧକ୍ଷ ଡ. ମିଶ୍ରଙ୍କ ପ୍ରକୋଷ୍ଠକୁ ଯାଇ ନିଲମ୍ବନର କପି ମାଗିଥିଲେ । ତେବେ ଅଧକ୍ଷ ତାଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। ଚେୟାରରୁ ଉଠି ଆସି ତାଙ୍କୁ ଆଲିଙ୍ଗନ କରିବାକୁ ଚେଷ୍ଟା କରିବାରୁ ସେ ଦୌଡି ବାହାରକୁ ପଳାଇଥିଲେ। ଏହି ସମୟରେ ଅଧକ୍ଷ ଡ. ମିଶ୍ର ତାଙ୍କ ହାତକୁ ଟାଣି ଧରିଥିଲେ। ପ୍ରକୋଷ୍ଠରେ ଅଧକ୍ଷ ଏକୁଟିଆ ଥିଲେ ଓ ପୂର୍ବରୁ ମଧ ତାଙ୍କର ଖରାପ ନଜର ରହିଥିଲା ବୋଲି ପ୍ରାଧାପିକା ଡ. ଜେନା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷେ ଅଧାପିକାଙ୍କ ଅସଦାଚରଣ ଅଭିଯୋଗକୁ ଅଧକ୍ଷ ଡ. ମିଶ୍ର ଅସ୍ୱୀକାର କରିବା ସହିତ ଅଧାପିକା ପ୍ରକୋଷ୍ଠକୁ ଆସିବା ସମୟରେ ଅନ୍ୟ ପ୍ରାଧାପକମାନେ ଉପସ୍ଥିତ ଥିଲେ ବୋଲି କହିଛନ୍ତି ।

ଶନିବାର ଅପରାହ୍ନରେ କଲେଜ ପରିଚାଳନା କମିଟିର ଏକ ଜରୁରି ବୈଠକ ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ତଥା ପରିଚାଳନା କମିଟି ସଭାପତି ବଳରାମ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅଧକ୍ଷ ଡ. ମିଶ୍ରଙ୍କ ନାମରେ ମାମଲା ରୁଜୁ ହେବା ଘଟଣାକୁ ଦୃଢ ନିନ୍ଦା କରାଯାଇଛି। ଏଭଳି ମିଥ୍ୟା ଅଭିଯୋଗ ଦ୍ୱାରା ଶିକ୍ଷାନୁଷ୍ଠାର ସମ୍ମାନରେ ଆଞ୍ଚ ଆସିଛି। ତେଣୁ ଆରକ୍ଷୀ ଅଧିକ୍ଷକ ଓ ଥାନା ଅଧିକାରୀଙ୍କ ସହିତ ଉପଜିଲାପାଳ ମଲ୍ଲିକ ଆଲୋଚନା କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ଅଧକ୍ଷ ଡ. କେଦାରନାଥ ମିଶ୍ର, ନିର୍ଦ୍ଦେଶକଙ୍କ ପ୍ରତିନିଧି ରେଣୁକା ମିଶ୍ର, ଭିସିଙ୍କ ପ୍ରତିନିଧି ଅମ୍ବିକା ନନ୍ଦ, ଶାନ୍ତିମଞ୍ଜରୀ ମିଶ୍ର ଓ ଶିକ୍ଷାବିତ୍ ଡ. ଜ୍ୟୋତିରଞ୍ଜନ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ ।

**ଆର୍ଥିକ ଅନିୟମିତତା ଅଭିଯୋଗ**

- ପ୍ରାକ୍ତନ ଅଧକ୍ଷା, ୨କର୍ମଚାରୀଙ୍କ ନାମରେ ମାମଲା
- ଅସଦାଚରଣ ଅଭିଯୋଗରେ ଅଧକ୍ଷଙ୍କ ନାମରେ ମାମଲା
- କଲେଜ ପରିଚାଳନା କମିଟିର ଜରୁରୀ ବୈଠକ

### ଡୁଙ୍ଗୁରିପାଲି ମହାବିଦ୍ୟାଳୟରେ ରକ୍ତଦାନ ଶିବିର

**ଡୁଙ୍ଗୁରିପାଲି,୯।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଡିଗ୍ରୀ ମହାବିଦ୍ୟାଳୟ ଯୁବ ରେଡକ୍ରସ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ସାମନ୍ତ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଆଶିଷ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ମୁଖ୍ୟ ଚିକିତ୍ସାଳୟ ବରଗଡର ରକ୍ତ ଭଣ୍ଡାର ଅଧିକାରୀ ବିଜୟ ଖଟେଇ ସମ୍ମାନୀତ ଅତିଥିଭାବେ ଯୋଗଦେଇ ରକ୍ତ ଦାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହି ସଭାରେ ଇତିହାସ ବିଭାଗ ଅଧ୍ୟାପକ ତଥା ଯୁବ ରେଡକ୍ରସର ସଂଯୋଜକ ବାଳକୃଷ୍ଣ ପଟେଲ ସ୍ୱାଗତ ଭାଷଣ ଦେଇଥିଲେ। ଶିବିରରେ ୪୭ ୟୁନିଟ ରକ୍ତ ସଂଗୃହୀତ ହୋଇ ବରଗଡ ରକ୍ତ ଭଣ୍ଡାରକୁ ପ୍ରେରଣ କରାଯାଇଥିଲା।

# ପାପକ୍ଷୟ ଲୋକ ମହୋତ୍ସବ ଉଦ୍‌ଘାଟିତ



ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ବିନିକା, ୯।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକାରେ ଶନିବାର ପାପକ୍ଷୟ ଲୋକ ମହୋତ୍ସବ-୧୯ ଉଦ୍‌ଘାଟିତ ହୋଇଯାଇଛି । ମହାନଦୀର ପାପକ୍ଷୟ ଘାଟରେ ପୂଜାର୍ଚ୍ଚନା ପରେ ଏକ ମଶାଲ ଶୋଭାଯାତ୍ରା ମହୋତ୍ସବ ମଞ୍ଚକୁ ଅଣାଯାଇ ସ୍ଥାପନ କରାଗଲା ପରେ ସନ୍ଧ୍ୟାରେ ପାପକ୍ଷୟ ଲୋକ ମହୋତ୍ସବର ଶୁଭ ଉଦ୍‌ଘାଟନ ହୋଇଥିଲା । ମୁଖ୍ୟ ଅତିଥିଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାଶ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ବିନିକା ଏନ୍‌ଏସି ଇଓ ଦୁଃଖିରାମ ନାଏକ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ବଷୟାନ କଳାକାର ଅଟଳ ବିହାରୀ ପଣ୍ଡା, ରତନ ମେହେର ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବ କମିଟି ସଭାପତି ଜୟମଙ୍ଗଳ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ହିମାଂଶୁ ଭୂଷଣ ପଣ୍ଡା। ଉଦ୍‌ଘୋଷକ ଥିଲେ ଭକ୍ତ ପ୍ରସାଦ ପ୍ରଧାନ ଏବଂ ମମତା ସାହୁ। ମହୋତ୍ସବରେ ରୁମକୁଝୁମା ସଂସ୍କୃତିକ ଅନୁଷ୍ଠାନର ଯାଇଫଲ, ଡୁଷୁରା କୃଷ୍ଣପ୍ରିୟା ଅନୁଷ୍ଠାନର ଘୁଡୁକାନାଚ ଘୁଡକା, ଓଡିଆ କଳା ପରିଷଦ (ସମ୍ବଲପୁର), ବିନିକା ଶିଶୁକଳା ଓ ଶିଶୁ ନୃତ୍ୟ ଏବଂ ମହିଳା ମହାବିଦ୍ୟାଳୟର ନୃତ୍ୟାଙ୍ଗନାମାନଙ୍କ ଦ୍ୱାରା ଲୋକନୃତ୍ୟ ପରିବେଶଣ ହୋଇଥିଲା । ଶତ୍ରୁଘ୍ନ ଲୁହା, ଈଶ୍ୱରୀ ବେହେରା, ମମତା ସାହୁ ଓ ଦୁଷ୍ଟ ଦନ୍ତା ପ୍ରମୁଖ କଣ୍ଠଶିଳ୍ପୀମାନେ ଲୋକଗୀତ ପରିବେଶଣ କରିଥିଲେ ଯାହାର ଭରପୁର ଆନନ୍ଦ ଉଠାଇଥିଲେ ହଜାର ହଜାର ଦର୍ଶକ। ବିନିକା ଏନ୍‌ଏସି ବିଜୁ ଯୁବ ବାହିନୀ ସଭାପତି ଶେଖର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ । ମହୋତ୍ସବ ୪ ଦିନଧରି ଚାଲିବ।

### ରାଷ୍ଟ୍ରୀୟ ନାଟ୍ ମେଳାର ଦ୍ୱିତୀୟ ସନ୍ଧ୍ୟା

# ସଂଘର୍ଷମୟ ଜୀବନର ୩ଟି ପ୍ରତିଛବି

**ସୋନପୁର,୯।୨(ନି.ପ୍ର.)**

ସୁବର୍ଣ୍ଣପୁରର ନାଟ୍ ଅନୁଷ୍ଠାନ ପକ୍ଷରୁ ଭୀମଭୋଇ କଳାମଣ୍ଡପଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ବହୁଭାଷୀୟ ନାଟକ ପ୍ରତିଯୋଗିତା ରାଷ୍ଟ୍ରୀୟ ନାଟ୍ ମେଳା। ଶନିବାର ସନ୍ଧ୍ୟାରେ ୩ଟି ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରଥମେ ଶିବଲାଲ ସାଗରଙ୍କ ନିର୍ଦ୍ଦେଶିତ ଓ ନାଟ୍ୟକାର ଜୟବର୍ଦ୍ଧନଙ୍କ ଦ୍ୱାରା ଲିଖିତ ହିନ୍ଦୀ ନାଟକ ମଧାନ୍ତର ମଞ୍ଚସ୍ଥ ହୋଇଥିଲା। ଝାଡଖଣ୍ଡ, ଜାମସେଦପୁର ସାଂସ୍କୃତିକ ମଞ୍ଚ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ନାଟକଟି ମଞ୍ଚସ୍ଥ ହୋଇଥିଲା। ନାଟକର ସାରାଂଶ ହେଲା ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ସମ୍ପର୍କକୁ ନେଇ। ଉଭୟ ଉଭୟଙ୍କୁ ଠିକ୍ ଭାବେ ବୁଝି ପାରିଲେ ଓ ସମର୍ପଣ ଭାବ ରଖିଲେ ସମ୍ପର୍କ ଦୃଢୀଭୂତ ହୋଇଥାଏ ବୋଲି ନାଟକ ମାଧମରେ କଳାକାରମାନେ ସମାଜକୁ ବାର୍ତ୍ତା ଦେଇଥିଲେ। ଦ୍ୱିତୀୟ ଓଡିଆ ନାଟକ ପବିତ୍ର ସମ୍ପର୍କ ମଞ୍ଚସ୍ଥ କରିଥିଲେ ଶବ୍ଦ ସାଂସ୍କୃତିକ ଅନୁଷ୍ଠାନ ହୀରାକୁଦର କଳାକାରମାନେ। ଏହି ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ବିରୂପାକ୍ଷ ପ୍ରଧାନ।



ହିନ୍ଦୀ ନାଟକ ମଧାନ୍ତରର ଏକ ଦୃଶ୍ୟ ।

ନାଟକର କଥାସାର ହେଉଛି, ମଣିଷ ହେଉଛି ଭଗବାନଙ୍କର ସର୍ବୋତ୍ତମ ସୃଷ୍ଟି। ଈଶ୍ୱର ମଣିଷକୁ ଅନ୍ୟକୁ ବୁଝିବାର କ୍ଷମତା ଦେଇଛନ୍ତି। କିନ୍ତୁ ବେଳେ ବେଳେ ଏପରି ପରିସ୍ଥିତି ଆସିଥାଏ, ଯାହା ଭୁଲ ବୁଝାମଣା ସୃଷ୍ଟି କରିଥାଏ। ଯାହାକି ଅବିଶ୍ୱାସକୁ ଜନ୍ମ ଦେଇଥାଏ। ଏପରିକି ରକ୍ତ ସମ୍ପର୍କୀୟ ମଧ୍ୟ ଛାଡି ଚାଲି ଯାଆନ୍ତି। ପରେ ମଣିଷ କେବଳ ପଶ୍ଚାତପ କରିଥାଏ। ଅନୁଷ୍ଠାନର ଅଭିନେତ୍ରୀ ଅଭିନେତାମାନେ ନିଖୁଣ ଅଭିନୟ କରିଥିଲେ। ତୃତୀୟ ଓଡିଆ ନାଟକ ଶର୍ମିଷ୍ଠା ମଞ୍ଚସ୍ଥ କରିଥିଲେ ଆର୍ଟିଷ୍ଟ ଆସୋସିଏଶନ ପରିଚୟ, ସମ୍ବଲପୁରର କଳାକାରମାନେ। ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ପ୍ରଶାନ୍ତ ମହାରଣା। ନାଟକର ସାରାଂଶ ଏହିପରି। ପ୍ରକୃତିର ବିରୁଦ୍ଧରେ ଗଲେ ବାହ୍ୟ ଜଗତରେ ହେଉ କି ଅର୍ନ୍ତ ଜଗତରେ ହେଉ ବିପର୍ଯ୍ୟୟ ଘଟିବ ହିଁ ଘଟିବ...। ଶର୍ମିଷ୍ଠା ଏହା ଯଯାତିଙ୍କୁ ବୁଝାଇଛନ୍ତି, ନିଜର ଭୁଲ ବୁଝିପାରି ଯଯାତି ପୁରୁକୁ ତାର ଯୌବନକୁ ଫେରାଇ ଦେଇ ଶର୍ମିଷ୍ଠା ସହ ବାନପ୍ରସ୍ତକୁ ଯାଇଛନ୍ତି। ଶର୍ମିଷ୍ଠା ଅସୁର ରାଜା ବୃଷପର୍ବାଙ୍କ ପୁତ୍ରୀ ଥିଲେ । ଏବଂ ଅସୁରମାନଙ୍କର ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ପୁତ୍ରୀ ଦେବଯାନୀ ଥିଲେ। ଏହି ନାଟକଗୁଡିକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ସିନେ ଅଭିନେତା ପଦ୍ମଶ୍ରୀ ଡ. ସାଧୁ ମେହେର, ଜିଲା ସଂସ୍କୃତି ଅଧିକାରୀ ଅଶୋକ କୁମାର ମିଶ୍ର, ସଙ୍ଗୀତଜ୍ଞ ବିକାଶ ଚନ୍ଦ୍ର ମିଶ୍ର ଓ ଆଶିଷ କୁମାର ସାହୁ ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ଯୋଗଦାନ କରିଥିଲେ। ନାଟ୍ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ବନମାଳୀ ପଣ୍ଡା ସଭାକୁ ସଂଯୋଜନା କରିଥିଲା ବେଳେ ସାଂସ୍କୃତିକ ସମ୍ପାଦକ ଅବିନାଶ ହୋତା ଧନ୍ୟବାଦ ପ୍ରଦାନ କରିଥିଲେ। କ୍ଷୀରୋଦ ବିହାରି ବିଶ୍ୱାଳ, ଦେବାଶିଷ ପଟ୍ଟନାୟକ, ଅମୀୟ ରଞ୍ଜନ ଦାଶ, ଚିନ୍ମୟ ରଥ, ସମୀର ସାହୁ ଓ ସଞ୍ଜୟ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

### ପଞ୍ଚମ ଦିନରେ ଚତୁର୍ଦ୍ଦଶ ପାତାଳି ମହୋତ୍ସବ

**ବୀରମହାରାଜପୁର, ୯।୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇର ପାତାଳି କ୍ଷେତ୍ରରେ ଗତ ୫ତାରିଖଠାରୁ ଆରମ୍ଭ ହୋଇଥିବା ଚତୁର୍ଦ୍ଦଶ ପାତାଳି ମହୋତ୍ସବର ଶନିବାର ଥିଲା ପଞ୍ଚମ ଦିବସ । ଛଳିଆପାହାଡର ପାଦଦେଶରେ ମହୋତ୍ସବ ପାଇଁ ସ୍ଥାପନ କରାଯାଇଥିବା ନାମମଣ୍ଡପରେ ଛପନ ପ୍ରହର ନାମଯଜ୍ଞ ଚାଲିଥିବା ବେଳେ ଶନିବାର ଭାଗବତ ପାରାୟଣ କରାଯାଇଥିଲା। ସେହିଭଳି ଯଜ୍ଞ ମଣ୍ଡପରେ ଦୁର୍ଗାସହସ୍ର ନାମ ଓ ଲକ୍ଷ୍ମୀ ସହସ୍ର ନାମ, ପାରାୟଣ ହୋଇଥିଲା। ନାମଯଜ୍ଞରେ ଆମ୍ବସରଭଙ୍ଗା, କମିରା ଓ ସୁବଳୟା ବାହାରିପଡା ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲା। ସନ୍ଧ୍ୟାରେ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ପ୍ରଥମେ ଓଡିଶୀ ନୃତ୍ୟ ଏବଂ ପରେ ଭଜନ ସମାରୋହ ପରିବେଷଣ କରାଯାଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁ ବିଭୋର ହୋଇ ଉଠିଥିଲେ। ଏହାବାଦ୍ ସ୍ଥାନୀୟ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ଆଞ୍ଚଳିକ ଲୋକନୃତ୍ୟ ବେଶ ଉପଭୋଗ୍ୟ ହୋଇଥିଲା। ଜିଲା ପରିଷଦ ସଭ୍ୟ ଗାୟତ୍ରୀ ପାଣିଗ୍ରାହୀ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପାତାଳି ଟ୍ରଷ୍ଟର ସଭ୍ୟ ପୂର୍ଣ୍ଣଚନ୍ଦ୍ର ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ସାଂସ୍କୃତିକ ସଭାରେ ଜିଲା ପରିଷଦ ସଭ୍ୟ ଗାୟତ୍ରୀ ପାଣିଗ୍ରାହୀ ବକ୍ତବ୍ୟ ରଖୁଛନ୍ତି।

# ଡୁଙ୍ଗୁରିପାଲିରେ ଗ୍ରାମ୍ୟ ନ୍ୟାୟାଳୟ ଉଦ୍‌ଘାଟିତ

**ଡୁଙ୍ଗୁରିପାଲି, ୯।୨(ଡି.ଏନ.ଏ.)**




ଗ୍ରାମ୍ୟ ନ୍ୟାୟାଳୟ ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥି।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ଶନିବାର ଗ୍ରାମ୍ୟ ନ୍ୟାୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି କେ. ଏସ. ଜାଭେରୀ ଯୋଗଦେଇ ନବନିର୍ମିତ ଗ୍ରାମ୍ୟ ନ୍ୟାୟାଳୟକୁ ଉଦ୍‌ଘାଟନ କରିଥିଲେ । ଏହି ଉପଲକ୍ଷେ ଡୁଙ୍ଗୁରିପାଲି ଓକିଲ ସଂଘ ସଭାପତି ରାଜେନ୍ଦ୍ର କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବକ୍ତବ୍ୟ ରଖି ଜାଭେରୀ କହିଥିଲେ ଯେ, ଗ୍ରାମ୍ୟ ନ୍ୟାୟାଳୟ ଉଦ୍‌ଘାଟନ ଫଳରେ ଏହି ଅଞ୍ଚଳର ଜନସାଧାରଣ ଆଇନ ପରିସରଭୁକ୍ତ ସମସ୍ତ ସୁବିଧା ପାଇପାରିବେ। ସମ୍ମାନିତ ଅତିଥିଭାବେ ଓଡିଶା ହାଇକୋର୍ଟର ବିଚାରପତି ଚିତ୍ତରଞ୍ଜନ ଦାଶ ଓ ବିଚାରପତି ଏ. କେ. ରଥ ଯୋଗଦେଇଥିଲେ । ବରିଷ୍ଠ ଆଇନଜୀବୀ ଜୟପ୍ରକାଶ ନନ୍ଦ ଅତିଥି ପରିଚୟ ପ୍ରଦାନ ଓ ସଭା ପରିଚାଳନା କରିଥିଲେ । ଡୁଙ୍ଗୁରିପାଲି ଓକିଲ ସଂଘ ଓ ବଣିକ ସଂଘ ତରଫରୁ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାପାଳ ମଧୁସୂଦନ ଦାଶ, ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ, ଏସପି ଦେବୀପ୍ରସାଦ ଦାଶ, ଜିଲା ଦୌରାଜଜ କୋର୍ଟର ସମସ୍ତ ବିଚାରପତି, ରାମପୁର ଜେଏମଏଫସି କମ୍ ସିଭିଲ କୋର୍ଟର ଜଜ୍ ବିଭୁପ୍ରସାଦ ପାଢୀ, ସୁବର୍ଣ୍ଣପୁର ରେଜିଷ୍ଟ୍ରାର ସୀମା ତ୍ରିପାଠୀ, ଡୁଙ୍ଗୁରିପାଲି ବିଡିଓ ସହଦେବ ସମାଧିଆ, ଏବିଡିଓ ଶଶୀଭୂଷଣ ପଧାନ, ରାମପୁର ତହସିଲଦାର ସଚ୍ଚିଦାନନ୍ଦ ହନୁମାନ, ଅତିରିକ୍ତ ତହସିଲଦାର ରୋହିତ ଭୋଇ, ଡୁଙ୍ଗୁରିପାଲି ଥାନା ଅଧିକାରୀ ନିତ୍ତରଞ୍ଜନ ଦାଶ, ରାମପୁର ଥାନା ଅଧିକାରୀ ପ୍ରଦୀପ ପଧାନ ପ୍ରମୁଖ ଜିଲା ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଏବଂ ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ସଦସ୍ୟମାନେ ଯୋଗ ଦେଇଥିଲେ। ଶେଷରେ ଓକିଲ ସଂଘ ସମ୍ପାଦକ ଖଗେଶ୍ୱର ପାଲ ଧନ୍ୟବାଦ ଅର୍ପଣ କରିଥିଲେ ।

### ମହିଳାଙ୍କଠାରୁ ସୁନାହାର ଲୁଟ୍

**ଲୋଇସିଂହା,୯।୨(ଡି.ଏନ.ଏ):**ଲୋଇସିଂହା ଥାନା ଅନ୍ତର୍ଗତ ବାବୁଫାସଡ-ଲୁହୁରାମୁଣ୍ଡା ରାସ୍ତାରେ ୩ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଜଣେ ମହିଳାଙ୍କ ସୁନାହାର ଲୁଟ୍ କରିଥିବା ଲୋଇସିଂହା ଥାନାରେ ଅଭିଯୋଗ ହୋଇଛି । ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ଛାନଭିନ ଚଳାଇଥିବା ଏସଆଇ ଜେ. କେ. ମହାନ୍ତି କହିଛନ୍ତି। ସାଲେଭଟା ଗ୍ରାମର କାର୍ତ୍ତିକ ସାହୁ ଓ ତାଙ୍କ ସ୍ତ୍ରୀ ସୁବିଧା ସାହୁ ପୂର୍ବାହ୍ନ ୧୧ଟାରେ ଏକ ବାଇକରେ ଉକ୍ତ ରାସ୍ତା ଦେଇ ଗାଇସିଲେଟ ଯାଉଥିଲେ। ଲୁହୁରାମୁଣ୍ଡା ନିକଟରେ ଏକପଲସରରେ ଥିବା ୩ଜଣ ମୁଖାପିନ୍ଧା ଦୁର୍ବୃତ୍ତ ସେମାନଙ୍କୁ ଅଟକାଇଥିଲେ। ପରେ ସୁବିଧା ପିନ୍ଧିଥିବା ସୁନାହାରକୁ ଲୁଟି ନେଇ ଫେରାର ହୋଇଯାଇଥିଲା ।

# ଭାଜପାର ବିଧାନସଭା ସଞ୍ଚଳନ ସମିତି ବୈଠକ

**ଉଲୁଣ୍ଡା, ୯।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଧର୍ମଶାଳାଠାରେ ଭାଜପାର ବିଧାନସଭା ସଞ୍ଚଳନ ସମିତି ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଦଳର ଜିଲା ସଭାପତି ବିଜୟ ମହାକୁରଙ୍କ ଅଧ୍ୟକ୍ଷତାକ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବଲାଙ୍ଗୀର ଏମପି ସଙ୍ଗୀତା କୁମାରୀ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କୁ ପୁନର୍ବାର ପ୍ରଧାନମନ୍ତ୍ରୀ ଭାବରେ ନିର୍ବାଚିତ କରିବା ସହ ରାଜ୍ୟରେ ଭାଜପାକୁ କ୍ଷମତାସୀନ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ, ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଉପାଧ୍ୟକ୍ଷ ରୁଦ୍ର କିଶୋର ମହଲା, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ କିଶୋର ହୋତା, ଜିଲା ସାଧାରଣ ସମ୍ପାଦକ ମହେନ୍ଦ୍ର ମହାନନ୍ଦ, ନଳିନୀ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆନନ୍ଦ ବାରିକ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ଜିଲା ଉପସଭାପତି ଦିଲୀପ ପୁରୋହିତ, ସମ୍ପାଦକ ଧର୍ମ ନିରଞ୍ଜନ ପଣ୍ଡା, ଜିଲା ପରିଷଦ ସଦସ୍ୟା ଗାୟତ୍ରି ପାଣିଗ୍ରାହୀ, ବିଧାନସଭା ବିସ୍ତାରକ ମନିସ ଦେହେରି, କୃଷକ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଆଶ୍ରୟ ମହାନନ୍ଦ, ରୋହିତ ଡାଙ୍ଗ, ସୁଶାନ୍ତ ପଣ୍ଡା, ବଳରାମ ସୁନା, ପ୍ରଶାନ୍ତ ଦଣ୍ଡସେନା, ରଘୁବୀର ପାଣିଗ୍ରାହୀ, ମଣ୍ଡଳ ସଭାପତି ଦତାତ୍ରୟ ପଣ୍ଡା, ନରେଶ ସାହୁ, ବାଶୁଦେବ ମିଶ୍ର, ଗିରିଶ ପୁରୋହିତ,ତ୍ରିଲୋଚନ ବିଶି, ରାଜ କିଶୋର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ବହିଦାରଙ୍କ ସମେତ ସମସ୍ତ କେନ୍ଦ୍ର ପ୍ରମୁଖ ଓ ପ୍ରଭାରୀ ଯୋଗଦେଇଥିଲେ ।

### ୨୬ତମ ଅମରପାଲି କ୍ରିକେଟ କପ୍

# ବୀରମହାରାଜପୁର, ଅମରପାଲି ବିଜୟୀ

**ଅମରପାଲି, ୯।୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲିସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡରେ ଫ୍ରେଣ୍ଡସ କ୍ଲବ ଓ ଜେମସଷ୍ଟାର କ୍ଲବ ମିଳିତ ଆନୁକୂଲ୍ୟରେ ଚାଲିଥିବା ଅମରପାଲି କ୍ରିକେଟ କପ୍‌ର ଶନିବାର ଥିଲା ଦ୍ୱିତୀୟ ଦିବସ। ଏହି ଦିନ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଅମରପାଲି ଓ ଠେଙ୍ଗାଡ୍ୟାମ ମଧ୍ୟରେ ହୋଇଥିଲା। ଠେଙ୍ଗୋଡ୍ୟାମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୯୨ ରନ କରିଥିଲା। ଯବାବରେ ଅମରପାଲି ଦଳ ବବୁଲ ମାଝୀଙ୍କ ୬୩ ରନ ସହାୟତାରେ ୯ ଓଭରରେ ୬ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ କେଏଲ ସିସି ରେଢ଼ାଖୋଲ ଏବଂ ରଥପୁର ମଧ୍ୟରେ ହୋଇଥିଲା । ରଥପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ଉଇକେଟ ହରାଇ ୧୦୯ ରନ କରିଥିଲା। ଯବାବରେ ରେଢ଼ାଖୋଲ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୮୯ ରନ କରି ପରାସ୍ତ ହୋଇଥିଲା। ତୃତୀୟ ମ୍ୟାଚଟି ବୀରମହାରାଜପୁର ଓ ମୋଟିବାହାଲ ମଧ୍ୟରେ ହୋଇଥିଲା । ବୀରମହାରାଜପୁର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୪ ଉଇକେଟ ହରାଇ ୧୦୮ ରନ କରିଥିଲା । ବିପକ୍ଷ ମୋଟିବାହାଲ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୭୫ ରନ କରି ପରାସ୍ତ ହୋଇଥିଲା । ସେହିପରି ଚତୁର୍ଥ ମ୍ୟାଚ ରଥପୁର ଓ ବୀରମହାରାଜପୁର ମଧ୍ୟରେ ହୋଇଥିଲା । ବୀରମହାରାଜପୁର ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୭ ଉଇକେଟ ହରାଇ ୫୭ରନ କରିଥିଲା। ଦଳର ସୁମନ୍ତ ୨୦ ରନ କରିଥିବା ବେଳେ ରଥପୁରର ବିକାଶ ୩ଟି ଉଇକେଟ ନେଇଥିଲେ। ଯବାବରେ ରଥପୁର ଦଳ ନିର୍ଦ୍ଧାରିତ ୬ଓଭରରେ ୬ ଉଇକେଟ ହରାଇ ୩୩ରନ କରି ପରାସ୍ତ ହୋଇଥିଲା। ପ୍ରଥମ ମ୍ୟାଚରେ ବବୁଲ ମାଝୀ, ଦ୍ୱିତୀୟ ମ୍ୟାଚରେ ମୁକୁନ୍ଦ, ତୃତୀୟ ମ୍ୟାଚରେ ଅରବିନ୍ଦ ପାଢ଼ୀ ଓ ଚତୁର୍ଥ ମ୍ୟାଚରେ ସୁମନ୍ତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଖେଳଗୁଡିକୁ ସମ୍ପିତ ମାଝୀ, ସୁରେଶ ବିଶି, ଶ୍ରୀତମ ପ୍ରଧାନ, ପ୍ରବୀଣ ଦାସ ଓ ଦିଲ୍ଲୀପ ପଧାନ ପରିଚାଳନା କରିଥିବା ବେଳେ ବନମାଳୀ ଗୌନ୍ତିଆ, ସୁଶିଲ ସାହୁ ସ୍କୋରିଂ ଏବଂ ବରୁଣ ନାଏକ ଓ ପୀତାମ୍ବର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ ।



ବିଜୟୀ ବୀରମହାରାଜପୁର ଦଳର ଖେଳାଳିମାନେ ।

# ଚାଷୀଙ୍କ ଅସନ୍ତୋଷ ତେଜୁଛି

**ନୂଆପଡା ଅଫିସ,୯।୨**

ଧାନ ଚାଷ କରିବାଠାରୁ ଧାନବିକ୍ରି କରିବାକୁ ବେଶୀ ପରିଶ୍ରମ କରିବାକୁ ପଡୁଛି । ସରକାର ସବୁବେଳେ ଚାଷୀଙ୍କୁ ଠିକ ସମୟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦେବାକୁ ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ତାହା କାର୍ଯ୍ୟକାରୀ ହେଉନାହିଁ। ଧାନ ବିକ୍ରି କରିବାକୁ ମଣ୍ଡିରେ ଆଜକୁ ମାସେ ହେବ ଆମେ ଜଗି ରହିଛୁ। ପ୍ରଶାସନ ତରଫରୁ ବିଭିନ୍ନ ବାହାନା କରି ଆମକୁ ହଇରାଣ କରାଯାଉଛି ବୋଲି ସାରାବଙ୍ଗ ମଣ୍ଡିରେ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅସନ୍ତୋଷ ଚାଷୀମାନେ ଶନିବାର ମଣ୍ଡିରେ ମେଳି କରିଥିବା ବେଳେ ଏହାର କଡା ଜବାବ ଦିଆଯିବ। ଶେଷରେ ଧାନ ବସ୍ତାକୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଗଦା କରି ଆନ୍ଦୋଳନ କରିବେ ବୋଲି ନିଷ୍ପତି ନେଇଛନ୍ତି ।

ଜିଲାରେ ଏହି ବର୍ଷ ଧାନକିଣା ପାଇଁ ୭ ଲକ୍ଷ କୁଇଣ୍ଟାଲ କିଣାଯିବା ସକାଶେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ସେଥିରୁ ତେଲିଆ ମୁଣ୍ଡରେ ତେଲ ସଦୃଶ ବ୍ୟବସାୟୀ ଏବଂ ବଡବଡିଆ ଚାଷୀମାନେ ଜୋରଯାର ମୂଳକତାର ନୀତିରେ ତାଙ୍କର ଧାନ ପାରି କରିନେଲେ। ଟାର୍ଗେଟ ପୂରଣ ହୋଇଗଲା । ଅନ୍ୟପକ୍ଷେ ନାମ ମାତ୍ର ଏବଂ କ୍ଷୁଦ୍ର ଚାଷୀମାନଙ୍କ ଧାନ ସବୁ ଗଦା ହୋଇରହିଗଲା। ଜିଲାର ସାରାବଙ୍ଗ ସମେତ ୫ଟି ଭିନ୍ନ ଭିନ୍ନ ମଣ୍ଡିରେ ଆଜକୁ ମାସେ ଧରି ୯୦ ହଜାରରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ ପଡି ରହିଛି । କେବଳ ସାରାବଙ୍ଗରେ ୩୫ ହଜାର କୁଇଣ୍ଟାଲ ଧାନ ପଡିରହିଛି । ଯେତେ କାକୁତି ମିନତି ହେଲେ ମଧ୍ୟ ମିଲର୍ସମାନେ ଏଠାକୁ ଆସୁନାହାନ୍ତି । ପ୍ରଶାସନ ତରଫରୁ ଟାର୍ଗେଟ ସରିଯାଇଥିବା ଦର୍ଶାଇ ପ୍ୟାକ୍ସ କର୍ମକର୍ତ୍ତା ଧାନ ଉଠାଉନାହାନ୍ତି । ଚାଷୀମାନେ ଦିନ ରାତି ଜଗି ରହିଛନ୍ତି । ମଣ୍ଡିରେ ଅଚଳାବସ୍ଥା ଲାଗି ରହିଛି । ଏଭଳି ସ୍ଥିତିରେ ଚାଷୀ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଦୁଇ ଦିନ ତଳେ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଜିଲା ଯୋଗାଣ ଅଧିକାରୀ ଏବଂ ଏଆରସିଏସ ଅଫିସକୁ ଆସି ଗୁହାରୀ କରିଥିଲେ । ତଥାପି କୌଣସି ସୁଫଳ ମିଳିଲା ନାହିଁ । ଦୁଇ ଦିନ ଧରି ଏହି ଅଞ୍ଚଳରେ ଲଘୁଚାପ ବର୍ଷା ଚାଷୀଙ୍କୁ ନାକେଦମ କଲାଣି । ଶନିବାର ଏ ବିଷୟରେ ଖବର ପାଇ ଜିଲା କୃଷକ ସଂଘ ସଭାପତି ଘାସିରାମ ମାଝି ଚାଷୀ ନେତାଙ୍କ ସହ ମିଶି ସନ୍ଧ୍ୟାରେ ସାରାବଙ୍ଗ ମଣ୍ଡିରେ ପହଞ୍ଚିଥିଲେ । ସେଠାରେ ଧାନର ସ୍ଥିତି ଦେଖି ଉଦ୍‌ବେଗ ପ୍ରକାଶ କରିଥିଲେ । ସରକାରୀ ନିୟମ ମୁତାବକ ପ୍ୟାକ୍ସ କର୍ମକର୍ତ୍ତା ଧାନ କିଣିବା କଥା । ଏହାକୁ ପରବର୍ତ୍ତି ସମୟରେ ମିଲର୍ସମାନେ ଉଠାଣ କରି ନେବାର ନିୟମ ରହିଛି । ହେଲେ ମିଲର୍ସ ଏବଂ ପ୍ୟାକ୍ସ କର୍ତ୍ତୃପକ୍ଷ ମଧୁ ଚନ୍ଦ୍ରିକା କରି ଚାଷୀଙ୍କୁ ହଇରାଣ କରୁଛନ୍ତି ବୋଲି କହିଥିଲେ । ତାଙ୍କ ଅଧ୍ୟକ୍ଷତାରେ ଏଠାରେ ଚାଷୀମାନଙ୍କ ଏକ ବୈଠକ ହୋଇଥିଲା । ଚାଷୀମାନେ ଜିଲା ପ୍ରଶାସନ ଉପରେ ସବୁ ଦୋଷ ଲଦିଥିଲେ । ଧାନ ଚାଷ କରିବାଠାରୁ ବିକ୍ରି କରିବାକୁ ସେମାନଙ୍କୁ ବେଶୀ ହଇରାଣ ହେବାକୁ ପଡୁଛି ବୋଲି କହିଥିଲେ। ଶେଷରେ ଧାନ ବସ୍ତାସବୁ ନେଇ ଜିଲାପାଳଙ୍କ ଅଫିସକୁ ଦୌଡିବେ । ଏଥିପାଇଁ ଚାଷୀଙ୍କୁ ଯାହା ବି କରିବାକୁ ପଡିବ ତାହା କରିବେ ବୋଲି କହିଥିଲେ। ରବିବାର ସୁଦ୍ଧା କୌଣସି ପଦକ୍ଷେପ ନିଆ ନ ଗଲେ ସୋମବାର ସବୁଧାନକୁ ଜିଲାପାଳଙ୍କ ଅଫିସକୁ ନେଇ ଗଦା କରିବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ଆଗକୁ ପ୍ରଶାସନ କ'ଣ ନିଷ୍ପତ୍ତି ନେଉଛି ତାହା ଦେଖିବାକୁ ବାକି ରହିଲା।



ଜିଲା କୃଷକ ସଂଘ ସଭାପତି ଚାଷୀମାନଙ୍କ ସହ ମିଶି ମଣ୍ଡି ବୁଲି ଦେଖୁଛନ୍ତି ।

**ସାରାବଙ୍ଗ ମଣ୍ଡି**
- ଜିଲାପାଳଙ୍କ ଅଫିସରେ ଗଦା କରିବେ ଧାନ ବସ୍ତା
- ଜିଲା କୃଷକ ସଂଘର ମଣ୍ଡି ପରିଦର୍ଶନ

## ସଂକ୍ଷେପରେ

### ହୀରାକୁଦ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ସମ୍ବଲପୁର/ହୀରାକୁଦ,୯।୨ (ବ୍ୟୁରୋ/ଡି.ଏନ୍.ଏ.)**

ହୀରାକୁଦ ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ସମ୍ବଲପୁରୀ, ଆଧୁନିକ ନୃତ୍ୟ, ଗୀତ ସହ ହାସ୍ୟକବି ଗୁଣରଞ୍ଜନ ସାଲିମାଙ୍କ ହାସ୍ୟ କବିତା ଦର୍ଶକଙ୍କ ମନ ମୋହିଥିଲା। ହୀରାକୁଦ ସୁବାସ ମଇଦାନରେ ଏହି ମହୋତ୍ସବ ଆୟୋଜନ କରାଯାଇଛି। ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇଥିଲେ। ସନ୍ଧ୍ୟା ୭ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଜେପୁର ଜାଇଫୁଲ ସାଂସ୍କୃତିକ ଅନୁଷ୍ଠାନର ପଞ୍ଚରସୀ, ଟିଟିଲାଗଡ଼ ଉତ୍କଳ କଳାକେନ୍ଦ୍ରର ଡାପ, ହୀରାକୁଦ ଥ୍ରିମ୍ କ୍ରିଏଶନ୍ ଡ୍ୟାନ୍ସ ଏକାଡେମୀର ନୃତ୍ୟ ସମେତ ଭବାନୀପାଟଣା କଳିଙ୍ଗ ସାଂସ୍କୃତିକ ଅନୁଷ୍ଠାନ କଳାକାରଙ୍କ ପ୍ରଦର୍ଶନ ବେଶ୍ ଆକର୍ଷଣୀୟ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ହିଣ୍ଡାଲ୍‌କୋ ପ୍ଲାଣ୍ଟ ମୁଖ୍ୟ ଜେ.ପି. ନାୟକ, ସମ୍ମାନିତ ଅତିଥି ଭାବେ ଭିମସାର ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀ, ହିଣ୍ଡାଲ୍‌କୋ ଏଚ୍‌ଆର୍ ମୁଖ୍ୟ କ୍ରିଷ୍ଣା ପାଢ଼ୀ ଯୋଗଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚତୁରୀ
ଯେଣିକି ଚାହିଁଲେ ତୋହରି କଥା ମୁଁ
ଭାବି ଭାବି ଯାଏ ବତୁରି ।**

ଯେ ଯାହାକୁ ମନପ୍ରାଣ, ହୃଦୟ ଦେଇ ଭଲ ପାଉଥାଏ, ସେ ତାହାକୁ ସବୁବେଳେ ଝୁରି ହେଉଥାଏ। ଶୟନେ ସ୍ୱପନେ ଜାଗରଣେ କେବଳ ତାହାରି କଥା ଭାବି ହେଉଥାଏ। ଆଖି ଆଗରେ କେବଳ ତାହାରି ମୁହଁ ନାଚି ଯାଉଥାଏ। ପ୍ରେମୀର ସାନ୍ନିଧ୍ୟ ପାଇବା ଆଶାରେ ଭାବି ଭାବି ଅଭିଭୂତ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରକୁ ଚୋର ଚିହ୍ନେ
ପୁରୁଣା ଚୋରକୁ ଚଉକିଆ ଚିହ୍ନେ ।**

ଚୋରର ହାବଭାବ, ଚାଲିଚଳଣ ତଥା ମତିଗତି ଆଉ ଗୋଟିଏ ଚୋର ପାଖରେ ଅଛପା ରହି ନ ଥାଏ। ଯିଏ ଚୋର ସିଏ ଆଉ ଗୋଟିଏ ଚୋରକୁ ଅତି ସହଜରେ ଜାଣିପାରିଥାଏ। ସେହିପରି ପୁରୁଣାରୁ ପୁରୁଣା ଚୋରକୁ କେବଳ ପୋଲିସ ହିଁ ବିନା ଦ୍ୱିଧାରେ ଚିହ୍ନିପାରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## କୃଷି ବୀମା ଟଙ୍କା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଚାଷୀ

**ତୁରନ୍ତ ପ୍ରଦାନ କରିବାକୁ ପ୍ରତିଶ୍ରୁତି**

**ନୂଆପଡା ଅଫିସ,୯।୨**

ନୂଆପଡା ଏକ ଚିର ମରୁଡି ପ୍ରପୀଡିତ ଜିଲା । ଏଠାରେ ବାରମ୍ବାର ମରୁଡି ପଡୁଥିବାବେଳେ ଚାଷୀମାନଙ୍କୁ ଠିକ ସମୟରେ ବୀମା ଟଙ୍କା ମିଳୁ ନ ଥିବାରୁ ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯାଉଛି । ଗତ ୨୦୧୭ ଖରିଫ ଋତୁରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଚାଷୀ ବୀମା ଟଙ୍କା ପାଇ ନ ଥିବାରୁ ଶନିବାର କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କୁ ଭେଟି ଜଣାଇଛନ୍ତି। ଚାଷୀ ନେତା ଲାଲୁ ସାହୁ, କେଜୁ ଚନ୍ଦ୍ରକାରଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ଚାଷୀ ନୂଆପଡା ଆସିଥିଲେ । ଉଲ୍ଲେଖ ଯୋଗ୍ୟ ଯେ, ମନ୍ତ୍ରୀ ସ୍ଥାନୀୟ ପୋଲିସ ପଡିଆରେ ଭାଜପା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମକର୍ତ୍ତା ବୈଠକରେ ଯୋଗଦେବା ପାଇଁ ଆସିଥିଲେ । ଏହି ସମୟରେ ସ୍ଥାନୀୟ ସର୍କିଟ ହାଉସରେ ଚାଷୀମାନେ ତାଙ୍କୁ ଭେଟିଥିଲେ । ମନ୍ତ୍ରୀ ଚାଷୀମାନଙ୍କ ସହ ଦୀର୍ଘ ୨୦ ମିନିଟ ଧରି ଆଲୋଚନା କରିଥିଲେ। ଚାଷୀମାନଙ୍କ ସବୁ ସମସ୍ୟା ବୁଝିବାକୁ ଭାଜପା ସରକାର ପ୍ରତିଶ୍ରୁତି ବଦ୍ଧ । ଏଥିରେ ରାଜ୍ୟ ସରକାରଙ୍କ ଅଧିକାରୀମାନେ ଅବହେଳା କରି ଚାଷୀଙ୍କୁ ସହଯୋଗରୁ ବଞ୍ଚିତ କରୁଛନ୍ତି । ଏବେ ଆଉ ତାହା ବରଦାସ୍ତ କରାଯିବ ନାହିଁ । ସେ ନିଜେ ଏଥିରେ ହସ୍ତକ୍ଷେପ କରି ଚାଷୀଙ୍କ ସମସ୍ୟାର ସମାଧାନ କରିବେ ବୋଲି ଚାଷୀମାନଙ୍କୁ କହିଥିଲେ । ମନ୍ତ୍ରୀ ଓରାମ ତୁରନ୍ତ ବିଭାଗୀୟ କାର୍ଯ୍ୟାଳୟଗୁଡିକୁ ଫୋନ ଯୋଗେ ପଚାରିବୁଝିଥିଲେ । ସୂଚନାଯୋଗ୍ୟ ଯେ, ଜିଲାର ବିଭିନ୍ନ ପ୍ରାନ୍ତରୁ ମୋଟ ୨୭୪୩ଜଣ ଚାଷୀ କୃଷୀ ବୀମା ଟଙ୍କା ପାଇପାରିନାହାନ୍ତି। ଏମାନେ ଜିଲାରୁ ଆରମ୍ଭ କରି ରାଜ୍ୟସ୍ତରକୁ ଦୌଡିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ମନ୍ତ୍ରୀ ଓରାମ ଖୁବଶୀଘ୍ର ଏହାର ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## ଖଡ଼ିଆଳ ମହୋତ୍ସବର ଚତୁର୍ଥ ସନ୍ଧ୍ୟା
# ଅଞ୍ଚଳର ବିକାଶର ବାର୍ତ୍ତା ଦେଉଛି ଖଡ଼ିଆଳ ମହୋତ୍ସବ

**ଖଡିଆଳ,୯।୨(ଡି.ଏନ.ଏ.)**

ବିନା ସରକାରୀ ସହାୟତାରେ ଖଡିଆଳ ଜନସାଧାରଣଙ୍କ ଉଦ୍ୟମରେ ବର୍ଷେ ନୁହେଁକି ଦି ବର୍ଷ ନୁହେଁ ଦୀର୍ଘ ୧୫ ବର୍ଷ ହେଲା ପାଳନ ହେଉଛି ବିଲୁପ୍ତ ଲୋକକଳା, ସାହିତ୍ୟ ଓ ସଂସ୍କୃତିକୁ ପୁର୍ନଜିବିତ କରିବା ପାଇଁ ଆୟୋଜିତ ଖଡିଆଳ ମହୋତ୍ସବ ତାହା ବାସ୍ତବିକ ପ୍ରଶଂସନୀୟ । ଅଞ୍ଚଳର ବିଲୁପ୍ତ କଳା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଆୟୋଜିତ ମହୋତ୍ସବ କେବଳ ମନୋରଞ୍ଜନର ଖୋରାକ ଯୋଗାଉଛି ତାହା ନୁହେଁ ଅଞ୍ଚଳର ବିକାଶର ବାର୍ତ୍ତା ଦେଉଛି ବୋଲି ଖଡିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଚାଲିଥିବା ଖଡିଆଳ ମହୋତ୍ସବ-୨୦୧୯ର ଚତୁର୍ଥ ସନ୍ଧ୍ୟାରେ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି । ଖଡିଆଳ ମହୋତ୍ସବ ପାଳନ କମିଟି ପ୍ରାକ୍ତନ ସଭାପତି ନିମାଇଁ ଚରଣ ତାଣ୍ଡିଙ୍କ ଅଧକ୍ଷତାରେ ଭାଜପା ରାଜ୍ୟ ସଭାପତି ତଥା ନୂଆପଡ ବିଧାୟକ ବସନ୍ତ କୁମାର ପଣ୍ଡା, ଖଡିଆଳ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କିଶୋର କୁମାର ସାହୁ ସମ୍ମାନୀତ ଅତିଥି ଏବଂ ରାଜ୍ୟ ସରକାରଙ୍କ ଆଦିବାସୀ ଓ ଉନ୍ନୟନର ଯୁଗ୍ମ ସଚିବ ଡ. ନୃପରାଜ ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଖଡିଆଳ ପ୍ରାଚୀନ ଲୋକକଳା, ଲୋକ ସାହିତ୍ୟ ଓ ଲୋକ ସଂସ୍କୃତିର ଇତିହାସ ଉପରେ ବଖାଣିଥିଲେ। ପରେ ଉଦଘୋଷକ ସୁଶାନ୍ତ ପାଢ଼ୀଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜୁନାଗଡ କଳା ପରିଷଦର କଳାକାରଙ୍କ ଓଡିଶୀ ନୃତ୍ୟରୁ ଆରମ୍ଭ ହୋଇଥିଲା । ପରେ କଣ୍ଟାବାଞ୍ଜି ତିହାର ଅନୁଷ୍ଠାନର ଚୁଟକୁଟୁଚା ନୃତ୍ୟ, କଳା ବିକାଶ କେନ୍ଦ୍ର କୋଟପାଡର ଢ଼େମସା ନୃତ୍ୟ, ଘୁଙ୍ଗୁରୁ କଳା ପରିଷଦ ପାଟଣାଗଡର କନିଆ ଯୋଟ ନୃତ୍ୟ, ଖଡିଆଳ ଜୟ ସତନାମ ପନ୍ଥି ଅନୁଷ୍ଠାନର ପନ୍ଥି ନୃତ୍ୟ, ପାଟଣାଗଡ ସାତକୁଆଁରୀ ଅନୁଷ୍ଠାନର ଡାଲଖାଇ ନୃତ୍ୟ ଓ ଭବାନୀପାଟଣା ବଜାସାଲ ପରିବେଷଣ ହୋଇଥିଲା। ଶୁକ୍ରବାରଠାରୁ ଲଘୁଚାପ ଜନିତ ମେଘୁଆ ପାଗ ଓ ଅସରାଏ ବର୍ଷା ଯୋଗୁ ଥଣ୍ଡା ପାଗ ସତ୍ତ୍ୱେ ମଧ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଦର୍ଶକେ ମନଭରି ଉପଭୋଗ କରିଥିଲେ। ଏଥିସହ ମୀନା ବଜାର ଏବଂ ପ୍ରଦର୍ଶନୀ ସ୍ଥଳରେ ହଜାର ହଜାର ସଂଖ୍ୟାରେ ଲୋକଙ୍କ ଭିଡ ପରିଲକ୍ଷିତ ହୋଇଥିଲା ।

## ବିଧାନସଭାସ୍ତରୀୟ କର୍ମକର୍ତ୍ତା ବୈଠକ
# ବିଜେଡି ସରକାର ବଦଳିବା ଦରକାର: ଜୁଏଲ ଓରାମ

**ନୂଆପଡା ଅଫିସ,୯।୨**

ଆମେ ଦିନେ ଜାନକୀ ବଲ୍ଲଭଙ୍କୁ ଏଠାରୁ ତଡିବାକୁ ଯାଇ ବିଜୁ ଜନତା ଦଳ ସହ ମିତ୍ରତା କରି ନବୀନଙ୍କୁ ରାଜ୍ୟଭାର ଦେଇଥିଲୁ । ହେଲେ ସେ ବର୍ତ୍ତମାନ ସମ୍ବେଦନଶୀଳ ବିହୀନ ଏବଂ ଅକ୍ଷମ ବାହାରିଲେ । ଏହି ଅବଧିରେ ରାଜ୍ୟରେ ଅନ୍ୟାୟ, ଅତ୍ୟାଚାର, ନାରୀ ନିର୍ଯାତନା, ଚୋରି ରାହାଜାନି ସଂଖ୍ୟା ବଢିଯାଇଛି । ଏହି ସରକାରକୁ ଉପାଡି ଫିଙ୍ଗିବା ଦରକାର। ଏହି ବିଜେଡି ସରକାର ବଦଳିବା ଦରକାର ବୋଲି ଶନିବାର ନୂଆପଡା ପୋଲିସ ପଡିଆରେ ଆୟୋଜିତ ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମକର୍ତ୍ତା ବୈଠକରେ ଯୋଗଦେଇ କେନ୍ଦ୍ର ଆଦିବାସୀ ଉନ୍ନୟନ ମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି । ପୂର୍ବାହ୍ନ ୧୧ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଭାଜପା ସଭାପତି ବସନ୍ତ କୁମାର ପଣ୍ଡା ସଭାପତିତ୍ୱ କରିଥିବାବେଳେ ମନ୍ତ୍ରୀ ଓରାମ ମୁଖ୍ୟଅତିଥି, ରାଜ୍ୟ ଅନୁସୂଚୀ ଜନଜାତି ମୋର୍ଚ୍ଚା ଉପସଭାପତି ଖାମସିଂ ମାଝି, ଯଦୁମଣୀ ପାଣିଗ୍ରାହୀ, ମହତାବ ଭାଇ, ମନିଜର ଆର୍ଯ୍ୟ, ମୁରଲୀଧର ସୁନା, ଗୋଲଡି ଅଗ୍ରୱାଲ, ପୂର୍ବତନ ଜିଲା ସଭାପତି ଅତିନ୍ଦ୍ର ଜିତ ସିଂ ମଲ୍ଲିକ, ଶଶି ପୁରୋହିତ, ସୁଶାନ୍ତ ପତି, ପପୁ ଠାକୁର, ମୁନ୍ନା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରଥମେ ରାଜ୍ୟ ସଭାପତି ପଣ୍ଡା ରାଜ୍ୟ ତଥା ଦେଶର ପ୍ରଗତି ସକାଶେ ଭାଜପା ସରକାର ଆଣିବାକୁ ପଡିବ । ତେଣୁ ସମସ୍ତ କର୍ମକର୍ତ୍ତାଙ୍କୁ ଅବକି ବାର ଫିର ମୋଦି ସରକାର । ହର ଘର ମେ ଭାଜପା ସ୍ଲୋଗାନ ଦେଇଥଲେ । ମନ୍ତ୍ରୀ ଓରାମ ଦେଶର ପ୍ରଗତି ସକାଶେ ମୋଦି ସରକାରଙ୍କ ପ୍ରୟୋଜନ ରହିଛି । ବିଜେଡି ସରକାର ପଙ୍ଗୁ ସରକାର । ଏଥର ସେମାନଙ୍କୁ ଠିକ ଜବାବ ଦେବାକୁ ପଡିବ । ସମସ୍ତ କର୍ମକର୍ତ୍ତାଙ୍କୁ ଏବେଠାରୁ ବଜ୍ର ଶପଥ ନେବାକୁ ହେବ । ବିଧାୟକ ଏବଂ ଏମପିଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଦାସୀନ କରିବାକୁ ପଡିବ ବୋଲି ଆହ୍ୱାନ କରିଥିଲେ। ବୈଠକରେ ନୂଆପଡା ନଗର ସଭାପତି ମୁନ୍ନା ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ କମିଟି, ଶକ୍ତି କେନ୍ଦ୍ର ପ୍ରମୁଖ ଯୋଗଦେଇଥିଲେ । ବୈଠକ ପରେ ମନ୍ତ୍ରୀ ଖଡିଆଳ ବିଧାନସଭା ଗସ୍ତ କରିଥିଲେ । କାର୍ଯ୍ୟକ୍ରମରେ ମୂଳଚାନ୍ଦ ସୁନାନୀ, ଅଭିନନ୍ଦନ ପଣ୍ଡା, ଜେମା ମଞ୍ଜରୀ ପାଣ୍ଡେ, ରାଜେଶ୍ୱରୀ ଠାକୁର, ଓମପ୍ରକାଶ କଲାର, ଥାନସିଂ ଠାକୁର ପ୍ରମୁଖ ଯୋଗଦେଇଥିଲେ ।



ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଉଦ୍‌ବୋଧନ ଦେଉଛନ୍ତି ।

## କେନ୍ଦ୍ର ଆଦିବାସୀ ମନ୍ତ୍ରୀଙ୍କୁ ଦାବିପତ୍ର

**ଖଡିଆଳ,୯।୨(ଡି.ଏନ.ଏ.)**

ଓଡିଶାରେ ପହରିଆ ସମ୍ପ୍ରଦାୟର ଲୋକେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଆଦିବାସୀଙ୍କ ପାଇଁ ଉର୍ଦ୍ଧିଷ୍ଟ ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଆସୁଛି । ଫଳରେ ୨୦୦୦ଠାରୁ ପହରିଆ ସମ୍ପ୍ରଦାୟର ଲୋକ କମାର ମଞ୍ଚ ଗଠନ କରି ପହରିଆମାନଙ୍କୁ ଆଦିବାସୀ ଶ୍ରେଣୀର ମାନ୍ୟତା ଦାବି ନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ଆସୁଥିବା ବେଳେ କୌଣସି ସୁଫଳ ମିଳୁନାହିଁ । ଶନିବାର କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମ ନୂଆପଡା ଜିଲା ଖଡିଆଳ ମହୋତ୍ସବରେ ଯୋଗଦେବାକୁ ଆସିଥିବା ବେଳେ ଏଠାରେ କେନ୍ଦ୍ର ଆଦିବାସୀଙ୍କୁ ସାକ୍ଷାତ କରି କମାର ବିକାଶ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । କମାର ବିକାଶ ମଞ୍ଚର କର୍ମକର୍ତ୍ତାମାନେ କେନ୍ଦ୍ର ଆଦିବାସୀ ମନ୍ତ୍ରୀଙ୍କୁ ସାକ୍ଷାତ କରି ପହରିଆମାନଙ୍କୁ ଆଦିବାସୀ ମାନ୍ୟତା ଦାବି କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରକୁ ଅବଗତ କରିନାହିଁ । କିନ୍ତୁ କେନ୍ଦ୍ର ସରକାର ପହରିଆଙ୍କ ପ୍ରସଙ୍ଗ ନେଇ ଅବଗତ ଅଛି ଶୀଘ୍ର ବିଚାରକୁ ନିଆଯିବ ବୋଲି କହିଛନ୍ତି ।

## ଜୁନାଗଡ଼ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜୁନାଗଡ,୯।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ 'ଉର୍ଜା' ଶନିବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ତ୍ରିବିକ୍ରମ ସାହୁଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଜୁନାଗଡ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ମୁଖ୍ୟବକ୍ତା ଲାଞ୍ଜିଗଡ କଲେଜ ଅଧାପକ ସରୋଜ କୁମାର ଜେନା, ସମ୍ମାନିତ ଅତିଥି ଏବିଇଓ ନବକିଶୋର ପାଢୀ, ଜୁନାଗଡ ହାଇସ୍କୁଲର ପ୍ରଧାନଶିକ୍ଷକ ତପିମଣି ଜାନି, ବିଦ୍ୟାଳୟ ପରିଚାଳନା କମିଟିସଭାପତି ବିନୋଦ ପାଢୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ତମ ପାଠ ପଢିବା ସହ ଆତ୍ମ ନିର୍ଭରଶୀଳତା ହେବା ପାଇଁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଇଂରାଜୀ ଶିକ୍ଷକ ଜଗନ୍ନାଥ ବିଶ୍ୱାଳ ବାର୍ଷକ ବିବରଣୀ ପାଠ କରିଥିବା ବେଳେ ଛାତ୍ରୀଛାତ୍ର ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଚଳିତବର୍ଷ ଚାମ୍ପିୟନ ବରିଷ୍ଟ ବିଭାଗରେ ଆଶୁତୋଷ ଜାନି, ପ୍ରିୟଙ୍କା ମେହେର ଓ କନିଷ୍ଟ ବିଭାଗରେ ପ୍ରତାପ ମଶ୍ରା, ଇତିଶ୍ରୀ ପ୍ରିୟଦର୍ଶିନୀ, ହିମାନି ଛତ୍ରିଆ ସମେତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହ ପ୍ରଦର୍ଶିତ ହୋଇଥିବା ୪ଟି ହାଉସ ମଧ୍ୟରୁ ମହାନଦୀ ହାଉସକୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସଙ୍ଗୀତ ଶିକ୍ଷକ ସାନ୍ତନୁ କୁମାର ସାହୁଙ୍କ ସଂଯୋଜନାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପରେ ବିଦ୍ୟାଳୟ ଶିକ୍ଷକ ଆଶିଷ କୁମାର ସା ଓ ଜୟପ୍ରକାଶ ଦାଶଙ୍କ ନିର୍ଦ୍ଦେଶନାରେ ବଶିଷ୍ଠ ଓ ବିଶ୍ୱାମିତ୍ର ନାଟକ ଦର୍ଶକଙ୍କୁ ମନୋମୋହିଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ଲିପ୍‌ସା ଠାକୁର, ଶିକ୍ଷକ ଜୟ ପ୍ରକାଶ ଦାଶ, ଆଶିଷ କୁମାର ସା, ସୁନୀଲ କୁମାର ସାହୁ, ଜଗନ୍ନାଥ ବିଶ୍ୱାଳ, ଭୁପେନ୍ଦ୍ର ମେହେର, କିଷନ ଶର୍ମାଙ୍କ ସମେତ ସହାୟକ ଚିତ୍ତ ରଞ୍ଜନ ଦାଶ, ବିରଞ୍ଚି କୈବର୍ତ୍ତ, ରୋହିତ ମେହେର ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ସୁନୀଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 (Telangana)
7787907927
7787922501
9319932148
Email id- pmjansamridhi@gmail.com

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି
ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର୍
7827094474
7827246964
Add : - 41/14, Sec-1 Pushp Vihar, Delhi

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ପୁରୀ ରାମକୃଷ୍ଣ ମିଶନ ଆଶ୍ରମରେ ଆସନ୍ତା ଶିକ୍ଷାବର୍ଷ (୨୦୧୯-୨୦) ଅଷ୍ଟମ ଶ୍ରେଣୀ ଏବଂ ନବମ ଶ୍ରେଣୀରେ (limited seats) ଆଦିବାସୀ ଛାତ୍ର ଗ୍ରହଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।
ଜମା କରିବା ଶେଷ ତାରିଖ: ୧୦।୦୩।୨୦୧୯
ଫୋନ: ୦୬୭୫୨-୨୩୨୪୦୬

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା।
Mahaveer Nagar, Lewis Road, Bangalore
7325861595

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୦ ଫେବୃୟାରୀ, ୨୦୧୯



ମନ ଭିତରେ ଯଦି ସନ୍ଦେହ ଉପୁଜିଲା, ତେବେ ଅଧିକ ଅଗ୍ରସର ନ ହୋଇ ଟିକିଏ ରହିଯାଅ।
- ଜୋରାଷ୍ଟର



## ସଂକ୍ଷେପରେ



### ଦେବୀଦେବଙ୍କ ନଗର ପରିକ୍ରମା

**ରିଷିଡା,୯।୨(ଡି.ଏନ.ଏ.)**
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ତାରିଣୀ ଭକ୍ତମାନେ ଶନିବାର ଦେବୀଦେବଙ୍କ ନଗର ପରିକ୍ରମା କରିଛନ୍ତି । ବିଭିନ୍ନ ବେଶରେ ନଗର ପରିକ୍ରମା କରିଥିବା ବେଳେ ଛୋଟ ପିଲାଙ୍କ ଲୋକନୃତ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି । ଏହି ପୀଠର କଳଶୀ ବେଶରେ ସୁଶାନ୍ତ ମଲ୍ଲିକ, ହନୁମାନ ବେଶରେ ତପନ ରଣା, ଗୁରୁ ରଞ୍ଜନ ରଣା, ବୃହସ୍ପତି ରଣା, ନନ୍ଦକିଶୋର ରଣା, ପୀତାମ୍ବର ରଣା, ପ୍ରସନ୍ନ ରଣା ପ୍ରମୁଖ ସହାୟତା କରିଥିଲେ ।

### ବିଜେଡିର ୱାର୍ଡ କମିଟି ଗଠନ, ପ୍ରଶିକ୍ଷଣ ଶିବିର

**ପଲମ,୯।୨(ଡି.ଏନ.ଏ.)**
କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମୁସ୍କୁଟି ପଞ୍ଚାୟତସ୍ଥିତ ମୁସ୍କୁଟି ଶ୍ରୀ ଭୁତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଜୁ ଜନତା ଦଳ ତରଫରୁ ୱାର୍ଡ କମିଟି ଗଠନ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁସ୍କୁଟି ଗ୍ରାମପଞ୍ଚାୟତ ବିଜେଡି ସଭାପତି ଡିଲେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମ.ରାମପୁର ଜିଲା ପରିଷଦ ସଭ୍ୟ ପୁଷ୍ପେନ୍ଦ୍ର ସିଂ ଦେଓ, ଜିଲା ବିଜେଡି ଯୁବ ସଭାପତି ତଥା ଭବାନୀପାଟଣା ପୂର୍ବତନ ନଗରପାଳ ଆଦିତ୍ୟନନ୍ଦ, ନର୍ଲା ବ୍ଲକ୍ ବିଜେଡି ସଭାପତି ମନମୋହନ ନାଏକ, ବ୍ଲକ ସମ୍ପାଦକ ଜୟନ୍ତ ଗଉଡ, ସରୋଜ ରାଉତ, ମଧୁସୁଦନ ସାହୁ, ଲକ୍ଷ୍ମଣ ଭୋଇ, କାନ୍ତ ପାତ୍ରସିଂଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ। ଏଥିରେ ପର୍ଯ୍ୟବେକ୍ଷକ ଭାବେ ସତ୍ୟଜିତ ତରାଇ ଯୋଗଦେଇଥିବା ବେଳେ ବିଜୁ ଯୁବ ବାହିନୀ ମୁସ୍କୁଟି ଗ୍ରାମ ସଭାପତି ଗୋପିନାଥ ମାଝି, ସମ୍ପାଦକ ପ୍ରିତମ ପାଣିଗ୍ରାହୀ ଯୋଗଦାନ ଦେଇ ଆଗାମୀ ନିର୍ବାଚନ ବାବଦ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସରୋଜ ରାଉତ ଧନ୍ୟବାଦ ଦେଇଥିଲେ।

### ତେରେସିଂହା କଲେଜରେ ବିଦାୟକାଳୀନ ସଭା

**ରିଷିଡା,୯।୨(ଡି.ଏନ.ଏ.)**
କଳାହାଣ୍ଡି ଜିଲା ରିଷିଡା ନିକଟସ୍ଥ ତେରେସିଂହା ଯୁକ୍ତ ୨ କଲେଜରେ ଦ୍ୱିତୀୟ ବର୍ଷ (କଳା) ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଅନୁଷ୍ଠିତ ସଭାରେ ପରିଚାଳନା କମିଟି ସଭାପତି ସୁବିନ୍ଦ୍ର ରଣା ଅଧ୍ୟକ୍ଷତା କରିଥିଲେ । ସଭାରେ ତେରେସିଂହା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ହୃଷିକେଶ ଗହୀର ମୁଖ୍ୟଅତିଥି, ରିଷିଡା ଜେ.କେ. ଜୁନିୟର କଲେଜ ଅଧ୍ୟକ୍ଷ ପିଏ କେ. ତ୍ରିପାଠୀ ମୁଖ୍ୟବକ୍ତା, ଭବାନୀପାଟଣା ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଶିବରାମ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ଶୁଭସ୍ମିତା ବେହେରା ସଭା ସଂଯୋଜନା ଏବଂ ଅଧ୍ୟକ୍ଷ ଜେ. ବାଗ ସ୍ୱାଗତ ଭାଷଣ ଦେଇଥିଲେ ।

## ବିଭିନ୍ନ ଅନିୟମିତତା ଅଭିଯୋଗ

# ୭ ବର୍ଷରୁ ଊର୍ଦ୍ଧ୍ୱ ପରେ ବି ଅଧିକାରୀଙ୍କ ବଦଳି ନାହିଁ

**ଭବାନୀପାଟଣା,୯।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଗାଡି ମୋଟର ପଞ୍ଜୀକରଣଠୁ ଆରମ୍ଭ କରି ବିଭିନ୍ନ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଗତ କିଛି ବର୍ଷ ତଳେ ଏହି କାର୍ଯ୍ୟାଳୟ ସମେତ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ଙ୍କ ଘରେ ଭିଜିଲାନ୍ସ ଚଢାଉ କରିଥିଲା। ଏହାପରେ ମଧ୍ୟ ଅଧିକାରୀଙ୍କ ବଦଳି ହୋଇ ନ ଥିଲା। ଯାହାକି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଠାରେ ବ୍ୟାପକ ଅନିୟମିତା ହେଉଥିବା କେତୋଟି ଘଟଣାରୁ ସ୍ପଷ୍ଟ ଜଣାପଡୁଛି। ଭିଜିଲାନ୍ସ ବଦଳରେ ସିବିଆଇ ତଦନ୍ତ ପାଇଁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

୧୯୭୨ରେ ଭବାନୀପାଟଣାରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପ୍ରତିଷ୍ଠା ହେବା ପରଠୁ ଆଜି ପର୍ଯ୍ୟନ୍ତ ଏଠାରେ ମୋଟ ୩୩ଜଣ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) କାର୍ଯ୍ୟ ତୁଲାଇଛନ୍ତି। ପ୍ରତ୍ୟେକ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଯୋଗଦାନ ଓ ଏଠାରୁ ବଦଳିର ସମୟ ସୀମାକୁ ଦେଖିଲେ ସ୍ପଷ୍ଟ ଜଣାପଡେ ପ୍ରତ୍ୟେକ ଆଞ୍ଚଳିକ ପରିବହନ ଅଧିକାରୀ ୧, ୨, ୩ ଓ ଅତବେଶୀରେ ୪ ବର୍ଷ ରହିଛନ୍ତି। ୪ ବର୍ଷରୁ ଅଧିକ ବର୍ଷ କୌଣସି ଅଧିକାରୀ ରହିନାହାନ୍ତି। କିନ୍ତୁ ବର୍ତ୍ତମାନର ଆଞ୍ଚଳିକ ପରିବହନ ଅଧିକାରୀ ଦିନବନ୍ଧୁ ଶୁଣ୍ଠି ୨୦୧୧ ଏପ୍ରିଲ ୧୮ ତାରିଖରେ ଯୋଗଦାନ କରିଥିବାବେଳେ ୭ ବର୍ଷରୁ ଊର୍ଦ୍ଧ୍ୱ ପରେ ମଧ୍ୟ ତାଙ୍କ ବଦଳି ହୋଇନାହିଁ। ଏତେବର୍ଷ ଧରି କୌଣସି ଆଞ୍ଚଳିକ ପରିବହନ ଅଧିକାରୀ ଏଠାରେ ରହି ନ ଥିବାବେଳେ ଏହି ଅଧିକାରୀ କେମିତି ୭ ବର୍ଷରୁ ଊର୍ଦ୍ଧ୍ୱ ଧରି ରହିଛନ୍ତି ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ଦୀର୍ଘଦିନ ଧରି ଏହି ଅଧିକାରୀ ଅବସ୍ଥାପିତ ଯୋଗୁ ଏଠାରେ ବ୍ୟାପକ ଅନିୟମିତା ଓ ହେରଫେର ହେବାକୁ ସୁହାଉଛି। ଗତ କିଛିବର୍ଷ ତଳେ ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଠିଙ୍କ ଘରେ ଓ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢାଉ ପରେ ମଧ୍ୟ ତାଙ୍କର ଏଠାରୁ ବଦଳି ହୋଇନାହିଁ। ଏଥିରୁ ସ୍ପଷ୍ଟ ଜଣାପଡୁଛି ଏଠାରୁ ହୋଇଥିବା ଦୁର୍ନୀତି ଓ ଅନିୟମିତତା ଚେର ଉପରସ୍ତରକୁ ମଧ୍ୟ ଲମ୍ବିଛି। ଏହି କାର୍ଯ୍ୟାଳୟ ଉପରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ କଲେ ବହୁ ଲୋକାୟିତ ତଥ୍ୟ ଓ ଅନିୟମିତତା ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଏହି କାର୍ଯ୍ୟାଳୟରେ ଗାଡି ମୋଟର ପଞ୍ଜୀକରଣ କରିବା ପାଇଁ ସରକାର ଧାର୍ଯ୍ୟ କରିଥିବା ଟଙ୍କାଠାରୁ ଅଧିକ ଆକାରରେ ଟଙ୍କା ନିଆଯାଉଛି। ଏହି ଟଙ୍କା ନେବା ପାଇଁ ମଝିରେ ଦଲାଲମାନେ ରହିଛନ୍ତି। ଅନେକ ବ୍ୟକ୍ତି ହାତଗୁଞ୍ଜା ଦେଇ ଡ୍ରାଇଭିଂ ଲାଇସେନ୍ସ ହାସଲ କରୁଥିବା ଅଭିଯୋଗ ହେଉଛି । ଏପରିକି କେତେକ ବ୍ୟକ୍ତି ଆଦୌ ହାଲକା (ଲାଇଟ) ଯାନ ଯଥା କାର, ଜିପ ଚଳାଇବା ଶିଖିଥିଲେ ନ ଥିଲେ ମଧ୍ୟ ଚାରିଚକିଆର ଲାଇସେନ୍ସ ହାସଲ କରୁଛନ୍ତି। ଜିଲାରେ ପ୍ରାୟ ସମୟରେ ଗାଡିମୋଟର ଧରପଗଡ ନାଁରେ ବ୍ୟାପକ ଅର୍ଥ ଆଦାୟ କରାଯାଉଛି। ଗାଡିମୋଟର ଫିଟନେସ ନ ଥିଲେ ମଧ୍ୟ ସେଗୁଡିକୁ ଧରପଗଡ କରାଯାଉନାହିଁ। ଫଳରେ ଦୁର୍ଘଟଣା ଦିନକୁ ଦିନ ବଢିଚାଲିଛି। ବିଭାଗୀୟ ମନ୍ତ୍ରୀ ନୃସିଂହ ଚରଣ ସାହୁଙ୍କୁ ପଚାରିବାରୁ ସେ ସମ୍ପର୍କରେ ଦେଖାଯିବ ବୋଲି କହିଥିଲେ।

**ରିପୋର୍ଟ- ଉତ୍ତମ କୁମାର ଦାଶ ।**




କଳାହାଣ୍ଡି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ।

**କଳାହାଣ୍ଡି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ**



ଏ ନେଇ ଭବାନୀପାଟଣା ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ଙ୍କୁ ବଦଳି ନ ହେବା ବିଷୟରେ ପଚାରିବାରୁ ସେ କହିଲେ ମୁଁ ମୋ ତରଫରୁ ୨ଥର ବଦଳି ହେବାକୁ ସରକାରଙ୍କୁ ଲେଖିକି ଦେଲିଣି, କିନ୍ତୁ ବଦଳି ହେଉନାହିଁ ବୋଲି କହିଥିଲେ।

**ଆରଟିଓ ଦୀନବନ୍ଧୁ ଶୁଣ୍ଠି**

## ଗଛରେ ପିଟିହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ

**କୋକସରା,୯।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଆମପାଣି ଘାଟିରେ ଗତ ମାସରେ ଦୁର୍ଘଟଣାରେ ୪ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ପୁଣି ଶନିବାର ଜଣେ ବାଇକ ଚାଳକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଆମପାଣି ଘାଟିର ଏକ ନିର୍ଦ୍ଦିଷ୍ଟ ବୁଲାଣିଠାରେ ଜଣେ ବ୍ୟକ୍ତିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ସହ ଏକ ବାଇକ (ନଂ. ଓଡି ୨୪ବି-୨୯୩୩) ରାସ୍ତା କଡରୁ କିଛି ଦୂରରେ ପଡିରହିଥିବା ବେଳେ ବ୍ୟକ୍ତି ଜଣକ ପିନ୍ଧିଥିବା ହେଲମେଟ ମଧ୍ୟ ଭାଙ୍ଗି ପଡିଥିବା ଦେଖିବାକୁ ମିଳିଥିଲା । କିଛି ସ୍ଥାନୀୟ ଲୋକ ଦେଖି ଆମପାଣି ପୋଲିସକୁ ଖବର ଦେବା ପରେ ପୋଲିସ ପହଞ୍ଚି ପାରିପାର୍ଶ୍ୱିକ ଅବସ୍ଥା ଅନୁଧ୍ୟାନ କରି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନା ପଠାଇଛି । ମୃତ ବ୍ୟକ୍ତିଙ୍କ ଏକ ବ୍ୟାଗ ମଧ୍ୟରୁ ଆଧାର କାର୍ଡ, ଭୋଟର ଆଇଡି କାର୍ଡ, ଡ୍ରାଇଭିଂ ଲାଇସେନ୍ସରୁ ବ୍ୟକ୍ତିଙ୍କ ପରିଚୟ ଶ୍ରୀକାନ୍ତ ପାଣିଗ୍ରାହୀ, ପିତା ବଂଶୀଧର ପାଣିଗ୍ରାହୀ, ନୂଆବନ୍ଧସାହି, ନବରଙ୍ଗପୁର ବୋଲି ଜଣାପଡିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ମୃତବ୍ୟକ୍ତିଙ୍କ ପରିବାରବର୍ଗ କିମ୍ବା ସମ୍ପର୍କୀୟ ପହଞ୍ଚି ନ ଥିବାବେଳେ ପରିବାରବର୍ଗଙ୍କୁ ଯୋଗାଯୋଗ କରାଯାଉଛି ବୋଲି ଆମପାଣି ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି ।

## ଜନମ୍ ମାଟି ସୁରକ୍ଷା ସଂଗ୍ରାମ ସମିତି

# ୧୨ରେ ଭବାନୀପାଟଣା ବନ୍ଦ ଡାକରା

**ଭବାନୀପାଟଣା,୯।୨(ଡି.ଏନ.ଏ.)**

ଜନମ୍ ମାଟି ସୁରକ୍ଷା ସଂଗ୍ରାମ ସମିତି କଳାହାଣ୍ଡି ତରଫରୁ ଫେବୃୟାରୀ ୧୨ ତାରିଖ (ମଙ୍ଗଳବାର) ଭବାନୀପାଟଣା ସହର ୨୪ ଘଣ୍ଟିଆ ବନ୍ଦ ଡାକରା ଦିଆଯିବା ନିଷ୍ପତ୍ତି ନିଆଯାଇଛି । ଆବାହକ ସରୋଜ ବାଗଙ୍କ ଅଧ୍ୟକ୍ଷତାରେ ରାଜବାଟି ସଭା ମଣ୍ଡପଠାରେ ସମିତି ସମସ୍ତ ସଦସ୍ୟ ଯୋଗଦେଇ ପଟ୍ଟା ଆନ୍ଦୋଳନର ରୂପରେଖ ଉପରେ ଆଲୋଚନା କରିଥିଲେ । ଗତ ଜାନୁୟାରୀ ୨୨ ତାରିଖରେ ସମିତି ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ୭ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର କଳାହାଣ୍ଡି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ସହରବାସୀଙ୍କୁ ସରକାରଙ୍କ ତରଫରୁ ସ୍ଥାୟୀ ପଟ୍ଟା ଦେବା କୌଣସି ବ୍ୟବସ୍ଥା କରାଗଲା ନାହିଁ । ଆଜି ମଧ୍ୟ ଅନେକ ବସ୍ତିଗୁଡିକୁ ସର୍ଭେ କରାଯାଇନାହିଁ । ବସ୍ତି ଆଇନ ୨୦୧୭ ଅନୁଯାୟୀ ଯେଉଁ ଗରିବ ବସ୍ତିବାସିନ୍ଦାଙ୍କୁ ଚିହ୍ନଟ କରାଯାଇଛି, ସେମାନେ କିଭଳି ନିଜ ଜାଗାର ପଟ୍ଟା ଓ ସେହି ଯାଗାରେ ଘର ପାଇବେ ସେଥିପାଇଁ ପୌର ପାଳିକା ଦ୍ୱାରା ଯୁଦ୍ଧକାଳୀନ ଭିତ୍ତିରେ ଚିହ୍ନଟ ପ୍ରକ୍ରିୟା କରାଯାଇଥିଲା । ଶୁଣିବାକୁ ମିଳୁଥିଲା ନିର୍ବାଚନ ପୂର୍ବରୁ ସମସ୍ତ ବସ୍ତିବାସିନ୍ଦାଙ୍କୁ ତାଙ୍କର ଅଧିକାର ପତ୍ର ଦେଇଦେବେ । କିନ୍ତୁ ଏହା କେବଳ ନିର୍ବାଚନୀ ଘୋଷଣା ଭଳି ଲାଗୁଛି । ଏଣୁ ସରକାରଙ୍କ ଏଭଳି ନୀତିକୁ ଜନ ମ୍ମାଟିର ସମସ୍ତ ସଦସ୍ୟ କ୍ଷୋଭ ପ୍ରକାଶ କରିବା ସହ ନିନ୍ଦା କରିଥିଲେ । ଏ ନେଇ ସମିତି ସଭାପତି ବିଜୟ ସାହୁ, ସଦସ୍ୟ ସାମନ୍ତଖମାରୀ, ସରୋଜ ବାଗ, ବଦ୍ରିନାରାୟଣ ପଟ୍ଟନାୟକ, ରାଜେଶ ଦୀପ, ଗିରିଧାରୀ ପାତ୍ର, ଶକ୍ତିରଞ୍ଜନ ଛତ୍ରିଆ, ବିନୋଦ ବିହାରୀ ଦୁର୍ଗା, ତ୍ରିଲୋଚନ ପାଣିଗ୍ରାହୀ, ଦିଲୀପ ନାଏକ, ବଳରାମ ମେହେର, ରାଜୁ ଚଟର୍ଜୀ, ସୁବାସିନୀ ଦାସ, ରେବତି ବିସି, ଅହଲ୍ୟା ସରାପ, ବବିତାରାଣୀ ଦାସ, ସୁକାନ୍ତି ସରାପ, ସସ୍ମିତା ଚର୍ଟର୍ଜି ପ୍ରମୁଖ ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କୁ ସାକ୍ଷାତ କରି ବର୍ତ୍ତମାନ ସ୍ଥିତି ସମ୍ବନ୍ଧରେ ଆଲୋଚନା କରିଥିଲେ। ସମିତି ସମସ୍ତ ସଦସ୍ୟଙ୍କ ନିଷ୍ପତ୍ତି କ୍ରମେ ଆସନ୍ତା ୧୨ ତାରିଖରେ ଭବାନୀପାଟଣା ସହରକୁ ୨୪ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି । ଏଥିରେ ଶିକ୍ଷାନୁଷ୍ଠାନକୁ ବାଦ ଦେଇ ସହରର ସମସ୍ତ କାର୍ଯ୍ୟାଳୟ, ବ୍ୟବସାୟୀକ ପ୍ରତିଷ୍ଠାନ, ଯାନବାହନ ଚଳାଚଳ ବନ୍ଦ ରହିବ । ଏଥିପାଇଁ ସମସ୍ତ ସହରବାସୀଙ୍କୁ ସହଯୋଗ କରିବା ପାଇଁ ସମିତି ତରଫରୁ ନିବେଦନ କରାଯାଇଛି ।



ଜନମ୍ ମାଟି ସୁରକ୍ଷା ସଂଗ୍ରାମ ସମିତିର ବୈଠକ।

## ରାଜ୍ୟ ସଂଘ ଡାକରାରେ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ସାମିଲ

### ଜିଲାରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଅଚଳ

**ଭବାନୀପାଟଣା,୯।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ସର୍ବଶିକ୍ଷା ଅଭିଯାନ କର୍ମଚାରୀମାନେ ରାଜ୍ୟ ସଂଘ ଡାକରାରେ ଗତ ୪ ତାରିଖଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ସାମିଲ ହୋଇଛନ୍ତି। ଫଳରେ ଜିଲାରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି । ଜିଲାର ଦୂର ଦୂରାନ୍ତରୁ ଆସୁଥିବା ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକମାନେ ଖର୍ଚ୍ଚାନ୍ତ ହୋଇ ନିରାଶରେ ଫେରୁଛନ୍ତି। ଦୀର୍ଘଦିନ ଧରି ସର୍ବଶିକ୍ଷା ଅଭିଯାନ କର୍ମଚାରୀମାନେ ସ୍ଥାୟୀ ନିଯୁକ୍ତି, ୭ମ ବେତନ କମିଶନ ଅନୁଯାୟୀ ବର୍ଦ୍ଧିତ ଦରମା, ପଞ୍ଚାୟତ ବିଭାଗ ଅଧୀନରେ କାର୍ଯ୍ୟ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ପ୍ରତ୍ୟାହାର ଆଦି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଓପେପା ଜିଲା ସୂଚନା ଦେବା ସହ ରାଜ୍ୟ ସଭାପତିଙ୍କ ନେତୃତ୍ୱରେ ସମଗ୍ର ରାଜ୍ୟରୁ ୧୨ ଶହ କର୍ମଚାରୀ ଆନ୍ଦୋଳନ କରୁଥିବା କହିଛନ୍ତି । ଜିଲା ଶିକ୍ଷା ଅଧିକାରୀ ତଥା ଡିପିସି ଗବାକ୍ଷ ନାଏକଙ୍କୁ ପଚାରିବାରୁ ମୋ ଦ୍ୱାରା ଯାହା ସମ୍ଭବ ସେ କାର୍ଯ୍ୟ କରୁଛି ବୋଲି ପ୍ରକାଶ କରିଛନ୍ତି।

## ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ



ବଙ୍ଗୋମୁଣ୍ଡା ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

**କୋକସରା,୯।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ବଙ୍ଗୋମୁଣ୍ଡା ଓଡିଶା ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ 'ଆବେଗ' ଶନିବାର ପାଳିତ ହୋଇଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷ ନାରାୟଣ ପଟେଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କୋକସରା ପଞ୍ଚାୟତ ସମିତି ଅଧ୍ୟକ୍ଷା ସବ୍ୟାରାଣୀ ବାଗ ଓ ମୁଖ୍ୟବକ୍ତା ଭାବେ ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ଗୋବର୍ଦ୍ଧନ ବାଗ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବନମାଳୀ ମାଝି, ସିଟିଜେନ ଫୋରମ ସଦସ୍ୟ ମୀନକେତନ ପ୍ରଧାନୀ, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ତୋଫାନ ମାଝି, ବିଜୟ କୁମାର ବାରିକ, ଜବାହର ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଅଶୋକ କୁମାର ଦାସ ଯୋଗଦେଇଥିଲେ । ବିଭିନ୍ନ ବର୍ଗର ଶିକ୍ଷାମୂଳକ ଓ କ୍ରୀଡା ପ୍ରତିଯୋଗୀତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ବିଦ୍ୟାଳୟ ଅଧ୍ୟକ୍ଷ ନାରାୟଣ ପଟେଲ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ମଞ୍ଚ ପରିଚାଳନାରେ ଇଂରାଜୀ ଶିକ୍ଷକ ଦୋଳଗୋବିନ୍ଦ ହରିଜନ ଓ ଶିକ୍ଷୟିତ୍ରୀ ଯୋଗେଶ୍ୱରୀ ଧରୁଆ ସହଯୋଗ କରିଥିଲେ । ଶିକ୍ଷକ ଶୁଭେନ୍ଦୁ ଶେଖର ମହାପାତ୍ର, ନିତେଶ କୁମାର ମିଶ୍ର, ଶଙ୍କର ରାଉତ, ଶିବପ୍ରସାଦ ସାହୁ, ନିକୁମରାଣୀ ପଣ୍ଡିତ ପ୍ରମୁଖ ସହଯୋଗ କରିଥିଲେ।

# ଅନ୍ତର୍ଜାତୀୟ ସୋଲିନ କୁଙ୍ଗୁର ବେଲ୍ଟ ଆୱାର୍ଡ କାର୍ଯ୍ୟକ୍ରମ

**ଧର୍ମଗଡ,୯।୨(ଡି.ଏନ.ଏ.)**

କଳାହାଣ୍ଡି ଜଲା ଧର୍ମଗଡ ପଞ୍ଚାୟତ ପଡିଆଠାରେ ଶନିବାର ଡ୍ରାଗେନ ମାର୍ସଲ ଆର୍ଟ ଏକାଡେମି ତରଫରୁ ଅନ୍ତର୍ଜାତୀୟ ସୋଲିନ କୁଙ୍ଗୁ ର ଏକ ସ୍ୱତନ୍ତ୍ର ବେଲ୍ଟ ଆୱାର୍ଡ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଅଂଶୁମାନ ପାତ୍ର ଯୋଗଦେଇ ଏହାର ଉଦଘାଟନ କରି ଏହି ମାର୍ଶାଲଆର୍ଟ ଦ୍ୱାରା ଯେ କେବଳ ନିଜର ଆତ୍ମସୁରକ୍ଷା ହୋଇପାରିବ ତାହା ନୁହେଁ ଏହା ଦ୍ୱାରା ଶାରିରିକ ସୁସ୍ଥତା ସହ ମାନସିକ ସୁସ୍ଥତା ମଧ୍ୟ ହୋଇପାରିବ । ତେଣୁ ସମସ୍ତ ଯୁବ ଗୋଷ୍ଠି ଏହି କଳାକୁ ଆପଣେଇ ନେବା ଉଚିତ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଇଙ୍ଗିତ ପଣ୍ଡା, ପୋଲିସ ଏସଆଇ ସଞ୍ଜୟ କୁମାର ମଲ୍ଲିକ, ରାଇଟ ଟୁ ଫାଇଟର ଅଧ୍ୟକ୍ଷ ସାଇ ଗୋପାଳ ସାହୁ, କୈଳାସ ସାହୁ ଏବଂ ପୂର୍ବତନ କୁଙ୍ଗୁ ଖେଳାଳି କିରନ କୁମାର ସାହୁ ପ୍ରମୁଖ ଯୋଗଦେଇ ବେଲ୍ଟ ଟେଷ୍ଟ ଏବଂ ଆୱାର୍ଡ ପାଇଁ ଆସିଥିବା ମାର୍ସଲ ଆର୍ଟ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଅନ୍ତର୍ଜାତୀୟ ସୋଲିନ କୁଙ୍ଗୁର ଡେପୁଟି ଗ୍ରାଣ୍ଡ ମାଷ୍ଟର ଡି.କିଶୋରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମାଷ୍ଟର ଶୁସାନ୍ତ କୁମାର ସାହୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ଭବାନୀପାଟଣା, ଧର୍ମଗଡ, ଜୁନାଗଡ, ଜୟପାଟଣା, ରାମପୁର, ଲାଞ୍ଜିଗଡ଼, କେସିଙ୍ଗା, ଥୁ. ରାମପୁର ସମେତ ନୂଆପଡା ଜିଲାର ନୂଆପଡା ଏବଂ ଖରିଆର ଅଞ୍ଚଳରୁ ୧୫୦ ଜଣ କୁଙ୍ଗୁ ଛାତ୍ରୀଛାତ୍ର ଯୋଗଦେଇ ଏହି ବେଲ୍ଟ ଟେଷ୍ଟ ପରୀକ୍ଷା ଦେଇଥିଲେ। ପ୍ରଶିକ୍ଷକ ଭାବେ ବଳରାମ ଦୁର୍ଗା, ଲମ୍ବୋଧର ନିଆଲ ଏବଂ ଚଳେଷ୍ଟା ଦୁର୍ଗା ଯୋଗଦେଇଥିଲେ। ଏଥିରେ ମାଷ୍ଟର ଗୁଣନିଧି ବାଗ, ଟିଟୁ ନାଏକ, ଗଙ୍ଗାଧର ମଙ୍ଗରାଜ, ଛବିଲାଲ ନିଆଲ, ଲାଲୁ ସୁନାନୀ, ବିରଞ୍ଚି ଶବର, ଭୁବନେ ନିଆଲ ପ୍ରମୁଖ ଉପସ୍ଥିତ ରହି ବେଲ୍ଟ ଟେଷ୍ଟ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଯୋଗ୍ୟ ବିବେଚିତ ମାର୍ସଲ ଆର୍ଟ ଛାତ୍ରୀଛାତ୍ରମାନଙ୍କୁ ଏଲୋ, ଗ୍ରିନ, ମେରୁନ, ରେଡ ବେଲ୍ଟ ପ୍ରଦାନ କରାଯାଇଥିଲା ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

## ମୋହନଗିରି ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ

# ଟିଟିଲାଗଡ଼କୁ ହରାଇ ସମ୍ବଲପୁର ଚାମ୍ପିୟନ

**ମୋହନଗିରି,୯।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରିଠାରେ ଧବଳେଶ୍ୱର କ୍ରୀଡ଼ା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗତ ଜାନୁୟାରୀ ୧୦ ତାରିଖରୁ ଚାଲିଥିବା ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍ଯାପିତ ହୋଇଯାଇଛି। ସମ୍ବଲପୁର ଓ ଟିଟିଲାଗଡ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ସମ୍ବଲପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ଟସ ଜିଣି ଟିଟିଲାଗଡ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୦ ଉଇକେଟ ହରାଇ ୧୩୮ ରନ ସଂଗ୍ରହ କରିଥିଲା। ଜବାବରେ ସମ୍ବଲପୁର ଦଳ ୧୬.୩ ଓଭର ଖେଳି ୫ ଉଇକେଟ ହରାଇ ନିର୍ଦ୍ଧାରିତ ରନ ସଂଗ୍ରହ କରି ବିଜୟ ହୋଇଛି । ବ୍ୟକ୍ତିଗତ ଭାବେ ୩୨ ରନ ଓ ୩ ଉଇକେଟ ନେଇଥିବା ସମ୍ବଲପୁର ଦଳର ଆଜାତ ପଧାନଙ୍କୁ ଏହି ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ସେହିପାରି ଟୁର୍ନାମେଣ୍ଟର ମ୍ୟାନ ଅଫ ଦି ସିରିଜ ବ୍ୟକ୍ତିଗତ ଭାବରେ ୮୯ ରନ ଓ ୧୨ ଉଇକେଟ ନେଇଥିବା ଟିଟିଲାଗଡ ଦଳର ଅଜିତ ଜେନଙ୍କୁ ସମ୍ମାନିତ କରାଯାଇଥିଲା । ବେଷ୍ଟ ଫିଲଡର ଭାବରେ ପିଣ୍ଟୁ ସାହୁ ସମ୍ବଲପୁର ଓ ବେଷ୍ଟ ସିକ୍ସର ଅଜିତ ପଧାନ ସମ୍ବଲପୁରଙ୍କୁ ସମ୍ମାନିତ କରାଯାଇଥିଲା । ଆଜିର ମ୍ୟାଚରେ ଅମ୍ପାୟର ଭାବେ ସତ୍ୟ ମାହାପାତ୍ର ଓ ରାଧାକାନ୍ତ ବେହେରା, ୩ୟ ଆମ୍ପିୟାର ଧିରେନ୍ଦ୍ର ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ଧାରା ବିବରଣୀ ସ୍ୱପ୍ନେଶ୍ୱର କର୍ମୀ, ଶଶିକାନ୍ତ ମାଝି ଓ ଭୁପିନ୍ଦ୍ର ନାରାୟଣ ମିଶ୍ର, ସ୍କୋର ବୋର୍ଡରେ ଶୁନିଲ କୁମାର ଭୋଇ, ଚନ୍ଦ୍ରଭାନୁ ବେହେରା ଦାୟିତ୍ୱ ତୁଲାଇଥିଲେ। ଉଦ୍ଯାପନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ଭୁପିନ୍ଦ୍ର ସିଂ ଯୋଗଦେଇ ସମ୍ବଲପୁର ଦଳକୁ ଚାମ୍ପିୟନ ଟ୍ରଫି ସହିତ ୫୦ ହଜାର ଓ ରନର୍ସଅପ୍ ଟିଟିଲାଗଡ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଉଦ୍ଯାପନୀ ସମାରୋହରେ ଅନୁଷ୍ଠାନ ସଭାପତି ଶୁକଦେବ ସାହୁ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଡ.ଶିବପ୍ରସାଦ ବେହେରା ସିନେଟ ସଦସ୍ୟ ସମ୍ବଲପୁର, ସାମାଜିକ କର୍ମୀ ଚିତ୍ତରଞ୍ଜନ ମଣ୍ଡଳ,ବିଭୁତି ମହାଖୁଡ, ପ୍ରକାଶ ମାଝି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ଏଭେରେଷ୍ଟ ପର୍ବତ ଆରୋହିଣୀ ଲିପ୍ସାମୟି ଦୁବେ, ପ୍ରଜ୍ଞା ପରିମିତା କୁମାର ସ୍ୱତନ୍ତ୍ର ଅଲିମ୍ପିକରେ ସ୍ୱର୍ଣ୍ଣପଦକ ବିଜୟିନୀ, ମିନତୀ ମାଝି ରାଜ୍ୟସ୍ତରୀୟ ଦୌଡ ପ୍ରତିଯୋଗିତାରେ ରୌପ୍ୟ ପଦକ ବିଜୟୀନୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ଅଞ୍ଚଳର ବିଶିଷ୍ଟ ସାହିତ୍ୟକ ଗିରିଶଚନ୍ଦ୍ର ହୋତା ଓ ଲିଙ୍ଗରାଜ ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା ।




ଚାମ୍ପିୟନ ଟ୍ରଫି ସହ ସମ୍ବଲପୁର ଦଳର ଖେଳାଳି ।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ

## ସଂକ୍ଷେପରେ

### ୨୮ ପ୍ରକଳ୍ପର ଶିଳାନ୍ୟାସ

**କଣ୍ଟାବାଞ୍ଜି, ୯।୨(ଡି.ଏନ.ଏ.):** ଓଡିଶା ସରକାରଙ୍କ ଆମ ଗାଁ ଆମ ବିକାଶ ଯୋଜନାରେ କଣ୍ଟାବାଞ୍ଜି ପୌରାଞ୍ଚଳର ୧୬ ୱାର୍ଡରେ ୨୮ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ୧ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ପ୍ରକଳ୍ପଗୁଡ଼ିର ଶିଳାନ୍ୟାସ କରିଛନ୍ତି ବିଧାୟକ ଅୟୁବ ଖାଁ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଏନଏସି ନିର୍ବାହୀ ଅଧିକାରୀ ଇଂ.ଲଛମନ ଦାସ ଠାକୁର, ଇଞ୍ଜିନିୟର ଅଶୋକ କୁମାର ପଟ୍ଟନାୟକ, ନୋଡାଲ ଅଫିସର ଚନ୍ଦ୍ରଶେଖର ଭୋଇ, ପୂର୍ବତନ ଉପନଗରପାଳ କିଶୋର ମଜଖଣ୍ଡ, କାଉନସିଲର ଶେଖ ଅମଜଦ, ଦେବରାଜ ୟାଦବ ପ୍ରମୁଖ ଉପସ୍ଥିତ ଥିଲେ।

### ମହିଳାଙ୍କଠାରୁ ସୁନାହାର ଲୁଟ୍

**ଲୋଇସିଂହା,୯।୨(ଡି.ଏନ.ଏ):** ବଲାଙ୍ଗୀର ଜଲା ଲୋଇସିଂହା ଥାନା ଅନ୍ତର୍ଗତ ବାବୁଫାସଡ-ଲୁହୁରାମୁଣ୍ଡା ରାସ୍ତାରେ ୩ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଜଣେ ମହିଳାଙ୍କ ସୁନାହାର ଲୁଟ୍ କରିଥିବା ଲୋଇସିଂହା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଏକ ମାମଲା (ନଂ.୨୭/୧୯) ରୁଜୁ କରି ପୋଲିସ ଛାନଭିନ ଚଳାଇଥିବା ଏସଆଇ ଜେ. କେ. ମହାନ୍ତି କହିଛନ୍ତି। ପୋଲିସ ସୂଚନାମତେ, ସାଲେଭଟା ଗ୍ରାମର କାର୍ତ୍ତିକ ସାହୁ ଓ ତାଙ୍କ ସ୍ତ୍ରୀ ସୁବିଧା ସାହୁ ପୂର୍ବାହ୍ନ ୧୧ଟାରେ ଏକ ବାଇକରେ ଉକ୍ତରାସ୍ତା ଦେଇ ଗାଇସିଲେଟ ଯାଉଥିଲେ। ଲୁହୁରାମୁଣ୍ଡା ନିକଟରେ ଏକପଲସର ଗାଡିରେ ଥିବା ୩ଜଣ ମୁଖାପିନ୍ଧା ଦୁର୍ବୃତ୍ତ ସେମାନଙ୍କୁ ଅଟକାଇଥିଲେ। ପରେ ସୁବିଧା ପିନ୍ଧିଥିବା ସୁନାହାରକୁ ଲୁଟି ନେଇ ଫେରାର ହୋଇଯାଇଥିଲା। ପରେ ସେମାନେ ଲୋଇସିଂହା ଥାନାକୁ ଆସି ଅଭିଯୋଗ କରିଥିଲେ।

### ଆଦିବାସୀ ସଂଘର ଜମିମୁକ୍ତି ଆନ୍ଦୋଳନ ନେଇ ପ୍ରସ୍ତୁତି

**କଣ୍ଟାବାଞ୍ଜି, ୯।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ଜମି ମୁକ୍ତି ଆନ୍ଦୋଳନ ପାଇଁ ପ୍ରସ୍ତୁତି କରିଛି। ଆସନ୍ତା ୨୩ତାରିଖ ତୁରେକେଲା ବ୍ଲକ ଲର୍କଠାରେ ଆଦିବାସୀ ମେଳିରେ କଣ୍ଟାବାଞ୍ଜି ଅଞ୍ଚଳରେ ଥିବା ଆଦିବାସୀଙ୍କ ଜମିକୁ ଅଣଆଦିବାସୀମାନେ ବିନା ବିକ୍ରିନାମାରେ ଅକ୍ତିଆର କରୁଥିବାର ଯୋରଦାର ପ୍ରତିବାଦ କରାଯିବ। ଏଥିପାଇଁ ପ୍ରସ୍ତୁତି ଚାଲିଛି ବୋଲି ତୁରେକେଲା ଶାଖା ସଭାପତି ଚୌବନ ମାଝି ପ୍ରେସ ବିବୃତିରେ ଜଣାଇଛନ୍ତି। ଅନ୍ୟ ଦାବିଗୁଡକ ମଧରେ ଓଡିଶା ଜାତି ପ୍ରମାଣ ପତ୍ର (ସଂଶୋଧନ ) ଆଇନ ୨୦୧୧କୁ ତୁରନ୍ତ କାର୍ଯ୍ୟକାରୀ କରିବା, ସରକାରୀ ଚାକିରୀ କରୁଥିବା ନକଲି ଆଦିବାସୀଙ୍କୁ ତୁରନ୍ତ ବହିଷ୍କାର, ଆଟ୍ରୋସିଟି କେସରେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ଆଦିକୁ ନେଇ ଏହି ମହାମେଳି ହେବା ନେଇ ମାଝି ସୂଚନା ଦେଇଛନ୍ତି।

**ଆଜି କ'ଣ କେଉଁଠି**

ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ବଲାଙ୍ଗୀର-ନୂଆପଡ଼ା ରେଳ ଲାଇନ ନିର୍ମାଣ ଦାବି ତେଜିଲା

# ହରିଶଙ୍କର ରୋଡ ଷ୍ଟେଶନରେ ରେଳରୋକୋ

**ଲାଠୋର, ୯।୨(ଡି.ଏନ.ଏ.)**

ବଲାଙ୍ଗୀର-ନୂଆପଡା ଭାୟା ପାଟଣାଗଡ ରେଳ ଲାଇନ ନିର୍ମାଣ ଦାବିନେଇ ଶନିବାର ହରିଶଙ୍କର ରୋଡ ରେଳ ଷ୍ଟେଶନଠାରେ ରେଳକୋକୋ କରାଯାଇଥିଲା। ପାଟଣାଗଡ ସିଟିଜେନ ଫୋରମ୍ ଆହ୍ୱାନକ୍ରମେ ଅଞ୍ଚଳର ବିଭିନ୍ନ ସଂଗଠନ ଏଥିରେ ସାମିଲ ହୋଇଥିଲେ। ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ ଯେ, ଦୀର୍ଘ ବର୍ଷରୁ ପ୍ରସ୍ତାବିତ ବଲାଙ୍ଗୀର-ନୂଆପଡା ଭାୟାହର୍ଡାଟାଲ-ଚୂଡାପାଲି-ଭଇଁଷା-ପାଟଣାଗଡ-ଯୋଗିମୁଣ୍ଡା-ଖପ୍ରାଖୋଲ-ଲଖନା ରେଲୱେ ଲାଇନ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତରେ ବିଳମ୍ବ ହେଉଛି। ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ବି ଏଥିପ୍ରତି କର୍ଣ୍ଣପାତ କରାଯାଉନାହିଁ। ସେଥିପାଇଁ ଆଜି ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶନିବାର ସକାଳ ୬ଟାରୁ ଅପରାହ୍ନ ୨ଟା ଯାଏ ହରିଶଙ୍କର ରୋଡ ରେଳ ଷ୍ଟେଶନଠାରେ ସେମାନେ ରେଳରୋକୋ କରିଥିଲେ। ଏହା ଫଳରେ ଷ୍ଟେଶନରେ ପୁରୀ-ଦୁର୍ଗ ଏକ୍ସପ୍ରେସ, ପୁରୀ-ଶାଇନଗର ଶିରିଡି, ବିଶାଖାପାଟନମ-ନିଜାମୁଦ୍ଦିନ, ନିଜାମୁଦ୍ଦିନ-ବିଶାଖାପାଟନମ, ରାୟପୁର-କୋରାପୁଟ ପାସେଞ୍ଜର ଅଟକି ରହିଥିଲା। ଯାତ୍ରୀମାନେ ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏଆରଏମ ଜି.ସି.ବେହେରା ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା କରି ଦାବିପତ୍ର ଗ୍ରହଣ କରି ଡିଆରଏମ ସମ୍ବଲପୁରଙ୍କୁ ପଠାଇବି ବୋଲି ପ୍ରତିଶ୍ରୁତି ଦେଲା ପରେ ଆନ୍ଦୋଳନ ହଟିଥିଲା। ଅବିଳମ୍ବେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଟିଟିଲାଗଡ ଜଙ୍ଗସନରେ ୭୨ ଘଣ୍ଟିଆ ରେଲରୋକୋ କରାଯିବ ବୋଲି ସିଟିଜେନ ଫୋରମର ସହଆବାହକ ଦର୍ପଗଞ୍ଜନ ପଟ୍ଟନାଏକ ଚେତାବନୀ ଦେଇଛନ୍ତି। ଏହି ଅବସରରେ ସିଟିଜେନ ଫୋରମ ଆବାହକ ବଜରଙ୍ଗଲାଲ ଜୈନ, ସହ ଆବାହକ ପଟ୍ଟନାଏକଙ୍କ ସହ ସନତ କୁମାର ଭୋଇ, ରାଜେଶ ମେହେର, ଜତି ପଧାନ, ଡିକସନ ନନ୍ଦ, ଭକ୍ତରାମ ବାଗ, ନିରଞ୍ଜନ ବିଶି, ଡା.ଅମିତାଭ ପୃଷ୍ଟି, କିଶୋର ପରିଚ୍ଛା, ସୁନିଲ ଗୋଏଲ, ଅନିଲ ମେହେର, ଲବ ସୁନା, ଲମ୍ବୋଦର ସୁନା, ଗଙ୍ଗାସାଗର ସଗରିଆ ପ୍ରମୁଖ ଉପସ୍ଥିତ ଥିଲେ। କ୍ରିମିନାଲ କୋର୍ଟ ବାର ଆସୋସିଏଶନ, ପଶ୍ଚିମ ଓଡିଶା ଆଦିବାସୀ ମହାସଂଘ, ପାଟଣାଗଡ ବଣିକ ସଂଘ, ପାଟଣେଶ୍ୱରୀ ଲାଇଟ, ମୋଟର ଭେଇକିଲ ଆସୋସିଏଶନ, ଡ୍ରାଇଭର ଆସୋସିଏଶନ, ଖପ୍ରାଖୋଲ ଡେଭଲପମେଣ୍ଟ ଆସୋସିଏଶନ, ମାରୱାଡି ଯୁବାମଞ୍ଚ ପାଟଣାଗଡ, ଗାନ୍ଧିଜୀ ଯୁବକ ସଂଘ ଖୁର୍ସେଲ, ଜିଲା ଆଦିବାସୀ କଲ୍ୟାଣ ସଂଘ, କୋଶଲ ଷ୍ଟେଟ କୋଅର୍ଡିନେଶନ କମିଟି, ଚୂଡାପାଲି ଯୁଥ ଫୋରମ, ବଢ଼େଇ ମିସ୍ତ୍ରୀ ସଂଘ ପାଟଣାଗଡ, ନବନିର୍ମାଣ କୃଷକ ସଂଘ, ଅନ-ଏମପ୍ଲୟେଡ ଯୁଥ ଆସୋସିଏଶନ ବଲାଙ୍ଗୀର, ସିଭିଲ ସୋସାଇଟି ବଲାଙ୍ଗୀର, ବିଙ୍ଗ ହ୍ୟୁମାନ ଆସୋସିଏଶନ ବଲାଙ୍ଗୀର, ଲକ୍ଷେଘର ଗଣ୍ଡା ସମାଜ ପାଟଣାଗଡ, ଜୟଭୀମ କ୍ଲବ ଲାଠୋରର କର୍ମକର୍ତ୍ତା ଆନ୍ଦୋଳନରେ ସାମିଲ ହୋଇଥିଲେ।



ଏଆର୍ଏମ୍ଙ୍କୁ ଆନ୍ଦୋଳନକାରୀ ଦାବିପତ୍ର ପ୍ରଦାନ କରୁଛନ୍ତି।

## ୧୨ ଘଣ୍ଟା ପାଟଣାଗଡ଼ ସହର ବନ୍ଦ

**ପାଟଣାଗଡ,୯।୨(ଡି.ଏନ.ଏ.)**

ବଲାଙ୍ଗୀର-ନୂଆପଡା ଭାୟା ପାଟଣାଗଡ ରେଳ ଲାଇନ ନିର୍ମାଣ ଦାବି ନେଇ ଶନିବାର ୧୨ଘଣ୍ଟିଆ ପାଟଣାଗଡ ସହର ବନ୍ଦ ଡାକରା ଦିଆଯାଇଥିଲା। ନାଗରିକ କମିଟି ପକ୍ଷରୁ ଆହୂତ ବନ୍ଦ ସକାଳ ୬ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ବନ୍ଦରେ ମିସ୍ତ୍ରୀ ବଢେଇ ସଂଘ, ଡ୍ରାଇଭର ଆସୋସିଏଶନ, ବଣିକ ସଂଘ, ଆଦିବାସୀ ସଂଘ, ଲକ୍ଷେ ଘର ଗଣ୍ଡା ସମାଜ, ଚୁଡାପାଲି ଯୁଥ ଫୋରମ ସମେତ ଶତାଧିକ ଅନୁଷ୍ଠାନ ସାମିଲ ହୋଇଥିଲେ। ଆନ୍ଦୋଳନକାରୀ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ୨୦୧୪ରୁ ଏହି ରେଳ ଲାଇନ ସର୍ଭେ କାର୍ଯ୍ୟ ଶେଷ ହୋଇଛି। ତେବେ ରେଳ ବିଭାଗର ଉଦାସୀନତା ଯୋଗୁଁ ବର୍ତ୍ତମାନ ପର୍ଯ୍ୟନ୍ତ ନିର୍ମାର ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ଏହି ରେଳରୋକୋ ପନ୍ଥା ଗ୍ରହଣ କରିଥିବା ସିଟିଜେନ ଫୋରମ ସଦସ୍ୟମାନେ ଅଭିଯୋଗ କରିଛନ୍ତି। ବନ୍ଦ ପ୍ରଭାବରେ ଦୋକାନ ବଜାର, ଗାଡି ଚଳାଚଳ ବନ୍ଦ ଥିଲା। ଏଥିଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମାସର ଦ୍ୱିତୀୟ ଶନିବାର ହୋଇଥିବାରୁ ସରକାରୀ ଅଫିସ ସବୁ ବନ୍ଦ ଥବା ବେଳେ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ତେବେ ଏହି ବନ୍ଦରୁ ଶିକ୍ଷାନୁଷ୍ଠାନକୁ ବାଦ୍ ଦିଆଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ପୋଲିସ ପଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିଥିଲା।



ବନ୍ଦ ପ୍ରଭାବରେ ପାଟଣାଗଡ ବଜାର ଶୂନଶାନ।

## ତେଲେଙ୍ଗାନାରେ ଦାଦନ ଶ୍ରମିକଙ୍କ ଦୟନୀୟ ସ୍ଥିତି

**ବଲାଙ୍ଗୀର ଅଫିସ, ୯।୨**

ବଲାଙ୍ଗୀର ଜିଲା ଦେଓଗାଁ, ଗୁଡଭେଲା ଓ ଅନ୍ୟ ବ୍ଲକର ୯ ଶିଶୁ ଶ୍ରମିକଙ୍କ ସମେତ ୨୬ ଦାଦନ ଶ୍ରମିକ ତେଲେଙ୍ଗାନାର ଏକ ଇଟାଭାଟିରେ ଦୀର୍ଘ ୫ ମାସ ହେଲା ବନ୍ଧକ ଥିଲେ। ସେମାନଙ୍କୁ ସେଠାକାର ମାନବିକ ଅଧିକାର ଓ ସ୍ୱେଚ୍ଛାସେବୀ ସଂଗଠନମାନେ ଉଦ୍ଧାର କରି ବଲାଙ୍ଗୀର ପଠାଇଥିବା ଜଣାପଡିଛି। ଦେଓଗାଁ ବ୍ଲକର ସିକୁଆଁ, ଉପରଉଡାର ଗ୍ରାମର ସହ ଗୁଡଭେଲା ବ୍ଲକ୍‌ର ବିଭିନ୍ନ ଗାଁର ୧୫ ଦାଦନ ଶ୍ରମିକ ଓ ୯ ଜଣ ଶିଶୁଙ୍କୁ ଇଟାଭାଟି ମାଲିକ ବନ୍ଧକ ରଖି ନିର୍ଯାତନା ଦିଆଯାଉଥିବା ନେଇ ଶ୍ରମିକମାନେ ସେଠାକାର ସିଭିଲ ଲିବର୍ଟିଜ୍ କମିଟି (ସିଏଲ୍‌ସି) ଓ ଦଳିତ ଲିବେରେସନ୍ ଫ୍ରଣ୍ଟକୁ ଉଦ୍ଧାର ପାଇଁ ନିବେଦନ କରିଥିଲେ। ସିଏଲସି ଯୁଗ୍ମ ସମ୍ପାଦକ ମଦନା କୁମାରସ୍ୱାମୀଙ୍କ ତେଲେଙ୍ଗାନା ଓ ଓଡିଶା ଶ୍ରମ କମିଶନର ଓ ସ୍ୱେଚ୍ଛାସେବୀଙ୍କୁ ବନ୍ଧକ ଦାଦନ ଶ୍ରମିକଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ଇଟାଭାଟି ମାଲିକ ଦାଦନ ଶ୍ରମିକଙ୍କୁ ଖାଇବାକୁ ଦେଇ ନ ଥିବାବେଳେ ଉଚିତ୍ ମଜୁରି ଦେଉ ନ ଥିବା ଏବଂ ମାଡ ମାରୁଥିବା ଅଭିଯୋଗ କରିଥିଲେ। ୧୫ ଦାଦନ ଶ୍ରମିକଙ୍କ ସହ ୯ ଜଣ ଶିଶୁ ଶ୍ରମିକ ମଧ ସେଠାରେ ରହିଥିବା ଜଣାପଡିଥିଲା। ଦଳିତ ଲିବରେସନ୍ ଫ୍ରଣ୍ଟର ମାରୱାଡି ସୁଦର୍ଶନ ମଧ ଘଟଣା ସମ୍ପର୍କରେ ଖବର ପାଇଁ ବନ୍ଧକ ଦାଦନ ଶ୍ରମିକଙ୍କ ଉଦ୍ଧାର ପାଇଁ ପଦକ୍ଷେପ ନେଇଥିଲେ। ଉଭୟ ସଙ୍ଗଠନ ପକ୍ଷରୁ ଚାପ ପକାଇବା ପରେ ଇଟାଭାଟି ମାଲିକ ଆରିଫ୍ ଦାଦନ ଶ୍ରମିକଙ୍କୁ ଛାଡିଥିଲେ। ତେବେ କାଜିପେଟ୍ ଟ୍ରେନ ଷ୍ଟେଶନ୍‌ରେ ଛାଡିବା ପୂର୍ବରୁ ୭ଜଣ ପୁରୁଷ ଦାଦନ ଶ୍ରମିକଙ୍କୁ ଇଟାଭାଟି ମାଲିକ ଆରିଫ ନିସ୍ତୁକ ମାଡ ମାରିଥିବା ସିକୁଆଁ ଗାଁର ଦାଦନ ଶ୍ରମିକ ମେଘ ଫୋନ୍ ଯୋଗେ ସୂଚନା ଦେଇଛନ୍ତି। ଟଙ୍କା ନଦେଇ ଦାଦନ ଶ୍ରମିକଙ୍କୁ ଟ୍ରେନ୍‌ରେ ବସାଇ ଛାଡିଥିବା ଜଣାପଡିବା ପରେ ମାନବିକ ଅଧିକାର କର୍ମୀ କୁମାରସ୍ୱାମୀ ବିଜୟୱାଡା ଷ୍ଟେଶନ୍‌କୁ ଯାଇ କିଛି ଟଙ୍କା ଓ ଖାଇବା ବ୍ୟବସ୍ଥା କରିଥିବା ଦାଦନ ଶ୍ରମିକମାନେ ସୂଚନା ଦେଇଛନ୍ତି। ସେଠାରୁ ଉଦ୍ଧାର ହୋଇଥିବା ୨୬ଦାଦନ ଶ୍ରମିକ ବିଜୟୱାଡାରୁ ବିଶାଖାପାଟଣା ଓ ସେଠାରୁ ରାୟଗଡା ପର୍ଯ୍ୟନ୍ତ ଦୁଇଟି ପାସେଞ୍ଜର ଟ୍ରେନ୍‌ରେ ଆସିଥିବା ଜଣାପଡିଛି। ରାୟଗଡା ଷ୍ଟେଶନ୍‌ରୁ ଏହି ଦାଦନ ଶ୍ରମିକମାନେ ଅନ୍ୟଏକ ଟ୍ରେନ୍‌ରେ ବଲାଙ୍ଗୀର ଅଭିମୁଖେ ଆସିବେ ବୋଲି ଦାଦନ ଶ୍ରମିକ ମେଘ କହିଛନ୍ତି। ଶନିବାର ବିଳମ୍ବିତ ରାତିରେ ଏହି ଦାଦନ ଶ୍ରମିକମାନେ ବଲାଙ୍ଗୀର ରେଳଷ୍ଟେସନ୍‌ରେ ପହଞ୍ଚିବେ ବୋଲି ଜଣାପଡିଛି।


ଆନ୍ଧ୍ରପ୍ରଦେଶର ବିଜୟୱାଡା ଷ୍ଟେଶନ୍‌ରେ ଉଦ୍ଧାର ଦାଦନ ଶ୍ରମିକଙ୍କୁ ମାନବିକ ଅଧିକାର କର୍ମୀ କୁମାରସ୍ୱାମୀ ଭେଟୁଛନ୍ତି।

- ମାନବିକ ଅଧିକାର ସଙ୍ଗଠନର ହସ୍ତକ୍ଷେପ
- ବଲାଙ୍ଗୀର ଫେରୁଛନ୍ତି ୯ ଶିଶୁ ସହ ୧୫ବନ୍ଧକ ଶ୍ରମିକ
- ଇଟାଭାଟି ମାଲିକଙ୍କ ନିର୍ଯାତନା ଅସହ୍ୟ ଥିଲା

## ଟେଭାଡୁଙ୍ଗରୀ ବାଲିଘାଟ ବନ୍ଦ କରିବାକୁ ଦାବିପତ୍ର

**ଲୋଇସିଂହା, ୯।୨(ଡି.ଏନ.ଏ.)**

ଲୋଇସିଂହା ତହସିଲ ଅନ୍ତର୍ଗତ ଡେଭାଡୁଙ୍ଗରୀ ଘାଟରୁ ବାଲି ଉଠାଣ ବନ୍ଦ କରିବାକୁ ହସିଲଦାରଙ୍କୁ ଟେଭାଡୁଙ୍ଗରୀ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମକୁ ସଂଲଗ୍ନ କରି ସୁକତେଲ ନଦୀ ବହି ଯାଇଛି। ଉକ୍ତଗ୍ରାମ ବାଲି ଘାଟକୁ ତହସିଲ ପକ୍ଷରୁ ବାଲି ଉଠାଣ ପାଇଁ ଲିଜ ପ୍ରଦାନ କରାଯାଉଛି। ଲିଜଧାରୀମାନେ ଅନୁମତିଠାରୁ ଅଧିକ ବାଲି ଉଠାଉଛନ୍ତି। ନଦୀଘାଟରେ ଜେସିବି ଲଗାଇ ହାଇୱା ମାଧ୍ୟମରେ ବେଆଇନ ଭାବେ ବାଲି ଚାଲାଣ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାଲିଘାଟ ସ୍ଥାନ ଗଭୀର ହେଉଥିବାରୁ ବର୍ଷା ଦିନରେ ନଦୀ କୂଳ ଖାଇ ଯାଉଛି। ବନ୍ୟା ଜଳରେ ଚାଷ ଜମି ବାଲିଚର ହୋଇ ନଷ୍ଟ ହେଉଛି। ଏପରିକି ନଦୀବନ୍ଧ ଉପରେ ପ୍ରଭାବ ପଡୁଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଟେଭାଡୁଙ୍ଗରୀ ଗ୍ରାମ ସମେତ ଚାଷ ଜମି ପ୍ରତି ବିପଦ ଥିବାରୁ ନିଲାମ ବାତିଲ କରିବାକୁ ଗ୍ରାମର ୱାର୍ଡସଭ୍ୟ ମଧୁସୂଦନ ପୁଟେଲ, ବିଦେଶୀ ବଗର୍ତ୍ତି, କଳାକାହ୍ନୁ ଭୋଇ, ସୀତାକାନ୍ତ ଭୋଇ, ସରୋଜ ପାଣିଗ୍ରାହୀ, ରାଜକିଶୋର ଭୋଇ, ପ୍ରମୁଖ ଦାବି କରିଛନ୍ତି। ତହସିଲଦାର ରୀନା ମେହେର କହିଛନ୍ତି ଯେ, ଗ୍ରାମବାସୀ ଏ ସଂକ୍ରାନ୍ତରେ ଦାବିପତ୍ର ଦେଇଛନ୍ତି। କ୍ଷେତ୍ର ଅନୁଧ୍ୟାନ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇବି ବୋଲି କହିଥିଲେ।

## ୧୦୧ ଦିନରେ ଟିଟିଲାଗଡ଼ ଜିଲା ଆନ୍ଦୋଳନ

**ଟିଟିଲାଗଡ଼, ୯।୨ (ଡି.ଏନ.ଏ)**

ଟିଟିଲାଗଡ ଜିଲା ଦାବି ଆନ୍ଦୋଳନ ଶନିବାର ୧୦୧ ଦିନରେ ପହଞ୍ଚିଛି। ଗତବର୍ଷ ନଭେମ୍ବର ୧ ତାରିଖଠାରୁ ଜିଲା କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ଉପଖଣ୍ଡ ମୁଖ୍ୟାଳୟ ଟିଟିଲାଗଡ ସହରରେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ତାଲା ପଡିଛି। ଟ୍ରେଜେରୀ କାର୍ଯ୍ୟାଳୟ ବନ୍ଦ ଯୋଗୁଁ ପ୍ରାୟ ୪ମାସର ପାଉଣାରୁ ବଞ୍ଚିତ ଥିବା ସମସ୍ତ ସରକାରୀ କର୍ମଚାରୀଙ୍କୁ ବଲାଙ୍ଗୀର ଜିଲା ଟ୍ରେଜେରୀରେ ଦରମା ବିଲ ପାସ କରିବା ଆଦେଶ ଜାରି ହୋଇଛି। ଆନ୍ଦୋଳନର ଶହେତମ ଦିବସ ପୂର୍ତ୍ତି ଅବସରରେ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଆଇନଜୀବୀ ସଂଘ କାର୍ଯ୍ୟାଳୟରେ ଜିଲା କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଆବାହକ କୃଷ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ସରକାର ତୁରନ୍ତ ଏନେଇ ବିଚାର କରିବାକୁ ଦାବି କରାଯାଇଛି। ଶନିବାର ଆନ୍ଦୋଳନରେ ଟିଟିଲାଗଡ ସହରର ରାଜରାସ୍ତା ଜିଲା ସଂଗ୍ରାମୀ କଳାକାର ସଂଗଠନଙ୍କ ଢୋଲ, ତାସା, ନିସାନ, ଆଦି ପାରମ୍ପରିକ ବାଦ୍ୟରେ ଦୁଲୁକି ପଡୁଥିଲା। ଗଣଧାରଣା ମଞ୍ଚରେ ଗୁରୁଶ୍ରୀ ବିଶ୍ୱମ୍ଭର ଦାଶଙ୍କ ଗହଣରେ ମହିଳା ସଂକୀର୍ତ୍ତନ ଦଳ ଜିଲା ଦାବି ପୂରଣ ପାଇଁ ଜଣାଣ ଗାଇଥିଲେ। ଏହି ଅବସରରେ ଟିଟିଲାଗଡ କଳାକାର ସଂଘ ପକ୍ଷରୁ ରାଜେଶ ପ୍ରଧାନ, ଯୁଗଲ ସାହୁ, ନିରାକାର ସାହୁ, ଅବେଦ ନାଗ, ଦୁବ ହରପାଲ, ରମେଶ ନାୟକ, ବିନୋଦ ବେହେରା, ନିହାର ରଞ୍ଜନ ପାଢୀ, ବିଜୟ କପାଟ, କପିଲ ବାଗ, ମିରାବତି ସାହୁ, ଭାଗ୍ୟବତୀ ବେହେରା, ଦେବକୀ ବେହେରା, ଅଞ୍ଜନା ନାଏକ, ଉଷା ବଗର୍ତ୍ତୀ, ଶାନ୍ତି ନାଗ, ବିରଞ୍ଚି ବେହେରା, ସନ୍ଦରଲାଲ ଶର୍ମା, ଗୌରି ହାତୀ ପ୍ରମୁଖ ଉପସ୍ଥିତ ଥିଲେ।



ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଆଞ୍ଚଳିକ ପରିବହନ ବିଭାଗ ଓ ମୀନର୍ଭା ଅଟୋମୋବାଇଲ୍ସ ପକ୍ଷରୁ ସଚେତନତା ଶୋଭାଯାତ୍ରା ବଲାଙ୍ଗୀର ସହର ପରିକ୍ରମା କରୁଛି।

୭୩ ହଜାର ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ

## ଅଭିଯୋଗକାରୀ ନିଜେ ଲୁଟେରା

**ସଇଁତଲା, ୯।୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ଥାନା କୁମ୍ଭାରୀ ପଞ୍ଚାୟତ ଅର୍ନ୍ତଗତ ଡୁମେରମୁଣ୍ଡା ଗ୍ରାମ ନିକଟରେ ଗତ ୪ ତାରିଖ ଦିନ ୭୩ ହଜାର ୯୧୦ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଥିଲା। ମାଇକ୍ରୋଫାଇନାନ୍ସ କର୍ମଚାରୀ ଯତୀନ୍ଦ୍ର ନାଗଙ୍କଠାରୁ ୩ ଜଣ ଲୁଟେରା ଉକ୍ତ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିବା ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ କରି ପୋଲିସ ଖୋଦ୍ ଅଭିଯୋଗକାରୀଙ୍କୁ ଗିରଫ କରିବା ପରେ ଘଟଣାଟି ଚର୍ଚ୍ଚାର ବିଷୟ ହୋଇଛି। ଟିଟିଲାଗଡ଼ର ସର୍ଗିଗୁଡ଼ାଠାରେ ଥିବା ଭାୟା ମାଇକ୍ରୋ ଫାଇନାନ୍ସ କମ୍ପାନୀର କର୍ମଚାରୀ ତଥା ପୁଇଁତଲା ଥାନା ଖରଜୁରା ଗ୍ରାମର ଯତୀନ୍ଦ୍ର ନାଗ ଟଙ୍କା ଅସୁଲି ପାଇଁ ଗତ ୪ତାରିଖ ସଇଁତଲା କରମତଲା ଓ କୁମ୍ଭାରୀ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଋଣ ଟଙ୍କା ଅସୁଲି କରିବାକୁ ଆସିଥିଲେ। ଘଟଣାଦିନ ଅପରାହ୍ନ ପ୍ରାୟ ୧ଟାରେ ଡୁମେରମୁଣ୍ଡା ଗ୍ରାମ ନିକଟରେ ଚେତାଶୂନ୍ୟ ଅବସ୍ଥାରେ ଯତୀନ୍ଦ୍ର ପଡିଥିବା ଦେଖି କିଛିଲୋକ ତାଙ୍କୁ ଉଦ୍ଧାର କରିଥିଲେ। ପରେ ଯତୀନ୍ଦ୍ର ସଇଁତଲା ଥାନାକୁ ଆସି ତାଙ୍କୁ ୩ ଜଣ ଲୁଟେରା ଆକ୍ରମଣ କରି ୭୩ ହଜାର ୯୧୦ ଟଙ୍କା ଲୁଟିନେଇଥିବା ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିବାରୁ ଖୋଦ୍ ଲୁଟ୍ ହୋଇଥିବା ନେଇ ଅଭିଯୋଗ କରିଥିବା ଯତୀନ୍ଦ୍ର ହିଁ ନିଜେ ଲୁଟେରା ବୋଲି ଜାଣିବାକୁ ପାଇଥିଲା। ପୋଲିସ ଟିମ୍ ଖରଜୁରା ଗାଁରେ ଚଢ଼ାଉ କରି ଯତୀନ୍ଦ୍ରଙ୍କ ଘରୁ ୪୬ ହଜାର ଟଙ୍କା ଓ ଏକ ବାଇକ୍ ଜବତ୍ କରିଥିଲା। ପୋଲିସ ପଚାରାଉଚୁରା ବେଳେ ଲୁଟ୍ ଘଟଣା ନିଜେ ଭିଆଇଥିବା ସେ ସ୍ୱୀକାର କରିଥିଲା। ସ୍ତ୍ରୀର ଚିକିତ୍ସା ପାଇଁ ଯତୀନ୍ଦ୍ର ନିଜେ ଏଭଳି ଲୁଟ୍ ନାଟକବାଜି କରିଥିବା କହିଥିଲେ। ଘଟଣାଦିନ ଋଣକାରୀଙ୍କଠାରୁ ଟଙ୍କା ସଂଗ୍ରହ କରିବା ପରେ ଯତୀନ୍ଦ୍ର ନିଜ ଗାଁରୁ ସ୍ତ୍ରୀଙ୍କୁ ସଇଁତଲା ଡକାଇଥିଲେ। ପରେ ଉକ୍ତ ଟଙ୍କା ହସ୍ତାନ୍ତର କରିବା ପରେ ଡୁମେରମୁଣ୍ଡା ଯାଇ ଚେତାଶୂନ୍ୟ ହୋଇ ରାସ୍ତାରେ ପଡିବାର ଡ୍ରାମା କରିଥିବା ପୋଲିସ ସମ୍ମୁଖରେ ସ୍ୱୀକାର କରିଥିବା ଜଣାପଡିଛି। ଗତ ଜାନୁଆରୀ ୨୭ରେ ବନ୍ଧୁକ ଦେଖାଇ ସଇଁତଲା ନିକଟରୁ ମଦଭାଟି ମ୍ୟାନେଜରଙ୍କଠାରୁ ୩ ଲକ୍ଷ ଲୁଟ୍ ଘଟଣା ଘଟିଥିବାରୁ ପୋଲିସ ଓ ଲୋକେ ଏହି ଲୁଟ୍‌କୁ ବି ଗ୍ରହଣ କରିନେବେ ବୋଲି ଅଭିଯୁକ୍ତ ଯତୀନ୍ଦ୍ର ଯୋଜନା କରି କାଣ୍ଡ ଭିଆଇଥିବା ଜଣାପଡିଛି। ଏହି ଘଟଣାର ପର୍ଦ୍ଦାଫାଶ କରିବାରେ ଟିଟିଲାଗଡ ଏସଡିପିଓ ସରୋଜ ମହାପାତ୍ର, ସଇଁତଲା ଥାନାଧିକାରୀ ଅବନୀ ସାହୁ, ଏସଆଇ ଦୁର୍ବାଦଳ ମେହେର, ଏସଆଇ ସୁନୀଲ ସୋରେନ ବିଶେଷ ସହଯୋଗ କରିଥିଲେ।


ଅଭିଯୁକ୍ତ ଯତୀନ୍ଦ୍ର ନାଗ।

**ସ୍ତ୍ରୀଙ୍କ ଚିକିତ୍ସା ପାଇଁ ରଚିଥିଲେ ଲୁଟ୍ ନାଟକବାଜି**

ବନବିଭାଗ, ପୋଲିସର ମିଳିତ ଚଢ଼ାଉ

## ଟ୍ରକ୍ ସହ ମାଙ୍ଗାନିଜ ପଥର ଜବତ

**ବଲାଙ୍ଗୀର ଅଫିସ, ୯।୨**

ବଲାଙ୍ଗୀର ଜିଲାରେ ବହୁମୂଲ୍ୟ ଖଣିଜ ଦ୍ରବ୍ୟ ଚୋରାଚାଲାଣ ରାକେଟ୍ ସକ୍ରିୟ ଥିବା ଅଭିଯୋଗ ହୋଇଆସୁଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଲୋଇସିଂହା ରେଞ୍ଜ ଅନ୍ତର୍ଗତ ଗଡଶଙ୍କର ସଂରକ୍ଷିତ ଜଙ୍ଗଲ ଅଞ୍ଚଳର ଭାଲୁଡୁଙ୍ଗୁରୀଠାରୁ ବେଆଇନ ଭାବେ ଚୋରାଚାଲାଣ ହେଉଥିବା ମାଙ୍ଗାନିଜ ପଥରଗାଡିକୁ ସ୍ଥାନୀୟ ଗ୍ରାମବାସୀ, ବନବିଭାଗର ମୋବାଇଲ ସ୍କାଡ ଓ ପୋଲିସ ଏପିଆର ଟିମ୍ ମିଳିତ ଚଢ଼ାଉ କରିଥିଲେ। ଚଢାଉରୁ ଟ୍ରକ୍ (ଓଆର୦୫ଏଏନ୍୪୫୬୧) ସହ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମାଙ୍ଗାନିଜ ପଥର ଜବତ୍ ହୋଇଛି। ଜବତ୍ ଟ୍ରକ୍ ଓ ମାଙ୍ଗାନିଜ ପଥରକୁ ବଲାଙ୍ଗୀର କଦଳୀମୁଣ୍ଡା ସେଣ୍ଟ୍ରାଲ ନର୍ସରୀ-୧ରେ ରଖାଯାଇଛି। ଶୁକ୍ରବାର ରାତି ପ୍ରାୟ ୨ଟାରେ ବନ୍‌ଛୋରପାଲି ନିକଟସ୍ଥ ଭାଲୁଡୁଙ୍ଗୁରୀରୁ ଏକ ଟ୍ରକରେ ମାଙ୍ଗାନିଜ ଚୋରାଚାଲାଣ ହେଉଥିବା ଖବର ମିଳିଥିଲା। ଖବର ପାଇ ବନ୍‌ଛୋରପାଲି ଓ ଅନ୍ତପାଲି ଗ୍ରାମର ୧୦/୧୨ ଜଣ ବ୍ୟକ୍ତି ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ଏକ ଟ୍ରକ୍‌ରେ କିଛି ଶ୍ରମିକ ମାଙ୍ଗାନିଜ ପଥର ଭର୍ତ୍ତି କରୁଥିବା ଦେଖିଥିଲେ। ଏହାପରେ ସେମାନେ ବନବିଭାଗ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏଡି ସମୟରେ ବଲାଙ୍ଗୀର ଡିଏଫ୍‌ଓ ସମୀର ଶତପଥୀଙ୍କ ନେତୃତ୍ୱରେ ବନବିଭାଗର ମୋବାଇଲ ସ୍କାଡ ଶୁକ୍ରବାର ରାତିରେ ଖପ୍ରାଖୋଲ ଅଞ୍ଚଳରେ ପାଟ୍ରୋଲିଂ କରି ଫେରୁଥିଲେ। ମାଙ୍ଗାନିଜ ଲୁଟ୍ ଖବର ପାଇବା ପରେ ଉକ୍ତ ସ୍କାଡ ଭାଲୁଡୁଙ୍ଗୁରୀ ଅଭିମୁଖେ ଆସିଥିଲେ। ଏହାପରେ ବନବିଭାଗ ଓ ପୋଲିସ ଏପିଆ ଟିମ୍ ସହ ବନ୍‌ଛୋରପାଲି ଓ ଅନ୍ତପାଲି ଗ୍ରାମର ଲୋକେ ମିଳିତ ଭାବେ ଚଢ଼ାଉ କରିଥିଲେ। ହେଲେ କୌଣସିମତେ ମାଙ୍ଗାନିଜ ଭର୍ତ୍ତି କରୁଥିବା ଶ୍ରମିକ ଓ ଚୋରାଚାଲାଣକାରୀ ଟ୍ରକ୍ ଛାଡିଦେଇ ସେଠାରୁ ଫେରାର ହୋଇଯାଇଥିଲେ। ଏହାପରେ ବନବିଭାଗ ଟିମ୍ ଉକ୍ତ ମାଙ୍ଗାନିଜ ଭର୍ତ୍ତି ଟ୍ରକ୍‌କୁ ବଲାଙ୍ଗୀର ଆଣି ସେଣ୍ଟ୍ରାଲ ନର୍ସରୀରେ ରଖିଛନ୍ତି। ଏନେଇ ଡିଏଫ୍‌ଓ ଶତପଥୀଙ୍କୁ ପଚରାଯିବାରୁ ମାଙ୍ଗାନିଜ୍ ଭର୍ତ୍ତି ୮ ଚକିଆ ଟ୍ରକ୍‌କୁ ଜବତ୍ କରାଯାଇଛି। ଜବତ୍ ମାଙ୍ଗାନିଜ ପଥର ମୂଲ୍ୟ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ହେବ ବୋଲି ସେ କହିଛନ୍ତି। ବନାଞ୍ଚଳ ଭିତରୁ ଖଣିଜ ଦ୍ରବ୍ୟ ଲୁଟ୍ ଓ ଚୋରାଚାଲାଣ ହେଉଥିବାରୁ ଜଙ୍ଗଲ ଆଇନ୍ ଅନୁସାରେ ଏନେଇ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି କହିଥିଲେ। ବନବିଭାଗ ପକ୍ଷରୁ ଡିଏଫ୍‌ଓ ଶତପଥୀ, ଏସିଏଫ୍ ବାବାଜୀ ଚରଣ ରାଉଳ, ମୋବାଇଲ ସ୍କାଡ ଫରେଷ୍ଟର ସୁନୀଲ ମିଶ୍ର, ବ୍ୟାସଦେବ ସାହୁ, ବନ୍‌ଛୋରପାଲିର କମଳାକାନ୍ତ ବନ୍‌ଛୋର, ବ୍ୟାସଦେବ ଥନାପତି, ଅଜିତ୍ ରାଜପୁତ୍, ଚେତୁରାମ ରାଜପୁତ୍ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ୨୦୧୬ ମସିହାରେ ଏକ ମାଙ୍ଗାନିଜ ବୋଝେଇ ଟ୍ରକ୍ ଜବତ୍ ହୋଇଥିଲା। ତେବେ ଜିଲାର ବିଭିନ୍ନ ସ୍ଥାନରୁ କୋଟି କୋଟି ଟଙ୍କା ମାଙ୍ଗାନିଜ ପଥର ରୀତିମତ ଚୋରି ହେଉଥିବା ଅଭିଯୋଗ ହେଉଛି। ବଲାଙ୍ଗୀରରୁ ଛତିଶଗଡର ରାୟପୁରକୁ ଓ କଟକ ଜିଲାକୁ ମାଙ୍ଗାନିଜ ଚାଲାଣ ହେଉଥିବା କୁହାଯାଉଛି।



- ଧରାପଡିଲା ଖଣିଜ ଦ୍ରବ୍ୟ ଚୋରା କାରବାର
- ଜବତ ମାଙ୍ଗାନିଜର ମୂଲ୍ୟ ୫ଲକ୍ଷରୁ ଉର୍ଦ୍ଧ୍ୱ
- ଟ୍ରକ୍ ଛାଡି ଫେରାର ହୋଇଗଲେ ଚୋରାଚାଲାଣକାରୀ



ଲେଖନୀ ଓ ତରବାରୀ ଉଭୟ ଶକ୍ତିଶାଳୀ, କିନ୍ତୁ ଲେଖନୀର ହିଁ ଜୟ ହୁଏ।

- ନେପୋଲିୟନ୍

## ସଂକ୍ଷେପରେ

### ଏକ୍ସପ୍ରେସ୍ ଟ୍ରେନ ସମୟ ପରିବର୍ତ୍ତନ ଦାବି

ରାଉରକେଲା ଅଫିସ,୯।୨- ପୁରୀ ବଡବିଲ ଚକ୍ରଧରପୁର ଏକ୍ସପ୍ରେସ ଟ୍ରେନ ରାଉରକେଲା ପର୍ଯ୍ୟନ୍ତ ସମ୍ପ୍ରସାରଣ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଗତ ଶନିବାରଠାରୁ ଏହି ଟ୍ରେନ୍ ଏଠାରୁ ଚଳାଚଳ ଆରମ୍ଭ କରିଛି। ଏହାକୁ ରେଳ ଓ ସଡ଼କ ଉପଯୋଗକାରୀ ସଂଘ ପକ୍ଷରୁ କର୍ମକର୍ତ୍ତା ମନୋଜ ରାଉଳ ସ୍ୱାଗତ କରିଛନ୍ତି। ଦକ୍ଷିଣ ପୂର୍ବ ରେଳପଥ ଜିଏମ୍ ପୂର୍ଣ୍ଣେନ୍ଦୁ ମିଶ୍ରଙ୍କ ଆନ୍ତରିକତା ଏହାକୁ ସଫଳ କରାଇଛି ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଟ୍ରେନ ରାଉରକେଲା ଛାଡିବା ସମୟ ସକାଳ ସାଢେ ୪ଟା ରଖାଯାଇଛି। ଏହା ଯାତ୍ରୀ ସେବା ଦୃଷ୍ଟିରୁ ସମସ୍ୟା ସୃଷ୍ଟି କରିବ ବୋଲି ଅଭିଯୋଗ କରାଯାଇଛି। ଏହି ସମୟ ପରିବର୍ତ୍ତେ ସକାଳ ସାଢେ ୫ଟାରେ ଟ୍ରେନ ଛାଡିଲେ ସବୁ ଦୃଷ୍ଟିରୁ ସ୍ୱାଗତଯୋଗ୍ୟ ହେବ । ସେହିଭଳି ରାଉରକେଲାରେ ଟ୍ରେନ ରାତି ୧୦ଟା ପରିବର୍ତ୍ତେ ସାଢେ ୯ଟାରେ ପହଞ୍ଚିବା ନେଇ ବ୍ୟବସ୍ଥା କରାଗଲେ ସହରବାସୀ ଉପକୃତ ହୁଅନ୍ତେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

### ବାରିକ ସମାଜ ବୈଠକ

ରାଉରକେଲା ଅଫିସ,୯।୨- ଦକ୍ଷିଣ ରାଉରକେଲା ଅନ୍ତର୍ଗତ ବାସନ୍ତୀ ଯୁବ ପରିଷଦ ପ୍ରାଙ୍ଗଣରେ ନିଖିଳ ଉତ୍କଳ ବାରିକ ସମିତି ସ୍ଥାନୀୟ ଶାଖା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବରିଷ୍ଠ କାର୍ଯ୍ୟକର୍ତ୍ତା ନଟବର ବାରିକ ଅଧକ୍ଷତା କରିଥିଲେ। ଏଥିରେ ବାରିକ ବକ୍ତବ୍ୟ ପ୍ରଦାନ କରି କହିଥିଲେ ସଂଘର କଳେବର ବୃଦ୍ଧି ଘଟିଛି। ଏଣୁ ଏଠାରେ ଏକ ସଭା ଗୃହର ଆବଶ୍ୟକତା ରହିଛି। ଏନେଇ ସ୍ଥାନ ନିରୂପଣ ପୂର୍ବକ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ବାରିକ ସୂଚନା ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ କ୍ଷୀରୋଦ ପଶାୟତ ସଂଗଠନର ପଞ୍ଜୀକରଣ ସହ ଅନ୍ୟ କେତେକ ପ୍ରସ୍ତାବ ରଖିଥିଲେ। ଚଳିତମାସରେ ସମାଜ ପକ୍ଷରୁ ଏକ ବଡ ସମାବେଶ କରିବାକୁ ଏହି ଅବସରରେ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ବୈଠକରେ ବାବୁ ବାରିକ, ଇଞ୍ଜୁ ବାରିକ, ସୁରେନ୍ଦ୍ର ଠାକୁର, ରମେଶ ବାରିକ, ଶ୍ରୀମନ୍ତ ବାରିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ସନାତନ ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ।

ଅବସରପ୍ରାପ୍ତ ସେଲ କର୍ମଚାରୀଙ୍କ ସମସ୍ୟା

# ଆଇଜିଏଚ୍‌ରେ ମିଳୁନି ସ୍ୱତନ୍ତ୍ର ଚିକିତ୍ସା ସୁବିଧା

**ରାଉରକେଲା ଅଫିସ,୯। ୨**

ଦକ୍ଷିଣ ରାଉରକେଲା ଅବସରପ୍ରାପ୍ତ ସେଲ କର୍ମଚାରୀ ସଂଘ ପକ୍ଷରୁ ଆଞ୍ଚଳିକ ସମସ୍ୟା ଓ ଏହାର ନିରାକରଣ ନେଇ ଆରଏସ୍‌ପି ଅଧିକାରୀଙ୍କ ସହ ଶୁକ୍ରବାର ଆଲୋଚନା କରାଯାଇଛି। ସହରସେବା ମହାପ୍ରବନ୍ଧକ ଏ.କେ. ନାୟକଙ୍କୁ ଭେଟି ସଂଘର ଏକ ପ୍ରତିନିଧି ଦଳ ଫର୍ଟିଲାଇଜର ଟାଉନଶିପ୍ (ସେକ୍ଟର-୨୨)ଅଞ୍ଚଳର ବିକାଶ ଉପରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଟାଉନଶିପର ରାସ୍ତାଘାଟ ଅବସ୍ଥା ଜରାଜୀର୍ଣ୍ଣ ହୋଇ ପଡିଥିବା ବେଳେ ଏହାକୁ ପିଚୁ କରିବା, ଡ୍ରେନେଜ ବ୍ୟବସ୍ଥାର ପୁନରୁଦ୍ଧାର ସହ ଆରଏସ୍‌ପି କ୍ୱାର୍ଟର୍ସ ମରାମତି ନେଇ ନାୟକଙ୍କ ସହ ଆଲୋଚନା କରାଯାଇଥିଲା। ବହୁ ପୁରୁଣା ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଅପସାରଣ କରିବା ସହ ନୂଆ ବ୍ୟବସ୍ଥା କରିବାକୁ ଏଥିରେ ଦାବି କରାଯାଇ ଥିଲା। ବାରମ୍ବାର ବିଜୁଳି ବିଭ୍ରାଟ ଲାଗି ରହିଥିବାରୁ ଆବଶ୍ୟକ ମରାମତି ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବେ ବୋଲି ସଂଘ କର୍ମକର୍ତ୍ତା ଆଶା ବ୍ୟକ୍ତ କରିଥିଲେ। ଇସ୍ପାତ କାରଖାନା କର୍ମଚାରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଡାକ୍ତରଖାନା ଅବସ୍ଥା ଦିନକୁ ଦିନ ନିମ୍ନଗାମୀ ହେବାରେ ଲାଗିଛି। ଆବଶ୍ୟକ ଡାକ୍ତର ସାଙ୍ଗକୁ ଔଷଧପତ୍ର ଅଭାବ ବଡ ସମସ୍ୟା ପାଲଟିଛି । ଦୂରତା ଦୃଷ୍ଟିରୁ ଆଇଜିଏଚ୍‌କୁ ଯାଇ ଚିକିତ୍ସିତ ହେବା ସ୍ଥାନୀୟ ବାସିନ୍ଦାଙ୍କ ନିମନ୍ତେ ସମସ୍ୟା ସୃଷ୍ଟି କରୁଛି। ପୂର୍ବରୁ ଏହି ଅଞ୍ଚଳବାସୀଙ୍କୁ ଡାକ୍ତରଙ୍କ ସାକ୍ଷାତ ପାଇଁ ଆଇଜିଏଚ୍‌ରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ନେଇ ବ୍ୟବସ୍ଥା ରହିଥିଲା। ଏବେ ଆଉ ସେଭଳି ସୁଯୋଗ ପ୍ରଦାନ କରାଯାଉନି। ଫଳରେ ଦୀର୍ଘ ୨୦ କିମି ଦୂରରୁ ଆସୁଥିବା ରୋଗୀ ନାହିଁ ନ ଥିବା କଷ୍ଟ ସ୍ୱୀକାର କରୁଛନ୍ତି। ଏପରି କେତେକ ସମସ୍ୟା ଫର୍ଟିଲାଇଜର ବାସିନ୍ଦାଙ୍କ ଚିକିତ୍ସା କ୍ଷେତ୍ରରେ ଅନ୍ତରାୟ ସାଜିଛି। ଏପରି ସ୍ଥଳେ ଏଠାରେ ରହିଥିବା ଡାକ୍ତରଖାନାର ଉନ୍ନତୀକରଣ କରାଯିବା ନିହାତି ଆବଶ୍ୟକ ବୋଲି କହିଥିଲେ ସଂଘ କର୍ମକର୍ତ୍ତା ।

ସେହିପରି ଦକ୍ଷିଣ ରାଉରକେଲାକୁ ମୁଖ୍ୟ ସହର ସହ ସଂଯୋଗ କରୁଥିବା ଦେଓଗାଁ ସାରନା ଛକ ରାସ୍ତା ଅତ୍ୟନ୍ତ ଜରାଜୀର୍ଣ୍ଣ ବୋଲି ନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଥିଲା। ଏହି ରାସ୍ତା ଉପରେ ଲାଠିକଟା ସମେତ ସମଗ୍ର ଦକ୍ଷିଣ ରାଉରକେଲାବାସୀ ନିର୍ଭର କରୁଥିବା ବେଳେ ଏହାର ମରାମତି ପ୍ରତି ଦୃଷ୍ଟି ଦିଆଯାଉ ବୋଲି ଦାବି କରାଯାଇଥିଲା। ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀ ନାୟକ ପ୍ରତିଶ୍ରୁତି ପ୍ରଦାନ କରିଥିବା ସଂଘ ପକ୍ଷରୁ କୁହାଯାଇଛି। ପ୍ରତିନିଧି ଦଳରେ ଦିଲୀପ ନାୟକ, ହରିହର ମୁଦାଲି, ଗୌରାଙ୍ଗ ଦାସ, ପ୍ରମୋଦ ବେହେରା, ଚାନ୍ଦମଣି ନାୟକ ଓ ମୁରଲୀଧର ଗୌଡ ପ୍ରମୁଖ ସାମିଲ ଥିଲେ।



ଦକ୍ଷିଣ ରାଉରକେଲା ଅବସରପ୍ରାପ୍ତ ସେଲ୍ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ସହର ସେବା ମହାପ୍ରବନ୍ଧକଙ୍କ ସହ ଆଲୋଚନା କରୁଛନ୍ତି।

# ବିଚାରପତିଙ୍କୁ ବାର୍ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧନା

**ରାଉରକେଲା ଅଫିସ,୯।୨**

ସୁନ୍ଦରଗଡ଼ ଜିଲା ଜଜ ଭାବେ ଦିଲ୍ଲୀପ ମିଶ୍ର ଯୋଗଦାନ କରିବା ପରେ ତାଙ୍କ ରାଉରକେଲା କୋର୍ଟ ପରିଦର୍ଶନ କାଳରେ ବାର ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ନୂତନ ଭାବେ ଯୋଗ ଦେଇଥିବା ଫାମିଲି କୋର୍ଟ ବିଚାରପତି ଏସ୍. ମିଶ୍ର, ଏସଡିଜେଏମ୍ ସଦାଶିବ ଜେନାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ସଂଘ ପକ୍ଷରୁ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ରମେଶ ବଳ ଅଧକ୍ଷତା କରିଥିଲେ। ନୂତନ ଜଜଙ୍କ ଯୋଗଦାନ ଦ୍ୱାରା ସାଧାରଣ ଲୋକେ ଆଇନସେବା ପାଇବାରେ ସହଜ ହେବ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଏଡିଜେ ରବିନ୍ଦ୍ର ଦାସ, ରେଜିଷ୍ଟ୍ରାର ଏସ୍.ପାତ୍ର, ସିଭିଲ ଜଜ ସିନିୟର ଡିଭିଜନ ନରେଶ ମହାନ୍ତି, ଏସ୍‌ଡିଜେଏମ୍ ଅଭୟ ଦାସ, ଜେଏମ୍‌ଏଫ୍‌ସି(ରୁରାଲ) ବିଶ୍ୱକଳ୍ପତା ମହାନ୍ତି ଓ ସ୍ୱପ୍ନସାଗରିକା ମିଶ୍ର, ରିଙ୍କିପ୍ରିୟା ସାହୁ, ପି.ମଣ୍ଡଳ ପ୍ରମୁଖ ବିଚାରପତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଓକିଲ ସଂଘ କର୍ମକର୍ତ୍ତା ଦେବାନନ୍ଦ ତନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଶ୍ରୀନିବାସ ପଣ୍ଡା, ଅଞ୍ଜନ ବାରିକ, ଅନସୂୟା ପଣ୍ଡା, ପଦ୍ମିନୀ ଦାସ, ସୌଦାମିନୀ ଜେନା, ମନୋରଞ୍ଜନ ବାରିକ, ଦେବେନ୍ଦ୍ର ପଣ୍ଡା ଓ ସୃଜୟ ପାଣିଙ୍କ ସମେତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ।




ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିମାନେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚତୁରୀ**
**ଯେଣିକି ଚାହିଁଲେ ତୋହରି କଥା ମୁଁ**
**ଭାବି ଭାବି ଯାଏ ବତୁରି ।**

ଯେ ଯାହାକୁ ମନପ୍ରାଣ, ହୃଦୟ ଦେଇ ଭଲ ପାଉଥାଏ, ସେ ତାହାକୁ ସବୁବେଳେ ଝୁରି ହେଉଥାଏ। ଶୟନେ ସ୍ୱପନେ ଜାଗରଣେ କେବଳ ତାହାରି କଥା ଭାବି ହେଉଥାଏ। ଆଖି ଆଗରେ କେବଳ ତାହାରି ମୁହଁ ନାଚି ଯାଉଥାଏ। ପ୍ରେମୀର ସାନ୍ନିଧ ପାଇବା ଆଶାରେ ଭାବି ଭାବି ଅଭିଭୂତ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରକୁ ଚୋର ଚିହ୍ନେ**
**ପୁରୁଣା ଚୋରକୁ ଚଉକିଆ ଚିହ୍ନେ ।**

ଚୋରର ହାବଭାବ, ଚାଲିଚଳଣ ତଥା ମତିଗତି ଆଉ ଗୋଟିଏ ଚୋର ପାଖରେ ଅଛପା ରହି ନ ଥାଏ। ଯିଏ ଚୋର ସିଏ ଆଉ ଗୋଟିଏ ଚୋରକୁ ଅତି ସହଜରେ ଜାଣିପାରିଥାଏ। ସେହିପରି ପୁରୁଣାରୁ ପୁରୁଣା ଚୋରକୁ କେବଳ ପୋଲିସ ହିଁ ବିନା ଦ୍ୱିଧାରେ ଚିହ୍ନିପାରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ୨ ଗୁରୁଙ୍କୁ ମିଳିବ ବାଗ୍‌ଦେବୀ ସମ୍ମାନ

**ଆଜି ସଙ୍ଗୀତ ଶିଳ୍ପୀ ସମାଜ ବାର୍ଷିକୋତ୍ସବ**

**ରାଉରକେଲା ଅଫିସ,୯। ୨**

ସେକ୍ଟର-୩ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସଙ୍ଗୀତ ଶିଳ୍ପୀ ସମାଜ ବାର୍ଷିକୋତ୍ସବ ୧୦ ତାରିଖରେ ଅନୁଷ୍ଠିତ। ଏଥିରେ ପ୍ରଫେସର ଜେ.କେ. ରାଓ, ସାଧୁ କରୁଣା କର ଦାସ ଅତିଥି ରୂପେ ଯୋଗ ଦେବେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବଲାଙ୍ଗୀର ଜିଲାର ବିଶିଷ୍ଟ ହିନ୍ଦୁସ୍ଥାନୀ କଣ୍ଠ ଶିଳ୍ପୀ ତଥା ସଙ୍ଗୀତ ଗୁରୁ ଶୁଭ୍ରାଂଶୁଶେଖର ମିଶ୍ର ଓ ରାଉରକେଲାର ଜଣାଶୁଣା ତବଲା ଗୁରୁ ଗୋକୁଳାନନ୍ଦ ଦାସଙ୍କୁ ବାଗଦେବୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ। ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମରେ ବହୁ ପ୍ରତିଷ୍ଠିତ ଶିଳ୍ପୀ ସଂଗୀତ ପରିବେଷଣ କରିବେ। ଓଡିଶୀ ନୃତ୍ୟ ଓ ବଂଶୀବାଦନ ବିଶେଷ ଆକର୍ଷଣ ସାଜିବ ବୋଲି ଅନୁଷ୍ଠାନ କର୍ମକର୍ତ୍ତା ଗୁରୁ ପ୍ରଫୁଲ୍ଲ ମଙ୍ଗଳ ଓ ସାଧାରଣ ସମ୍ପାଦକ ଶରତ ଦାସ କହିଛନ୍ତି।

# ୧୪ ମେଣ୍ଢା ମୃତ, କାରଣ ଅସ୍ପଷ୍ଟ

**ବୌଦ୍ଧ,୯।୨(ସ୍ୱ.ପ୍ର)**

ହରଭଙ୍ଗା ବ୍ଲକ ସରସରା ପଞ୍ଚାୟତ ଅନ୍ତର୍ଗତ ବଡବାଗବର ଗ୍ରାମରେ ଅଜଣା ରୋଗରେ ୧୪ଟି ମେଣ୍ଢାଙ୍କ ମୃତ୍ୟୁ ହୋଇଛି । ଶନିବାର ଗ୍ରାମର ଗୁଲୁଠୁ କର୍ଣ୍ଣଙ୍କ ମେଣ୍ଢା ଚରିବାକୁ ମହାନଦୀ ଆଡକୁ ଯାଇଥିବାବେଳେ ସେଥିରୁ ୧୨ଟି ମେଣ୍ଢାଙ୍କ ହଠାତ୍ ମୃତ୍ୟୁ ହୋଇଥିଲା । ଏହାର କାରଣ ମେଣ୍ଢା ଚରାଳି ବୁଝି ନ ପାରି ବଳକା ମେଣ୍ଢାଙ୍କୁ ଘରକୁ ନେଇଯିବା ପରେ ସେଠାରେ ଆଉ ୨ଟି ମେଣ୍ଢାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଏହି ଘଟଣାକୁ ନେଇ ଗ୍ରାମରେ ଗୃହପାଳିତ ପ୍ରାଣୀ ରଖିଥିବା ଲୋକଙ୍କ ମଧ୍ୟରେ ଭୟଜାତ ହୋଇଛି । କୌଣସି ବିଷାକ୍ତ ଖାଦ୍ୟ ଖାଇଥିବାରୁ ମେଣ୍ଢାଗୁଡିକର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ପ୍ରଜ୍ଞାପୀଠରେ ବ୍ୟସନମୁକ୍ତ ଭାରତ ରଥ

**ରାଉରକେଲା ଅଫିସ,୯।୨**

ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାରା ସୌଜନ୍ୟରୁ ଆସିଥିବା ବ୍ୟସନମୁକ୍ତ ଭାରତ ରଥ ଗତ ୪ଦିନ ଧରି ସୁନ୍ଦରଗଡ଼ ଜିଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଛି। ଏଥିସହ ଷ୍ଟିଲ ସିଟିର ୨୧ ସ୍ଥାନ(ସ୍କୁଲ କଲେଜ) ପରିକ୍ରମା କରିଛି ରଥ। ସେହିଭଳି ଶୁକ୍ରବାର ଅପରାହ୍ନରେ ଏହି ରଥ ଗାୟତ୍ରୀ ପ୍ରଜ୍ଞାପୀଠରେ ପହଞ୍ଚିବା ପରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଫର୍ଟିଲାଇଜର ଯୁବ ମଣ୍ଡଳ ପକ୍ଷରୁ ଏକ ବାଇକ ରାଲି ଆୟୋଜନ କରାଯାଇ ରଥକୁ କାର୍ଯ୍ୟକ୍ରମ ସ୍ଥଳକୁ ପାଛୋଟି ନିଆଯାଇଥିଲା। ମହିଳା ମଣ୍ଡଳ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ରଥ ପୂଜନ ପରେ ପ୍ରଜ୍ଞାପୀଠ ମୁଖ୍ୟ ଡାକ୍ତର ରାହାସବିହାରୀ ମହାପାତ୍ର ଗାୟତ୍ରୀ ପରିବାର ପକ୍ଷରୁ ଚାଲିଥିବା ସଂସ୍କାର ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏପରି କାର୍ଯ୍ୟକ୍ରମରେ ଜ୍ଞାନୋଦୟ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ବିର୍ସାମୁଣ୍ଡା ବାଳିକା ବିଦ୍ୟାଳୟ, ସରସ୍ୱତୀ ବିଦ୍ୟା ମନ୍ଦିର ପକ୍ଷରୁ ୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ଭାରତୀୟ ସଂସ୍କୃତି ଜ୍ଞାନ ଆହରଣ କରିଥିଲେ। ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ମାଧବ ମରାଠେ ଭିଡିଓ ପ୍ରଦର୍ଶନ ମାଧ୍ୟମରେ ନିଶାପାନ ତ୍ୟାଗ ନେଇ ସଚେତନତା ସୃଷ୍ଟି କରିଥିଲେ। ଆଜିର ଯୁବ ପିଢି ଓ କାଲିର ଭବିଷ୍ୟତଙ୍କ ପ୍ରତି ଆମେ କିପରି ଅବହେଳା କରୁଛୁ ସେନେଇ ମରାଠେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଗାୟତ୍ରୀ ପରିବାର, ଗାୟତ୍ରୀ ଶକ୍ତିପୀଠ, ସୁନ୍ଦରଗଡ଼ ଗାୟତ୍ରୀ ପରିବାର ସମନ୍ୱୟ ସମିତି ଓ ପ୍ରଜ୍ଞାପୀଠ ସହଯୋଗରେ ସଫଳତାର ସହ ଆୟୋଜନ କରାଯାଇଥିଲା। ରଥ ପ୍ରଜ୍ଞାପୀଠରୁ ବାହାରି ବିଭିନ୍ନ ସଂଘ ସଙ୍ଗଠନ କର୍ମକର୍ତ୍ତାଙ୍କୁ ଭେଟି ଆଲୋଚନା କରାଯିବା ସହ ଏହାର ଅଭିଯାନରେ ସାମିଲ କରିବାକୁ ପ୍ରୟାସ କରାଯାଇ ଥିଲା।



ସଚେତନତା କର୍ମଶାଳାରେ ସୁନ୍ଦରଗଡ଼ ଲେଖକ ସାମ୍ମୁଖ୍ୟର କର୍ମକର୍ତ୍ତାମାନେ।

# ସୁନ୍ଦରଗଡ଼ ଲେଖକ ସାମ୍ମୁଖ୍ୟ ପକ୍ଷରୁ ସଚେତନତା ସଭା

**ରାଉରକେଲା ଅଫିସ,୯। ୨**

ସୁନ୍ଦରଗଡ଼ ଲେଖକ ସାମ୍ମୁଖ୍ୟ ପକ୍ଷରୁ ଦେଓଗାଁ କୁଷ୍ଠ କଲୋନୀ ଠାରେ ରୋଗ ନିରାକରଣ ଓ ଆତ୍ମନିର୍ଭରଶୀଳତା ଉପରେ ଏକ ସଚେତନତା କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭୂପେନ ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ସେ ତାଙ୍କ ବକ୍ତବ୍ୟରେ ରୋଗ ନିରାକରଣ ଓ ବସ୍ତି ବାସିନ୍ଦାଙ୍କ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପଦେଷ୍ଟା ଅଭୟ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ମାନବ ସେବା ହେଉଛି ବାସ୍ତବରେ ମାଧବ ସେବା। ଦାୟିତ୍ୱ ଓ ସମାଜସେବା ଗୋଟିଏ ବୃନ୍ତର ଦୁଇଟି ଫୁଲ। ଲେଖକ ସାମ୍ମୁଖ୍ୟ ସାହିତ୍ୟ ସାଧାନା ସହ ଆବଶ୍ୟକ ସ୍ଥଳେ ବସ୍ତିର ବିକାଶ ପାଇଁ ଧ୍ୟାନ ଦେବା ଉଚିତ୍ ବୋଲି ଦାସ ମତ ପ୍ରକାଶ କରିଥିଲେ। ସାମ୍ମୁଖ୍ୟ ସାଧାରଣ ସଂପାଦକ ରଶ୍ମିବାଳା ରାଉତରାୟ ବକ୍ତବ୍ୟ ପ୍ରଦାନ କରି କହିଥିଲେ କୁଷ୍ଠ ରୋଗର ମୂଳୋତ୍ପାଟନ ନେଇ ସାମଗ୍ରିକ ପ୍ରଚେଷ୍ଟା ଜାରି ରହିବା ଉଚିତ। ସାମାଜିକ କର୍ମୀ ଅରୁଣ ପରିଡାଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ବସ୍ତି ବାସିନ୍ଦାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇ ଥିଲା।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 (Telangana)
7787907927
7787922501
9319932148
Email id- pmjansamridhi@gmail.com

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି
ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର
7827094474
7827246964
Add : - 41/14, Sec-1 Pushp Vihar, Delhi

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପୁରୀ ରାମକୃଷ୍ଣ ମିଶନ ଆଶ୍ରମରେ ଆସନ୍ତା ଶିକ୍ଷାବର୍ଷ (୨୦୧୯-୨୦) ଅଷ୍ଟମ ଶ୍ରେଣୀ ଏବଂ ନବମ ଶ୍ରେଣୀରେ (limited seats) ଆଦିବାସୀ ଛାତ୍ର ଗ୍ରହଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।
ଜମା କରିବା ଶେଷ ତାରିଖ: ୧୦।୦୩।୨୦୧୯
ଫୋନ: ୦୬୭୫୨-୨୩୨୪୦୭

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ



## ସଂକ୍ଷେପରେ

### ତିଳଡେଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

**ବାଲିଶଙ୍କରା, ୯।୨ (ଡି.ଏନ.ଏ):** ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ତିଳଡେଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ବାଲିଶଙ୍କରା ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତିମୁନୀ ସୁରେଖା ହରୋ, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ଦାସ, ସିଆରସିସି କାଳିନ୍ଦ୍ରୀ ଭିତ୍ରିଆ ଯୋଗଦେଇଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁକଦେବ ବଢ଼ାଇ ବିଦ୍ୟାଳୟର ବିବରଣୀ ପଠନ କରିଥିଲେ। ସହକାରୀ ଶିକ୍ଷକ ସରୋଜ କୁମାର କୋଠୀ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ସାଗରିକା ବଢ଼ାଇ, ଲକ୍ଷ୍ମୀପ୍ରିୟା ଭିତ୍ରିଆ, କାଞ୍ଚନ ବେହେରା, ଆଲିଶା କୁଜୁର ପ୍ରମୁଖ ଯୋଗଦେଇ ସକ୍ରିୟ ଭୂମିକା ଲିଭାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଗୀତ, ନାଚ ପରିବେଷଣ କରାଯାଇଥିଲା। ଖେଳକୁଦରେ ଯେଉଁ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିଲେ ସେମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ନଳ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

### ମହିଳାଙ୍କଠାରୁ ସୁନାହାର ଲୁଟ୍

**ଲୋଇସିଂହା,୯।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବାବୁଫାସଡ-ଲୁହୁରାମୁଣ୍ଡା ରାସ୍ତାରେ ୩ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଜଣେ ମହିଳାଙ୍କ ସୁନାହାର ଲୁଟ୍ କରିଥିବା ଲୋଇସିଂହା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ଛାନଭିନ ଚଳାଇଥିବା ଏସଆଇ ଜେ. କେ. ମହାନ୍ତି କହିଛନ୍ତି। ପୋଲିସ ସୂଚନାମତେ, ସାଲେଭଟା ଗ୍ରାମର କାର୍ତ୍ତିକ ସାହୁ ଓ ତାଙ୍କ ସ୍ତ୍ରୀ ସୁବିଧା ସାହୁ ପୂର୍ବାହ୍ନ ୧୧ଟାରେ ଏକ ବାଇକରେ ଉକ୍ତରାସ୍ତା ଦେଇ ଗାଇସିଲେଟ ଯାଉଥିଲେ। ଲୁହୁରାମୁଣ୍ଡା ନିକଟରେ ଏକପଲସର ଗାଡିରେ ଥିବା ୩ଜଣ ମୁଖାପିନ୍ଧା ଦୁର୍ବୃତ୍ତ ସେମାନଙ୍କୁ ଅଟକାଇଥିଲେ। ପରେ ସୁବିଧା ପିନ୍ଧିଥିବା ସୁନାହାରକୁ ଲୁଟି ନେଇ ଫେରାର ହୋଇଯାଇଥିଲା ।

# ଶୌଚାଳୟ ସଫାକଲେ ତହସିଲଦାର

**ବଡ଼ଗାଁ, ୯।୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦାୟୀତ୍ୱରେ ଥିବା ତହସିଲଦାର ସୋନାଲି ଚାନ୍ଦଙ୍କ ସହିତ ସହକାରୀ ଯନ୍ତ୍ରୀ ସହଦେବ ମୁଣ୍ଡାରୀ, ଜେଇ ରୂପଶ୍ରୀ ପଟେଲ, ଜିପିଓ ମୁକ୍ତେଶ୍ୱର ସା, ବାୟୋଗ୍ୟାସ ଟେକନିସିଆନ୍ କାର୍ତ୍ତିକ ଚନ୍ଦ୍ର ଗୁଣ୍ଡ, କ୍ଲର୍କ ଜିତେନ୍ଦ୍ର ବେହେରା, ଏସିପି ଲେଖକ ବେହେରା, ପିଅନ ଗୁଣେଶ୍ୱର ଡୁଙ୍ଗଡୁଙ୍ଗ, ଜୀବରଧନ ସୁନ୍ୟାନୀ, କୁନ୍ତଳା ପିଙ୍ଗ ଅଫିସ କୋଠରୀ ଓ ପରିସରକୁ ସଫାସୁତୁରା କରିଥିଲେ। ତହସିଲଦାର ଚାନ୍ଦ ଦୀର୍ଘ ବର୍ଷରୁ ଅପରିଷ୍କାର ଅବସ୍ଥାରେ ଥିବା ଶୌଚାଳୟକୁ ନିଜେ ସଫା କରିଥିଲେ। ସକାଳ ୭ଟାରୁ ୧୨ଟା ପର୍ଯ୍ୟନ୍ତ କାମ କରୁଥିଲାବେଳେ ତହସିଲଦାରଙ୍କ ଭାଇ ବ୍ଲକ ଅଫିସକୁ ସାକ୍ଷାତ କରିବାକୁ ଆସିଥିଲେ। ତହସିଲଦାର ତାଙ୍କ ଭାଇଙ୍କୁ ମଧ ପାଣି ବୋହି ଆଣିବାକୁ କହି ସ୍ୱଚ୍ଛତା କାମରେ ସାମିଲ କରାଇଥିଲେ। ସୂଚନାଯୋଗ୍ୟ ଯେ, ଦୀର୍ଘ ବର୍ଷ ହେଲା ଅଫିସ ପରିସରରେ ଥିବା ୨ଟି ଶୌଚାଳୟ ଅପରିଷ୍କାର ଯୋଗୁ ଅନୁପଯୋଗୀ ହୋଇଥିଲା। ଏହା ସଫାସୁତୁରା ଓ ପରିସରକୁ ସ୍ୱଚ୍ଛ କରାଯାଇଛି। ତହସିଲଦାରଙ୍କ ଏଭଳି କାର୍ଯ୍ୟ ପ୍ରେରଣାଦାୟୀ ଓ ପ୍ରଶଂସନୀୟ ବୋଲି ଚର୍ଚ୍ଚା ଆଲୋଚନା ହେଉଛି।



ବଡ଼ଗାଁ ତହସିଲଦାର ସୋନାଲି ଚାନ୍ଦ ଶୌଚାଳୟ ସଫା କରୁଛନ୍ତି।

## ଟେଭାଡୁଙ୍ଗରୀ ବାଲିଘାଟ ବନ୍ଦ କରିବାକୁ ଦାବିପତ୍ର

**ଲୋଇସିଂହା, ୯।୨(ଡି.ଏନ.ଏ.)**

ଲୋଇସିଂହା ତହସିଲ ଅନ୍ତର୍ଗତ ଡେଭାଡୁଙ୍ଗରୀ ଘାଟରୁ ବାଲି ଉଠାଣ ବନ୍ଦ କରିବାକୁ ହସିଲଦାରଙ୍କୁ ଟେଭାଡୁଙ୍ଗରୀ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମକୁ ସଂଲଗ୍ନ କରି ସୁକତେଲ ନଦୀ ବହି ଯାଇଛି । ଉକ୍ତଗ୍ରାମ ବାଲି ଘାଟକୁ ତହସିଲ ପକ୍ଷରୁ ବାଲି ଉଠାଣ ପାଇଁ ଲିଜ ପ୍ରଦାନ କରାଯାଉଛି। ଲିଜଧାରୀମାନେ ଅନୁମତିଠାରୁ ଅଧିକ ବାଲି ଉଠାଉଛନ୍ତି। ନଦୀଘାଟରେ ଜେସିବି ଲଗାଇ ହାଇୱା ମାଧ୍ୟମରେ ବେଆଇନ ଭାବେ ବାଲି ଚାଲାଣ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାଲିଘାଟ ସ୍ଥାନ ଗଭୀର ହେଉଥିବାରୁ ବର୍ଷା ଦିନରେ ନଦୀ କୂଳ ଖାଇ ଯାଉଛି। ବନ୍ୟା ଜଳରେ ଚାଷ ଜମି ବାଲିଚର ହୋଇ ନଷ୍ଟ ହେଉଛି । ଏପରିକି ନଦୀବନ୍ଧ ଉପରେ ପ୍ରଭାବ ପଡୁଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି।

# କଚାରୁ ବନାଞ୍ଚଳରେ ହାତୀପଲ, ବନ ବିଭାଗ ଆଗୁଆ ସତର୍କ

**କୁଆଁରମୁଣ୍ଡା,୯।୨(ଡି.ଏନ.ଏ)**

ଦୀର୍ଘ ଏକ ବର୍ଷ ପରେ ପୁଣି ହାତୀପଲ କୁଆଁରମୁଣ୍ଡା ରେଞ୍ଜରେ ପ୍ରବେଶ କରିଛନ୍ତି। ଏହି ରେଞ୍ଜର କଚାରୁ ବନାଞ୍ଚଳରେ ଗୁରୁବାର ୫ଟି ହାତୀ ପଶିବା ସହ ବିଳମ୍ବିତ ରାତି ପ୍ରାୟ ୩ଟାବେଳେ ପାହାଡ଼ରୁ ଓହ୍ଲାଇ ଟାଙ୍ଗରାଣୀର ଗୋଡଧସା ଗାଁ ଦେଇ ରିଉଁ ଅଞ୍ଚଳକୁ ଯାଇଥିଲେ। ଏହି ସମୟରେ ଗୋଡଧସା ଗାଁର ଇସଦାର ଲାକ୍ରାଙ୍କ ଖପର ଘର ହାତୀପଲଙ୍କ ସମ୍ମୁଖରେ ପଡିଯିବାରୁ ତାକୁ ଶୁଣ୍ଢରେ ଟାଣି ଭାଙ୍ଗି ଦେଇଥିବା କୁଆଁରମୁଣ୍ଡା ରେଞ୍ଜର ସୁଧାଂଶୁ ଚନ୍ଦ୍ର ସାହାଣୀ ସୂଚନା ଦେଇଛନ୍ତି। ଏହା ପରେ ଇସଦାରଙ୍କ ଫୁଲକୋବି ଫସଲ କିଆରି ଦେଇ ହାତୀପଲ ରିଉଁ ସଂରକ୍ଷିତ ଜଙ୍ଗଲକୁ ପଳେଇ ଯାଇଥିବା ବନ କର୍ମଚାରୀମାନେ ସୂଚନା ଦେଇଛନ୍ତି। ମାତ୍ର ରାତି ସମୟରେ କୁଆଁରମୁଣ୍ଡାର ହାତୀ ଘଉଡାଳୀ ଦଳ, ବନ କର୍ମଚାରୀମାନେ ମାଇକ୍ ଯୋଗେ ହାତୀପଲଙ୍କ ଗତିବିଧି ଉପରେ ଗାଁ ଲୋକଙ୍କୁ ସତର୍କ କରିବା ସହ ଉଚ୍ଚକ୍ଷମତା ସମ୍ପନ୍ନ ଟର୍ଚ୍ଚ ଲାଇଟ୍ ଦେଖାଇ ହାତୀପଲଙ୍କୁ ଅତି ଚତୁରତାର ସହ ନିକଟସ୍ଥ ସଂରକ୍ଷିତ ଜଙ୍ଗଲକୁ ଘଉଡ଼ାଇ ଦେଇଥିବାରୁ ସ୍ଥାନୀୟ ଲୋକେ ନିରାପଦରେ ରାତ୍ରିଯାପନ କରିଛନ୍ତି।



# ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧନା

**ଲେଫ୍ରିପଡା,୯।୨(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷା କୁସୁମ ଟେଟେଙ୍କୁ ଶୁକ୍ରବାର ଲେଫ୍ରିପଡା ବ୍ଲକ୍ ବିଜେଡି ପକ୍ଷରୁ ନବ ନିର୍ମିତ ବଜାରଦାଣ୍ଡଠାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଲେଫ୍ରିପଡା ବ୍ଲକ୍ ବିଜେଡି ସଭାପତି ରବିରତ୍ନ ପଟେଲଙ୍କ ସଭାତିତ୍ୱରେ ନବନିର୍ବାଚିତ ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷା ମୁଖ୍ୟଅତିଥି ଭାବେ ଯୋଗଦାନ କରି ସ୍ୱତନ୍ତ୍ର ବିକାଶ ପରିଷଦର ଅଧୀନରେ ଥିବା ନିର୍ଦ୍ଦେଶ ଅନୁଯାୟୀ ଆଗାମୀ ଦିନରେ ସୁନ୍ଦରଗଡ ଜିଲାର ଉନ୍ନତି ଦିଗରେ ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ନେତା ହରଜେନ୍ଦ୍ର ସିଂ, ଅଜୟ ପଟେଲ, ବିମଳ ପଟେଲ ପ୍ରମୁଖ ଯୋଗଦାନ କରି ବିଜେଡି ନେତ୍ରୀ କୁସୁମଙ୍କୁ ଅଧ୍ୟକ୍ଷା ଦିଗରେ ମନୋନୀତ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଆଗାମୀ ଦିନରେ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ସମସ୍ତେ ଏକତାବଦ୍ଧ ହେବା ପାଇଁ ଆହ୍ୱାନ କରିଥିଲେ। ପ୍ରାରମ୍ଭରେ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷାଙ୍କୁ ଅଞ୍ଚଳର ସଂକୀର୍ତ୍ତନ୍ୟ ଦଳ, ଆଦିବାସୀ ନୃତ୍ୟର ତାଳେତାଳେ ଅଭିନନ୍ଦନ ଜଣାଇ ସଭା ସ୍ଥଳକୁ ପାଛୋଟି ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଲେଫ୍ରିପଡା ବିଜେଡି ପକ୍ଷରୁ ଟଙ୍କଧର ବେହେରା, ପ୍ରଶାନ୍ତ ପୃଷେଠ୍, ଭବାନୀ ବିରଗଣ୍ଡିଆ ପ୍ରମୁଖ ଲେଫ୍ରିପଡା ବ୍ଲକ୍ ବିଜେଡି କର୍ମୀଗଣ ଆୟୋଜନ କରିଥିଲେ।



ସ୍ୱତନ୍ତ୍ର ବିକାଶ ପରିଷଦର ଅଧକ୍ଷା କୁସୁମ ଟେଟେଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

## ଫଟୋରେ ଖବର




ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ରାଲି।



ବଡ଼ଗାଁ ଯୁକ୍ତ ୨ କଲେଜରେ ସଡ଼କ ସୁରକ୍ଷା ସଚେତନତା ସଭା।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

**ସୁନ୍ଦରଗଡ, ୯।୨ (ଡି.ଏନ୍.ଏ)**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୮ତମ ବାର୍ଷିକୋତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିକାଶ ସମିତି ଓଡିଶା ପଶ୍ଚିମ ସମ୍ଭାଗ ସଭାପତି କୃଷ୍ଣକୁମାର ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀ, ଛାତ୍ର ତଥା ଅଭିଭାବକମାନଙ୍କୁ ଶିକ୍ଷା ଓ ସଂସ୍କୃତିର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରି ଶିଶୁମାନଙ୍କୁ ପାଠପଢା ସହିତ ସେମାନଙ୍କ ବୌଦ୍ଧିକ ବିକାଶ ଗୁରୁତ୍ୱାରୋପ କରିଥିଲେ। ପରିଚାଳନା କମିଟିର ସଭାପତି ପ୍ରାଧ୍ୟାପକ ଡଃ ମଙ୍ଗଳ ଗର୍ଡିଆ ସମାରୋହରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମାରୋହରେ ସହପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀଙ୍କ ପରିଚାଳନାରେ ପ୍ରତିକୂଳ ପାଗ ମଧ୍ୟରେ ଶିଶୁମାନେ ନାଚ ଗୀତ, ନାଟକ ଓ ଭଜନସନ୍ଧ୍ୟା ପରିବେଷଣ କରିଥିଲେ।




ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଡିଜିଟାଲ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ

**ସୁନ୍ଦରଗଡ଼, ୯।୨ (ଡି.ଏନ୍.ଏ)**

ଜାତୀୟ ଅନୁସୂଚିତ ଜନଜାତି ଅର୍ଥ ଓ ବିକାଶ ନିଗମ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଭାରତ ସରକାରଙ୍କ ପକ୍ଷରୁ ଶନିବାର ସ୍ଥାନୀୟ ଏକ ହୋଟେଲରେ ଡିଜିଟାଲ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ ଭାଜପା ନଗରମଣ୍ଡଳ ସଭାପତି ଯଶୋବନ୍ତ ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସୁନ୍ଦରଗଡ ଶାଖାର ମୁଖ୍ୟ ପରିଚାଳକ କୀର୍ତ୍ତିକାନ୍ତ ସ୍ୱାଇଁ, ସୁନ୍ଦରଗଡ ଡାକବିଭାଗର ବରିଷ୍ଠ ଅଧୀକ୍ଷକ ମନୋଜ କୁମାର ନାୟକ, ସରକାରୀ ମହାବିଦ୍ୟାଳୟ ଇତିହାସ ବିଭାଗୀୟ ମୁଖ୍ୟ ଡଃ ସରୋଜ କୁମାର ପଟେଲ, ଏନଏସଟି ଏପଡିସିର ଡେପୁଟି ମ୍ୟାନେଜର ଅନୀଲ ରାବେନ୍ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଡିଜିଟାଲ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଆଶୀଷ ଠାକୁର, ସୁନୀଲ ସାହୁ, ଏଚକେ ନାଏକ, ଅନୀଲ ଗୁରୁ ଓ ଦେବବ୍ରତ ଆଚାର୍ଯ୍ୟ ଯୋଗଦେଇଥିଲେ। ଆଗାମୀ ଦିନରେ ନିଜ ଦୈନନ୍ଦିନ କାମରେ ଆସୁଥିବା କାର୍ଯ୍ୟକୁ ବ୍ୟବହାର କରିବା ପାଇଁ ଡିଜିଟାଲ ଜ୍ଞାନ କୌଶଳ ଜରୁରୀ ବୋଲି କହିଥିଲେଶକ୍ଷକ କ । ବାବାଜୀ ସାହୁ ମଂଚ ପରିଚାଳନା କରିଥିଲେ । ଦିଲୀପ ମଲ୍ଲିକ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ।



ଡିଜିଟାଲ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଉଛି।

## ୧୯ତମ ବାର୍ଷିକ ଚ୍ୟାଲେଞ୍ଜର ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ

# ୭ ଉଇକେଟରେ କନିକା ଦଳ ଚାମ୍ପିୟନ

**ହେମଗିର, ୯।୨ (ଡି.ଏନ.ଏ)**

ଜୀବନ ଜ୍ୟୋତି କ୍ଲବ ଡୁଲିଙ୍ଗା ଆନୁକୂଲ୍ୟରେ ପ୍ରଗତି ମଇଦାନରେ ୧୯ତମ ବାର୍ଷିକ ଚ୍ୟାଲେଞ୍ଜର ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଗତ ୪ରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇଥିବାବେଳେ ୮ତାରିଖରେ ଉଦ୍‌ଯାପିତ ହୋଇଥିଲା। ଏଥିରେ ଆନ୍ତଃଜିଲାରୁ ପ୍ରାୟ ୧୬ଟି ଦଳ ଅଂଶଗ୍ରହଣ କରି ରୋମାଞ୍ଚକର ଖେଳ ପ୍ରଦର୍ଶନ କରିଥିଲେ। ଏହାର ଫାଇନାଲ ଖେଳ କନିକା ଓ ଟାଙ୍ଗରଡିହି କ୍ରିକେଟ ଦଳ ଭିତରେ ଅନୁଷ୍ଠିତ ହୋଇଥିଲା। ଏଥିରେ କନିକା ଦଳ ଟସ ଜିଣି ପ୍ରଥମେ ଫିଲ୍‌ଡିଂ କରିଥିଲେ। ଉଭୟ ଦଳଙ୍କ ଭିତରେ ୧୦ ଓଭର ଲେଖାଏଁ ଖେଳା ଯାଇଥିଲା। ଏଥିରେ କନିକା ଦଳ ୭ ଉଇକେଟରେ ଚାମ୍ପିୟନ ଘୋଷିତ ହୋଇଥିଲେ। ଖେଳର ଶେଷରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ରେବତୀ ଛତ୍ରିଆ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଏନ୍‌ଟିପିସିର ଡିଜିଏମ୍ ଅଶ୍ୱିନୀ ମିଶ୍ର, ସିନିୟର୍ ମ୍ୟାନେଜର ଅମରେଶ ରାଉତ, ସୈନିକ ମାଇନିଂ କମ୍ପାନୀର ମୁଖ୍ୟଯନ୍ତ୍ରୀ ସୁରେନ୍ଦ୍ର ଚୌହାନ, ପୂର୍ବତନ ସରପଞ୍ଚ ବୁଦ୍ଧଦେବ ଭୋଏ, ରାଜୀବ ରେନୁ ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ଶେଷରେ ବିଜୟୀ ଦଳ କନିକାକୁ ନଗଦ ୧୨ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳ ଟାଙ୍ଗରଡିହିକୁ ନଗଦ ୧୦ ହଜାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟକୁ କ୍ଲବର ହୃଷିକେଶ ପଧାନ, ପିତବାସ ପଧାନ, ଚୋଳଗଙ୍ଗ ଦେବ ମାଝୀ, ବରୁନ ପଟ୍ଟା ତଥା ଅନ୍ୟାନ୍ୟ ସଦସ୍ୟଙ୍କ ସହଯୋଗରେ କରାଯାଇଥିଲା। ଏନ୍‌ଟିପିସି ଓ ସୈନିକ ଏଲାଏଡ ସର୍ଭିଶେଷ ଲିମିଟେଡ କମ୍ପାନୀ ସୌଜନ୍ୟରୁ କରାଯାଇଥିଲା।

# ସରକାରୀ ମହାବିଦ୍ୟାଳୟରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

**ସୁନ୍ଦରଗଡ, ୯।୨ (ଡି.ଏନ୍.ଏ)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଠାରେ ଶନିବାର ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କୀତ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ କିଶୋର କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବ ଆଞ୍ଚଳିକ ସାଧନ ତାଲିମ କେନ୍ଦ୍ରର ଅଧିକାରୀ ସମର ବିଳାସ ପରିଡା ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ଦେଇଥିଲେ। ତୁଷାରକାନ୍ତ ମିଶ୍ର କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଡ୍ରଗସ୍ ତଥା ଅନ୍ୟାନ୍ୟ ନିଶାଦ୍ରବ୍ୟର ବ୍ୟବହାର ଦ୍ୱାରା ହେଉଥିବା ସ୍ୱାସ୍ଥ୍ୟଗତ ଓ ସମାଜ ଉପରେ ଏହାର କୁପ୍ରଭାବ ସମ୍ପର୍କରେ ଡଃ ବିକ୍ରାନ୍ତ କିଣ୍ଡୋ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ବିଶି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଅଧ୍ୟାପକ ଡଃ ଲଳିତ ରଂଜନ ସାହୁ ଯୋଗ, ପ୍ରାଣାୟାମ ଓ ଧ୍ୟାନ ତଥା ଦୈନନ୍ଦିନ କାର୍ଯ୍ୟଶୈଳୀରେ ଜୀବନରେ ପରିବର୍ତ୍ତନ ଆଣିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଦାଶ ନିଶା ସେବନରୁ ଯୁବ ସମାଜ ଦୂରେଇ ରହି ଏକ ସୁସ୍ଥ ସମାଜ ଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ । ଆଞ୍ଚଳିକ ସଂସାଧନ ଓ ତାଲିମ କେନ୍ଦ୍ର ଭୁବନେଶ୍ୱର ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ନଳିନୀ ପ୍ରଭା ବେହେରା ଓ ଅନ୍ୟ କର୍ମଚାରୀମାନେ ନିଜ ବକ୍ତବ୍ୟ ରଖିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।

# ସଡ଼କ ସୁରକ୍ଷା ସପ୍ତାହ ପାଳିତ

**ଲହୁଣୀପଡା, ୯।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ସ୍ଥିତ ବୋଲବମ୍ ସଂଘ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ଶନିବାର ପାଳନ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଉରକେଲା ଏମଭିଆଇ ସଞ୍ଜୟ କୁମାର ସାହୁ, ଗୁଡ଼ିଆଲି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭ୍ରୁକୁଟି ମାହାନ୍ତ, ବିରଚନ୍ଦ୍ର ରାୟ, ମୁଖ୍ୟବକ୍ତା ଭାବେ କୁମାର ଗୌତମ ବାରିକ ଯୋଗଦେଇ ସଡକ ସୁରକ୍ଷା ସପ୍ତାହ ପାଳନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବୋଲବମ୍ ସେବା ସଂଘ ସଭାପତି ପପୁ ଜିତ ଅଧକ୍ଷତା କରିଥିଲେ। ଏହି ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଲହୁଣୀପଡା ଯୁକ୍ତ ୨ ମହାବିଦ୍ୟାଳୟ, ଯୋଗମାୟା ମହିଳା ମହାବିଦ୍ୟାଳୟ ଓ ନିକିତା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଛାତ୍ରୀଛାତ୍ର ଚାଳକମାନଙ୍କୁ ଲିପଲେଟ ଦେଇ ସଚେତନତା ସୃଷ୍ଟି କରିଥିଲେ । ଗିରିଧାରି ସାହୁ (ଯମରାଜା), କୁଶଧ୍ୱଜ ଖଡିରତ୍ନ (ଚିତ୍ରଗୁପ୍ତ) ଏବଂ ବିକୁଳ ସାହୁ (ଦୁତି) ଅବତାର ହୋଇ ଏକ ଅଭିନବ ଉପାୟରେ ଲୋକମାନଙ୍କୁ ସଚେତନ ସୃଷ୍ଟି କରିଥିଲେ। ବାଇକରେ ତିନି ଜଣ ଯାଉଥିବା ଦେଖି ସେମାନଙ୍କୁ ସାମାନ୍ୟ ଅର୍ଥଦଣ୍ଡ ଓ ଶାରିରୀକ ଦଣ୍ଡ ଦେଇ କୌତୁହଳ ସଚେତନତା ସୃଷ୍ଟି କରିଥିଲା । ସଭା ଶେଷରେ ରମେଶ କର ଧନ୍ୟବାଦ ପ୍ରଦାନ କରିଥିଲେ। ଏକ ଶୋଭାଯାତ୍ରାରେ ରାଜାମୁଣ୍ଡା ପରିକ୍ରମା କରିଥିଲେ। ବିଭୂତିଭୂଷଣ କର, ରଣଜିତ ପତି, ମିଥୁନ ପଣ୍ଡା, ଅଖିଳ ମହାପାତ୍ର, ଚିନ୍ମୟ ଖଡିରତ୍ନ, ହରିହର ସାହୁ, କୁଞ୍ଜ ଖାହାଣ, ପ୍ରଭାତ ରାଉତ, ପ୍ରିନ୍ସ ପଟେଲ, ଆଲୋକ ତ୍ରିପାଠୀଙ୍କ ସମେତ ବୋଲବମ ସେବା ସଂଘ କର୍ମକର୍ତ୍ତାମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




ଲହୁଣୀପଡାରେ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୦ ଫେବୃୟାରୀ, ୨୦୧୯



କୋମଳ ଉତ୍ତର କ୍ରୋଧକୁ ଦମନ କରେ,
ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
- ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### ଅମଳିପାଲି ସ୍କୁଲର ପୁରସ୍କାର ବିତରଣ ଉତ୍ସବ

**ଝାରସୁଗୁଡ଼ା ଅଫିସ,୯।୨-** ଝାରସୁଗୁଡ଼ା ଅମଳିପାଲି ପ୍ରାଥମିକ ସ୍କୁଲରେ ଶୁକ୍ରବାର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ବିଇଓ ଉଜାଗର ପ୍ରଧାନ, କ୍ଷୀରୋଦ ପ୍ରଧାନ, ନୀଳାଦ୍ରି ପଟେଲ, ଜୟଶଙ୍କର ପଟେଲ, ପୁଷ୍ପଲତା ପଟେଲ, ଅଶୋକ ପଟ୍ଟନାୟକ, ଅଞ୍ଜଳିପ୍ରଭା ପଟ୍ଟନାୟକ, ସୁରଜ ପଟେଲ, ଜ୍ୟୋତିର୍ମୟୀ ବେହେରା, ଜୟନ୍ତୀ କିଷାନ, ମାଧବୀ ପଟେଲ, ହେମକାନ୍ତି ପଟେଲ, ଏସ୍ଏମ୍ସିର ବାସନ୍ତୀ କିଷାନ, ଦିଲୀପ ମାଝି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ।

### ୧୧ରୁ ପରିବେଶ ବଞ୍ଚାଅ ଶୋଭାଯାତ୍ରା

**ଝାରସୁଗୁଡ଼ା ଅଫିସ,୯।୨-** ଜିଲା ପରିବେଶ ସମିତି ପକ୍ଷରୁ ପରିବେଶ ବଞ୍ଚାଅ ଶୋଭାଯାତ୍ରା ଆରମ୍ଭ ହେବ। ଫେବୃଆରୀ ୧୧ ତାରିଖରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇ ୧୭ ତାରିଖରେ ଶେଷ ହେବ। ଏହି ଅବସରରେ ଶୋଭାଯାତ୍ରୀମାନେ ଜିଲାର ପ୍ରତ୍ୟେକ ପଞ୍ଚାୟତ ବୁଲିବା ସହ ପରିବେଶ ସୁରକ୍ଷା ପାଇଁ ଲୋକଙ୍କୁ ପ୍ରବର୍ତ୍ତାଇବେ ବୋଲି ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଧ୍ରୁବରାଜ ନାଏକ କହିଛନ୍ତି କେଉଁ କେଉଁ ଉପାୟରେ ପରିବେଶ ସୁରକ୍ଷା କରାଯାଇ ପାରିବ ସେ ବାବଦରେ ଲୋକଙ୍କୁ ସଚେତନ କରାଯିବ ଏବଂ ବୃକ୍ଷରୋପଣ ପାଇଁ ଆହ୍ୱାନ ଦିଆଯିବ ବୋଲି ପ୍ରଫେସର ଟହଲୁ ସାହୁ, ବରିଷ୍ଠ ନାଗରିକ ଅର୍ଜୁନ ମୋର, ବାଲଗୋବିନ୍ଦ ମିଶ୍ର, ପ୍ରହ୍ଲାଦ ନାଏକ, ଡମ୍ବରୁଧର ପୂଜାରୀ ପ୍ରମୁଖ କହିଛନ୍ତି।

### ବେଦାନ୍ତ ପକ୍ଷରୁ ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଝାରସୁଗୁଡ଼ା ଅଫିସ,୯।୨-** ଝାରସୁଗୁଡ଼ା ରିଜର୍ଭ ପୋଲିସ ଲାଇନ୍ ପରିସରରେ ବେଦାନ୍ତ ସହଯୋଗରେ ଶନିବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏହି ନିଃଶୁଳ୍କ ଶିବିରରେ ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅତିରିକ୍ତ ଏସ୍ପି ପ୍ରମୋଦ କୁମାର ପଟେଲ ଶିବିର ଉଦ୍ଘାଟନ କରିଥିବାବେଳେ ବେଦାନ୍ତ ଅଧିକାରୀ ସୁନ୍ଦର ରାଜ୍ ଉପସ୍ଥିତ ଥିଲେ। ପୋଲିସ କର୍ମଚାରୀ ଏବଂ ତାଙ୍କ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ପ୍ରଦାନ କରାଯାଇଥିଲା। ଡିଏସ୍ପି ନାର୍ବେଟ କିରୋ, ଉଡାନ୍ ବାସ୍କୋ, ଦିଲୀପ ବେହେରା, ହିମାନୀ ଆପିୟାଲ, ବୀରେନ୍ଦ୍ର ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଚର, ଜଙ୍ଗଲ ଜମିରୁ ମାଟି, ମୋରମ ଚାଲାଣ

**ବେଲପାହାଡ଼,୯।୨(ଡ଼ି.ଏନ୍.ଏ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ମିର୍ଦ୍ଧାଡ଼େରା ଗାଁରେ ବେଆଇନ ମୋରମ ଓ ମାଟି ଉତ୍ତୋଳନ କାର୍ଯ୍ୟ ଚାଲିଛି। ଏକ ନିର୍ଦ୍ଦିଷ୍ଟ ଠିକା ସଂସ୍ଥା ରାଜସ୍ୱ ବିଭାଗର ବିନା ଅନୁମତିରେ ଗୋଚର ଓ ଜଙ୍ଗଲ ଜମିରୁ ଟ୍ରକ ଟ୍ରକ୍ ମାଟି, ମୋରମ ଚୋରି କରି ନେଉଥିବା ଅଭିଯୋଗ ହୋଇଛି। ଠିକା ସଂସ୍ଥାର କର୍ମଚାରୀମାନେ ମାଟି ଉତ୍ତୋଳନ ପାଇଁ ଟ୍ରେକ୍ସାଭେଟର ବ୍ୟବହାର କରୁଛନ୍ତି। ଦିନ ବେଳେ ହାଇୱା ଟ୍ରକ୍ ଯୋଗେ ବେପରୁଆ ଭାବେ କୌଣସି ଏକ ସ୍ଥାନକୁ ମାଟି ଓ ମୋରମ ଚାଲାଣ କରୁଛନ୍ତି। ଏଭଳି ବେଆଇନ କାର୍ଯ୍ୟରେ ନିୟୋଜିତ ଠିକା ସଂସ୍ଥା ଗତ ୧୫ ଦିନ ମଧ୍ୟରେ ଗୋଚର ଓ ଜଙ୍ଗଲ ଜମିରୁ ବହୁ ପରିମାଣର ମାଟି ଉଠାଇ ନେଇଛି। ଏଥିପାଇଁ ପାର୍ଶ୍ୱବର୍ତ୍ତୀ ସ୍ଥାନ ଖାଲୁଆ ହୋଇପଡ଼ିଛି। ନିକଟରେ ଥିବା ମୁସଲିମ ସମାଜର ଏକ ଶ୍ମଶାନର ପାଚେରି ଭୁଶୁଡ଼ି ଯିବାର ଆଶଙ୍କା ରହିଛି ବୋଲି ମହମ୍ମଦିଆ ୱେଲଫେୟାର ସୋସାଇଟି ପକ୍ଷରୁ ରାଜସ୍ୱ ବିଭାଗ ନିକଟରେ ଅଭିଯୋଗ କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ ବେଆଇନ ମାଟି ଓ ମୋରମ ଉତ୍ତୋଳନ କାର୍ଯ୍ୟକୁ ନେଇ କୌଣସି ତଦନ୍ତ ଆରମ୍ଭ ହୋଇନାହିଁ କିମ୍ବା ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ଠିକା ସଂସ୍ଥା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଗତ ୧୦ ଦିନ ପୂର୍ବରୁ ଗୋଚର ଜମିରେ ମାଟି ଉତ୍ତୋଳନ କରାଯାଉଥିଲାବେଳେ ମହମ୍ମଦିଆ ୱେଲଫେୟାର ସୋସାଇଟିର ଜଣେ କର୍ମକର୍ତ୍ତା ଘଟଣାସ୍ଥଳକୁ ଯାଇ ପ୍ରତିବାଦ କରିଥିଲେ। ସେତେବେଳେ ଠିକା ସଂସ୍ଥାର କର୍ମଚାରୀ ଆଉ ମାଟି ଖନନ କରାଯିବ ନାହିଁ, ବରଂ ଖାଲୁଆ ଜମିରେ ମାଟି ଭର୍ତ୍ତି କରାଯାଇ ଜମିକୁ ସମତୁଲ କରିଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ଜମି ସମତୁଲ ହୋଇପାରିନାହିଁ। ଗୋଚର ଜମିରୁ ବେଆଇନ ମାଟି ଓ ମୋରମ ଚାଲାଣ ସଂକ୍ରାନ୍ତରେ ଲଖନପୁର ଅତିରିକ୍ତ ତହସିଲଦାର ଓ ବ୍ରଜରାଜନଗର ବନାଞ୍ଚଳ ଅଧିକାରୀଙ୍କୁ ଫୋନ କରି ସୂଚନା ପ୍ରଦାନ କରାଯାଇଥିଲେ ହେଁ ଆଜିପର୍ଯ୍ୟନ୍ତ ବେଆଇନ ମାଟି ଚାଲାଣକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ମହମ୍ମଦିଆ ୱେଲଫେୟାର ସୋସାଇଟିର ସମ୍ପାଦକ ମହମ୍ମଦ ଆରିଫ ଅଭିଯୋଗ କରିଛନ୍ତି। ଏଥିପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏସଂକ୍ରାନ୍ତରେ ଲଖନପୁର ଅତିରିକ୍ତ ତହସିଲଦାର ପି.କେ.ପଟେଲଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଅଭିଯୋଗ ହସ୍ତଗତ ହୋଇଛି। ମାତ୍ର ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ହୋଇପାରିନାହିଁ। ଆସନ୍ତା ସୋମବାର ସୁଦ୍ଧା ତଦନ୍ତ କରାଯାଇ ଦୋଷୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।



ବେଲପାହାଡ଼ ସହର ମିର୍ଦ୍ଧାଡ଼େରା ସ୍ଥିତ ଗୋଚର ଜମିରୁ ବେଆଇନ ମାଟି ଉତ୍ତୋଳନ ହେଉଛି।

## ବାଇକ୍କୁ ଧକ୍କାଦେଲା ସ୍କୁଲ୍ଭ୍ୟାନ: ମାମୁ, ଭଣଜା ଆହତ

**ଲଖନପୁର,୯।୨(ଡି.ଏନ୍.ଏ)**

ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅଧୀନ ୪୯ନଂ ଜାତୀୟ ରାଜପଥ ସାଗରପାଲି ଛକରେ ଶନିବାର ଅପରାହ୍ନରେ ଏକ ବାଇକ୍କୁ ସ୍କୁଲ୍ଭ୍ୟାନ୍ ଧକ୍କା ଦେଇଛି । ଏଥିରେ ବାଇକ୍ ଚାଳକ ସମେତ ୨ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ମାମୁଁ ଭଣଜା ରହିଛନ୍ତି। ମାମୁଁ ବରଗଡ ଲଟିଦା ଗ୍ରାମର ସିକନ ପତି(୨୬) ଓ ଭଣଜା ବ୍ରଜରାଜନଗର ମନିଷ କୁମାର ପଣ୍ଡା(୧୯)ବୋଲି ଜଣାପଡିଛି । ଆହତଙ୍କୁ ପ୍ରଥମେ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଝାରସୁଗୁଡା ଜିଲା ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଛି। ପୋଲିସ ଦୁର୍ଘଟଣା ଗ୍ରସ୍ତ ସ୍କୁଲ୍ଭ୍ୟାନ୍ (ସିଜି୧୩ସିଏ ୦୬୯୨) ଓ ବାଇକ୍ (ଓଆର୍ ୨୩ବି ୯୬୫୨)କୁ ଜବତ କରିଛି। ଦୁର୍ଘଟଣାପରେ ସ୍କୁଲ୍ଭ୍ୟାନ୍ ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ପୋଲିସ୍ ଏନେଇ ରେଙ୍ଗାଲି ଥାନା କେଶ ନଂ୧୯/୧୯ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ବିଷୟଗତ ସନ୍ଦେହ ଦୂରୀକରଣ ଶିବିର

**କିର୍ମିରା,୯।୨**

ମାଟ୍ରିକ ପରୀକ୍ଷାକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଅନ୍ତର୍ଗତ ସମସ୍ତ ଉଚ୍ଚ ବିଦ୍ୟାଳୟର ଦଶମଶ୍ରେଣୀ ଛାତ୍ରୀଛାତ୍ରଙ୍କ ବିଷୟଗତ ସନ୍ଦେହ ଦୂରୀକରଣ ପାଇଁ ଏକ ୩ଦିନିଆ ଶିବିର ଅନୁଷ୍ଠିତ ହୋଇଛି। କାଦୋବାହାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଶ୍ୱେଶ୍ୱର ଜୟପୁରିଆଙ୍କ ତତ୍ତ୍ୱାବଧାନ ତଥା ବ୍ଲକ ମାଧ୍ୟମିକ କର୍ମଚାରୀ ସଂଘ ପ୍ରଯୋଜନାରେ ଏହି ଶିବରରେ ଶିକ୍ଷାଦାନ ହୋଇଥିଲା। ମୁଖ୍ୟ ସାଧନ କର୍ମୀ ଚୂଡ଼ାମଣି ନାଏକ, ଏସ୍.ଜି.ଡି. ଖାଁ, ପ୍ରସନ୍ନ ପଟେଲ, କୌଶିକ ବେହେରାଙ୍କ ସମେତ ବିଭିନ୍ନ ହାଇସ୍କୁଲର ଅଭିଜ୍ଞ ଶିକ୍ଷକ ଶିକ୍ଷାଦାନ କରିଥିଲେ। ବିରଞ୍ଚି ନାରାୟଣ ଜେନା, ସଞ୍ଜୟ ବେହେରା, ଯୁଗଳ ପରୁଆ, କିଶୋର କୁମାର ସାହୁ, ଚିତ୍ରକର ରଣା, ଜନାର୍ଦ୍ଦନ କୁସୁମ, ଶ୍ରୀକାନ୍ତ ପଟେଲ, ମନୋରଞ୍ଜନ ମେହେର ପ୍ରମୁଖ ଶିବିର ସଞ୍ଚାଳନ କରିଥିଲେ। ଶାରୀରିକ ଶିକ୍ଷା ଅଧିକାରୀ ଡମ୍ବରୁଧର ପୂଜାରୀ ଜିଲା ଶିକ୍ଷାଧିକାରୀଙ୍କ ବାର୍ତ୍ତା ପ୍ରଦାନ କରିଥିଲେ। ଶିବିରରେ ୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ର।

## ପୋଲିସର ଚଢ଼ାଉ, ମାଓବାଦୀ କ୍ୟାମ୍ପ ଧ୍ୱଂସ

**ମାଲକାନଗିରି,୯।୨(ଡି.ଏନ.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍ମା ଜିଲା ପୋଲିସ ଚିନ୍ତାଗୁମ୍ଫା ଥାନା ଅନ୍ତର୍ଗତ ଦୁଲେରଗାଁଉ ଗ୍ରାମ ନିକଟରେ ମାଓବାଦୀଙ୍କ ଏକ ବଡ଼ ଧରଣର କ୍ୟାମ୍ପ ଚାଲିଥିବା ଖବର ପାଇ ଚଢାଉ କରିଥିଲା। ସିଆରପିଏଫ ୧୫୦ ବାଟାଲିୟନର ଯବାନ ଓ କୋବ୍ରା ୨୦୬ ବାଟାଲିୟନର ଯବାନମାନେ ଚଢାଉରେ ସାମିଲ ହୋଇଥିଲେ। ତେବେ ପୋଲିସ ଆସୁଥିବା ଜାଣିପାରି ମାଓବାଦୀମାନେ ଲୁଚି ପଳାଇଥିଲେ। ଯବାନମାନେ କ୍ୟାମ୍ପ ଉପରେ ଚଢ଼ାଉ କରି ଏହାକୁ ଧ୍ୱଂସ କରିଥିଲେ। କ୍ୟାମ୍ପରୁ ବିପୁଳ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଓ ମାଓବାଦୀଙ୍କ ବ୍ୟବହୃତ ସାମଗ୍ରୀ ପୋଲିସ ଜବତ କରିଛି ବୋଲି ସୁକ୍ମା ଏ.ଏସ.ପି. ସୁଲଭ ସିଂ କହିଛନ୍ତି। ସୂଚନାଯୋଗ୍ୟ ଯେ, ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ନିକଟସ୍ଥ ଜଙ୍ଗଲରେ ଗତ ଗୁରୁବାର ପୋଲିସ ମାଓବାଦୀ ମୁହାଁମୁହିଁ ହୋଇଥିଲେ।

# କନକତୋରା ବିଜୁ ଯୁବବାହିନୀ ପକ୍ଷରୁ ମିନି ମାରାଥନ

**ଲଖନପୁର,୯।୨(ଡି.ଏନ୍.ଏ)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ କନକତୋରା ପଞ୍ଚାୟତ ବିଜୁ ଯୁବ ବାହିନୀ ତରଫରୁ ଶନିବାର ଏକ ମିନି ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଜରଙ୍ଗବାଲି ମନ୍ଦିରରୁ ଏକ ମଶାଲ୍ ଶୋଭାଯାତ୍ରା ବାହାରି ହାଇସ୍କୁଲ୍ ପଡିଆରେ ପହଁଞ୍ଚିଥିଲା। ଏହି ଶୋଭାଯାତ୍ରାକୁ ପାରମ୍ପରିକ ରୀତିନିତୀରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଯୁବଗୋଷ୍ଠୀଙ୍କୁ ଶାରୀରିକ ଓ ମାନସିକ କ୍ଷେତ୍ରରେ କ୍ରିୟାଶିଳ କରିବା ପାଇଁ ବିଜୁ ଯୁବ ବାହିନୀ ତରଫରୁ ଏକ ମିନି ମାରାଥନ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ମିନି ମାରାଥନ୍ରେ ପଞ୍ଚାୟତର ଯୁବକମାନେ ଯୋଗଦେଇଥିଲେ। ଏହି ମିନି ମାରାଥନ୍ ହାଇସ୍କୁଲ୍ ପଡିଆରୁ ବାହାରି ଲୁହାବଗା ବ୍ରିଜ ପର୍ଯ୍ୟନ୍ତ ଯାଇ ପୁଣି ସ୍କୁଲ୍ ପଡିଆରେ ପହଁଞ୍ଚିଥିଲା। ଏଥିରେ ୪୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରେ ପ୍ରଥମ ବିଦ୍ୟାଧର ନାୟକ, ଦ୍ୱିତୀୟ ହରିହର ଭୋଇ ଓ ତୃତୀୟ ସୁରେନ୍ ସେଠ୍ କୃତିତ୍ୱ ହାସଲ କରିଥିଲେ। ଏହି ଅବସରରେ ବିଜୁ ଯୁବ ବାହିନୀ ସଭାପତି ଅନିଲ ସାଙ୍କ ଅଧ୍ୟକ୍ଷତାରେ ଏକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୀନକେତନ ସା, ଗୌତମ ସାହୁ, ଡୋଲାମଣି ମେହେର, ବ୍ରଜମୋହନ କଲ୍ୟାରୀ, ଶ୍ରୀବନ୍ତ ଚଇନି ଓ ନାଏବ ସରପଞ୍ଚ ସନ୍ଧ୍ୟାରାଣି ଗଣ୍ଡ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ।

# ମୋ ବିଦ୍ୟାଳୟ କମିଟି ବୈଠକ

**କିର୍ମିରା,୯।୨ (ଡି.ଏନ୍.ଏ.)**

ଅର୍ଡା ଗ୍ରାମସ୍ଥିତ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ମୋ ବିଦ୍ୟାଳୟ ଆଲୁମିନି କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସ୍କୁଲର ବିକାଶ ପାଇଁ ବିଭିନ୍ନ ଯୋଜନା ମଞ୍ଜୁର କରାଯାଇଥିଲା। ପ୍ରଧାନ ଶିକ୍ଷକ ଚୂଡ଼ାମଣି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କମିଟି ସଭ୍ୟ ଅମିଦ ବାଗ, ଆର୍ତ୍ତତ୍ରାଣ ସାହୁ, ଲୋଚନ ରଣା, ମୁରଲୀ ବେହେରା, ଶିକ୍ଷକ ଡମ୍ବରୁଧର ପୂଜାରୀ, ବୀରେନ ବରୁଆ, ଶୁଭଶ୍ରୀ ବେହେରାଙ୍କ ସମେତ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଦିଲୀପ ରଣା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ଗୋଲ୍ଡେନ୍ ଟ୍ରାଏଙ୍ଗଲ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଉଦ୍ଘାଟିତ

# ପ୍ରଥମ ଦିନରେ ୧୯ ଚଳଚ୍ଚିତ୍ର ପ୍ରଦର୍ଶିତ

**ଭୁବନେଶ୍ୱର,୯।୨(ବ୍ୟୁରୋ)**

ଗୋଲ୍ଡେନ୍ ଟ୍ରାଏଙ୍ଗଲ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ୪ର୍ଥ ସଂସ୍କରଣ ଶନିବାର ସୂଚନା ଭବନ ପଛପଟ ଗୀତଗୋବିନ୍ଦ ସଦନଠାରେ ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବରେ ୧୯ଟି ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ସେଥିରୁ ୧୫ମିନିଟ୍ର କ୍ଷୁଦ୍ର ଓଡ଼ିଆ ଚଳଚ୍ଚିତ୍ର 'ଆଉ ଏକ ସତ୍ୟ' ଦର୍ଶକଙ୍କ ମନ ଛୁଇଁଥିଲା। ମହୋତ୍ସବର ପ୍ରଥମ ପ୍ରଦର୍ଶନ କିର୍ଗିଜସ୍ତାନର କ୍ଷୁଦ୍ର ଚଳଚ୍ଚିତ୍ର 'ଦ ଡ୍ରପ୍'ରୁ ଆରମ୍ଭ ହୋଇଥିଲା, ଯାହାକି ୧୭ମିନିଟ୍ ୨୦ସେକେଣ୍ଡର ଥିଲା। ପରେ 'ଲିଟିଲ୍ ମାନାସି', '୮ ମିନିଟ୍ସ', 'ଦ ଡୋମ୍ ଅଫ୍ ୟୁନିଭର୍ସ', 'ବେକତ୍', 'ଦ ବେଷ୍ଟ ସିଟି ଅଫ୍ ଦ ଆର୍ଥ', 'ବିଲିୟନ୍', 'ସର୍ଚ', 'ଇଟ୍ ରେନ୍ସ ସ୍ଲୋଲି', 'ହାଇ ଆଇ ଥ୍ରୀୟୁ ଅଫ୍ ଦ ସ୍କ୍ରିନ୍', 'ପ', 'ସ୍କାଏର', 'ଫରଜନ୍', 'ଆତା ବେୟିତ୍', 'ଓସୋଭେଟ୍ସ', 'ବୋଟ୍' ଆଦି କ୍ଷୁଦ୍ର ଚଳଚ୍ଚିତ୍ର ସହ ଫିଚର ଫିଲ୍ମ 'ଫର୍ଟିଚ୍ୟୁଡ୍' ପ୍ରଦର୍ଶିତ ହୋଇଥିଲା।

ଗୋଲ୍ଡେନ୍ ଟ୍ରାଏଙ୍ଗଲ୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ମହୋତ୍ସବକୁ ଭୁବନେଶ୍ୱର ଏମ୍ପି ପ୍ରସନ୍ନ ପାଟଶାଣୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ବିଭିନ୍ନ ରାଷ୍ଟ୍ରର ଚଳଚ୍ଚିତ୍ରକୁ ପ୍ରଚାର ଓ ପ୍ରସାର କରିବା ଦିଗରେ ଏହିଭଳି ମହୋତ୍ସବ ଗୁରୁତ୍ୱବହନ କରିଥାଏ ବୋଲି ପାଟଶାଣୀ କହିଥିଲେ। ଟ୍ରଷ୍ଟ ସଭାପତି ପ୍ରିୟରଞ୍ଜନ ସାହୁ ଅଧ୍ୟକ୍ଷତା କରି କହିଲେ, ପ୍ରତିବର୍ଷ ଅଧିକ ସଂଖ୍ୟକ ଚଳଚ୍ଚିତ୍ର ଆସୁଛି। କିନ୍ତୁ ଆମେ ସେଥିରୁ ଚୟନ କରି ଚଳଚ୍ଚିତ୍ରକୁ ପ୍ରଦର୍ଶନ କରୁଛୁ। ପ୍ରଥମ ଥର ପାଇଁ ଚଳିତ ସଂସ୍କରଣରେ ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର ଅଂଶଗ୍ରହଣ କରିଛି। ଏଠାରେ ଯଦି ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ, ତା'ହେଲେ ନିଶ୍ଚୟ ସେହି ଚଳଚ୍ଚିତ୍ରଗୁଡ଼ିକ ଅନ୍ତର୍ଜାତୀୟ ସ୍ତରରେ ପ୍ରଚାର ହୋଇପାରିବ। ଅନ୍ୟମାନଙ୍କ ମଧ୍ୟରେ ଲେବାନନ୍ର ଏନ୍ଡିୟୁ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ସାମ୍ ଲାହୁଦ୍, ବିଦେଶୀ ପ୍ରତିନିଧି ଚଲପନ୍ ଇଦ୍ରିସୋଭା, ଟ୍ରଷ୍ଟ କର୍ମକର୍ତ୍ତା ଆସିଫ୍ ହୁସେନ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

୪ ଦିନିଆ ଏହି ଚଳଚ୍ଚିତ୍ର ମହୋତ୍ସବରେ ପ୍ରାୟ ୫୬ଟି ଜାତୀୟ, ଅନ୍ତର୍ଜାତୀୟ ଓ ଆଞ୍ଚଳିକ ସିନେମା ପ୍ରଦର୍ଶନ ହେବ। ଏକାଧିକ ଅନ୍ତର୍ଜାତୀୟ ଫିଲ୍ମ ଏଥର ମହୋତ୍ସବରେ ସାମିଲ ହୋଇଥିବା ବେଳେ ଶ୍ରେଷ୍ଠ ବିବେଚିତ ଫିଚର ଓ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ ହେବ। ରୁଷିଆ, କିର୍ଗିଜସ୍ତାନ, ଇରାନ୍, ଜର୍ଜିଆ, ମାଳଦ୍ୱୀପ, ଏଷ୍ଟୋନିଆ, ଲାଟ୍ଭିଆ, ଆର୍ମେନିଆ ଓ ବାଂଲାଦେଶ ସହ ଓଡ଼ିଆ, ହିନ୍ଦୀ, ତାମିଲ, ମାଲୟାଲାମ୍, ବଙ୍ଗଳା, ମରାଠୀ ଆଦି ଭାଷାର ଚଳଚ୍ଚିତ୍ର ମଧ୍ୟ ରହିଛି। ପ୍ରତିଦିନ ପୂର୍ବାହ୍ନରୁ ରାତି ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଫିଲ୍ମ ପ୍ରଦର୍ଶନ ହେବ। ରବିବାର ପ୍ରଦର୍ଶନ ହେବାକୁ ଥିବା ୧୯ଟି ଫିଲ୍ମ ମଧ୍ୟରୁ ୫ଟି ଭାରତୀୟ ଭାଷାର ଚଳଚ୍ଚିତ୍ର ରହିଛି। ସେଥିରେ ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର 'ଭକୁଆ' ପ୍ରଦର୍ଶନ ହେବ। ଏହି ଚଳଚ୍ଚିତ୍ର ମହୋତ୍ସବର 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମିଡିଆ ପାର୍ଟନର ଅଛନ୍ତି।




ମହୋତ୍ସବର ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ (ବାମରୁ) ଗୋଲଡେନ୍ ଟ୍ରାଏଙ୍ଗଲ୍ ଚାରିଟେବୁଲ୍ ଟ୍ରଷ୍ଟର ସଭାପତି ପ୍ରିୟରଞ୍ଜନ ସାହୁ, ବିଦେଶୀ ପ୍ରତିନିଧି ଚଲପନ୍ ଇଦ୍ରିସୋଭା, ଲେବାନନ୍ର ଏନ୍ଡିୟୁ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ପ୍ରତିଷ୍ଠାତା ସାମ୍ ଲାହୁଦ୍, ଭୁବନେଶ୍ୱର ଏମ୍ପି ପ୍ରସନ୍ନ ପାଟଶାଣୀ ଓ ଟ୍ରଷ୍ଟର କର୍ମକର୍ତ୍ତା ଆସିଫ୍ ହୁସେନ୍ ।



ପ୍ରଦର୍ଶିତ ଫିଚର ଫିଲ୍ମ 'ଫର୍ଟିଚ୍ୟୁଡ୍'ର ଏକ ଦୃଶ୍ୟ।

### ମନ ଛୁଇଁଲା ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର 'ଆଉ ଏକ ସତ୍ୟ'

## ଲଖନପୁର ତିହାର ମହୋତ୍ସବର ଦ୍ୱିତୀୟ ଦିବସ

# ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ଲଖନପୁର,୯।୨ (ଡି.ଏନ୍.ଏ)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ସଦର ମହକୁମା ସମଲେଇ ପଡିଆରେ ଗତ ଶୁକ୍ରବାରରୁ ୧୧ତମ ତିହାର ମହୋତ୍ସବ ଆରମ୍ଭ ହୋଇଛି । ପ୍ରାରମ୍ଭିକ ଦିବସରେ ମହୋତ୍ସବ କମିଟିର କର୍ମକର୍ତ୍ତାମାନେ ପ୍ରଥମେ କୋଇଲି ଘୁଘୋର ଶୈବପୀଠରେ ପୂଜାଅର୍ଚ୍ଚନାକରି ଏକ ଶୋଭାଯାତ୍ରାରେ ବାହାରି ରାସ୍ତାରେ ଭଅଁରଖୋଲ ଗ୍ରାମର ଭଅଁରପାଟ, ସିଂହାରପୁରର ଝାଡେଶ୍ୱର ଶୈବପିଠ,ଲଖନପୁର ଗ୍ରାମର ସମଲେଶ୍ୱରୀ ମନ୍ଦିର, ଜଗନ୍ନାଥ ମନ୍ଦିର ଆଦିରେ ପୂଜାଅର୍ଚ୍ଚନାକରି ତିହାର ମଣ୍ଡପରେ ପହଁଞ୍ଚିଥିଲା । ଏହି ଶୋଭାଯାତ୍ରାରେ ବଡଧରା, ଭଅଁରଖୋଲ ଗ୍ରାମର ସମ୍ପ୍ରଦା ଦଳ ସାଙ୍ଗକୁ ସମ୍ବଲପୁର ପଡିଆବାହାଲ ଟୁରଙ୍ଗ୍ର ଘଂଟବାଦ୍ୟ ଆଦି ସାଂସ୍କୃତିକ ଦଳ ଯୋଗଦେଇଥିଲେ । ଏହି ଶୋଭାଯାତ୍ରାକୁ ଗ୍ରାମମାନଙ୍କରେ କଳସ, ରଙ୍ଗୋଲି ଝୋଟି ଆଦି ପାରମ୍ପାରିକ ରୀତିନୀତିରେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ପଦ୍ମଶ୍ରୀ ଡ.ହଳଧର ନାଗ୍ ମୁଖ୍ୟଅତିଥିଭାବେ ଯୋଗଦେଇ ତିହାର ମହୋତ୍ସବକୁ ଉଦ୍ଘାଟନ କରିଥିଲେ। ତା'ସହିତ ତିହାର ମଣ୍ଡପକୁ ହରିଶଙ୍କର ମାଝିଙ୍କ ନାମରେ ନାମିତ କରାଯାଇଛି। ସେହିଭଳି ଦ୍ୱିତୀୟ ଦିବସରେ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ମୁଖ୍ୟଅତିଥି, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସନତ ସିଂହ, କମିଟି ସଭାପତି ପିତାମ୍ବର ମିଶ୍ର, ଉପସଭାପତି ମହେନ୍ଦ୍ର ପ୍ରଧାନ, ସମ୍ପାଦକ ଅଭିନ ଚନ୍ଦ୍ର ମାଝି, କୋଷାଧ୍ୟକ୍ଷ ରୋହିତ ପ୍ରଧାନ, ସ୍ମରଣିକା ସମ୍ପାଦକ ପ୍ରଫୁଲ ସା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସାଂସ୍କୃତିକ ସମ୍ପାଦକ ନରୋତ୍ତମ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କୁମ୍ଭାରୀର ଶବ୍ଦନୃତ୍ୟ,ବରଗଡ ବିଜେପୁରର ସୁରଝଙ୍କାର, ବେଲପାହାଡର ଓଡିଶୀ ନୃତ୍ୟ ପଦ୍ମପୁରର ସଙ୍ଗୀତ ସମିତି, ପୁରୀର ପୁରୀ ଏଣ୍ଟରଟେନ୍ମେଣ୍ଟ, ଝାରସୁଗୁଡାର ଓଡିଶୀ ନୃତ୍ୟ, କବିତା ପାଠୋତ୍ସବ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିମଧ୍ୟରେ ପୁରୀ ଏଣ୍ଟରଟେନ୍ମେଣ୍ଟ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହିଥିଲା । ମହୋତ୍ସବ କମିଟି ତରଫରୁ କଳାକାରମାନଙ୍କୁ ମାନପତ୍ର ସହ ଉପଢୌକନଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ମହୋତ୍ସବରେ ମୀନାବଜାର, ବିଭିନ୍ନ ଦୋକାନ ବଜାର ଆଦି ଲାଗିଥିବାବେଳେ ଲୋକେ ଏଠାକୁ ଆସି କିଣାବିକାର ମଜା ଉଠାଉଛନ୍ତି।



ମଞ୍ଚରେ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।